ବର୍ଷ-୫୦ : ସଂଖ୍ୟା-୧୨ ଡିସେମ୍ବର, ୨୦୧୯

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଡିସେମ୍ବର, ୨୦୧୯


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୨୪ ନଭେମ୍ବର, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀମାଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୬ |
| ୧୭ ନଭେମ୍ବର, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀମା | ··· | ୭ |
| ମନ-ବୁଦ୍ଧି ଓ ଚୈତ୍ୟ-ଚେତନା | ··· | ଶ୍ରୀମା | ··· | ୮ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ (ପରିଚ୍ଛେଦ : ୮୩) ଅନନ୍ୟ ପ୍ରଭାବର ଦୃଷ୍ଟାନ୍ତ | ··· | ମନୋଜ ଦାସ | ··· | ୯ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ (ଷୋଡ଼ଶ ଅଧ୍ୟାୟ) ଅବତାରତ୍ୱର ପ୍ରଣାଳୀ | ··· | ଶେଖ ଅବଦୁଲ କାଶମ | ··· | ୧୪ |
| ଶ୍ରଦ୍ଧାଞ୍ଜଳି (କବିତା) | ··· | ଯଦୁନନ୍ଦନ ସାମଲ | ··· | ୧୮ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୮୧) | ··· | ··· | ··· | ୧୯ |
| ସୁନା ପାହାଡ଼ର ଠିକଣା | ··· | ମନୋଜ ଦାସ | ··· | ୨୩ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୩୬) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୬ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୬୪) | ··· | ସାହାନା ଦେବୀ | ··· | ୨୯ |
| ଶ୍ରୀକୃଷ୍ଣ କାହାଣୀ (୨୬) ଏକ ଅପ୍ରତ୍ୟାଶିତ ଆବିର୍ଭାବ | ··· | ମନୋଜ ଦାସ | ··· | ୩୧ |
| ଆମ ଶରୀର (୨୩) | ··· | ଭୋଳେଶ୍ୱର ଭୂୟାଁ | ··· | ୩୩ |
| ଯୋଗାନନ୍ଦ (୧୦) | ··· | ··· | ··· | ୩୭ |
| ପ୍ରେମ ସମ୍ପର୍କରେ (୩) | ··· | କୁମାର ଚନ୍ଦ୍ର ମିଶ୍ର | ··· | ୪୧ |
| କ୍ଲାସରେ ଶ୍ରୀମା'ଙ୍କ କାହାଣୀ | ··· | ··· | ··· | ୪୬ |
| ନିବେଦନ (କବିତା) | ··· | ଝରଣା ଘୋଷାଲ | ··· | ୪୯ |
| ତୋତୋ-ଚାନ୍ (୧୭) | ··· | ତେତ୍‌ସୁକୋ କୁରୋୟାନାଗି | ··· | ୫୦ |
| ଜିଜ୍ଞାସୁର ପୃଷ୍ଠା | ··· | ରାମକୃଷ୍ଣ ଦାସ | ··· | ୫୪ |
| ରାମ ଜନ୍ମଭୂମି : ଆଶୀର୍ବାଦ ଓ ଚେତାବନୀ | ··· | ମନୋଜ ଦାସ | ··· | ୫୬ |
| ୫ ଡିସେମ୍ବର, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୫୭ |


❖

# ପ୍ରାର୍ଥନା

(ଯାହା ନିରବତାରେ ଶୁଣିଲି ଏବଂ ଗତ ସନ୍ଧ୍ୟାରେ ଲେଖି ନେଲି ।)

''ଯାବତୀୟ ବସ୍ତୁ, ଏପରିକି ପ୍ରଜ୍ଞା ଓ ଚେତନା ମଧ୍ୟ ପରିତ୍ୟାଗ କରି ତୁମ ହୃଦୟକୁ ତୁମେ ତା' ଉଦ୍ଦିଷ୍ଟ ଭୂମିକା ନିମନ୍ତେ ପ୍ରସ୍ତୁତ କରିବାକୁ ସକ୍ଷମ ହେଲ : ଆପାତ ଦୃଷ୍ଟିରେ ଏକାନ୍ତ ପ୍ରତିଦାନ ପ୍ରାପ୍ତି-ଶୂନ୍ୟ ଭୂମିକା, ଝରଣା ଭଳି ଯାହା ନିଜ ଜଳଧାରା ସଭିଙ୍କ ସକାଶେ ବିପୁଳ ଭାବେ ବହମାନ ହେବାକୁ ଛାଡ଼ିଦିଏ, କିନ୍ତୁ ଯାହା ଆଡ଼କୁ ସାମାନ୍ୟ ଜଳ ବି କଦାଚ ପ୍ରତ୍ୟାବର୍ତ୍ତନ କରିପାରେ ନାହିଁ । ଝରଣା ତା'ର ଅସରା ସାମର୍ଥ୍ୟ ଗଭୀର ଉତ୍ସରୁ ଆହରଣ କରେ ଏବଂ ବାହାରୁ କିଛିହିଁ ଆଶା କରେ ନାହିଁ । କିନ୍ତୁ ପ୍ରେମର ଏହି ଅସରନ୍ତି ବିସ୍ତୃତି ସମଭିବ୍ୟାହାରେ ଆସିଥାଏ ଯେଉଁ ମହାନ୍ୱିତ ସୌଖ୍ୟ, ତୁମେ ତାକୁ ବେଶ୍ ଅନୁଭବ କରିପାରୁଛ । କାରଣ ପ୍ରେମ ଆତ୍ମ-ପର୍ଯ୍ୟାପ୍ତ ଏବଂ ତା'ର ଲୋଡ଼ା ନଥାଏ ପ୍ରତିଦାନ । ଏହା ବ୍ୟକ୍ତିଗତ ପ୍ରେମ କ୍ଷେତ୍ରରେ ମଧ୍ୟ ସତ୍ୟ; ଏଡ଼େ ମହତ୍ ଭାବେ ଅନନ୍ତର ପ୍ରତିଫଳନ କରୁଥିବା ଦିବ୍ୟପ୍ରେମ କ୍ଷେତ୍ରରେ ତେବେ ତାହା କେଡ଼େ ଅଧିକ ସତ୍ୟ ନହେବ ।

''ସବୁଥିରେ, ସବୁ କ୍ଷେତ୍ରରେ ବନିଯାଅ ଏହି ପ୍ରେମ, ଅଧିକରୁ ଅଧିକ ବ୍ୟାପକ ଭାବେ, ଅଧିକରୁ ଅଧିକ ନିବିଡ଼ ଭାବେ ଏବଂ ଏ ସମଗ୍ର ପୃଥିବୀ ଏକହିଁ ସମୟରେ ହୋଇ ଉଠିବ ତୁମ କର୍ମ ଏବଂ ତୁମ ସମ୍ପଦ, ତୁମ କର୍ମକ୍ଷେତ୍ର ଏବଂ ତୁମ ବିଜୟାଧିକାର । ଅବିରତ ସଂଗ୍ରାମ କର ଧ୍ୱସ୍ତ କରିବା ନିମନ୍ତେ ତୁମ ସତ୍ତାର ପ୍ରସାର ସମ୍ମୁଖରେ ଦୁର୍ବଳ ପ୍ରତିବନ୍ଧକ ମାତ୍ର ଯେଉଁ ଶେଷ ସୀମାବଦ୍ଧତା, ବିଲୁପ୍ତ କରିବା ନିମନ୍ତେ ଶେଷ ଅସ୍ୱଚ୍ଛତାମାନ ଯାହାସବୁ ଔଜ୍ଜ୍ୱଲ୍ୟମୟ ଶକ୍ତି ଯୋଗେ ଆଲୋକିତ ହୋଇ ସାରିଲେଣି । ଅଧିକାର ଓ ବିଜୟ ନିମନ୍ତେ କର ସଂଗ୍ରାମ; ସଂଗ୍ରାମ କର ଅଦ୍ୟାବଧି ଅବ୍ୟାହତ ଯାବତୀୟତା ଅତିକ୍ରମ କରିବା ପାଇଁ, ନୂତନ ଆଲୋକର ଉଦ୍‌ଭାସନ ପାଇଁ, ବିଶ୍ୱର ପ୍ରୟୋଜନୀୟ ନୂତନ ଦୃଷ୍ଟାନ୍ତ ନିମନ୍ତେ । ଅନମନୀୟ ଭାବେ ସଂଗ୍ରାମ କର ଭିତର ଓ ବାହାରର ସମସ୍ତ ବାଧା ବିରୋଧରେ । ତୁମ ଉପଲବ୍ଧି ଭାବରେ ସମର୍ପିତ ମହାମୂଲ୍ୟ ମୁକ୍ତା ।''

ଡିସେମ୍ବର ୨୫, ୧୯୧୬ — ଶ୍ରୀମା

# ୨୪ ନଭେମ୍ବର, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ

The 24th November is called the day of Victory in remembrance of a very important spiritual event which took place in 1926.

(CWM 13, p. 106) – The Mother

୧୯୨୬ରେ ସଂଘଟିତ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ଘଟଣାର ସ୍ମୃତିରେ ନଭେମ୍ବର ୨୪ ବିଜୟ ଦିବସ ଭାବରେ ଅଭିହିତ ।

— ଶ୍ରୀମା

It was the descent of Krishna into the physical.

– Sri Aurobindo

ତାହା ଥିଲା ସ୍ଥୂଳ କଳେବର ଭିତରକୁ କୃଷ୍ଣଙ୍କର ଅବତରଣ ।

— ଶ୍ରୀଅରବିନ୍ଦ

The descent of Krishna would mean the descent of the Overmind God-head preparing, though not itself actually bringing, the descent of Supermind and Ananda.

– Sri Aurobindo

କୃଷ୍ଣଙ୍କ ଅବତରଣର ଅର୍ଥ ହେବ ଅତିମାନସ ଏବଂ ଆନନ୍ଦ ଅବତରଣର ପ୍ରସ୍ତୁତି ରୂପେ ଅଧିମାନସ ଦେବତ୍ୱର ଅବତରଣ, ପ୍ରତ୍ୟକ୍ଷଭାବେ ତାହା ଆନୟନ ନ କଲେ ମଧ୍ୟ ।

— ଶ୍ରୀଅରବିନ୍ଦ

# ୨୪ ନଭେମ୍ବର, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ

... the Ashram was founded or rather founded itself in 1926.

– Sri Aurobindo

... ୧୯୨୬ରେ ଆଶ୍ରମ ସ୍ଥାପିତ ହେଲା, ବରଂ ନିଜକୁ ସ୍ଥାପନ କଲା ।

– ଶ୍ରୀଅରବିନ୍ଦ

[In 1926] Sri Aurobindo had given me charge of the outer work because he wanted to withdraw into concentration in order to hasten the manifestation of the Supramental consciousness and he had announced to the few people who were there that he was entrusting to me the work of helping and guiding them, that I would remain in contact with him, naturally, and that through me he would do the work.

– The Mother

[୧୯୨୬ରେ] ଶ୍ରୀଅରବିନ୍ଦ ମୋତେ ବହିଃକର୍ମର ଦାୟିତ୍ୱ ଦେଇଥିଲେ ଯେହେତୁ ସେ ଅତିମାନସ ଚେତନାର ଆବିର୍ଭାବକୁ ତ୍ୱରାନ୍ୱିତ କରିବା ନିମନ୍ତେ ଏକାଗ୍ରତାରେ ନିମଜ୍ଜମାନ ରହିବାକୁ ଚାହୁଁଥିଲେ ଏବଂ ଏଠାରେ ଥିବା ଅଳ୍ପ ସଂଖ୍ୟକ ବ୍ୟକ୍ତିଙ୍କୁ ଜଣାଇ ଦେଇଥିଲେ ଯେ ସେମାନଙ୍କୁ ସହାୟତା ଓ ଦିଗ୍‌ଦର୍ଶନ ଦେବା କର୍ମ ସେ ମୋ ଉପରେ ନ୍ୟସ୍ତ କରୁଛନ୍ତି ଏବଂ ମୁଁ ସ୍ୱାଭାବିକ ଭାବେ ତାଙ୍କ ସଂସ୍ପର୍ଶରେ ରହିଥିବି ଏବଂ ମୋ ମାଧ୍ୟମରେ ସେ କର୍ମ ସମ୍ପାଦନ କରୁଥିବେ ।

– ଶ୍ରୀମା

# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଅଷ୍ଟମ ସର୍ଗ, ମିଥ୍ୟାର ଜଗତ୍, ଅମଙ୍ଗଳର ଜନନୀ ଓ ଅନ୍ଧକାରର ଅପତ୍ୟଗଣ

**(The World of Falsehood, the Mother of Evil and the Sons of Darkness)**

(୯୦)

**ଶ୍ରୀଅରବିନ୍ଦ**

There no relenting pity could have place,
But ruthless strength and iron moods had sway,
A dateless sovereignty of terror and gloom:
This took the figure of a darkened God
Revered by the racked wretchedness he had made,
Who held in thrall a miserable world,
And helpless hearts nailed to unceasing woe
Adored the feet that trampled them into mire.

ସେଠାରେ ସୁକୋମଳ କରୁଣାର ସ୍ଥାନହିଁ ନଥିଲା, ପରନ୍ତୁ ଥିଲା ନିଷ୍କରୁଣ ସାମର୍ଥ୍ୟ ଓ ଲୌହକଠୋର ମନୋଭାବର ପୂର୍ଣ୍ଣ ରାଜତ୍ୱ, ଅନାଦି କାଳଧରି ବିଭୀଷିକା ଓ ଅନ୍ଧକାରର ଆଧିପତ୍ୟ : ଏହାହିଁ ଗ୍ରହଣ କରିଥିଲା ଏକ ତାମସ ଈଶ୍ୱରଙ୍କ ମୂର୍ତ୍ତି, ଆପଣା ସୃଷ୍ଟ ଯନ୍ତ୍ରଣାଜର୍ଜର ଦୁଃସ୍ଥତା ଦ୍ୱାରା ସେଇ ଈଶ୍ୱର ପରିପୂଜିତ ହେଉଥିଲେ, ଯିଏ ଦୁଃଖପୀଡ଼ିତ ଏକ ଜଗତକୁ ଆପଣାର ଦାସତ୍ୱ ବନ୍ଧନରେ ବାନ୍ଧି ରଖିଥିଲେ, ଅସରନ୍ତି ବେଦନାର ଯୂପକାଠରେ କଣ୍ଟକବିଦ୍ଧ ହୋଇ ରହିଥିବା ଅସହାୟ ହୃଦୟସବୁ ଆରାଧନା କରୁଥିଲେ ସେଇ ପଦଯୁଗଳକୁ ଯାହା ତାଙ୍କୁ କର୍ଦ୍ଦମ ତଳେ ଦଳିପେଶି ଦେଉଥିଲା ।

It was a world of sorrow and of hate,
Sorrow with hatred for its lonely joy,
Hatred with others' sorrow as its feast;
A bitter rictus curled the suffering mouth;
A tragic cruelty saw its ominous chance.

ଏହା ଥିଲା ଦୁଃଖ ଓ ଘୃଣାର ଏକ ଜଗତ୍, ଘୃଣାଯୁକ୍ତ ଦୁଃଖଶୋକ ହିଁ ଥିଲା ଏହାର ଏକମାତ୍ର ଆନନ୍ଦ, ଅପରର ଦୁଃଖ ସହ ବିଜଡ଼ିତ ଘୃଣା ଥିଲା ଏହାର ଭୋଜନୋତ୍ସବ; ଏକ ତିକ୍ତ ବିସ୍ତୃତ ସ୍ମିତହାସ୍ୟ ବେଦନାକ୍ଲିଷ୍ଟ ଅଧରୋଷ୍ଠ ଚାରିପଟେ ଟାଣି ଦେଇଥିଲା କୁଟିଳ ରେଖା; ଶୋକାବହ ଏକ ନିଷ୍ଠୁରତା ଆପଣାର ଅଶୁଭସୂଚକ ସୁଯୋଗର ଦର୍ଶନ କରୁଥିଲା ।

Hate was the black archangel of that realm;
It glowed, a sombre jewel in the heart
Burning the soul with its malignant rays,
And wallowed in its fell abysm of might.

ଘୃଣା ହିଁ ଥିଲା ସେଇ ଜଗତର କୃଷ୍ଣକାନ୍ତିଯୁକ୍ତ ପ୍ରମୁଖ ଅପଦୂତ; ଏହା ଉଜ୍ଜ୍ୱଳି ଉଠୁଥିଲା, ହୃଦୟମଧ୍ୟସ୍ଥ ବିଷଣ୍ଣ-ବିବର୍ଣ୍ଣ ଏକ ମଣି ଆପଣାର ଅନିଷ୍ଟକାରୀ କିରଣାବଳୀର ସ୍ପର୍ଶରେ ଅନ୍ତଃପୁରୁଷକୁ ଦଗ୍ଧ କରି ପକାଉଥିଲା ଏବଂ ନିଜସ୍ୱ ପରାକ୍ରମର କ୍ରୂର ପାତାଳ ଗର୍ଭରେ ଲୋଟି ଯାଉଥିଲା ।

These passions even objects seemed to exude,–
For mind overflowed into the inanimate
That answered with the wickedness it received,–
Against their users used malignant powers,
Hurt without hands and strangely, suddenly slew,
Appointed as instruments of an unseen doom.

ଏହିସବୁ ପ୍ରମତ୍ତ ଆବେଗ ଏପରିକି ଜଡ଼ ପଦାର୍ଥ ସକଳକୁ ନିଃସରଣ କରିବା ପରି ପ୍ରତୀୟମାନ ହେଉଥିଲା,– କାରଣ ମନର ଉତ୍ପ୍ଲାବନଧାରା ନିର୍ଜୀବ ଭିତରକୁ ପ୍ରବେଶ କରୁଥିଲା,

ଆଉ ସେଇ ନିର୍ଜୀବ ନିଜେ ପାଇଥିବା ଦୁର୍ମତି ଦ୍ୱାରା ହିଁ ତାହାର ଉତ୍ତର ଦେଉଥିଲା,– ଯେଉଁମାନେ ସେହି ଜଡ଼ବସ୍ତୁ ସକଳକୁ ବ୍ୟବହାର କରୁଥିଲେ ସେମାନଙ୍କ ବିରୋଧରେ ଏଗୁଡ଼ିକ ପ୍ରୟୋଗ କରୁଥିଲେ ଯାବତୀୟ ଅମଙ୍ଗଳ ଶକ୍ତି, ହସ୍ତହୀନ ହେଲେ ବି ସେସବୁ ଆଘାତ ଦେଉଥିଲେ ଏବଂ ଅଦ୍ଭୁତ ଓ ଅଚାନକ ଭାବରେ କରୁଥିଲେ ହତ୍ୟା, ଏକ ଅଦୃଶ୍ୟ ନିୟତିର ଯନ୍ତ୍ର ରୂପେ ସେଗୁଡ଼ିକ ନିୟୋଜିତ ହୋଇଥିଲେ ।

Or they made themselves a fateful prison wall
Where men condemned wake through the creeping hours
Counted by the tollings of an ominous bell.

ଅଥବା ସେ ଜଡ଼ବସ୍ତୁରାଜି ଆପଣାକୁ ଏକ ଭାଗ୍ୟନିର୍ଦ୍ଧାରିତ କାରାଗୃହର ପ୍ରାଚୀରରେ ପରିଣତ କରି ଦେଇଥିଲେ ଯେଉଁଠି ମୃତ୍ୟୁଦଣ୍ଡରେ ଦଣ୍ଡିତ ମଣିଷମାନେ ଜାଗିଉଠନ୍ତି ମନ୍ଥରଗାମୀ ପ୍ରହରସବୁର ଭିତର ଦେଇ, ଗୋଟି ଗୋଟି କରି ଯେଉଁ ପ୍ରହରମାନଙ୍କର ସଂଖ୍ୟା ଗଣାଯାଉଥିଲା ଅଶୁଭ ସଂକେତବହ ଘଣ୍ଟା ଧ୍ୱନିରେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

## ୧୭ ନଭେମ୍ବର, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ

Keep faith in your spiritual destiny, draw back from error and open more the psychic being to the direct guidance of the Mother's light and power. If the central will is sincere, each recognition of a mistake can become a stepping-stone to a truer movement and a higher progress.

– Sri Aurobindo

ତୁମ ଅଧ୍ୟାତ୍ମ ଭବିତବ୍ୟ ଉପରେ ବିଶ୍ୱାସ ରଖ, ଭ୍ରାନ୍ତିରୁ ଓହରି ଆସ ଏବଂ ଚୈତ୍ୟସତ୍ତାକୁ ଶ୍ରୀମାଙ୍କ ଆଲୋକ ଏବଂ ଶକ୍ତିର ପ୍ରତ୍ୟକ୍ଷ ଦିଗ୍‌ଦର୍ଶନ ଦିଗରେ ଅଧିକ ଉନ୍ମୁକ୍ତ କର । ଯଦି କେନ୍ଦ୍ରୀୟ ସଂକଳ୍ପ ଆନ୍ତରିକ ହୋଇଥିବ, ପ୍ରମାଦକୁ ପ୍ରତିଥର ଚିହ୍ନିପାରିବା ହିଁ ସତ୍ୟତର ଗତି ଏବଂ ଉଚ୍ଚତର ପ୍ରଗତି ପାଇଁ ହୋଇପାରିବ ଏକ ଆରୋହଣୀ-ଶିଳା ।

– ଶ୍ରୀଅରବିନ୍ଦ

# ମନ-ବୁଦ୍ଧି ଓ ଚୈତ୍ୟ-ଚେତନା

## ଶ୍ରୀମା

### ଚୈତ୍ୟ ଓ ମନ

ବିଶ୍ୱରେ ଚୈତ୍ୟ-ଜୀବନ ହେଉଛି ପରମେଶ୍ୱରଙ୍କର ଏକ କୃପାପ୍ରସୂତ କର୍ମ । ଚୈତ୍ୟ ଅଭିବୃଦ୍ଧି ମଧ୍ୟ ଈଶ୍ୱରଙ୍କର ଦିବ୍ୟକୃପାର ପରିଣତି ଏବଂ ପରିଶେଷରେ ଏହି ଜଡ଼-ସତ୍ତା ଉପରେ ଚୈତ୍ୟସତ୍ତାର ପ୍ରଭାବ ମଧ୍ୟ ସେହି ଦିବ୍ୟକୃପା ଯୋଗୁଁ ସମ୍ଭବ ହୁଏ । ଆଉ ଆମର ମନ ଯଦି ନିଜର ସାମଗ୍ରିକ ଉପଯୋଗିତା ଚାହୁଁଥାଏ, ତେବେ ତାକୁ ଖୁବ୍ ନୀରବ ହେବାକୁ ପଡ଼ିବ, ଯେତେଦୂର ସମ୍ଭବ ନୀରବ ରହିବାକୁ ହେବ, କାରଣ ଯଦି ଚୈତ୍ୟର କାର୍ଯ୍ୟରେ ଆମ ମନ ଅଯଥା ହସ୍ତକ୍ଷେପ କରେ, ତା'ହେଲେ ତାହା ସବୁ କିଛିକୁ ନଷ୍ଟ କରିଦେବ ।...

କିଛି ଗୋଟାଏକୁ ସଂଗଠିତ କରିବାରେ ବା ରୂପାୟଣ କରିବାରେ ମନ ହେଉଛି ଏକ ଯନ୍ତ୍ର, ଏବଂ ଏହି ମନ ଯଦି ତା'ର ଏଇସବୁକୁ ଚୈତ୍ୟର ବ୍ୟବହାର ପାଇଁ ଦେଇ ଦିଏ, ତେବେ ତାହା ଖୁବ୍ ଭଲ କଥା ହେବ । କିନ୍ତୁ ମନ କୌଣସି ପ୍ରକାରେ ଚୈତ୍ୟକୁ ପ୍ରକାଶମାନ ହେବା ପାଇଁ ସାହାଯ୍ୟ କରେ ନାହିଁ । ଉଭୟଙ୍କର ଭୂମିକା ହେଲା ଓଲଟା । ମନ ଅବଶ୍ୟ ପରେ ଚୈତ୍ୟର ପ୍ରକାଶ ପାଇଁ ଯନ୍ତ୍ର ହୋଇପାରେ, ଯେତେବେଳେ ଚୈତ୍ୟଚେତନା ବାହ୍ୟଚେତନା ଉପରେ ନିଜର ଅଧିକାର ସାବ୍ୟସ୍ତ କରିସାରି ଥିବ । କିନ୍ତୁ ତା' ପୂର୍ବରୁ ଏହା ଘଟିବା ଖୁବ୍ ଦୁଷ୍କର । ସାଧାରଣତଃ ଏହା ଏକ ପରଦା ଭଳି କାର୍ଯ୍ୟ କରିଥାଏ ଏବଂ ତା'ଫଳରେ ବାଧା ସୃଷ୍ଟି କରିଥାଏ । କିନ୍ତୁ ଏକଥା ନିଶ୍ଚିତ ଯେ ଏହା କେବେ ଚୈତ୍ୟକୁ ପ୍ରକାଶିତ ହେବା ଲାଗି ସାହାଯ୍ୟ କରେ ନାହିଁ । ତେବେ ମନ ଯଦି ତା'ର ଯଥାର୍ଥ ସ୍ଥାନରେ ରହେ, ଏବଂ ଯଥାର୍ଥ ଭାବେ ପରିଚାଳିତ ହୁଏ, ତେବେ ଏହା ଯଥାର୍ଥ କର୍ମରେ ସହାୟତା କରିପାରେ । ଯେତେବେଳେ ଚୈତ୍ୟସତ୍ତାରୁ ପ୍ରେରଣା ଆସେ ସେତେବେଳେ ଆମର ମନ ଯଦି ସଂପୂର୍ଣ୍ଣ ଭାବେ ଆଜ୍ଞାବହ ହୋଇ ରହେ, ତା'ହେଲେ ଆମର ଜୀବନକୁ ସଂଗଠିତ କରିବା ଦିଗରେ ଏହା ସହାୟକ ହୋଇପାରେ । କାରଣ ଏହାହିଁ ମନର କାର୍ଯ୍ୟ ଏବଂ ଏଇଥିଲାଗି ଆମକୁ ମନଟିଏ ଦିଆ ଯାଇଛି ।

### ହୃଦୟର ଡେଣା ଅଛି

କେତେକ ଲୋକ ଅଛନ୍ତି ଯେଉଁମାନଙ୍କ ଭିତରେ ଚୈତ୍ୟସତ୍ତା କ୍ରିୟାଶୀଳ ହୋଇଥାଏ ଏବଂ ସେମାନଙ୍କର ବୌଦ୍ଧିକ ବୁଝାମଣା ଅପେକ୍ଷା ଭାବାବେଗ-ଜନିତ ବୁଝାମଣା ଅଧିକ ଦୃଢ଼ ହୋଇଥାଏ । ଏମାନେ ଈଶ୍ୱରଙ୍କୁ ଜାଣି ନ ଥା'ନ୍ତି, ଈଶ୍ୱରଙ୍କ ସମ୍ବନ୍ଧେ ସେମାନଙ୍କର ସାମାନ୍ୟତମ ଧାରଣା ମଧ୍ୟ ନଥାଏ – ଈଶ୍ୱର କ'ଣ ହୋଇ ପାରନ୍ତି, ଈଶ୍ୱର କହିଲେ କ'ଣ ସବୁ ବୁଝାଏ – ଏସବୁ ସେମାନଙ୍କୁ କିଛି ଜଣା ନଥାଏ – ଏସବୁ ସମ୍ବନ୍ଧେ ବି ସେମାନଙ୍କର କୌଣସି ବୌଦ୍ଧିକ ଧାରଣା ନଥାଏ – କିନ୍ତୁ ସେମାନଙ୍କର ଈଶ୍ୱରଙ୍କ ପ୍ରତି ଥାଏ ଏକ ଗଭୀର ଆକର୍ଷଣ, ଥାଏ ଏକ ଆକୁଳ ପ୍ରବେଗ, ଏକ ବ୍ୟାକୁଳ ଅନୁରକ୍ତି, ଏକ ଆବଶ୍ୟକତା; ଈଶ୍ୱରଙ୍କ ପାଇଁ ଅନୁଭବ କରନ୍ତି ଏକ ଅନିବାର୍ଯ୍ୟ ଆବଶ୍ୟକତା ।

ଏବଂ ଏହି ଧରଣର ଲୋକମାନେ ଯେଉଁମାନଙ୍କର ଏହିପରି ଭାବାବେଗପୂର୍ଣ୍ଣ ଈଶ୍ୱର-ଆକର୍ଷଣ ରହିଛି, ଏବଂ ମୁଁ କହିପାରେ, ଈଶ୍ୱରଙ୍କ କୃପାରୁ ସେମାନଙ୍କର ମନ ଏସବୁ ବ୍ୟାପାରରେ କିଛି ବ୍ୟାଘାତ ଘଟାଏ ନାହିଁ, କୌଣସି ପ୍ରଶ୍ନ କରେ ନାହିଁ, କିଛି ବିଚାର ବିମର୍ଶ କରେ ନାହିଁ – ଏବଂ ଏହି ଲୋକମାନେ ଏହି ପଥରେ ଶୀଘ୍ର ଆଗେଇ ଯାଆନ୍ତି ।...

ଆଉ କେତେକେ ଅଛନ୍ତି ଯେଉଁମାନେ ଖୁବ୍ ଶୀଘ୍ର ବୁଝିଯା'ନ୍ତି, ସେମାନେ ଖୁବ୍ ବୁଦ୍ଧିପ୍ରବଣ, ସେମାନେ ପଢ଼ିଛନ୍ତି, ଶବ୍ଦ ଓ ଭାବନାଗୁଡ଼ିକ ସଙ୍ଗେ ଖେଳି ପାରନ୍ତି, ତୁମ ଆଗରେ ସବୁ ପ୍ରକାର ଦାର୍ଶନିକ ଚିନ୍ତା ଓ ତତ୍ତ୍ୱ ଉପରେ, ସବୁ ଧର୍ମଧାରା ଉପରେ, ସବୁପ୍ରକାର ମାନବୀୟ ଚିନ୍ତାଦର୍ଶ ଉପରେ ଚମତ୍କାର ଭାଷଣ ଦେଇପାରିବେ ଏବଂ ସେମାନଙ୍କୁ ସମ୍ଭବତଃ ଗୋଟିଏ ପାଦ ଆଗକୁ ଯିବା ଲାଗି ବର୍ଷ ବର୍ଷ ଲାଗିଯିବ । କାରଣ ସବୁ କଥା ସେମାନଙ୍କର ମସ୍ତିଷ୍କରେ ହିଁ ଚାଲୁଥାଏ ।

ମସ୍ତିଷ୍କରେ ଡେଣା ନଥାଏ : ଡେଣା ଥାଏ ହୃଦୟରେ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ

## (ପରିଚ୍ଛେଦ : ୮୩)

## ଅନନ୍ୟ ପ୍ରଭାବର ଦୃଷ୍ଟାନ୍ତ

## ମନୋଜ ଦାସ

''ଅରବିନ୍ଦ ଘୋଷ କାରାମୁକ୍ତ ହେଲେ । ଭଗିନୀ ନିବେଦିତା ସେ ଉପଲକ୍ଷ୍ୟେ ତାଙ୍କ ଶିକ୍ଷାୟତନକୁ ଏପରି ସୁସଜ୍ଜିତ କରିଥା'ନ୍ତି, ଯେପରିକି ସବୁଠାରୁ ପବିତ୍ର ଉତ୍ସବ ପାଳିତ ହେଉଛି ।... ସେ ଦେଖିଲେ ଅରବିନ୍ଦ ସମ୍ପୂର୍ଣ୍ଣ ରୂପାନ୍ତରିତ, ଏକ ଅଦମନୀୟ ଶକ୍ତିର ଅଧିକାରୀ – ଯାହା କାରାଗାର ଭିତରେ ଅଧ୍ୟାତ୍ମ ଉପଲବ୍ଧି ମାଧ୍ୟମରେ ସେ ଆହରଣ କରିଥିଲେ । କଠୋର ପରୀକ୍ଷାମୟ ସେହି ସମଗ୍ର ସମୟ ଭିତରେ ସେ ଭଗବାନ୍ ଶ୍ରୀକୃଷ୍ଣଙ୍କ ବ୍ୟତିରେକେ ଆଉ କିଛି ଦେଖୁ ନଥିଲେ । ପୂଜ୍ୟ ତଥା ପୂଜାସ୍ପଦ କୃଷ୍ଣ – ବ୍ରହ୍ମର ସାର, ଆପେକ୍ଷିକ ସ୍ତରରେ ପରମେକ । ତାଙ୍କ ପାଇଁ ଭଗବାନ୍ କୃଷ୍ଣ ବନି ଯାଇଥିଲେ ବନ୍ଦୀ, କାରାଧ୍ୟକ୍ଷ ତଥା ବିଚାରକ...

''କାରାମୁକ୍ତି ଅନ୍ତେ ଅରବିନ୍ଦ ଦେଖିଲେ ତାଙ୍କ ଦଳ ହତୋତ୍ସାହ ଏବଂ ବିରସ । ମୁଷ୍ଟିମେୟ ସମର୍ଥକମାନଙ୍କ ଯୋଗେ – ନିବେଦିତା ଥିଲେ ସେ ଗୋଷ୍ଠୀର ଅନ୍ତର୍ଭୁକ୍ତ – ଅରବିନ୍ଦ ଦେଲେ ପୁନର୍ଜାଗରଣର ଆହ୍ୱାନ ଏବଂ ଦୁର୍ବଳ ସମାଜରେ ଦେଶପ୍ରେମର ସ୍ଫୁଲିଙ୍ଗ ଉଦ୍ରେକ କରିବାରେ ହେଲେ ବ୍ରତୀ । ବର୍ତ୍ତମାନ ତାଙ୍କ ବ୍ରତ ଜଣେ ଯୋଗୀ ସମାଜତତ୍ତ୍ୱବିଦ୍‌ର (a yogin sociologist) ବ୍ରତ...

''ସେ ଋଷି (seer) ଶ୍ରୀଅରବିନ୍ଦ ବୋଲି ପରିଜ୍ଞାତ ହୋଇ ସାରିଥିଲେ; ରାଜନୈତିକ ଜୀବନ ସତ୍ତ୍ୱେ ଏବଂ ଆଧ୍ୟାତ୍ମିକ ପଥରେ ତାଙ୍କର ଭାବୀ ଶିଷ୍ୟମାନଙ୍କ ଆଗରେ ସେ ତାହା ପ୍ରତିଭାତ ନ କରିବା ସତ୍ତ୍ୱେ । ନିବେଦିତାଙ୍କ ପାଇଁ ସେ ଥିଲେ ଜୀବନର ପ୍ରତ୍ୟକ୍ଷ ଅଭିବ୍ୟକ୍ତି, ଭାରତବର୍ଷର ସୁପ୍ରାଚୀନ ମାଟିରୁ ଉଦ୍ଭୂତ ସେ ଜୀବନ । ସେ ଥିଲେ ନିବେଦିତାଙ୍କ ଗୁରୁ (ବିବେକାନନ୍ଦ)ଙ୍କର ଶିକ୍ଷାର ସ୍ୱାଭାବିକ ଏବଂ ଉଦ୍ଦୀପ୍ତ ବିକାଶ...

''ଅରବିନ୍ଦ ବିକିରଣ କରୁଥିଲେ ତାଙ୍କ ପୂର୍ଣ୍ଣାଙ୍ଗ ଯୋଗର ଆଦ୍ୟ ଭାବନାମାନ, ଏ ମହାଜାଗତିକ ବାସ୍ତବତାରେ ମାନବର ସ୍ଥାନ ନିରୂପଣ କରି... ନିବେଦିତାଙ୍କ ବୁଝିବା ଅନୁସାରେ ସେ ଥିଲେ ଅତୀତର ଆଧ୍ୟାତ୍ମିକ ମହାଗୁରୁମାନଙ୍କ ଉତ୍ତରାଧିକାରୀ – ଯିଏକି ତାଙ୍କ ପ୍ରେରଣାର ଉତ୍ସ ସମସ୍ତଙ୍କୁ ପ୍ରଦାନ କରିବାକୁ ପ୍ରସ୍ତୁତ ।''...

– ଲିଜେଲ୍ ରେମୋଣ୍ଡ୍ : 'ଦି ଡେଡ଼ିକେଟେଡ୍'
(ଭଗିନୀ ନିବେଦିତାଙ୍କ ଜୀବନୀ)[୧]

୧୯୦୯ ସେପ୍‌ଟେମ୍ବର ୫ ଓ ୬ ତାରିଖ ଧରି ହୁଗୁଳି ଜିଲ୍ଲାର ଚିନ୍‌ସୁରାଠାରେ ଅନୁଷ୍ଠିତ ବଙ୍ଗୀୟ ପ୍ରାଦେଶିକ ଜାତୀୟ କଂଗ୍ରେସର ସମ୍ମିଳନୀରେ ତାଙ୍କର ପ୍ରଭାବମୟ ଉପସ୍ଥିତିହିଁ ଥିଲା ରାଜନୈତିକ ଜୀବନରେ ଶ୍ରୀଅରବିନ୍ଦଙ୍କର ଶେଷ ପ୍ରକାଶ୍ୟ ଭୂମିକା । ପୂର୍ବ ବର୍ଷ ମାନ୍ଦାପନ୍ଥୀମାନେ ସୁରତକୁ ସମ୍ମିଳନୀ ସକାଶେ ଯେଉଁ କାରଣରୁ ମନୋନୀତ କରିଥିଲେ – ଅର୍ଥାତ୍ ସେଠାରେ ଜାତୀୟତାବାଦୀ ବା ବିପ୍ଳବପନ୍ଥୀମାନଙ୍କର ପ୍ରଭାବ ନ ଥିଲା ବୋଲି – ବଙ୍ଗଦେଶର ପଟଭୂମିରେ ଏହି ଅନତିବୃହତ୍ ଶାନ୍ତିପୂର୍ଣ୍ଣ ସହରକୁ ମଧ୍ୟ ସେହି କାରଣରୁ ସେମାନେ ମନୋନୀତ କରିଥିଲେ । ସୁରତରେ ସେଭଳି ଅଭିସନ୍ଧିମୂଳକ ସିଦ୍ଧାନ୍ତର ପରିଣତି କ'ଣ ହେଲା ତାହା ଆମେ ଜାଣିଛୁଁ । ହୁଗୁଳି ସମ୍ମିଳନୀକୁ ମଧ୍ୟ ଯେମିତି ଜାତୀୟତାବାଦୀମାନେ ଆସି ନ ପାରିବେ ସେଥି ସକାଶେ ମାନ୍ଦାପନ୍ଥୀମାନେ କମ୍ ଉଦ୍ୟମ କରି ନ ଥିଲେ । ଶ୍ରୀଅରବିନ୍ଦ ଯେପରି ଏଥିରେ ଅଂଶ ଗ୍ରହଣ କରି ନ ପାରିବେ, ସେଥି ପାଇଁ ରୀତିମତ ଷଡ଼୍‌ଯନ୍ତ୍ର ହୋଇଥିଲା ।

ପରବର୍ତ୍ତୀ କାଳରେ ଶିକ୍ଷାବିଦ୍, ବୈଧାନିକ ଏବଂ ବଙ୍ଗ ଫରୱାର୍ଡ଼ ବ୍ଲକ୍‌ର ସଭାପତି ଭାବରେ ଖ୍ୟାତି ଅର୍ଜିଥିବା ସେ ଦିନର ସମ୍ମିଳନୀର ଜଣେ ସକ୍ରିୟ ଯୁବକ ପ୍ରତିନିଧି ଜ୍ୟୋତିଷଚନ୍ଦ୍ର ଘୋଷ(୧୮୮୩-୧୯୭୧)ଙ୍କର ସ୍ମୃତିକଥାର କିୟଦଂଶ :

''ସମ୍ମିଳନୀ ସକାଶେ ଗଠିତ ଅଭ୍ୟର୍ଥନା ସମିତିର ସଭ୍ୟ ଥିଲେ ମାନ୍ଦାପନ୍ଥୀମାନେ । ସେମାନେ ଏଭଳି ପ୍ରସ୍ତାବ-

ସବୁର ଖସଡ଼ା କଲେ ଏବଂ ଯେଉଁଗୁଡ଼ିକ କାର୍ଯ୍ୟକାରୀ ସମିତିରେ ଗୃହୀତ ହୋଇଗଲା ସେଗୁଡ଼ିକ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ ଏବଂ ଜାତୀୟତାବାଦୀମାନଙ୍କ ସକାଶେ ବିରକ୍ତିଜନକ । ମାନ୍ଦାପନ୍ଥୀ-ମାନଙ୍କର ଏ ଚକ୍ରାନ୍ତକୁ ନିଷ୍ଫଳ କରିବା ନିମନ୍ତେ ଶ୍ରୀଅରବିନ୍ଦଙ୍କ ବ୍ୟତୀତ ଆଉ କେହି ନଥିଲେ । ସେ ସ୍ୱୟଂ ମଧ୍ୟ ଯେମିତି ପ୍ରତିନିଧି ଭାବରେ ନିର୍ବାଚିତ ହୋଇ ପାରିବେ ନାହିଁ, ସମବେତ ଭାବରେ ମାନ୍ଦାପନ୍ଥୀମାନେ ସେଦିଗରେ ତତ୍ପର ଥିଲେ । ପ୍ରତିନିଧି ତାଲିକାରୁ ଜାତୀୟତାବାଦୀ ମନୋଭାବସମ୍ପନ୍ନ ସମସ୍ତଙ୍କର ପ୍ରତିନିଧି ରୂପେ ଆସିବା ସମ୍ଭାବନାକୁ ସେମାନେ ରୋକିବାରେ ସଚେଷ୍ଟ ଥିଲେ । ଅବିଚଳିତ ଭାବରେ ଶ୍ରୀଅରବିନ୍ଦ ସେମାନଙ୍କର ଏ ଅଭିସନ୍ଧି ବ୍ୟର୍ଥ କରିବା ନିମନ୍ତେ ଦୃଢ଼ ଅଭିଯାନରେ ବ୍ରତୀ ହେଲେ ।''[୨]

ସମସ୍ତ ପ୍ରଗତିଶୀଳ ରାଜନୈତିକ ଦୃଷ୍ଟିକୋଣସମ୍ପନ୍ନ ଲୋକେ ଯେପରି ପ୍ରତିନିଧି ହେବା ଦିଗରେ ସର୍ତ୍ତପୂରଣ କରିବେ, ସେଦିଗରେ ଶ୍ରୀଅରବିନ୍ଦ ଏକାନ୍ତ ନିର୍ଭୀକ ଓ ସତ୍ୟନିଷ୍ଠ ଆହ୍ୱାନ ଦେଲେ । ସମ୍ମିଳନୀ ଯଦି ଶେଷ ପର୍ଯ୍ୟନ୍ତ ''ସର୍ବାଧିକ ବୃହତ୍'' ଆଖ୍ୟା[୩] ଲାଭ କଲା, ସେ ପାଇଁ 'କର୍ମଯୋଗୀନ୍' ମାଧ୍ୟମରେ ଶ୍ରୀଅରବିନ୍ଦଙ୍କର ଆହ୍ୱାନ ଏବଂ ଯୁବସମ୍ପ୍ରଦାୟର ତାଙ୍କ ପ୍ରତି ଆନୁଗତ୍ୟହିଁ ମୁଖ୍ୟ କାରଣ । ସରକାରଙ୍କର କୁଖ୍ୟାତ ରିସ୍‌ଲେ ଇସ୍ତାହାର (Risley Circular) – ଛାତ୍ରମାନେ ରାଜନୀତିରେ ଭାଗ ନେଇ ପାରିବେ ନାହିଁ ବୋଲି ହୁକୁମ ଜାରି କରିଥାଏ । ଶ୍ରୀଅରବିନ୍ଦଙ୍କ ନିର୍ଦ୍ଦେଶରେ ଦଳ ଦଳ ଛାତ୍ର ଓ ଯୁବକ ପ୍ରତିନିଧିତ୍ୱ ହାସଲ କରିବା ନିମନ୍ତେ ପ୍ରଦେଶ ବ୍ୟାପୀ କର୍ମୀମାନଙ୍କୁ ପ୍ରସ୍ତୁତ କଲେ । କିଭଳି ପ୍ରସ୍ତାବମାନ ସମ୍ମିଳନୀରେ ଉପସ୍ଥାପିତ ହେବା ଜରୁରୀ, ସେସବୁ 'କର୍ମଯୋଗୀନ୍'ରେ ପ୍ରକାଶ କରାଗଲା ।

ସେତେବେଳେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଥିଲା ''ମୋର୍ଲେମିଣ୍ଟୋ ଶାସନ ସଂସ୍କାର'' ଇସ୍ତାହାର । ଯେଉଁ ସାମ୍ପ୍ରଦାୟିକ ଭେଦଭାବର ପ୍ରସାର ନିମନ୍ତେ ବ୍ରିଟିଶ ଶାସନ ନାନା ଭାବରେ ସଚେଷ୍ଟ ଥିଲା, ଏହି ଇସ୍ତାହାର ତା'ର ଏକ ଦୃଷ୍ଟାନ୍ତ । ଏହା ଉପରେ ମାନ୍ଦାପନ୍ଥୀମାନଙ୍କ ପ୍ରସ୍ତାବର ଖସଡ଼ାରେ ପ୍ରଥମେ ଏ ''ସଂସ୍କାର'' ନିମନ୍ତେ ସରକାରଙ୍କ ନିକଟରେ କୃତଜ୍ଞତା ଜଣାଇ ପରେ ଅର୍ଥନୀତି ଉପରେ ଦେଶବାସୀଙ୍କୁ ଆଧିପତ୍ୟ ଦେବା ନିମନ୍ତେ କୁହାଯାଇଥିଲା ।[୪] ଜାତୀୟତାବାଦୀମାନଙ୍କ ପ୍ରସ୍ତାବର ଖସଡ଼ାରେ ପ୍ରଥମରୁହିଁ ଏ ତଥାକଥିତ ''ସଂସ୍କାର''କୁ ଧିକ୍କାର (emphatically condemn) ଦିଆ ଯାଇଥିଲା – କାରଣ ସେଥିରେ ଥିଲା ସାମ୍ପ୍ରଦାୟିକ ଅନୈକ୍ୟ ସ୍ଥାୟୀ ହେବା ନିମନ୍ତେ ବ୍ୟବସ୍ଥା ।[୫]

ରେଳଗାଡ଼ି ଭର୍ତ୍ତି ପ୍ରତିନିଧିବର୍ଗ ସମଭିବ୍ୟାହାରେ ଶ୍ରୀଅରବିନ୍ଦ ୪ ତାରିଖ ସନ୍ଧ୍ୟାରେ ଚିନ୍‌ସୁରାରେ ପହଞ୍ଚିଲେ – ମାନ୍ଦାପନ୍ଥୀମାନଙ୍କର ପ୍ରଚଣ୍ଡ ଆତଙ୍କ ରୂପେ । ତାଙ୍କ ଆଗମନ ଏବଂ କାର୍ଯ୍ୟକଳାପର ଅନ୍ୟ ସବୁ ବିବରଣୀ ନଦେଇ ଭାରତ ସରକାରଙ୍କ ଗୃହ ବିଭାଗର ମୁଖ୍ୟ ସଚୀବଙ୍କୁ ବଙ୍ଗ ସରକାରଙ୍କ ମୁଖ୍ୟ ସଚୀବ ସାର୍ ଚାର୍ଲସ୍ ଆଲେନ୍ ସେପ୍‌ଟେମ୍ବର ୨୦ ତାରିଖରେ ପ୍ରେରଣ କରିଥିବା ସୁଦୀର୍ଘ ଟେଲିଗ୍ରାମର କିୟଦଂଶ ଉପରେ ଦୃଷ୍ଟି ଦିଆଯାଉ । ଏଥିରେ ବାହୁଲ୍ୟ ତ ଦୂରର କଥା, ବରଂ ଅତୀବ ସଂଯତ ରୀତିରେ ବାସ୍ତବ ପରିସ୍ଥିତିର ବର୍ଣ୍ଣନା ରହିଛି :

''ସେପ୍‌ଟେମ୍ବର ୫ ତାରିଖରେ ସମ୍ମିଳନୀ ଉଦ୍‌ଘାଟିତ ହେଲା । ଦୁଇ ବଙ୍ଗରୁ ପ୍ରାୟ ୧୫୦୦ ପ୍ରତିନିଧି ଯୋଗ ଦେଇଥିଲେ । ଅଧିକାଂଶ ଯୁବକ । ଉତ୍ତରପଡ଼ା, ଡ଼ାୟମଣ୍ଡ୍ ହାର୍‌ବର ତଥା ହୁଗୁଳି ଓ ଚିନ୍‌ସୁରାର ତଥା କଲିକତାର ଉଚ୍ଚ ପର୍ଯ୍ୟାୟର ଛାତ୍ରମାନଙ୍କ ନିର୍ବାଚିତ ପ୍ରତିନିଧି ରୂପେ ଅରବିନ୍ଦ ଘୋଷ ଉପସ୍ଥିତ ଥିଲେ । ବାବୁ ସୁରେନ୍ଦ୍ର ନାଥ ବାନାର୍ଜି ମଧ୍ୟ ଉପସ୍ଥିତ ଥିଲେ... ଅରବିନ୍ଦ ଘୋଷ ସର୍ବାଧିକ ଉଷ୍ମ ସ୍ୱାଗତ ଅଭିବାଦନ ଲାଭ କରୁଥିଲେ । ସେ ଚିନ୍‌ସୁରାକୁ ଶହେ ସରିକି ଯୁବକ ଦେହରକ୍ଷୀ ପରିବେଷ୍ଟିତ ହୋଇ ଅଗ୍ରସର ହେଉଥା'ନ୍ତି । ସେ ମଞ୍ଚରେ ପ୍ରବେଶ କଲେ ପୁଷ୍ପମାଲ୍ୟ ବିଭୂଷିତ ହୋଇ ଏବଂ ରକ୍ଷୀ ସମେତ ।... ଶାନ୍ତି ରକ୍ଷା ନିମନ୍ତେ ଯଥେଷ୍ଟ ପୁଲିସ ବ୍ୟବସ୍ଥା ହୋଇଥାଏ ଏବଂ ସମ୍ମିଳନୀ ବିନା ବିଭ୍ରାଟରେ ଉଦ୍‌ଯାପିତ ହୋଇଗଲା । ଯାବତୀୟ ସାକ୍ଷ୍ୟ ବିବରଣୀରୁ ଜଣାଯାଏ ଯେ ଅରବିନ୍ଦ ଘୋଷଙ୍କ ସମର୍ଥକ ସଂଖ୍ୟା ବହୁତ ଅଧିକ ଥିଲା । କିନ୍ତୁ ସେ ସେମାନଙ୍କୁ ଶୃଙ୍ଖଳାବଦ୍ଧ କରି ରଖିଥିଲେ । କଂଗ୍ରେସର ଏକତା ରକ୍ଷା ନିମନ୍ତେ ଆଗତ ପ୍ରସ୍ତାବସବୁ ଉପରେ ତାଙ୍କ ସଂଶୋଧନ ଗ୍ରହଣ କରିବା ସପକ୍ଷରେ ଜୋର୍ ଦେବାରୁ ସେ ବିରତ ରହିଲେ ।[୬]

ଏହା ପୂର୍ବରୁ, ୧୦ ତାରିଖରେ ମୁଖ୍ୟ ସଚୀବଙ୍କ ପ୍ରେରିତ ଏକ ସଂକ୍ଷିପ୍ତ ତାରବାର୍ତ୍ତା କହେ, ଶ୍ରୀଅରବିନ୍ଦଙ୍କୁ ମିଳିଥିଲା ''ସର୍ବାଧିକ ଉଷ୍ମ ଅଭ୍ୟର୍ଥନା'' (Warmest reception)[୭] । ଅର୍ଥାତ୍ ସରକାରଙ୍କ କର୍ଣ୍ଣଧାରମାନଙ୍କର ପ୍ରଧାନ ଚିନ୍ତା ଥିଲେ ଶ୍ରୀଅରବିନ୍ଦ; ଜନସାଧାରଣଙ୍କ ଉପରେ

ତାଙ୍କର ପ୍ରଭାବ । ମଜାକଥା ହେଲା, ବରିଷ୍ଠ ପ୍ରତିନିଧିମାନଙ୍କ ଭିତରେ ସରକାର ଜଣେ ଗୁପ୍ତଚର ଢୁକାଇ ପାରିଥିଲେ । ସେ ମାନ୍ଦାପନ୍ଥୀଗୋଷ୍ଠୀର ଖୁବ୍ ପ୍ରତିପତ୍ତିଶାଳୀ ବ୍ୟକ୍ତି ନିଶ୍ଚୟ । କିନ୍ତୁ ତାଙ୍କ ପରିଚୟ କେବଳ ସରକାରଙ୍କର ତୁଙ୍ଗତମ ବ୍ରିଟିଶ ଅଧିକାରୀ କେତେଜଣଙ୍କ ବ୍ୟତୀତ ଅନ୍ୟ ଉଚ୍ଚପଦସ୍ଥ ଇଂରେଜମାନଙ୍କୁ ମଧ୍ୟ ଜଣା ନଥିଲା । ସେ ଭଦ୍ରଲୋକ ମାନ୍ଦାପନ୍ଥୀ ଗୋଷ୍ଠୀର ସର୍ବୋଚ୍ଚ ନେତାମାନଙ୍କ ''ଗୋପନ ବୈଠକ''ରେ ମଧ୍ୟ ବାବୁ ସୁରେନ୍ଦ୍ରନାଥ ବାନାର୍ଜିଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଯୋଗ ଦେଇଥିଲେ । ତାଙ୍କ ସାଙ୍କେତିକ ପରିଚୟ ଥିଲା 'L' । ତାଙ୍କର 'ଅତି ଗୋପନୀୟ' ଦୀର୍ଘ ପ୍ରତିବେଦନର କିଛି କିଛି ଅଂଶ (ସଂକ୍ଷେପିତ) ଏହିପରି :

''ଏ ସମ୍ମିଳନୀ ପୂର୍ବୋକ୍ତ ସବୁ ସମ୍ମିଳନୀଠୁଁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ । ପ୍ରତ୍ୟକ୍ଷ ବିବରଣୀମାନ ସମ୍ବାଦପତ୍ରସବୁରେ ବିଶେଷ ଭାବରେ ପ୍ରକାଶ ପାଇଛି । ମୁଁ ଭିତିରି କଥା ଜଣାଉଛି ।

''ବାବୁ ଅରବିନ୍ଦ ଘୋଷ ମାନ୍ଦାପନ୍ଥୀମାନଙ୍କୁ ବିରୋଧ କରିବା ନିମନ୍ତେ ପ୍ରସ୍ତୁତ ହେଉଥିଲେ । ସେ ତାଙ୍କ ଗୋଷ୍ଠୀକୁ ଏଡ଼େ ସୁସଙ୍ଗଠିତ କଲେ ଯେ ମାନ୍ଦାପନ୍ଥୀମାନେ ଭୟଭୀତ ହେଲେ ।... ସେପ୍ଟେମ୍ବର ତିନି ତାରିଖ 'ବେଙ୍ଗଲି' କାର୍ଯ୍ୟାଳୟରେ ବାବୁ ସୁରେନ୍ଦ୍ରନାଥ ଏକ ରୁଦ୍ଧଦ୍ୱାର ଗୋପନ ବୈଠକ ଡକାଇଲେ ।... ପ୍ରସ୍ତାବ ହେଲା ଯଦି ଦେଖାଯିବ ଯେ ଅରବିନ୍ଦଙ୍କ ଲୋକେ ସଂଖ୍ୟାଧିକ ତେବେ ସୁରେନ୍ଦ୍ରନାଥଙ୍କ ନେତୃତ୍ୱରେ ମାନ୍ଦାପନ୍ଥୀମାନେ ସମ୍ମିଳନୀ କକ୍ଷ ତ୍ୟାଗ କରିବେ । କିନ୍ତୁ ଭୂପେନ୍ଦ୍ରନାଥ ଓ ସୁରେନ୍ଦ୍ରନାଥ ଅରବିନ୍ଦଙ୍କ ଦଳ ସହ ବୁଝାମଣା ସପକ୍ଷରେ ମତ ଦେଲେ ।...

''ବାବୁ ଅରବିନ୍ଦ ଜଣେ ଅଧିକ ଶକ୍ତିମାନ ସଂଗଠକ... ପୂର୍ବରୁ ଜଣାଇଥିଲି ବଙ୍ଗଦେଶର ଶିକ୍ଷିତମାନେ ହୃଦୟରେ ଚରମପନ୍ଥୀ – ବାସ୍ତବିକ ନୈରାଜ୍ୟବାଦୀ । ଯେଉଁମାନଙ୍କର ସରକାରଠିଁ ସ୍ୱାର୍ଥ ଅଛି, ସେମାନେ ସେ ମନୋଭାବ ଲୁଚାଇ ରଖି ମାନ୍ଦାପନ୍ଥୀ ଆଦର୍ଶର ସମର୍ଥନ କରନ୍ତି । ଏହାହିଁ ଅରବିନ୍ଦଙ୍କୁ ଏଡ଼େ ଶୀଘ୍ର ତାଙ୍କ ଦଳ ସଙ୍ଗଠିତ କରିବାର ସୁଯୋଗ ଦେଇଛି ।

''ବାସ୍ତବତା ହେଲା, ଦେଶବାସୀଙ୍କ ଆଗରେ ସୁରେନ୍ଦ୍ରନାଥଙ୍କ ମର୍ଯ୍ୟାଦା କ୍ଷିପ୍ର ଗତିରେ ତଳକୁ ଖସୁଛି ।... ଜନସାଧାରଣଙ୍କ ମାନସରେ ମଧୁର-ଜିହ୍ୱା ବକ୍ତାମାନଙ୍କର ମାର୍ଜିତ ମିଥ୍ୟା ଅପେକ୍ଷା ସତ୍ୟର ପ୍ରଭାବ ଅଧିକ । ଅରବିନ୍ଦ ସତ୍ୟହିଁ କହନ୍ତି । ସୁରେନ୍ଦ୍ରନାଥ ସତ୍ୟ ଗୋପନ ରଖିବାକୁ କୂଟନୀତି ଆଖ୍ୟା ଦିଅନ୍ତି । ସେ ଯାହାହେଉ, ଉଭୟଙ୍କର ଭେଟ ହେଲା ଏବଂ ଅରବିନ୍ଦ ଖୋଲାଖୋଲି କହିଦେଲେ ଯେ ମାନ୍ଦାପନ୍ଥୀମାନେ ଆଧିପତ୍ୟ ଜାହିର କଲେ ସୁରତର ପୁନରାବୃତ୍ତି ହେବ ।...

''ରବିବାର ସାରାରାତି ମାନ୍ଦାପନ୍ଥୀମାନେ ଆଲୋଚନା ଓ ପରସ୍ପର ଝଗଡ଼ା କରି ଚାଲିଲେ ଓ କେହି କେହି ସେ ଗୋଷ୍ଠୀରୁ ଓହରି ଗଲେ । ମାନ୍ଦାପନ୍ଥୀମାନଙ୍କୁ ଅବଶେଷରେ ସହାୟତା ଦେଲେ କୁମାର ରାଜେନ୍ଦ୍ରନାଥ ମୁଖାର୍ଜି । ତାଙ୍କ ପ୍ରଚେଷ୍ଟାରେ ଅରବିନ୍ଦ ଏବଂ ସୁରେନ୍ଦ୍ରନାଥ ଆଲୋଚନାରେ ବସିଲେ । ବାବୁ ସୁରେନ୍ଦ୍ରନାଥ ସ୍ୱୀକାରୋକ୍ତି ଦେଲେ କି ହୃଦୟରେ ସେ ଜଣେ ଚରମପନ୍ଥୀ । ସେ ଅରବିନ୍ଦଙ୍କୁ ସନିର୍ବନ୍ଧ ଅନୁରୋଧ କଲେ କି ସେ ତାଙ୍କ ଦଳକୁ ଚାଲି ଆସନ୍ତୁ ।...

''ବାବୁ ଅରବିନ୍ଦ ସବୁ ବୁଝି ପାରୁଥା'ନ୍ତି । ତେବେ ସେ ଏକତାର ଅଭିନୟ ପାଇଁ ରାଜି ହେଲେ ।...

''ପୂର୍ବରୁ କହିଛି, ବଙ୍ଗଦେଶରେ ମାନ୍ଦାପନ୍ଥୀ ନାହାନ୍ତି... ଖାଲି ପ୍ରୟୋଜନ ଦୃଷ୍ଟିରୁ ମାନ୍ଦାପନ୍ଥୀ !... ସୁରେନ୍ଦ୍ରନାଥଙ୍କର ଧାରଣା ଅରବିନ୍ଦ ଘୋଷ ଯଦି ଆଉ ଅଧିକ କାଳ କାରାଗାର ବାହାରେ ରହିବେ ତେବେ ସେ (ସୁରେନ୍ଦ୍ରନାଥ) ଫିକା ପଡ଼ିଯିବେ । ସେ ସ୍ପଷ୍ଟ ବୁଝି ପାରୁଛନ୍ତି ବଙ୍ଗଦେଶର ଜନମତ ଅରବିନ୍ଦଙ୍କ ପ୍ରତି ଢଳୁଛି ।...

''ଅରବିନ୍ଦ ସର୍ବଦା ବିଜୟୀ । ବର୍ତ୍ତମାନ ସେ ସ୍ୱଚ୍ଛନ୍ଦରେ ଯେତେ ଇଚ୍ଛା ସେତେ ଅର୍ଥର ବ୍ୟବସ୍ଥା କରି ପାରିବେ । କଂଗ୍ରେସର ଆଗାମୀ ଅଧିବେଶନସବୁର ଆଭିମୁଖ୍ୟ ସେ ନିରୂପଣ କରିବେ ଏବଂ ଆଇନର ଅକ୍ତିଆର ବାହାରେ ରହିପାରିବେ ।... କବିରାଜ ଉପେନ୍ଦ୍ରନାଥ ସେନ କହିଲେ – 'ସୁରେନ୍ଦ୍ର କ'ଣ କରିପାରିବ ? ଯାହା ଅନିବାର୍ଯ୍ୟ, ସେ ତାହା ଆଗରେ ନତମସ୍ତକ ହେବା ଜରୁରି ।'...

''ବାବୁ ସୁବୋଧଚନ୍ଦ୍ର ମଲ୍ଲିକଙ୍କ ସ୍ଥାନରେ କୁମାର ରାଜେନ୍ଦ୍ରନାଥ ମୁଖାର୍ଜି ଜାତୀୟତାବାଦୀ (ଚରମ ପନ୍ଥୀ) ଦଳର ସଭାପତି ହୋଇଛନ୍ତି । ଏ ସମ୍ମିଳନୀର ବ୍ୟୟ ବାବଦରେ ସେ ଆଠଶହ ଟଙ୍କା ଦେଇଛନ୍ତି । ଚରମପନ୍ଥୀ ତହବିଲକୁ ସେ ତାଙ୍କ ମାସିକ ପୃଷ୍ଠପୋଷକତା ଦ୍ୱିଗୁଣ କରିବାର ପ୍ରତିଶ୍ରୁତି ଦେଇଛନ୍ତି । ନାଡ଼ାଜୋଲ୍‌ର ରାଜା ଅରବିନ୍ଦଙ୍କୁ ଏକ ହଜାର ଦୁଇ ଶହ ଟଙ୍କା ଦେଇସାରିଛନ୍ତି – ସମ୍ଭବତଃ ଗତକାଲି ।''(୮)

ଏ ସମ୍ମିଳନୀକୁ ପଟଭୂମିରେ ରଖି ଶାସନକଳର ଶୀର୍ଷ ବ୍ୟକ୍ତିମାନଙ୍କ ଭିତରେ ଆଦାନ-ପ୍ରଦାନ ହେଲା ବେଶ୍ କେତେକ

ପତ୍ର ଓ ଟେଲିଗ୍ରାମ । ବଙ୍ଗର ମୁଖ୍ୟ ସଚୀବଙ୍କୁ ଏଫ୍ .ସି. ଡାଲିଙ୍କ ପ୍ରେରିତ ସନ୍ଦେଶର କିୟଦଂଶ :

''ଏହା ନିଶ୍ଚିତ ଭାବେ ସତ୍ୟ ଯେ ସମ୍ମିଳନୀରେ ପ୍ରତିନିଧିମାନଙ୍କର ବୃହତ୍ତମ ଅଂଶ ଅରବିନ୍ଦ ଘୋଷଙ୍କ ସପକ୍ଷରେ ଥିଲେ । ତେବେ ଏମାନେ ମୁଖ୍ୟତଃ ପୂର୍ବ ବଙ୍ଗର ଯୁବକଦଳ । ଯଦି ଯୁବକମାନଙ୍କ ସ୍ୱରକୁ ଆମେ ଜନସାଧାରଣଙ୍କର ବୋଲି ବିଚାର କରିବା ତେବେ ଅରବିନ୍ଦ ଘୋଷଙ୍କ ପାଖରେ ସୁରେନ୍ଦ୍ର ନାଥ ବାନାର୍ଜିଙ୍କର ସ୍ଥାନ ନାହିଁ । ମୋର ମନେ ହୁଏ ବୟସ୍କମାନଙ୍କ କଥା ଅଲଗା – ଯଦିଓ ବୟସ ନିର୍ବିଶେଷରେ ଅରବିନ୍ଦଙ୍କ ଦୃଢ଼ ସମର୍ଥକ ଥିବା କଥା ନିଃସନ୍ଦେହରେ ନିଶ୍ଚିତ ।... ସୁରେନ୍ଦ୍ରନାଥ ବିଷୟ ନିର୍ବାଚନ ସମିତି ଆଗରେ ସେ ନିଜେ ଅନ୍ତରରେ ଜଣେ ଚରମପନ୍ଥୀ ବୋଲି କହିବାର ମୁଁ ଜାଣି ନାହିଁ, ତେବେ ସେ ସେମିତି କହିବାରେ ମୁଁ ବିସ୍ମିତ ନୁହେଁ ।... ଚରମପନ୍ଥୀମାନେ ମାନ୍ଦାପନ୍ଥୀ ପ୍ରସ୍ତାବ ଗୃହୀତ ହେବାରେ ଆପତ୍ତି କରିବେ ନାହିଁ ବୋଲି ରାଜି ହେଲେ ଏହି ସର୍ତ୍ତରେ ଯେ – ଅରବିନ୍ଦଙ୍କୁ ଏକଥା ଘୋଷଣା କରିବାର ସ୍ୱାଧୀନତା ଦିଆଯିବ ଯେ ଏ ସମର୍ଥନର ଅର୍ଥ ସେମାନେ ନିଜ ଆଦର୍ଶରୁ ଓହରି ଆସିବା ନୁହେଁ ।...

''L ଲୋକଟି ଯିଏ ହୁଅନ୍ତୁ ନା କାହିଁକି, ସେ ଅତ୍ୟନ୍ତ ପ୍ରୟୋଜନୀୟ ତଥ୍ୟ ସଂଗ୍ରହ କରି ଆମକୁ ଜଣାଇବାକୁ ସମର୍ଥ ।... କୁମାର ରାଜେନ୍ଦ୍ରନାଥ ଚରମପନ୍ଥୀମାନଙ୍କର ଆର୍ଥିକ ପୃଷ୍ଠପୋଷକ ବୋଲି ଆମକୁ ଜଣା, କିନ୍ତୁ ନାଡ଼ାଜୋଲ ରାଜା ଅରବିନ୍ଦଙ୍କୁ ମୋଟା ଅର୍ଥ ଦେବା ବିଷୟରେ L ଅଧିକ ବିବରଣୀ ଦେଇ ପାରିଲେ ଭଲ ହୁଅନ୍ତା ।''(୯)

ବର୍ତ୍ତମାନ ଏ ସମ୍ମିଳନୀ ବିଷୟରେ ଶ୍ରୀଅରବିନ୍ଦଙ୍କ ନିଜ ବକ୍ତବ୍ୟ (ତୃତୀୟ ପୁରୁଷରେ) ଉପରେ ଧ୍ୟାନ ଦିଆଯାଉ :

''ହୁଗୁଳିରେ ଅନୁଷ୍ଠିତ ପ୍ରାଦେଶିକ ସମ୍ମିଳନୀରେ ସେ (ଶ୍ରୀଅରବିନ୍ଦ) ପୁନର୍ବାର ଦଳକୁ ନେତୃତ୍ୱ ଦେଲେ । ସେଠାରେ ଏହା ପରିଷ୍କାର ଜଣାପଡ଼ିଲା ଯେ ଜାତୀୟତାବାଦହିଁ ଅଗ୍ରଗତି କରୁଥିଲା । ପ୍ରତିନିଧିମାନଙ୍କ ଭିତରେ ସେମାନେ ଥିଲେ ସଂଖ୍ୟାଧିକ । ବିଷୟ ନିର୍ବାଚନ ସମିତିରେ ମାନ୍ଦାପନ୍ଥୀମାନେ 'ସଂସ୍କାର'କୁ ସ୍ୱାଗତ କରି ଗ୍ରହଣ କରିଥିବା ପ୍ରସ୍ତାବକୁ ଶ୍ରୀଅରବିନ୍ଦ ସେ 'ସଂସ୍କାର' ଅତ୍ୟନ୍ତ ସାମାନ୍ୟ ଏବଂ ଅବାସ୍ତବ ବୋଲି ଆଣିଥିବା ତାଙ୍କ ନିଜ ପ୍ରସ୍ତାବ ଯୋଗେ ପରାଜିତ କଲେ । କିନ୍ତୁ ମାନ୍ଦାପନ୍ଥୀ ନେତାମାନେ ସ୍ୱତନ୍ତ୍ର ହୋଇ ଯିବେ ବୋଲି ଭୟ ଦେଖାନ୍ତେ ସେମିତି ବିଭେଦ ଏଡ଼ାଇ ଦେବା ନିମନ୍ତେ ସେ ସେମାନଙ୍କ ପ୍ରସ୍ତାବ ଗୃହୀତ ହେବାକୁ ସମ୍ମତି ଦେଲେ, କିନ୍ତୁ ସର୍ବସାଧାରଣ ଅଧିବେଶନରେ ସେ ତାଙ୍କ ସିଦ୍ଧାନ୍ତର କାରଣ ବର୍ଣ୍ଣନା କଲେ ଓ ଜାତୀୟତାବାଦୀମାନଙ୍କୁ ଏଥିରେ ସମ୍ମତ ହେବାକୁ ନିର୍ଦ୍ଦେଶ ଦେଲେ – ସେମାନଙ୍କର ବିଜୟ ସତ୍ତ୍ୱେ ବଙ୍ଗଦେଶର ରାଜନୈତିକ ଶକ୍ତିସମୂହରେ କିଛି ଏକତାର ଧାରଣା ବଜାୟ ରଖିବା ନିମନ୍ତେ । ଜାତୀୟତାବାଦୀ ପ୍ରତିନିଧିମାନେ ପ୍ରଥମେ ବିଜୟୋଲ୍ଲସିତ ଓ ଆନନ୍ଦମୁଖର ଥାଇ ସିଦ୍ଧାନ୍ତକୁ ଗ୍ରହଣ କରି ନେଲେ ଏବଂ ଶ୍ରୀଅରବିନ୍ଦଙ୍କ ଆଦେଶରେ ସଭାସ୍ଥଳରୁ ବାହାରିଗଲେ – ଯାହା ଦ୍ୱାରା ସେମାନଙ୍କୁ ମାନ୍ଦାପନ୍ଥୀ ପ୍ରସ୍ତାବର ସପକ୍ଷରେ ବା ବିପକ୍ଷରେ ମତ ଦେବାକୁ ପଡ଼ିବ ନାହିଁ । ମାନ୍ଦାପନ୍ଥୀ ନେତୃବୃନ୍ଦଙ୍କୁ ଏହା ଚମତ୍କୃତ କଲା ତଥା ଆସ୍ୱସ୍ତି ଆଣିଦେଲା । ସେମାନଙ୍କ ଅଭିଯୋଗ, ଲୋକେ ସେମାନଙ୍କର ପରୀକ୍ଷିତ ତଥା ପୁରୁଖା ନେତାମାନଙ୍କ ବକ୍ତବ୍ୟ ପ୍ରତ୍ୟାଖ୍ୟାନ କଲେ ଏବଂ ସେମାନଙ୍କ ବିରୁଦ୍ଧରେ ଚିତ୍କାର କଲେ, ଅଥଚ ରାଜନୀତିକୁ ନବାଗତ ଜଣେ ଯୁବକର ନିର୍ଦ୍ଦେଶକୁ ସେମାନେ ଶୃଙ୍ଖଳିତ ନୀରବତା ସହକାରେ ପାଳନ କଲେ – ସଭିଏଁ ଗୋଟିଏ ସତ୍ତା ଭଳି ।''(୧୦)

ଅନେକ ମତାମତ ବିନିମୟ ପରେ ୧୯୦୯ ଅକ୍ଟୋବର ଦୁଇ ତାରିଖରେ ବ୍ରିଟିଶ ଭାରତର ବଡ଼ଲାଟ ଲର୍ଡ଼ ମିଣ୍ଟୋ ନିମ୍ନୋକ୍ତ ବିଜ୍ଞପ୍ତି ସଂପୃକ୍ତ ବ୍ୟକ୍ତିବର୍ଗ ଭିତରେ ବିତରଣ ନିମନ୍ତେ ମଞ୍ଜୁରି ଦେଲେ । ଏଥିରେ ଦସ୍ତଖତ କରିଥିଲେ ଏଚ୍.ଏ.ଷ୍ଟାର୍ଟ ଏବଂ ଏଚ୍. ଏଚ୍. ରିସ୍‌ଲେ :

''ଏଥିରେ ସନ୍ଦେହ ନାହିଁ ଯେ ଯଦି ସାମୂହିକ ବର୍ଜନ (boycott) ଆନ୍ଦୋଳନ ସଫଳ ହୁଏ ତେବେ ତାହା ଅରବିନ୍ଦ ଘୋଷଙ୍କ ଦ୍ୱାରା ଘୋଷିତ ଚରମପନ୍ଥାରେ ହିଁ ହେବ । ମିଷ୍ଟର ପାର୍‌ନେଲ ମି: ବାଟ୍‌ଙ୍କୁ ତଡ଼ି ଦେବା ପ୍ରାୟେ ସୁରେନ୍ଦ୍ରନାଥ ବାନାର୍ଜିଙ୍କୁ ପଛରେ ପକାଇ ଅରବିନ୍ଦ ଅଗ୍ରସର ହେବେ । ଲୋକଙ୍କ ପାଇଁ ଚରମପନ୍ଥୀ କାର୍ଯ୍ୟକ୍ରମ ଅଧିକ ଯୁକ୍ତିପୂର୍ଣ୍ଣ ଏବଂ ଉତ୍ସାହ-ଉଦ୍ଦୀପକ । ମହାମାନ୍ୟ ବଡ଼ଲାଟଙ୍କ ଅନୁମତି କ୍ରମେ ଏ ବିଜ୍ଞପ୍ତି ବିତରିତ ହୋଇପାରେ ।''(୧୧)

ଆଇସାକ୍ ବାଟ୍ (୧୮୧୩-୧୮୭୯) ଊନବିଂଶ ଶତାବ୍ଦୀରେ ଆୟାର୍ଲାଣ୍ଡର ସବୁଠୁଁ ପ୍ରଭାବଶାଳୀ ନେତା ଥିଲେ । ଚାର୍ଲସ୍ ଷ୍ଟୁଆର୍ଟ ପାର୍ନେଲ (୧୮୪୬-୧୮୯୧) ଆଇରିସ୍ ଆନ୍ଦୋଳନକୁ ବିପ୍ଳବମୁଖୀ କଲେ । 'ବନ୍ଦେ ମାତରମ୍'ରେ ଶ୍ରୀଅରବିନ୍ଦ ''The Doctrine of Passive Resistance'' ଶୀର୍ଷକ

ସନ୍ଦର୍ଭମାଳାରେ (୧୯୦୭ ଏପ୍ରିଲ) ପାର୍ନେଲଙ୍କୁ ପ୍ରଶଂସା କରିଥିଲେ । ଉପରୋକ୍ତ ବିଜ୍ଞପ୍ତିର ବିଜ୍ଞ ପ୍ରଣେତା ସେ ସନ୍ଦର୍ଭମାଳା ପଢ଼ିଥାଇ ପାରନ୍ତି !

କିବାଶ୍ଚର୍ଯ୍ୟ – ଏଣିକି ସନ୍ତ୍ରସ୍ତ ଶାସକବର୍ଗ କୌଣସି ନା କୌଣସି ଉପାୟରେ ଶ୍ରୀଅରବିନ୍ଦଙ୍କୁ ପୁନର୍ବାର କାରାରୁଦ୍ଧ ନତୁବା ଦ୍ୱୀପାନ୍ତରିତ କରିବା ନିମନ୍ତେ ଯାବତୀୟ ସମ୍ଭାବ୍ୟ ମାର୍ଗର ସନ୍ଧାନରେ ବା ଉଦ୍‌ଭାବନରେ ବ୍ୟାପୃତ ହେବେ !

(କ୍ରମଶଃ) ❑

---

## ତଥ୍ୟ ନିର୍ଦ୍ଦେଶିକା


୧. Lizelle Reymond : *The Dedicated : A Biography of Nivedita.*

୨. ଜ୍ୟୋତିଷ ଚନ୍ଦ୍ର ଘୋଷ : Life Work of Sri Aurobindo; ଆତ୍ମଶକ୍ତି ଲାଇବ୍ରେରି, କଲିକତା, ୧୯୨୯ ।

୩. The Bengalee (Editorial) : ୮ ସେପ୍ଟେମ୍ବର ୧୯୦୭ ।

୪. The Government of Bengal Confidential File (No. 13 of 1909).

୫. ତତ୍ରୈବ ।

୬. ତତ୍ରୈବ (Tel. No. 1764 P. D.) ।

୭. ତତ୍ରୈବ (No. 13 of 1909) ।

୮. ତତ୍ରୈବ ।

୯. ତତ୍ରୈବ ।

୧୦. Sri Aurobindo on Himself, SABCL, Vol. 26.

୧୧. The Government of Bengal Confidential File. ❑


କିନ୍ତୁ ତୁମେ ଯାହା ବି ଚାହୁଁଥାଅ ନା କାହିଁକି, ତୁମର ପ୍ରଚେଷ୍ଟା ଯାହା ବି ହେଉ ନା କାହିଁକି, ଏପରିକି ଜ୍ଞାନର ଉପଯୋଗ କରି ଓ ସାମର୍ଥ୍ୟର ପ୍ରୟୋଗ କରି ତୁମର ସର୍ବୋତ୍ତମ ପ୍ରଚେଷ୍ଟାରେ ଲାଗିଥିବା ବେଳେ ମଧ୍ୟ ତୁମକୁ ଏହା ଅନୁଭବ କରିବାକୁ ହେବ ଯେ ଫଳାଫଳ ନିର୍ଭର କରେ ଭଗବତ୍ କୃପା ଉପରେ । ତୁମେ ଥରେ ଯୋଗର ମାର୍ଗ ଗ୍ରହଣ କରିବା ପରେ, ତୁମେ ଯାହା ବି କରନା କାହିଁକି, ତାହା ଏକ ସମ୍ପୂର୍ଣ୍ଣ ସମର୍ପଣର ଭାବ ନେଇ କରିବା ଉଚିତ । ତୁମର ମନୋଭାବ ଏହାହିଁ ହେବା ଉଚିତ ଯେ,– ‘‘ମୁଁ ଅଭୀପ୍ସା କରୁଛି, ମୋର ଅପୂର୍ଣ୍ଣତାଗୁଡ଼ିକ ଦୂର କରିବା ପାଇଁ ଚେଷ୍ଟା କରୁଛି, ସର୍ବୋତ୍ତମ ପ୍ରଯତ୍ନ କରୁଛି, କିନ୍ତୁ ଫଳାଫଳ ପାଇଁ ମୁଁ ନିଜକୁ ପୂରାପୂରି ଛାଡ଼ି ଦେଉଛି ଭଗବାନଙ୍କ ହାତରେ ।’’

– ଶ୍ରୀମା

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## (ଷୋଡ଼ଶ ଅଧ୍ୟାୟ)

## ଅବତାରତ୍ୱର ପ୍ରଣାଳୀ

ଶେଖ ଅବଦୁଲ କାଶମ

ମନୁଷ୍ୟର ବ୍ୟକ୍ତିଗତ ଆତ୍ମା ହେଉଛି ଭଗବାନଙ୍କର ଏକ ଅଂଶ । ଭଗବାନଙ୍କ ଆଂଶିକ ଚେତନା, ଆଂଶିକ ଶକ୍ତି ଓ ଆଂଶିକ ଆନନ୍ଦ ନେଇ ମନୁଷ୍ୟ ଜନ୍ମ ହୋଇଥାଏ । ମାତ୍ର ସେ ଏ କଥା ଭୁଲି ଯାଇଥାଏ ଯେ ସେ ଭଗବାନଙ୍କଠାରୁ ଆସିଛି ଏବଂ ଭଗବାନ୍ ତା'ର ଅନ୍ତରରେ ଅଧିଷ୍ଠିତ ଅଛନ୍ତି । ସେ ଭାଗବତ ଉପାଦାନରେ ଗଢ଼ା ହୋଇଥାଏ ସତ, ମାତ୍ର ମାୟା ବା ପ୍ରକୃତି ତାକୁ କବଳିତ କରି ରଖିଥାଏ । ଅନ୍ୟ ପକ୍ଷରେ ଯେତେବେଳେ ସ୍ୱୟଂ ଭଗବାନ୍ ଅବତାର ରୂପେ ମାନବ-ଶରୀରରେ ଅବତୀର୍ଣ୍ଣ ହୁଅନ୍ତି ସେତେବେଳେ ତାଙ୍କ ଦିବ୍ୟ-ବ୍ୟକ୍ତିତ୍ୱ ମାନବ-ପ୍ରକୃତିର ଆବରଣ ଭେଦ କରି ବାହାରକୁ ଫୁଟି ପଡ଼େ । ଅବତାରଙ୍କ ଭିତରେ ଭଗବାନଙ୍କର ଯେଉଁ ଚିହ୍ନ ଓ ଲକ୍ଷଣସବୁ ଦେଖାଯାଏ ତାହା ପ୍ରକୃତରେ ବାହ୍ୟ ବା ଭୌତିକ ଚିହ୍ନ ନୁହେଁ, ତାହା ଆନ୍ତର ଓ ଆତ୍ମିକ ଚିହ୍ନ । ଯେଉଁମାନଙ୍କ ଅଧ୍ୟାତ୍ମଭାବ ଓ ସୂକ୍ଷ୍ମ ଦୃଷ୍ଟି ରହିଥାଏ ସେମାନେ ଅବତାରଙ୍କୁ ସ୍ପଷ୍ଟଭାବେ ଚିହ୍ନି ପାରନ୍ତି । ମାତ୍ର ଆସୁରିକ ପ୍ରକୃତିର ବ୍ୟକ୍ତିମାନେ ଅବତାରଙ୍କ କେବଳ ବାହ୍ୟସତ୍ତାକୁ ଦେଖି ତାଙ୍କୁ ସାଧାରଣ ମନୁଷ୍ୟ ବୋଲି ବିବେଚନା କରନ୍ତି । ଭୀଷ୍ମ, ଅକ୍ରୁର, ବିଦୁର, ଉଦ୍ଧବ ପ୍ରଭୃତି ବ୍ୟକ୍ତିମାନେ କୃଷ୍ଣଙ୍କ ଅବତାର-ସ୍ୱରୂପକୁ ଚିହ୍ନି ପାରି ତାଙ୍କ ପ୍ରତି ଭକ୍ତିଭାବ ପ୍ରଦର୍ଶନ କରିଥିଲେ, ମାତ୍ର ଦୁର୍ଯ୍ୟୋଧନ, ଦୁଃଶାସନ, କଂସ, ଶିଶୁପାଳ ଭଳି ଆସୁରିକ ସ୍ୱଭାବର ବ୍ୟକ୍ତିମାନେ କୃଷ୍ଣଙ୍କ ଅସଲ ସ୍ୱରୂପକୁ ଜାଣି ନପାରି ତାଙ୍କ ପ୍ରତି ଅବଜ୍ଞାଭାବ ବା ଶତ୍ରୁତାଭାବ ପୋଷଣ କରିଥିଲେ ।

ସାଧାରଣ ମାନବଙ୍କ କ୍ଷେତ୍ରରେ ପ୍ରକୃତି ଭାବଟାହିଁ ମୁଖ୍ୟ ହୋଇଥିବା ବେଳେ ଅବତାରଙ୍କ ମନୁଷ୍ୟଜନ୍ମ କ୍ଷେତ୍ରରେ ଈଶ୍ୱର ଭାବ ହିଁ ମୁଖ୍ୟ ହୋଇଥାଏ । ଅର୍ଥାତ୍ ଅବତାରଙ୍କ କ୍ଷେତ୍ରରେ ସ୍ୱୟଂ ଭଗବାନ୍ ପ୍ରକୃତିକୁ ଅଧିକାର କରି ତାକୁ ଦିବ୍ୟଭାବରେ ପରିଚାଳିତ କରିଥା'ନ୍ତି । ଯେତେବେଳେ ଅବତାର ଆସନ୍ତି ସେ ସାଧାରଣ ମନୁଷ୍ୟଙ୍କ ପରି ଆପଣାର କ୍ରମ-ବିବର୍ତ୍ତନ ସାଧନ କରିବାକୁ ଆସି ନଥା'ନ୍ତି । ଅବତାରତ୍ୱ ହେଉଛି ମାନବୀୟତା ମଧ୍ୟକୁ ଭଗବାନଙ୍କର ପ୍ରତ୍ୟକ୍ଷ ଅବତରଣ ଯଦ୍ଦ୍ୱାରା ପୃଥିବୀର ସାମୂହିକ ବିବର୍ତ୍ତନ ତ୍ୱରାନ୍ୱିତ ହୋଇଥାଏ ।

ଅବତାରଙ୍କ ଜୀବନ-ଦୃଷ୍ଟାନ୍ତକୁ ଦେଖି ମନୁଷ୍ୟମାନେ ଜାଣିପାରନ୍ତି ଏଇ ପୃଥିବୀରେହିଁ କିପରି ଦିବ୍ୟ ଭାବରେ ଜୀବନ ବଞ୍ଚି ହେବ । ଶ୍ରୀଅରବିନ୍ଦଙ୍କ ଭାଷାରେ, "It is to give a dharma, a religion,– not a mere creed, but a method of inner and outer living,– a way, a rule and law of self-moulding by which he can grow towards divinity."

(Essays on the Gita, p. 159)

ଅର୍ଥାତ୍ ''ଅବତାରତ୍ୱର ଉଦ୍ଦେଶ୍ୟ ହେଉଛି ମନୁଷ୍ୟକୁ ଏକ ଧର୍ମ ପ୍ରଦାନ କରିବା, କେବଳ ଏକ ସାମ୍ପ୍ରଦାୟିକ ମତବାଦ ନୁହେଁ, କିନ୍ତୁ ଅନ୍ତର୍ଜୀବନ ଓ ବହିର୍ଜୀବନର ଏକ ପଦ୍ଧତି ଦେଇଯିବା, ଏକ ମାର୍ଗ, ଆତ୍ମଗଠନର ଏପରି ଏକ ନିୟମ ଓ ବିଧାନ ଦେଇଯିବା ଯାହା ଦ୍ୱାରା କି ମନୁଷ୍ୟ ଦିବ୍ୟତ୍ୱ ଦିଗରେ ଅଭିବୃଦ୍ଧି ଲାଭ କରିପାରେ ।''

(ଗୀତା-ନିବନ୍ଧମାଳା, ପୃ. ୧୯୦)

ଅବତାର-ଗ୍ରହଣ ସମଗ୍ର ମାନବଜାତିର କଲ୍ୟାଣ ନିମିତ୍ତ ଉଦ୍ଦିଷ୍ଟ । ବିବର୍ତ୍ତନଶୀଳ ମାନବ-ଆତ୍ମାକୁ ବ୍ୟକ୍ତିଗତ ତଥା ସାମୂହିକ ଭାବରେ ଦିବ୍ୟତ୍ୱ ଆଡ଼କୁ ଅଗ୍ରସର କରାଇ ନେବା ପାଇଁ ଏହା ଭଗବାନଙ୍କର ଏକ ଦିବ୍ୟ ପଦକ୍ଷେପ । ବିବର୍ତ୍ତନ ପଥରେ ଆଗେଇ ଯାଉଥିବା ବେଳେ ମାନବସମାଜ ଯଦି ଗଭୀର ସଂକଟର ସମ୍ମୁଖୀନ ହୁଏ ତେବେ ତାକୁ ସେଥିରୁ ଉଦ୍ଧାର କରିବା ତଥା ଏକତ୍ର କରି ତାକୁ ଧରି ରଖିବା ହେଉଛି ଅବତାରଙ୍କ କାର୍ଯ୍ୟ । ମାନବଜାତିର ଊର୍ଦ୍ଧ୍ୱମୁଖୀ ବା ଈଶ୍ୱରାଭିମୁଖୀ ପ୍ରୟାସକୁ ସହାୟତା ଓ ସୁରକ୍ଷା ପ୍ରଦାନ କରିବା ନିମିତ୍ତ ତଥା ଏହି ପ୍ରୟାସର ବିରୋଧୀ ଅଶୁଭ ଶକ୍ତିମାନଙ୍କୁ ଧ୍ୱଂସ କରିବା ନିମିତ୍ତ ଅବତାରଙ୍କ ଆଗମନ ଘଟେ । ପ୍ରତ୍ୟେକ ଅବତାର ଚାହାନ୍ତି ପୃଥିବୀରେ ଭଗବତ୍ ରାଜ୍ୟ ପ୍ରତିଷ୍ଠିତ ହେଉ, ଶୁଭକାମୀ

ସାଧକମାନେ ଆଲୋକ ଓ ପୂର୍ଣ୍ଣତା ଲାଭ କରନ୍ତୁ । ସେ ଦିଗରେ ତାଙ୍କର ଶ୍ରମକ୍ଲିଷ୍ଟ ପ୍ରୟାସ ଅତୁଳନୀୟ ।

ଭଗବାନ୍ ମାନବୀୟ ମନ ଓ ମାନବୀୟ ଶରୀର ନେଇ ପୃଥିବୀରେ ପ୍ରକଟ ହୁଅନ୍ତି କାରଣ ତଦ୍ୱାରା ସାଧାରଣ ମନୁଷ୍ୟମାନେ ତାଙ୍କର ସନ୍ନିକଟକୁ ଆସି ପାରିବେ, ତାଙ୍କ ସହିତ ସଂଯୁକ୍ତ ହୋଇ ତାଙ୍କ ଦ୍ୱାରା ଦିବ୍ୟଭାବରେ ପରିଚାଳିତ ହୋଇ ପାରିବେ । ମନୁଷ୍ୟର ଅନ୍ତରରେ ଭଗବାନ୍ ଚିରନ୍ତନ ଅବତାର ରୂପେ ଅଭିବ୍ୟକ୍ତ ହୋଇଥା'ନ୍ତି ଏବଂ ଯୁଗର ପ୍ରୟୋଜନ ଅନୁସାରେ ମାନବଜାତିର ବିବର୍ତ୍ତନଗତ ସଂକଟ କାଳରେ ସେ ବାହ୍ୟତଃ ଖ୍ରୀଷ୍ଟ, କୃଷ୍ଣ ବା ବୁଦ୍ଧ ରୂପରେ ମଧ୍ୟ ଅଭିବ୍ୟକ୍ତ ହୋଇଥା'ନ୍ତି । ଏହି ଉଭୟ ଅଭିବ୍ୟକ୍ତିର ଏକ ହିଁ ମୂଳ ଉଦ୍ଦେଶ୍ୟ, ତାହା ହେଲା – ଦିବ୍ୟତ୍ୱ ଦିଗରେ ମନୁଷ୍ୟର ଅଭିବୃଦ୍ଧି । ଅବତାର ଇହଧାମ ଛାଡ଼ି ଚାଲିଗଲା ପରେ ମଧ୍ୟ ତାଙ୍କର ପ୍ରଭାବ ପାର୍ଥିବ ବାତାବରଣରେ ଜୀବନ୍ତ ଓ ସକ୍ରିୟ ହୋଇ ରହିଥାଏ ଏବଂ ଅଭୀପ୍ସୁ ମାନବମାନଙ୍କୁ ତାଙ୍କର ଚେତନା ଓ ସୂକ୍ଷ୍ମ ଉପସ୍ଥିତି ଆଧ୍ୟାତ୍ମିକ ପଥରେ ମାର୍ଗଦର୍ଶନ କରିଥାଏ ।

ବର୍ତ୍ତମାନ ଆଲୋଚ୍ୟ ବିଷୟ ହେଲା ଅବତାର ଗ୍ରହଣର ପ୍ରଣାଳୀଟି କ'ଣ ? କେଉଁ ଧାରାରେ ଅବତାରଙ୍କର ଆବିର୍ଭାବ ସଂଘଟିତ ହୁଏ ? ଆମେ ଜାଣୁ ଯେ କେତେକ ମନୁଷ୍ୟଙ୍କ ଭିତରେ ଭଗବାନଙ୍କ ଦିବ୍ୟଗୁଣଗୁଡ଼ିକର ଅସାଧାରଣ ପ୍ରକାଶ ଘଟେ । ସେମାନଙ୍କୁ ଆମେ ବିଭୂତି ବୋଲି କହୁ । ତେବେ ଜଣେ ମହାନ୍ ବିଭୂତିଙ୍କୁ କ'ଣ ଅବତାର ବୋଲି କୁହାଯିବ ? ଏ ସମ୍ପର୍କରେ ଶ୍ରୀଅରବିନ୍ଦଙ୍କ ମତ ହେଲା ଜଣେ ଅବତାର ବିଭୂତି ହୋଇ ପାରିବେ, ମାତ୍ର ଜଣେ ବିଭୂତି ଅବତାର ହୋଇ ପାରିବେ ନାହିଁ ।

ଶ୍ରୀକୃଷ୍ଣ ନିଜକୁ ଏକାଧାରରେ ଅବତାର ଓ ବିଭୂତି ରୂପେ ଅଭିବ୍ୟକ୍ତ କରିଥିଲେ । ସେ ନିଜର ଦିବ୍ୟ ଆନ୍ତରସତ୍ତାରେ ମାନବରୂପଧାରୀ ସ୍ୱୟଂ ଈଶ୍ୱର ଥିଲେ । ପୁଣି ତାଙ୍କର ବାହ୍ୟ ମାନବସତ୍ତାରେ ସେ ଥିଲେ ସେହି ଯୁଗର ନେତା, ବୃଷ୍ଣିକୁଳର ପ୍ରଧାନ ପୁରୁଷ । ଗୀତାରେ ଭଗବାନ୍ ପ୍ରକାଶ କରିଛନ୍ତି –

''ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଞ୍ଜୟଃ ।
ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନା କବିଃ ।।''
(୧୦/୩୭)

ଅର୍ଥାତ୍ ''ମୁଁ ବୃଷ୍ଣିବଂଶୀମାନଙ୍କ ମଧ୍ୟରେ ବସୁଦେବସୁତ ଶ୍ରୀକୃଷ୍ଣ ଓ ପାଣ୍ଡବମାନଙ୍କ ମଧ୍ୟରେ ଧନଞ୍ଜୟ । ମୁନିମାନଙ୍କ ମଧ୍ୟରେ ମୁଁ ବ୍ୟାସଦେବ ଓ କବିମାନଙ୍କ ମଧ୍ୟରେ କବି ଉଶନା ମଧ୍ୟ ମୁଁ ।''

ଏଥିରୁ ଜଣାଗଲା ଯେ ଯିଏ ଅବତାର ସେ ମଧ୍ୟ ବିଭୂତି । ପ୍ରକୃତିର ଦୃଷ୍ଟିକୋଣରୁ ଦେଖିଲେ ଘଟଣାଟି ଏହିପରି, କିନ୍ତୁ ଆତ୍ମାର ଦୃଷ୍ଟିକୋଣରୁ ନୁହେଁ । ବିଭୂତି ହେଉଛନ୍ତି ଭଗବାନଙ୍କ ଅନନ୍ତ ଗୁଣ ଓ ସାମର୍ଥ୍ୟ ମଧ୍ୟରୁ ଏକ ମହତ୍ତର ଗୁଣ ବା ସାମର୍ଥ୍ୟକୁ ପ୍ରକାଶ କରୁଥିବା ଅସାଧାରଣ ବ୍ୟକ୍ତି । କିନ୍ତୁ ସେ ଅବତାର ନୁହନ୍ତି । ବ୍ୟାସ ଓ ଅର୍ଜୁନ ହେଉଛନ୍ତି ଶ୍ରୀକୃଷ୍ଣଙ୍କ ସମସାମୟିକ, ସେମାନେ ଭଗବାନଙ୍କର ଏକ ଏକ ବିଭୂତି, ମାତ୍ର ଅବତାର ନୁହନ୍ତି ।

କେବଳ ଭାଗବତ ଗୁଣ ଓ ସାମର୍ଥ୍ୟ ଥିଲେ ଜଣେ ଅବତାର ହୋଇ ପାରିବେ ନାହିଁ । ଅବତାର ହେବା ପାଇଁ ତାଙ୍କ ଭିତରେ ସ୍ୱୟଂ ଭଗବାନ୍ ଓ ପରମାତ୍ମା ରୂପେ ନିଜ ଦିବ୍ୟ ଉପସ୍ଥିତି ଦ୍ୱାରା ମାନବୀୟ ପ୍ରକୃତିକୁ ପରିଚାଳିତ କରୁଥିବାର ଆନ୍ତର ଚେତନା ରହିବା ଆବଶ୍ୟକ । ଅବତାର ହେଉଛନ୍ତି ଭଗବାନଙ୍କର ଏପରି ଏକ ବିଶେଷ ଅଭିବ୍ୟକ୍ତି ଯିଏକି କେବଳ ପରଦାର ଅନ୍ତରାଳରେ ନୁହେଁ, ବାହ୍ୟ ପ୍ରକୃତିରେ ମଧ୍ୟ ନିଜ ଭଗବତ୍ ସ୍ୱରୂପ ସମ୍ପର୍କରେ ସଚେତନ ହୋଇ ରହିଥା'ନ୍ତି । ବାସ୍ତବରେ ଏହା ହେଉଛି ଊର୍ଦ୍ଧ୍ୱରୁ ସଂଘଟିତ ହୋଇଥିବା ଏକ ଦିବ୍ୟଜନ୍ମ ।

ଏକ ମାନବ-ଆତ୍ମା ବିଶେଷ ଆଧ୍ୟାତ୍ମିକ ପ୍ରୟାସ ଦ୍ୱାରା ନିଜ ଭିତରକୁ ଭଗବାନଙ୍କର ଅବତରଣ ଘଟାଇ ପାରନ୍ତି । ସେ ନିଜର ଗଭୀର ଆସ୍ପୃହା ଦ୍ୱାରା ଭଗବତ୍ କୃପା ପ୍ରାପ୍ତ ହୋଇ ଭଗବାନଙ୍କ ଚେତନା ଦ୍ୱାରା ଅଧିକୃତ ହୋଇ ପାରନ୍ତି । ମାତ୍ର ଏହାକୁ ଅବତାରତ୍ୱ କୁହାଯିବ ନାହିଁ । ମନୁଷ୍ୟ ଭାଗବତ ଚେତନାରେ ଅଭିବୃଦ୍ଧି ଲାଭ କରି ପରିଶେଷରେ ନିଜର ବ୍ୟକ୍ତି-ସତ୍ତାକୁ ଏକ ଅନନ୍ତ ଓ ବିଶ୍ୱମୟ ସତ୍ତା ଭିତରେ ମିଶାଇ ଦେଇପାରେ କିଂବା ଏକ ବିଶ୍ୱାତୀତ ପରମସତ୍ତାଙ୍କ ଭିତରେ ନିଜକୁ ହଜାଇ ଦେଇପାରେ । ସେ ଆତ୍ମା ସହିତ, ବ୍ରହ୍ମ ସହିତ ବା ଭଗବାନଙ୍କ ସହିତ ଏକାତ୍ମତା ଲାଭ କରିପାରେ । ଗୀତାରେ ମଧ୍ୟ ଜୀବ ବ୍ରହ୍ମ ହୋଇଯିବା କଥା (ବ୍ରହ୍ମଭୂତ) ଉଲ୍ଲେଖ କରାଯାଇଛି । ମାତ୍ର ପ୍ରକୃତ କଥା ହେଉଛି ଏଠାରେ ଭଗବାନଙ୍କ ଭିତରେ ବାସ କରିବା କଥା କୁହାଯାଇଛି । କିନ୍ତୁ ଜୀବ ସ୍ୱୟଂ ଭଗବାନ୍ ବା ପୁରୁଷୋତ୍ତମ ହୋଇଯିବା କଥା ଗୀତାରେ କେଉଁଠି ବି କୁହାଯାଇ ନାହିଁ । ଏହା ସତ ଯେ ଜୀବ ହେଉଛି ଭଗବାନଙ୍କର

ଅଂଶସତ୍ତା (ମମୈବାଂଶ) । ସାଧନା ଦ୍ୱାରା, ଊର୍ଦ୍ଧ୍ୱାରୋହଣର ପ୍ରୟାସ ଦ୍ୱାରା ଜୀବ ନିଜ ଭିତରେ ଈଶ୍ୱରଙ୍କୁ ଉପଲବ୍ଧି କରିପାରେ, ତା' ଭିତରେ ଦିବ୍ୟଜନ୍ମ ସମ୍ଭବ ହୋଇପାରେ, ମାତ୍ର ତଥାପି ଏହା ଅବତାରତ୍ୱ ନୁହେଁ । ବୌଦ୍ଧ ଧର୍ମର ଭାଷାରେ କହିଲେ ଏହା ହେଉଛି ବୁଦ୍ଧତ୍ୱ ପ୍ରାପ୍ତି, ଏକ ଅନନ୍ତ ଅତିଚେତନା ପ୍ରତି ଜାଗରଣ । ମାତ୍ର ଏହା ସହିତ ନିଜେ ଅବତାର ହୋଇଥିବାର ଆନ୍ତର ଚେତନା ନଥାଏ ।

କେତେକ ସ୍ଥଳରେ ମହାମନୀଷୀ ଓ ବୀର ପୁରୁଷମାନଙ୍କୁ ଅଂଶାବତାର ବୋଲି କୁହାଯାଇଥାଏ । ବୈଷ୍ଣବ ପରମ୍ପରାରେ କେତେକ ସାଧୁପୁରୁଷଙ୍କୁ ବିଷ୍ଣୁଙ୍କର ପ୍ରତୀକାତ୍ମକ ଜୀବନ୍ତ ଅସ୍ତ୍ରଶସ୍ତ୍ରର ଅବତାର ବୋଲି ବିଶ୍ୱାସ କରାଯାଏ । ଉଦାହରଣସ୍ୱରୂପ ବଳରାମଙ୍କୁ ବିଷ୍ଣୁଙ୍କର ଏକ ଅସ୍ତ୍ରର ଅବତାର ବୋଲି କୁହାଯାଏ । ଭଗବାନଙ୍କ କୌଣସି ଗୁଣ ବା ଐଶ୍ୱର୍ଯ୍ୟ ବିଶେଷଭାବେ କୌଣସି ସନ୍ଥ ବା ଭକ୍ତଙ୍କ ଭିତରେ ଅଭିବ୍ୟକ୍ତ ହେଲେ ତାଙ୍କୁ ଭଗବାନଙ୍କ ଅଂଶାବତାର ବୋଲି କୁହାଯାଇପାରେ । ମାତ୍ର ଏହା ଅବତାରତ୍ୱକୁ ପ୍ରମାଣିତ କରିବା ପାଇଁ ଯଥେଷ୍ଟ ନୁହେଁ । ବେଳେ ବେଳେ ପୁରୁଷୋତ୍ତମଙ୍କ ଊର୍ଦ୍ଧ୍ୱତର ଦିବ୍ୟ-ଚେତନା ସ୍ୱୟଂ କୌଣସି ମାନବଙ୍କ ଭିତରେ ମଧ୍ୟ ଅବତରଣ କରିପାରେ । ଶ୍ରୀଚୈତନ୍ୟଙ୍କ କ୍ଷେତ୍ରରେ ଏପରି ଘଟିଥିଲା । ଯଦିଓ ସେ ସାଧାରଣ ଚେତନାରେ ଭଗବାନଙ୍କର ଜଣେ ପରମ ଭକ୍ତ ଓ ପ୍ରେମିକ ଥିଲେ, ମାତ୍ର କେତେକ ଅସାଧାରଣ ମୁହୂର୍ତ୍ତରେ ତାଙ୍କ ଭିତରେ ଶ୍ରୀକୃଷ୍ଣଙ୍କ ଅବତରଣ ଘଟୁଥିଲା ଏବଂ ସେ ସ୍ୱୟଂ ଶ୍ରୀକୃଷ୍ଣଙ୍କ ଭଳି କଥାବାର୍ତ୍ତା ଓ ଆଚରଣ କରୁଥିଲେ । ତେବେ ତାଙ୍କୁ ଅଂଶାବତାର ବୋଲି କହିବା ଯଥାର୍ଥ ହେବ ।

ପ୍ରସଙ୍ଗକ୍ରମେ ଶ୍ରୀଅରବିନ୍ଦ ଖ୍ରୀଷ୍ଟିଆନ ଧର୍ମରେ ଥିବା ତ୍ରିସତ୍ତା-ବାଦ (Trinity) ବିଷୟରେ ଉଲ୍ଲେଖ କରିଛନ୍ତି । ଏହି ମତବାଦ ଅନୁସାରେ ସ୍ୱର୍ଗରେ ରହିଛନ୍ତି ପରମପିତା (Holy Father), ସେ ତାଙ୍କର ପୁତ୍ର (ଯିଶୁଖ୍ରୀଷ୍ଟ)ଙ୍କୁ ପୃଥିବୀକୁ ପଠାଇଛନ୍ତି ମାନବସମାଜର ଉଦ୍ଧାର ନିମିତ୍ତ । ତୃତୀୟରେ ରହିଛନ୍ତି ପବିତ୍ର ଆତ୍ମା (Holy Spirit) । ଏହି ମତବାଦକୁ ଗୀତା ଦୃଷ୍ଟିରୁ ଆଲୋଚନା କରି କୁହାଯାଇ ପାରିବ ଯେ ପବିତ୍ର ପିତା ହେଉଛନ୍ତି ପରମେଶ୍ୱର ବା ପୁରୁଷୋତ୍ତମ, ଯିଏକି ଉଭୟ ବ୍ୟକ୍ତିଗତ ଓ ବିଶ୍ୱଗତ ଦିବ୍ୟସତ୍ତାଙ୍କ ଊର୍ଦ୍ଧ୍ୱରେ ରହିଛନ୍ତି । ସେ ପୁଣି ରହିଛନ୍ତି ସତ୍ତାର ଆନ୍ତର ସ୍ୱର୍ଗରେ, ପୁରାଣବର୍ଣ୍ଣିତ ସ୍ୱର୍ଗରେ ନୁହେଁ । ସେଇ ପୁରୁଷୋତ୍ତମଙ୍କର ପ୍ରକୃତି (ପରାପ୍ରକୃତି) ଯାହା ଆଲୋକ ଓ ଜ୍ଞାନରେ ପରିପୂର୍ଣ୍ଣ, ତାହା ଜୀବ ବା ବ୍ୟକ୍ତିଗତ ଆତ୍ମାରେ ପରିଣତ ହୁଏ ଏବଂ ତାହାକୁ ଖ୍ରୀଷ୍ଟଧର୍ମର ବିଶ୍ୱାସ ଅନୁସାରେ ମାନବ-ପୁତ୍ର (Son of Man) ବୋଲି କୁହାଯାଇପାରେ । ପରାପ୍ରକୃତି ବା ଈଶ୍ୱର-ପୁତ୍ରହିଁ ପୃଥିବୀରେ ନିଜକୁ ମାନବ-ପୁତ୍ର ରୂପେ ଅଭିବ୍ୟକ୍ତ କରନ୍ତି । ପୁନଶ୍ଚ ଯେଉଁ ବିଶ୍ୱବ୍ୟାପୀ ଆତ୍ମସତ୍ତା ଊର୍ଦ୍ଧ୍ୱଜଗତର ପୁରୁଷୋତ୍ତମ ଓ ଇହଜଗତର ମାନବ-ପୁତ୍ରଙ୍କ ମଧ୍ୟରେ ସଂଯୋଗ ଓ ମିଳନ ସଂଘଟିତ କରନ୍ତି ସେ ହେଉଛନ୍ତି 'ପବିତ୍ର ଆତ୍ମା' (Holy Spirit) । ଏଇ 'ପବିତ୍ର ଆତ୍ମା' ହେଉଛନ୍ତି ବିଶୁଦ୍ଧ ଆତ୍ମା ବା ବ୍ରହ୍ମଚୈତନ୍ୟ । ଯିଶୁଙ୍କ ମଧ୍ୟରେ ଏହି ପବିତ୍ର ଆତ୍ମା ଅବତରଣ କରିଥିଲା ଯାହାର ଫଳସ୍ୱରୂପ ତାଙ୍କର ସାଧାରଣ ମାନବ-ଶିଷ୍ୟମାନଙ୍କ ଭିତରକୁ ଊର୍ଦ୍ଧ୍ୱତର ଚେତନାର ଶକ୍ତିସବୁ ଓହ୍ଲାଇ ଆସି ପାରିଥିଲା । ଉପର ବର୍ଣ୍ଣିତ ଏଇ ତ୍ରିସତ୍ତାଙ୍କ ମଧ୍ୟରେ ନିରନ୍ତର ଅତି ନିବିଡ଼ ସମ୍ବନ୍ଧ ରହିଛି । ପାର୍ଥିବ ଅଭିବ୍ୟକ୍ତି ନିମିତ୍ତ ଏହି ସମ୍ବନ୍ଧ ଅପରିହାର୍ଯ୍ୟ ।

ଭଗବାନ୍ ମାନବ-ପ୍ରକୃତିକୁ ନେଇ ନୁହେଁ, ନିଜର ପରାପ୍ରକୃତି (ପ୍ରକୃତିମ୍ ସ୍ୱାମ୍)କୁ ଆଶ୍ରୟ କରି ମାନବ ରୂପେ ଜନ୍ମଗ୍ରହଣ କରନ୍ତି । ସେ ଭଗବତ୍ ଚେତନା ଓ ଶକ୍ତିକୁ ନେଇ ଆସି ଥାଆନ୍ତି । କିନ୍ତୁ ମାନବର ଆକାର-ପ୍ରକାର ମଧ୍ୟଦେଇ କର୍ମ କରିବାକୁ ସେ ସ୍ୱୀକାର କରି ନିଅନ୍ତି । ମାନବୀୟ ସୀମିତତାଗୁଡ଼ିକୁ ସେ ସ୍ୱେଚ୍ଛାରେ ବରଣ କରନ୍ତି । କିନ୍ତୁ ସେ ସର୍ବଦାହିଁ ସବୁକିଛିକୁ ଊର୍ଦ୍ଧ୍ୱରୁ ଶାସନ ଓ ପରିଚାଳନା କରନ୍ତି । ନିଜର ପ୍ରତ୍ୟକ୍ଷ ଓ ପ୍ରକଟ ଇଚ୍ଛାଶକ୍ତି ଦ୍ୱାରା ପ୍ରକୃତିକୁ ସେ ପରିଚାଳିତ କରନ୍ତି । ତାଙ୍କର ଭାଗବତ ଉପସ୍ଥିତି ସମ୍ପର୍କରେ ପ୍ରକୃତି ମଧ୍ୟ ସଚେତନ ଥାଏ । ପରମପ୍ରଭୁ ସ୍ୱୟଂ ଭଗବାନ୍ ଅବତାରଙ୍କ ଭିତରେ ଗୁପ୍ତ ରହି ନିଜକୁ ବ୍ୟକ୍ତ କରିଥା'ନ୍ତି ।

ଅବତାରଙ୍କ ଭିତରେ ସର୍ବଦା ଦୁଇଟି ଭାବ ଦେଖାଯାଏ, ଭାଗବତ ଭାବ ଓ ମାନବ ଭାବ । ଭଗବାନ୍ ଅବତାର ରୂପେ ଆସନ୍ତି କେତେକ ନିର୍ଦ୍ଦିଷ୍ଟ ସତ୍ୟର ପ୍ରତିଷ୍ଠା ନିମିତ୍ତ । ସେଥିପାଇଁ ତାଙ୍କୁ ମାନବପ୍ରକୃତିର ସମସ୍ତ ସୀମିତତା ଓ ଅପୂର୍ଣ୍ଣତାକୁ ଗ୍ରହଣ କରିବାକୁ ହୁଏ ଯଦ୍ୱାରା ସେ ଏକ ଦୃଷ୍ଟାନ୍ତ ଦେଖାଇ ପାରନ୍ତି ଯେ ସକଳ ଅପୂର୍ଣ୍ଣତାକୁ କିପରି ଅତିକ୍ରମ କରାଯାଇ ପାରିବ ଏବଂ ସେସବୁକୁ କିପରି ଭାଗବତ ଚେତନା ଓ ଶକ୍ତିର ଉପାୟରେ ପରିଣତ କରାଯାଇ ପାରିବ । ତାଙ୍କର ଦିବ୍ୟଜନ୍ମ ଓ ଦିବ୍ୟକର୍ମ ଏକ ମାନବୀୟ ଆଧାର ମଧ୍ୟରେ ସଂଘଟିତ ହୁଏ ଯଦ୍ୱାରା ମାନବୀୟ ଶକ୍ତି, ସାମର୍ଥ୍ୟ ଭାଗବତ ଶକ୍ତି ଓ ଚେତନାର ଅଧିକ

ନିକଟବର୍ତ୍ତୀ ହୋଇପାରେ । ଅବତାର ନିଜର କର୍ମ ମାଧ୍ୟମରେ ଦେଖାଇ ଦିଅନ୍ତି କିପରି ମନୁଷ୍ୟ ସୀମିତ ଚେତନାରେ ଥାଇ ମଧ୍ୟ ଭାଗବତ ଧାରାରେ କର୍ମ କରି ନିଜର ଚେତନାକୁ ଭାଗବତ ଚେତନାରେ ରୂପାନ୍ତରିତ କରିପାରିବ ।

ଅବତାର ଅସାଧାରଣ ଅଲୌକିକ କାର୍ଯ୍ୟ କରି ମନୁଷ୍ୟମାନଙ୍କୁ ଚମତ୍କୃତ କରିବାକୁ ଚାହାନ୍ତି ନାହିଁ । ଅବତାରଙ୍କ ଜୀବନ ଯଦି ଅଲୌକିକ ଘଟଣାର ଆତସବାଜୀ ପ୍ରଦର୍ଶନ ହୁଏ ତାହାହେଲେ ତାଙ୍କର ଉଦ୍ଦେଶ୍ୟ ପୂର୍ଣ୍ଣ ହେବ ନାହିଁ । ସେଥିରୁ ସାଧାରଣ ମନୁଷ୍ୟମାନେ ଦିବ୍ୟଜୀବନ ବଞ୍ଚିବାର ଶିକ୍ଷା ଓ ପ୍ରେରଣା ଲାଭ କରି ପାରିବେ ନାହିଁ । ଏତତ୍ ଦ୍ୱାରା ସେମାନେ ଅବତାରଙ୍କ ନିକଟବର୍ତ୍ତୀ ହୋଇପାରିବେ ନାହିଁ କି ସେମାନଙ୍କ ଭିତରେ ଦିବ୍ୟମାନବ ହେବାର ସମ୍ଭାବନା ସୃଷ୍ଟି ହୋଇପାରିବ ନାହିଁ । ଅବଶ୍ୟ ଅବତାରଙ୍କ ପାଇଁ ଅଲୌକିକ ଶକ୍ତି ପ୍ରୟୋଗ ଯେ ସମ୍ପୂର୍ଣ୍ଣ ନିଷିଦ୍ଧ, ଏପରି କଥା ନୁହେଁ । ଯିଶୁଖ୍ରୀଷ୍ଟ ଓ ଶ୍ରୀକୃଷ୍ଣ ଆବଶ୍ୟକ ସ୍ଥଳେ ଅଲୌକିକ କ୍ଷମତା ପ୍ରୟୋଗ କରିଥିଲେ । ମାତ୍ର ତାହା ଅବତାରତ୍ୱର ମୂଳକଥା ନୁହେଁ । ଥରେ ମଧ୍ୟ ଅଲୌକିକ ଶକ୍ତି ପ୍ରୟୋଗ ନ କରି ମଧ୍ୟ ଜଣେ ଅବତାର ଅବତାର-ପଦବାଚ୍ୟ ହୋଇପାରିବେ । ପ୍ରକୃତରେ ଅବତାର ଆସନ୍ତି ମାନବଜାତିକୁ ଆଧ୍ୟାତ୍ମିକ ନେତୃତ୍ୱ ଦେବା ପାଇଁ । ସେ ମାନବ ହୋଇ ମଧ୍ୟ ଦିବ୍ୟମାନବ ହେବାର ଦୃଷ୍ଟାନ୍ତ ପ୍ରଦର୍ଶନ କରନ୍ତି । ତେଣୁ ସେ ସ୍ୱେଚ୍ଛାକୃତ ଭାବେ ମନୁଷ୍ୟ ଭଳି ଦୁଃଖ ଓ ଶାରୀରିକ ଯନ୍ତ୍ରଣା ମଧ୍ୟ ସହ୍ୟ କରନ୍ତି । ତାଙ୍କ ଭିତରେ ମାନବୀୟ ଭାବାବେଗର ଉଚ୍ଛ୍ୱାସ ମଧ୍ୟ ଦେଖାଯାଇପାରେ । କିନ୍ତୁ ମାନବପ୍ରକୃତିର ଛାଞ୍ଚ ଭିତରେ ଥାଇ ମଧ୍ୟ କିପରି ଦୁଃଖ-ଯନ୍ତ୍ରଣାକୁ ଜୟ କରାଯାଇ ପାରିବ ସେ ତାହା ତାଙ୍କ ଜୀବନରେ କର୍ମ ଓ ଆଚରଣ ମାଧ୍ୟମରେ ଦେଖାଇ ଦିଅନ୍ତି ।

ତେବେ ଅବତାରଙ୍କ ଦିବ୍ୟଜନ୍ମ କିପରି ସଂଘଟିତ ହୁଏ, କିପରି ସେ ମାନବ ଦେହ ଓ ମନ ଗ୍ରହଣ କରନ୍ତି ଏହା ଏକ ଜଟିଳ ପ୍ରଶ୍ନ । ଗୀତାରେ ଅବତାରତ୍ୱର ଏହି ଭୌତିକ ଦିଗଟି ଉପରେ ବିସ୍ତୃତ ଆଲୋଚନା ହୋଇ ନାହିଁ । ଗୀତାର ବାକ୍ୟ ‘‘ଆତ୍ମାନଂ ସୃଜାମି’’ରେ ପ୍ରକାଶ କରାଯାଇଛି ଯେ ଏହା ଆତ୍ମାର ଜନ୍ମ । ଅବତାରଙ୍କ ଅବତରଣ ହେଉଛି ଏକ ଦିବ୍ୟଜନ୍ମ, ଏହା ମୂଳତଃ ଏକ ଆଧ୍ୟାତ୍ମିକ ବ୍ୟାପାର । କିନ୍ତୁ ତଥାପି ଏଥିସହିତ ଶାରୀରିକ ଜନ୍ମ ବିଷୟଟି ଯୋଡ଼ି ହୋଇ ରହିଛି ଯାହା ଆଲୋଚନା ସାପେକ୍ଷ । ଏ ବିଷୟରେ ଶ୍ରୀଅରବିନ୍ଦ ଆଲୋଚନା କରିବାକୁ ଯାଇ କହିଛନ୍ତି ଯେ ବଂଶାନୁକ୍ରମିକ ବିବର୍ତ୍ତନ ଦ୍ୱାରା ଅବତାରଙ୍କ ଶାରୀରିକ ଜନ୍ମ ଘଟେ ନାହିଁ । ଭୌତିକ ପରିସ୍ଥିତିହିଁ ଶରୀରକୁ ପ୍ରସ୍ତୁତ କରେ ଏବଂ ପରେ ଆତ୍ମା ତହିଁରେ ପ୍ରବେଶ କରେ, ଏପରି ହୁଏ ନାହିଁ । ବିଭିନ୍ନ ଯୁଗର ଆଧ୍ୟାତ୍ମିକ ଅନୁଭୂତିରୁ ଜଣାଯାଏ ଯେ ଆତ୍ମାହିଁ ଶରୀରକୁ ପ୍ରସ୍ତୁତ କରେ । ସାଧାରଣ ମନୁଷ୍ୟ କ୍ଷେତ୍ରରେ ମଧ୍ୟ ସେପରି ଘଟେ । ଆତ୍ମା ତା’ର ମାତାପିତା ଓ ପରିବେଷ୍ଟନୀକୁ ନିଜେହିଁ ବାଛିଥାଏ । ତେଣୁ ଅବତାରଙ୍କ କ୍ଷେତ୍ରରେ ମଧ୍ୟ ଆତ୍ମାହିଁ ଶରୀରକୁ ବାଛୁଥିବାର ବା ପ୍ରସ୍ତୁତ କରୁଥିବାର ଯଥେଷ୍ଟ ସମ୍ଭାବନା ରହିଛି ।

ଶ୍ରୀଅରବିନ୍ଦ ବିଷ୍ଣୁଙ୍କର ଦଶାବତାର କାହାଣୀର ଅବତାରଣା କରିଛନ୍ତି । ଏହା ଅବତାରଙ୍କ ପୁନର୍ଜନ୍ମର ସତ୍ୟଟିକୁ ସାବ୍ୟସ୍ତ କରୁଛି । ଏକହିଁ ଭଗବାନ୍ ବିଭିନ୍ନ ଯୁଗରେ ନିଜର ଦିବ୍ୟତ୍ୱକୁ ଅଧିକରୁ ଅଧିକ ଅଭିବ୍ୟକ୍ତି ଘଟାଉଛନ୍ତି । ସେ ମାନବ-ରୂପ ଗ୍ରହଣ ପାଇଁ ନିଜର ଶରୀର ନିଜେହିଁ ପ୍ରସ୍ତୁତ କରିବାରେ ଲାଗିଛନ୍ତି । କିଂବା ଏପରି ମଧ୍ୟ ହୋଇପାରେ ଯେ ଗୀତାରେ ଯେଉଁ ଚାରି ମନୁଙ୍କ ବିଷୟରେ କୁହାଯାଇଛି, ଯେଉଁମାନେ ପ୍ରତ୍ୟେକ ମାନବର ମନ ଓ ଶରୀରର ଆଧ୍ୟାତ୍ମିକ ପିତା, ସେମାନଙ୍କ ଭିତରୁ ଜଣେ ଏହି ଅବତାରଙ୍କ ଶରୀର ପ୍ରସ୍ତୁତ କରୁଥିବେ । ତେବେ ଶ୍ରୀଅରବିନ୍ଦ ଅବତାରଙ୍କ ଶାରୀରିକ ଜନ୍ମର ରହସ୍ୟମୟ ପ୍ରସଙ୍ଗଟିକୁ ଆଲୋଚନା ପାଇଁ ମୁକ୍ତ ରଖିଛନ୍ତି । କିନ୍ତୁ ତାଙ୍କ ଲେଖାରୁ ଏହା ଅଧିକ ଗ୍ରହଣଯୋଗ୍ୟ ମନେ ହୁଏ ଯେ ଅବତାର ନିଜେହିଁ ନିଜର ଶରୀର ଓ ଜନ୍ମସ୍ଥାନ ବିଷୟରେ ପୂର୍ବରୁ ନିର୍ବାଚିତ କରିଥା’ନ୍ତି ବା ପ୍ରସ୍ତୁତ କରିଥା’ନ୍ତି ।

ଅବତାରତତ୍ତ୍ୱ ବିଷୟରେ ଯେଉଁ ପ୍ରଧାନ କଥା ଆମେ ମନେ ରଖିବାର ଆବଶ୍ୟକତା ରହିଛି ତାହାକୁ ଶ୍ରୀଅରବିନ୍ଦ ନିମ୍ନମତେ ପ୍ରକାଶ କରିଛନ୍ତି – “No doubt, too, the inner descent of the Godhead to raise the human soul into himself is the main thing,– it is the inner Christ, Krishna or Buddha that matters. But just as the outer life is of immense importance for the inner development, so the external Avatarhood is of no mean importance for this great spiritual manifestation.”

(Essays on the Gita, p. 167)

ଅର୍ଥାତ୍, ‘‘ନିଃସନ୍ଦେହ ଭାବରେ ଏହା ସତ୍ୟ ଯେ

ମାନବାତ୍ମାକୁ ନିଜ ଭିତରକୁ ଉଠାଇ ନେବା ପାଇଁ ଭଗବାନଙ୍କର ଆଭ୍ୟନ୍ତରୀଣ ଅବତରଣହିଁ ପ୍ରଧାନ କଥା, ଭିତରର ଖ୍ରୀଷ୍ଟ, କୃଷ୍ଣ ବା ବୁଦ୍ଧହିଁ ହେଉଛନ୍ତି ପ୍ରଧାନ କଥା । କିନ୍ତୁ ଠିକ୍ ଯେପରି ଆନ୍ତର ବିକାଶ ପାଇଁ ବାହ୍ୟଜୀବନର ପ୍ରଭୂତ ଗୁରୁତ୍ୱ ରହିଛି, ସେହିପରି ଏହି ମହାନ୍ ଆଧ୍ୟାତ୍ମିକ ଅଭିବ୍ୟକ୍ତି ପାଇଁ ବାହ୍ୟିକ ଅବତାରତ୍ୱର ପ୍ରୟୋଜନ କିଛି କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ ।”

(ଗୀତା-ନିବନ୍ଧମାଳା, ପୃଷ୍ଠା. ୨୦୦)

❑❑❑

# ଶ୍ରଦ୍ଧାଞ୍ଜଳି

## ଯଦୁନନ୍ଦନ ସାମଲ

ଅମରାବତୀର ଅମର କଟକୁ
ଓହ୍ଲାଇ ଆସିଲ ଏ ଧରାଧାମକୁ
ହେ ଯୋଗୀ ପୁରୁଷ, ଯୁଗ ପୁରୁଷ –
ନୂତନ ସନ୍ଦେଶ ଆଣିଲ ସାଥିରେ
ଦେବା ପାଇଁ ଏହି ମଣିଷ ଜାତିରେ
ନୂତନ ଜୀବନ ନବ ଆୟୁଷ ।

*

ଆସିଲେ ସାଥୀରେ ସ୍ୱର୍ଗଦେବକୁଳ
ଅସୁମାରି ମହା ଅସୁରର ବଳ
ମାନବେ ବାଣ୍ଟିବେ ଦେବତାର ଜ୍ଞାନ
ଅସୁର ଶକତି ଅସୁର ଉଦ୍ୟମ
ତେବେ ଧରା ହେବ ସ୍ୱର୍ଗ,
ଝାଉଁଳା ଧରିତ୍ରୀ ଉଠିବ ଉଜଳି
ନୂତନ ସମାଜ ନବୋନ୍ମେଷ ଧରି
ନୂଆ ହେବ ଜୀର୍ଣ୍ଣ ଦୁର୍ଗ ।

*

ଦିବ୍ୟ ହୋଇବ ମାନବ ପ୍ରକୃତି
ଦୃଶ୍ୟ ହୋଇବ ଆତ୍ମାର ଜାଗୃତି



ଅତିମାନସର ବଳେ
ରୂପାନ୍ତର ହେବ ତନୁ-ମନ-ପ୍ରାଣ
ଅଧ୍ୟାତ୍ମ-ସତ୍ୟର ଦିବ୍ୟ ପ୍ରସ୍ଫୁଟନ
ଖେଳି ଯିବ ଧରା ତଳେ ।

*

ଦିବ୍ୟ ଜନନୀଙ୍କୁ ସହଯୋଗୀ କରି
ଆପଣା କରମ ଆପେ ଦେଲ ସାରି
ଆପଣା ତନୁରେ ଆଣିଲ ଉତାରି
ରୂପାନ୍ତର ଦିବ୍ୟଶକ୍ତିର ମାଧୁରୀ
ଶେଷେ ଦେଲ ଆତ୍ମବଳି,
କେତେ ଯେ କଷଣ ସହିଛ ଏ ପାଇଁ
ମାନବର ଦିବ୍ୟ ଭବିଷ୍ୟତ୍ ପାଇଁ
କେ ପାରିବ ତାହା କଳି ।

ଆଜି ତୁମ ମହାପ୍ରୟାଣ ଦିବସେ
ଯୋଗ୍ୟ ହୋଇ ଉଠୁ ତୁମରି ଆଶିଷେ
ପଥ ତୁମ ଅନୁସରି
କୃତଜ୍ଞତାଭରା ଗଭୀର ଅନ୍ତରୁ
ଘେନ ଆମ ଶ୍ରଦ୍ଧାଞ୍ଜଳି । ❑

(ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଉପଲକ୍ଷେ)

ପୃଥିବୀପୃଷ୍ଠରେ ଭୌତିକ ଭାବେ, ବାସ୍ତବତଃ କୃତଜ୍ଞତାରେ ହିଁ ଜଣେ ଶୁଦ୍ଧତମ ଆନନ୍ଦର ଉତ୍ସକୁ ଆବିଷ୍କାର କରିଥାଏ ।
— ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୮୧)

### ଆଶ୍ରମ ଭୋଜନାଳୟର କ୍ରମବିକାଶ : (ପୂର୍ବାର୍ଦ୍ଧ)

''ଦେହ ସାଧନାର ଆଧାର । ତେଣୁ ଏହାର ଯତ୍ନ ନେବା ସର୍ବଦା ଉଚିତ । ସେଇଥି ପାଇଁ ଶ୍ରୀମା ଖାଦ୍ୟ-ପଦାର୍ଥର ସ୍ୱତନ୍ତ୍ର ଭାବରେ ଏତେ ଯତ୍ନ ନେଉଥିଲେ ଏବଂ ଏହାକୁ ସୁନିୟନ୍ତ୍ରଣ କରୁଥିଲେ । ମା ସାଧକମାନଙ୍କୁ ଯେଉଁସବୁ ଖାଦ୍ୟ ଖାଇବାକୁ ଦେଉଥିଲେ, ତା' ଅତି ଶୁଦ୍ଧ, ବାହାରର ବିଷାକ୍ତ ପ୍ରଭାବରୁ ସମ୍ପୂର୍ଣ୍ଣ ମୁକ୍ତ । ଅତି ଯତ୍ନ ସହକାରେ ସେସବୁକୁ ପରିଷ୍କାର ଭାବରେ ରଖା ଯାଉଥିଲା ଓ ସ୍ୱାସ୍ଥ୍ୟସମ୍ମତ ରୀତିରେ ରନ୍ଧନ କରାଯାଉଥିଲା ।...''

— ଶ୍ରୀ ନାରାୟଣ ପ୍ରସାଦ

(ଶ୍ରୀଅରବିନ୍ଦ ଆଶ୍ରମ ଜୀବନ, ପୃଷ୍ଠା : ୨୩)

ଏହି ପରିପ୍ରେକ୍ଷୀରେ ଏକ ସିଂହାବଲୋକନ — ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀରେ ପଦାର୍ପଣ କରିବା ପରଠାରୁ ମା'ଙ୍କ ସହିତ ତାଙ୍କର (ଗେଷ୍ଟ ହାଉସ୍‌ରେ) ପ୍ରଥମ ସାକ୍ଷାତ୍ ହେବା ପର୍ଯ୍ୟନ୍ତ ତାଙ୍କର ତଥା ତାଙ୍କ ସହିତ ରହୁଥିବା ତିନି ଚାରି ଜଣ ଅନ୍ତେବାସୀଙ୍କର ଖିଆପିଆ ଓ ବସବାସର ଧରଣରେ କୌଣସି ଶୃଙ୍ଖଳା ନ ଥିଲା — କହିବାକୁ ଗଲେ ଏକେବାରେ ନିଅଣ୍ଟିଆ ଜୀବନ ।

୧୯୧୪ରେ ମା'ଙ୍କର ଆଗମନ ପରେ ମା ତାଙ୍କ ('ଦ୍ୟୁ ପ୍ଲେ ହାଉସ୍'ର) ବାସଭବନରୁ ନିତି ଉପରଓଳି ୪ଟାରୁ ସାଢ଼େ ୪ଟା ଭିତରେ ଶ୍ରୀଅରବିନ୍ଦଙ୍କୁ 'ଗେଷ୍ଟ ହାଉସ୍'ରେ ସାକ୍ଷାତ୍ କରୁଥିଲେ ଏବଂ ତାଙ୍କ ସ୍ୱହସ୍ତରେ ପ୍ରସ୍ତୁତ ନଡ଼ିଆ ମିଠେଇ ଓ କୋକୋ (କୋକୋଆ ପାନୀୟ) ନିବେଦନ କରୁଥିଲେ ।... ସପ୍ତାହକୁ ଥରେ ଶ୍ରୀଅରବିନ୍ଦଙ୍କ ସମେତ ସମସ୍ତ ଅନ୍ତେବାସୀ (ପାଞ୍ଚ ଜଣ) ମା'ଙ୍କ ବାସଭବନକୁ ନିମନ୍ତ୍ରିତ ହୋଇ ଆସୁଥିଲେ ଏବଂ ସମସ୍ତେ ଏକ ସାଥିରେ ରାତ୍ରି ଭୋଜନ କରୁଥିଲେ । ଗୋଟିଏ କି ଦୁଇଟି ବ୍ୟଞ୍ଜନ ମା ନିଜେ ପ୍ରସ୍ତୁତ କରୁଥିଲେ ।

ଏହାହିଁ ଥିଲା ମା'ଙ୍କର ପଣ୍ଡିଚେରୀ ଆଗମନର ଅବ୍ୟବହିତ ପରେ ଶ୍ରୀଅରବିନ୍ଦ ତଥା ତାଙ୍କ ସହଗାମୀମାନଙ୍କର ଖିଆପିଆର ଯତ୍ନ ନେବାର ଅୟମାରମ୍ଭ ।

୨୪ ନଭେମ୍ବର ୧୯୨୦ର ପ୍ରବଳ ଝଡ଼ବାତ୍ୟାରେ ମା ତାଙ୍କ ବାସଭବନରୁ ଦତ୍ତାଙ୍କ ସହିତ ଶ୍ରୀଅରବିନ୍ଦଙ୍କ ବାସଭବନକୁ ଚାଲି ଆସିବା ପରେ ରନ୍ଧାରନ୍ଧି କରିବା ସକାଶେ ଏକ ରୋଷେୟା ରଖିବାର ବନ୍ଦୋବସ୍ତ କରାଯାଇଥିଲା । ସେତେବେଳେ ତଳ ମହଲାର ଶେଷ ଦୁଇଟି ବଖରା ରନ୍ଧନଶାଳା ଓ ଭୋଜନାଳୟ ଥିଲା । ମା ପ୍ରଥମ କରି ବାସଭବନଟିକୁ ପରିଷ୍କାର ପରିଚ୍ଛନ୍ନ ରଖିବାର ଏବଂ ଅନ୍ତେବାସୀଙ୍କର ଜୀବନଧାରାକୁ ଯତ୍ନର ସହିତ ଶୃଙ୍ଖଳିତ କରି ଗଢ଼ି ତୋଳିବାର ଦୃଢ଼ ପଦକ୍ଷେପ ନେଇଥିଲେ ।

୧୯୨୨ରେ ଶ୍ରୀମାଶ୍ରୀଅରବିନ୍ଦ 'ଲାଇବ୍ରେରି ହାଉସ୍'କୁ ଚାଲି ଆସିବା ପରେ ପରେହିଁ ଭୋଜନାଳୟର ସୁବନ୍ଦୋବସ୍ତ ହୋଇଥିଲା । ପ୍ରଥମେ ଲାଇବ୍ରେରି ହାଉସରେ ରହୁଥିବା ଅନ୍ତେବାସୀ (ଆଠ ଜଣ)ଙ୍କର ଭୋଜନ ସେହି ବାସଭବନରେ ହିଁ ହେଉଥିଲା । 'ଗେଷ୍ଟ ହାଉସ୍'ରେ ରହୁଥିବା ଅନ୍ତେବାସୀଗଣ ସେଠାରେ ସେମାନଙ୍କର ବନ୍ଦୋବସ୍ତ କରୁଥିଲେ ଏବଂ 'ରୋଜାରୀ ହାଉସ୍'ର ଅନ୍ତେବାସୀ ପ୍ରଥମେ ପ୍ରଥମେ ନିଜେ ନିଜର ଭୋଜନର ବନ୍ଦୋବସ୍ତ କରୁଥିଲେ । କହିବା ବାହୁଲ୍ୟ ସେତେବେଳେ ଆଶ୍ରମକୁ ଆସୁଥିବା ବାହାରର ଆଗନ୍ତୁକ ଦର୍ଶକଗଣ ସେମାନଙ୍କର ରହିବା ଓ ଖାଇବାର ବନ୍ଦୋବସ୍ତ ନିଜେ ନିଜେ କରୁଥିଲେ ।

ଆଶ୍ରମର ଏବେ ଯେଉଁଠି ପୁରୁଷମାନଙ୍କ ସକାଶେ ଶୌଚାଳୟ ରହିଛି ୧୯୨୨ରୁ ୧୯୨୯ ପର୍ଯ୍ୟନ୍ତ ସେଠାରେ ରନ୍ଧନଶାଳା ଥିଲା ଏବଂ ନାରୀମାନଙ୍କ ସକାଶେ ଥିବା ଶୌଚାଳୟ ସ୍ଥାନରେ ଗ୍ୟାରେଜ ଥିଲା । ଏହି ଗ୍ୟାରେଜ ବାଟ ଦେଇ ଗୋ-ପାଳକମାନେ ନିଜ ନିଜ ଗାଈକୁ ଭିତରକୁ ଆଣି ଗୋଶାଳାରେ ବା ଅଗଣାରେ ଆଶ୍ରମର ଦୁଗ୍ଧପାତ୍ରରେ ଦୁଗ୍ଧ ଦୁହିଁ ଦେଇ ଯାଉଥିଲେ । ଦୁଗ୍ଧ ଯେପରି ଖୁବ୍ ଭଲ ଭାବରେ ପରିଷ୍କାର ଓ ଖାଣ୍ଟି ଦୁଗ୍ଧ ହୁଏ, ସେଥିପ୍ରତି ମା'ଙ୍କର ଖୁବ୍ କଡ଼ାକଡ଼ି ଆଦେଶ ଥାଏ ।

ପ୍ରଥମେ ଗାଈମାନଙ୍କର ପହ୍ଲାକୁ ପଟାସିୟମ୍ ପରମାଙ୍ଗାନେଟ୍ ପାଣିରେ ପରିଷ୍କାର କରି ଦୁଗ୍ଧପାତ୍ରରେ ଦୁହାଁ ଯାଉଥିଲା ।

୧୯୨୫ ପର୍ଯ୍ୟନ୍ତ ଶ୍ରୀମା ସ୍ୱୟଂ ଦୁଗ୍ଧ ଦୁହାଁ ହେବା ସମୟରେ ଉପସ୍ଥିତ ରହୁଥିଲେ । ପରେ ସେ କାର୍ଯ୍ୟର ଭାର ମା ଅମୃତଙ୍କୁ ଦେଇଥିଲେ ।

(ଶ୍ରୀଅରବିନ୍ଦ ଆଶ୍ରମ ଜୀବନ : ପୃ. ୨୮)

ଲାଇବ୍ରେରି ହାଉସ୍‌ର ଡାଇନିଂ ରୁମ୍ ଥିଲା ପରବର୍ତ୍ତୀ କାଳର 'ଫ୍ରୁଟସ୍ ରୁମ୍' । ଚମ୍ପକଲାଲଙ୍କ ଉକ୍ତିରେ : 'ମୋତେ ବହୁତ ତାତ୍ପର୍ଯ୍ୟପୂର୍ଣ୍ଣ ଲାଗେ ଯେ ଯେଉଁ କକ୍ଷରେ ଶ୍ରୀଅରବିନ୍ଦ ଭୋଜନ କରୁଥିଲେ ଠିକ୍ ସେଇ କକ୍ଷରୁ ବର୍ତ୍ତମାନ (୧୯୭୪ରେ କଥିତ) ପ୍ରତିଦିନ ଆଶ୍ରମବାସୀମାନେ ଫଳସବୁ ଆଣୁଛନ୍ତି ।' (ଚମ୍ପକଲାଲ କହନ୍ତି : ପୃ. ୨୧)

ପୁନଶ୍ଚ ଚମ୍ପକଲାଲଙ୍କର ପୂର୍ବସ୍ମୃତିରୁ : ''ସେହି ଆରମ୍ଭ ସମୟରେ ଲାଇବ୍ରେରି ଗୃହର ଆଗରେ ଓ ପଛରେ ଦୁଇଟି କଦଳୀ ବଗିଚା ଥିଲା । ବର୍ତ୍ତମାନ ପ୍ରସ୍ପରିଟି ଅଫିସଟି ଯେଉଁଠି ଅବସ୍ଥିତ ସେଠାରେ ସେତେବେଳେ ଗୋଟିଏ କଦଳୀ ବଗିଚା ଥିଲା । ମୁଁ ଶ୍ରୀଅରବିନ୍ଦଙ୍କର ଅନୁଜ ବାରୀନ୍ଦ୍ରଙ୍କଠାରୁ ଜାଣିଥିଲି ଯେ ସମ୍ମୁଖ ବଗିଚାଟି ତାଙ୍କ ନିଜ ତତ୍ତ୍ୱାବଧାନରେ ଥିଲା ଓ ପଛ ପାଖ ବଗିଚାଟିର ଖବର ମା ନିଜେ ଯତ୍ନ ସହକାରେ ବୁଝୁଥିଲେ । (ଅବଶ୍ୟ ଶାରୀରିକ ଶ୍ରମ କରିବା ସକାଶେ ଜଣେ ମାଳୀ ଥିଲା ।)

''ମୁଁ ଯେତେବେଳେ ମା'ଙ୍କ ସହ କାର୍ଯ୍ୟରେ ଯୋଗ ଦେଲି ସେତେବେଳେ ଜାଣିବାକୁ ପାଇଲି ଯେ ମା କାହିଁକି ସେହି କଦଳୀ ଗଛଗୁଡ଼ିକର ଏତେ ଯତ୍ନ ନେଉଥିଲେ । ତା'ର କାରଣ ହେଉଛି ଶ୍ରୀଅରବିନ୍ଦ ସେହିସବୁ କଦଳୀ ଦୁଧ ସହ ଖାଉଥିଲେ । କଦଳୀ ଚକଟା ସହ ଦୁଧ ମିଶାଯାଇ ଏକପ୍ରକାର ଖାଦ୍ୟ ପ୍ରସ୍ତୁତ କରାଯାଇ ଶ୍ରୀଅରବିନ୍ଦଙ୍କୁ ଦିଆଯାଉଥିଲା । ମା ଅନ୍ୟମାନଙ୍କୁ ମଧ୍ୟ ଏହା ଖାଇବାକୁ ଦେଉଥିଲେ । କଞ୍ଚା ଅବସ୍ଥାରେ ସେହି କଦଳୀଗୁଡ଼ିକ ରୋଷେଇ ପାଇଁ ମଧ୍ୟ ବ୍ୟବହୃତ ହେଉଥିଲା ।...

(ତତ୍ରୈବ : ପୃ. ୨୮)

ଏବେ ଦ୍ୟୁମାନ୍‌ଙ୍କର ସ୍ମୃତିକଥାରୁ : ''୧୯୨୭ କି ୧୯୨୮ ମସିହାରେ ମା'ଙ୍କ ଅନୁମତି କ୍ରମେ ପ୍ରଥମ କରି ଭୋଜନାଳୟରେ ପ୍ରତି ସାଧକଙ୍କୁ ପ୍ରତିଦିନ ୭୫୦ ସି. ସି. ଦୁଗ୍ଧ ବିତରଣ କରିବାର ବନ୍ଦୋବସ୍ତ କରାଗଲା । କିନ୍ତୁ ଦେଖାଗଲା ଯେ ଉପଯୁକ୍ତ ପରିମାଣର ଦୁଗ୍ଧ କ୍ରୟ କରିବା ପରେ ମଧ୍ୟ ପ୍ରତ୍ୟେକଙ୍କୁ ୬୦୦ ସି. ସି. ମଧ୍ୟ ଦେଇ ହେଉ ନାହିଁ । କଥା କ'ଣ ? ଦୁଗ୍ଧ ଯାଉଛି କୁଆଡ଼େ ? ପରେ ଚୁପ୍‌ଚାପ୍ ତଦନ୍ତ କରି ଦେଖିଲି : ପ୍ରଥମତଃ, ନିତି ଅଗଣାରେ ସାଧକଙ୍କ ସାମନାରେ ଦୁଗ୍ଧ ଦୁହିଁ ଗଉଡ଼ କ'ଣ କରେନା ଫେଣମିଶା ଦୁଗ୍ଧର ପରିମାଣ ନିର୍ଣ୍ଣୟ କରି ପଇସା ନେଇ ଯାଉଛି; ଦ୍ୱିତୀୟତଃ, ଯାହାଙ୍କ ଉପରେ ଦୁଗ୍ଧ ଫୁଟାଇବାର ଭାର ନ୍ୟସ୍ତ କରାଯାଇଛି, ସେ ବେଶ୍ ଅନେକ ସମୟ ଧରି ଦୁଗ୍ଧକୁ ଫୁଟାଉ ଥିବାରୁ ଦୁଗ୍ଧର ପରିମାଣ ଅନେକ କମିଯାଉଛି ଏବଂ ତୃତୀୟତଃ, ଅବାଧ ନୀତି ବା ଅନ୍ୟର କାର୍ଯ୍ୟରେ ବାଧା ନଦେବା ନୀତି (laissez faire) ଅବଲମ୍ବନ କରି କେତେକ ସାଧକ ମନ ଖୁସିରେ ଯେତେବେଳେ ପାରୁଛନ୍ତି ରନ୍ଧନଶାଳାରୁ କିଛି ଦୁଗ୍ଧ ନେଇ ଯାଉଛନ୍ତି ।

''ମୁଁ ଏ ବିଷୟରେ ମା'ଙ୍କୁ ଲେଖି ଜଣାଇଲି ଏବଂ ପ୍ରସ୍ତାବ ଦେଲି ଯେ ପ୍ରତ୍ୟେକ ସାଧକଙ୍କୁ ଏକାଥରକେ ୭୫୦ ସି. ସି. ନଦେଇ ଆମେ ପ୍ରତିଥର ଭୋଜନ କରିବା ସମୟରେ ୨୦୦ ସି. ସି. କରି ତିନିଥର ଦେବୁ; ଅର୍ଥାତ୍ ନିତି ପ୍ରତ୍ୟେକେ ୬୦୦ ସି. ସି. କରି ଦୁଧ ପାଇ ପାରିବେ । ଏବଂ ଚିଠି ସହିତ ୨୦୦ ସି. ସି.ର ଏକ କପ୍ ପଠାଇଥିଲି । ଯଦିଓ ସବୁ ଚିଠିପତ୍ର ମୁଁ ମା'ଙ୍କୁ ଲେଖୁଥାଏ, କେବେ କେବେ ମୋ ଚିଠିର ଉତ୍ତର ଶ୍ରୀଅରବିନ୍ଦ ଦେଉଥିଲେ । ଏଥର ଶ୍ରୀଅରିବିନ୍ଦ ଲେଖିଲେ, 'ଦ୍ୟୁମାନ୍, ତୁମର କପ୍‌ଟି ଛୋଟ ଦେଖା ଯାଉଛି ।' ('Dyuman, your cup looks small.')

''ସେଇଠୁ ମୁଁ ଶ୍ରୀଅରବିନ୍ଦଙ୍କୁ ଲେଖିଲି, 'ଯଦିଓ ଆମେ ପ୍ରତି ସାଧକଙ୍କୁ ପ୍ରତିଦିନ ଦେବା ପାଇଁ ୭୫୦ ସି. ସି. ଦୁଧ ଖରିଦ କରୁଛୁ, ତଥାପି ବିତରଣ କରିବା ସମୟରେ (ଥରକରେ) ୬୦୦ ସି. ସି. ମଧ୍ୟ ଦେବାକୁ ସକ୍ଷମ ହେଉ ନାହୁଁ । ତେଣୁ ପ୍ରତି ଭୋଜନ ଗ୍ରହଣ ସମୟରେ ଆମେ ୨୦୦ ସି. ସି. କରି ତିନିଥର ବିତରଣ କରିବାକୁ ମନସ୍ଥ କରିଛୁ ।'...''

('How they come...' : ପୃ. ୧୨ - ୧୩)

ସେତେବେଳେ ଆଶ୍ରମରେ ଆଉ ଗୋଟିଏ ବିଶେଷ ଭୋଜନାଳୟ ଥିଲା ବିଶେଷ ଧରଣର ସାଧକମାନଙ୍କ ସକାଶେ । ଏବଂ ଏହି ଭୋଜନ-ଦ୍ରବ୍ୟଟିକୁ ମା ନିଜେ ପ୍ରସ୍ତୁତ କରୁଥିଲେ – 'ପୁଡ଼ିଙ୍ଗ' (pudding) । କେଉଁମାନଙ୍କ ସକାଶେ ? ବିଲେଇମାନଙ୍କ ସକାଶେ । ଚମ୍ପକଲାଲଙ୍କର 'ପୂର୍ବସ୍ମୃତି ଓ ଦିନଲିପି'ରୁ ଉଦ୍ଧୃତି : ''ମା ନିଜେ ଏହି ପୁଡ଼ିଙ୍ଗ୍ ପ୍ରସ୍ତୁତ କରି ମୋତେ ଦେଖାଇ ଦେଇଥିଲେ । ... ମୁଁ ମୋର ପାରୁପର୍ଯ୍ୟନ୍ତ ଲାଗିପଡ଼ି ତାଙ୍କରି ନିର୍ଦ୍ଦେଶାନୁଯାୟୀ ପୁଡ଼ିଙ୍ଗ ପ୍ରସ୍ତୁତ କରୁଥିଲି ।

''ଏହା ବିଲେଇମାନଙ୍କ ପାଇଁ ପ୍ରସ୍ତୁତ ହେଉଥିଲା । ପରେ ମୁଁ ଜାଣିବାକୁ ପାଇଲି ଯେ ସେମାନେ ସାଧାରଣ ବିଲେଇ ନୁହଁନ୍ତି; ଅସାଧାରଣ । ତୁମେ ଆଉ ଗୋଟିଏ କଥା ଜାଣିବାକୁ ନିଶ୍ଚୟ ଆଗ୍ରହ ପ୍ରକାଶ କରିବ ଯେ (ଯେତେବେଳେ ମା ଆଶ୍ରମର ସମସ୍ତ ଅନ୍ତେବାସୀଙ୍କୁ କିଛି ନା କିଛି କର୍ମ କରିବାକୁ ପ୍ରବର୍ତ୍ତାଉ ଥିଲେ ସେତେବେଳେ ଶ୍ରୀଅରବିନ୍ଦ ତାଙ୍କଠୁ କାମ ଚାହିଁଥିଲେ, ଆଉ ମା ତାଙ୍କୁ ଏହି କର୍ମଟି ଦେଇଥିଲେ ।) ସମୟେ ସମୟେ ଶ୍ରୀଅରବିନ୍ଦ ମଧ ମାଛରୁ କଣ୍ଟା ଆଦି କାଢ଼ି ବିଲେଇମାନଙ୍କ ଭୋଜନ ଲାଗି ପ୍ରସ୍ତୁତ କରି ରଖୁଥିଲେ । ଦୁଇଟି ଚୀନା କାଠି ସାହାଯ୍ୟରେ ସେ ଯେତେବେଳେ (ଏକାଗ୍ରତାର ସହିତ) ମାଛରୁ କଣ୍ଟା କାଢୁଥା'ନ୍ତି, ସେତେବେଳେ ଏହା ଏକ ଦେଖିବା ଭଳି ଦୃଶ୍ୟ !...

''ମା ଦିନେ କଥା ଛଳରେ ମୋତେ କହିଲେ ଆଶ୍ରମର ଲୋକମାନେ ଚାହା ପିଇବା ସେ ପସନ୍ଦ କରନ୍ତି ନାହିଁ । ପୁଣି ସେ କହିଲେ, 'ମୁଁ ଏହା ଭଲପାଏ ନାହିଁ ସତ, କିନ୍ତୁ ଶ୍ରୀଅରବିନ୍ଦ ଚାହା ପିଉ ଥିବାରୁ ମୁଁ ଏହା ବନ୍ଦ କରିପାରିବି ନାହିଁ ।'

''ଶ୍ରୀଅରବିନ୍ଦଙ୍କ ଚାହା ପିଇବା ଏକ ସ୍ୱତନ୍ତ୍ର ବ୍ୟାପାର ଥିଲା; ସେ କେବେ ବି ଏ ସମ୍ବନ୍ଧରେ ସଚେଷ୍ଟ ନଥିଲେ; ତାଙ୍କର କେବଳ ଚାହା ପ୍ରତି ନୁହେଁ, ତାଙ୍କର ସମସ୍ତ ଅଭ୍ୟାସ ପ୍ରତି ସେ ଏକେବାରେ ବୀତସ୍ପୃହ ଥିଲେ ।

''ମୋ ଫାଇଲ ଭିତରେ ଥିବା ଏଇ ଛୋଟ ଲେଖାଟି ପଢ଼ନ୍ତୁ :

'ମା, ଆଜି ରାତିରେ ଶ୍ରୀଅରବିନ୍ଦ ଚାହା ପିଇ ନାହାନ୍ତି । ଦୁଗ୍ଧରେ କିଂବା ଚାହାରେ କିଛି ତ୍ରୁଟି ଥିଲା କି ? ଏଥିସହ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ କିଛି ତ୍ରୁଟି ଥିଲା ? ନା ମୋ ନିଜ ମଧ୍ୟରେ କିଛି ତ୍ରୁଟି ଥିଲା ?' — ତୁମର ଶିଶୁ ସନ୍ତାନ ଚମ୍ପକ

ଶ୍ରୀଅରବିନ୍ଦଙ୍କଠାରୁ ଉତ୍ତର : 'ନା, ଚାହା ପିଇବାକୁ ମୁଁ ଭୁଲିଯାଇଥିବି ।'

''ମୋର ମନେ ଅଛି, ମା ଥରେ ଆଶ୍ରମରେ ଚାହା ବାଣ୍ଟିବା ବନ୍ଦ କରିଦେବା ପାଇଁ ଚେଷ୍ଟା କରିଥିଲେ, କିନ୍ତୁ ସଫଳକାମ ହୋଇ ନଥିଲେ ।... ଏବେ ବି ଭୋଜନାଳୟରେ ସେ ପ୍ରଥା ଚାଲୁ ରହିଛି ।...''

(ଚମ୍ପକଲାଲ କହନ୍ତି : ୨୪, ୫୧-୫୨)

ନାରାୟଣ ପ୍ରସାଦଙ୍କ ଉକ୍ତିରେ, ''...୧୯୨୭ ମସିହାର କଥା ।... ସୂର୍ଯ୍ୟଙ୍କର ଅସ୍ତାଚଳକୁ ବାହୁଡ଼ିବାର ଅବ୍ୟବହିତ ପୂର୍ବରୁ ମା ତାଙ୍କର କାର୍‌ରେ ସାନ୍ଧ୍ୟଭ୍ରମଣ ଆରମ୍ଭ କରନ୍ତି । ସାଥିରେ ନିତି ପୂର୍ବ ନିର୍ଦ୍ଧାରିତ ସାଧିକାମାନଙ୍କୁ ନେଇ ଯାଉଥା'ନ୍ତି । (ପବିତ୍ର ମା'ଙ୍କର କାର୍ ଡ୍ରାଇଭିଂ କରୁଥିଲେ ।) ବାହୁଡ଼ି ଆସି ମା କିଛି ସମୟ ଶ୍ରୀଅରବିନ୍ଦଙ୍କ କକ୍ଷରେ ଅତିବାହିତ କରିବା ପରେ ପୁରୁଣା ସେକ୍ରେଟେରୀଏଟ୍‌ରେ ଥିବା ଦ୍ୱିମହଲାରେ ପବିତ୍ରଙ୍କ କକ୍ଷକୁ ଶିଢ଼ି ପାହାଚରେ ଚଢ଼ି ପ୍ରସ୍ପେରିଟି ହଲ୍ (ଲାଇବ୍ରେରି ହାଉସ୍)ରେ ଆସି ଉପସ୍ଥିତ ହୁଅନ୍ତି ।...

''୧୯୨୬ର 'ସିଦ୍ଧି ଦିବସ' ପରେ ପରେ ମା ସମସ୍ତଙ୍କୁ 'ସୁପ୍' ବଣ୍ଟନ କରିବା ଆରମ୍ଭ କଲେ ।* ପ୍ରଥମେ ଚମ୍ପକଲାଲଙ୍କ ଟେରାସ୍ (ଠିକ୍ ତାଙ୍କର 'କିଚିନ୍' ସାମନାରେ) ନାମକ ଏକ ଉନ୍ମୁକ୍ତ ସ୍ଥାନରେ ମା ସୁପ୍ ବିତରଣ କରୁଥିଲେ । ପରେ ଏହା ପ୍ରସ୍ପେରିଟି ବାରଣ୍ଡାକୁ ସ୍ଥାନାନ୍ତରିତ ହେଲା (ଲାଇବ୍ରେରି ହାଉସ୍‌ର ଉପର ମହଲା ବାରଣ୍ଡାକୁ) ! ତା'ପରେ ଏବେକାର ଅଭ୍ୟର୍ଥନା ଗୃହ (ଏହାର ନାମ ମା ଦେଇଥିଲେ 'ଡିଭାଇନ୍ କମ୍ୟୁନିୟନ୍ ରୁମ୍')କୁ ଏହା ପରିବର୍ତ୍ତନ କରାଯାଇଥିଲା । ଶ୍ରୀମା'ଙ୍କର ଆଗମନର ବହୁ ସମୟ ପୂର୍ବରୁ ସମସ୍ତ ଅନ୍ତେବାସୀ ନିଜ ନିଜର ଉଦ୍ଦିଷ୍ଟ ସ୍ଥାନରେ ବସୁଥିଲେ । କକ୍ଷଟିର ଆଲୋକ ଅତି କ୍ଷୀଣ ରଖାଯାଉଥିଲା ।

''ଶ୍ରୀମା ସେହି କକ୍ଷକୁ ଆଗମନ କରି ନିଜର ଆସନ ଗ୍ରହଣ କରୁଥିଲେ । ତାଙ୍କ ସାମନାରେ ଗୋଟିଏ ଖୁବ୍ ବଡ଼ କଡ଼ାଇରେ ଗରମ ସୁପ୍ ରଖାଯାଇଥାଏ । ଶ୍ରୀମା କିଛି ସମୟ

---

* ଚମ୍ପକଲାଲଙ୍କ ଉକ୍ତିରେ : ''ଇତିପୂର୍ବରୁ ମା ନିଜେ ଶ୍ରୀଅରବିନ୍ଦଙ୍କ ସକାଶେ 'ସୁପ୍' ତିଆରି କରୁଥିଲେ । କିଛି ଦିନ ପରେ ମା ସେହି ସୁପ୍ ମୋତେ ତିଆରି କରିବାକୁ କହିଲେ । ସେ ପ୍ରଥମ କପ୍‌ଟିରେ ସୁପ୍ ପୂର୍ଣ୍ଣ କରି ଶ୍ରୀଅରବିନ୍ଦଙ୍କ ପାଇଁ ନେଉ ଥିଲେ ଏବଂ ଅନ୍ୟ କପ୍‌ଟିରେ ଥିବା ଅବଶିଷ୍ଟ ସୁପ୍‌ରୁ ସାମାନ୍ୟ ଟିକିଏ ଶୋଷି ନେଇ ମୋତେ ପିଇବାକୁ ଦେଉଥିଲେ ।...''

(ଚମ୍ପକଲାଲ କହନ୍ତି : ୪୫-୪୬)

ପରବର୍ତ୍ତୀ କାଳରେ ସମସ୍ତ ଅନ୍ତେବାସୀଙ୍କ ସକାଶେ ମା ସୁପ୍ ବିତରଣ କରିବା ଆରମ୍ଭ କଲେ । ଏହା ଚମ୍ପକଲାଲ ତାଙ୍କ ରୋଷେଇ ଘରେ ପ୍ରସ୍ତୁତ କରୁଥିଲେ ।

ଗଭୀର ଧ୍ୟାନରେ ନିମଗ୍ନ ହୁଅନ୍ତି । ସେହି ଧ୍ୟାନ ସମୟରେ ଚକ୍ଷୁ ମୁଦ୍ରିତ ଥାଇ ମା'ଙ୍କର ବାହୁଯୁଗଳ କ୍ରମେ କ୍ରମେ ସୁପ୍ ଥିବା ପାତ୍ରଟି ଉପରକୁ ପ୍ରସାରିତ ହୋଇ ଆସେ । ସତେ ଯେପରି ମା' ତାଙ୍କର ଆଶୀର୍ବାଦ ସେଥିରେ ବର୍ଷଣ କରୁଛନ୍ତି ଅଥବା ଆଧ୍ୟାତ୍ମିକ ଶକ୍ତି ତନ୍ମଧ୍ୟରେ ନିଗାଡ଼ି ଦେଉଛନ୍ତି । ତା'ପରେ ଚମ୍ପକଲାଲ ସୁପ୍ ପାତ୍ରର ଢାଙ୍କୁଣିଟିକୁ ବାହାର କରି ନିଅନ୍ତି । ଶ୍ରୀମା ଏକାଗ୍ର ଅବସ୍ଥାରେ ରହି ଡଙ୍କାରେ ସୁପ୍‌କୁ ଧୀରେ ଧୀରେ ଗୋଳାଇ ଦିଅନ୍ତି । ସାଧକବୃନ୍ଦ ଜଣ ଜଣ କରି କପ୍ ହସ୍ତରେ ମା'ଙ୍କ ସମ୍ମୁଖକୁ ଆସନ୍ତି ଓ ଆଣ୍ଠୁ ମାଡ଼ି ବସି ଦୁଇ ହାତରେ ନିଜର କପ୍‌ଟିକୁ ପ୍ରସାରିତ କରି ଧରନ୍ତି । ମା ସେହି କପ୍‌ଟିକୁ ହାତରେ ଧରି ସେଥିରେ ସୁପ୍ ଢାଳନ୍ତି ଓ ସେଥିରେ ନିଜର ଅଧର ସ୍ପର୍ଶପୂର୍ବକ ସୁପ୍ କପ୍‌ଟିକୁ ସାଧକକୁ ଅର୍ପଣ କରନ୍ତି ।...

''ପ୍ରସାଦ ରୂପେ ଏହି ସୁପ୍ ବିତରଣ ଅନୁଷ୍ଠାନଟି ଭାରତର ଯୁଗ ଯୁଗ ବ୍ୟାପୀ ଆଧ୍ୟାତ୍ମିକ ସାଧନାର ଇତିହାସରେ ଗୋଟିଏ ସମ୍ପୂର୍ଣ୍ଣ ନୂତନ ଭୂମିକା ଅଟେ ।... ଏହାର ବିଶେଷ ତାତ୍ପର୍ଯ୍ୟ ସମ୍ବନ୍ଧେ ଶ୍ରୀଅରବିନ୍ଦ ଉଲ୍ଲେଖ କରିଥିଲେ, 'ସୁପ୍ ବିତରଣ ପର୍ବଟି ପ୍ରବର୍ତ୍ତନ କରିବାର ଉଦ୍ଦେଶ୍ୟ ହେଲା ଏକ ଉପାୟ ପ୍ରତିଷ୍ଠା କରିବା, ଯାହା ମାଧ୍ୟମରେ ପ୍ରତ୍ୟେକ ସାଧକ ସିଧାସଳଖ ସ୍ୱୟଂ ମା'ଙ୍କଠାରୁ ତାହାର ଜଡ଼ ଚେତନାର ବିନିମୟରେ ନିଶ୍ଚୟ କିଛି ସାହାଯ୍ୟ ଲାଭ କରି ପାରିବେ ।'

''ଯେଉଁ ସାଧକମାନେ ଏହି ଅନୁଷ୍ଠାନରେ ଯୋଗଦାନ ପୂର୍ବକ ଶ୍ରୀମା'ଙ୍କର କରକମଳରୁ 'ସୁପ୍' ପ୍ରସାଦ ସେବନର ସୌଭାଗ୍ୟ ଅର୍ଜନ କରି ପାରିଥିଲେ ସେମାନଙ୍କ ଜୀବନରେ ଏହାର ପ୍ରଭାବ ସଙ୍ଗେ ସଙ୍ଗେ ଅନୁଭୂତ ହେଉଥିଲା । କିନ୍ତୁ ଦୁଃଖର କଥା ଯେ ସେହି ସମୟରେ ସେମାନେ ଏହାର ଫଳକୁ ଧାରଣ କରିବାକୁ ଶକ୍ତି ଅର୍ଜନ କରିପାରୁ ନଥିବାରୁ ତାହାକୁ ଧରି ରଖି ପାରିଲେ ନାହିଁ ।''

(ଶ୍ରୀଅରବିନ୍ଦ ଆଶ୍ରମ ଜୀବନ : ପୃଷ୍ଠା ୭୦ - ୭୩)

ଏହି 'ସୁପ୍' ଅନୁଷ୍ଠାନ ଓ ମା'ଙ୍କ ଅସୁସ୍ଥତା ସମ୍ବନ୍ଧେ ସ୍ୱର୍ଣ୍ଣଦି'ଙ୍କର* ସ୍ମୃତିକଥାରୁ ଉଦ୍ଧୃତି : ''...ମୁଁ ମୋ ଭଉଣୀ ପାଖରୁ ଶୁଣିଥିଲି ଓ କଥିତ ଅଛି ଯେ ମା ଦିନେ 'ପ୍ରସ୍ପରିଟି ରୁମ୍'କୁ ଯାଉଥିବା ସମୟରେ ଜଣେ ଶ୍ରମିକ ତାଙ୍କୁ ଫେଣାଏ କଦଳୀ ଅର୍ପଣ କଲା ଏବଂ ସେଇ କଦଳୀ ଫେଣା ଭିତରେ ହୁଏତ କେହି ମା'ଙ୍କ ଉପରେ ବିରୋଧୀ ଶକ୍ତି ପ୍ରେରଣ କରିଥିଲା । ତେଣୁ ମା ସେଇଦିନଠାରୁ ଦୁଇ ମାସ (ପ୍ରକୃତରେ ମାସେ) ଧରି ଗୁରୁତର ଭାବରେ ଅସୁସ୍ଥ ହୋଇ ପଡ଼ିଲେ । ଏହି ସମୟ ଭିତରେ ମା ତାଙ୍କର ସମସ୍ତ କର୍ମ ବନ୍ଦ କରି ଦେଇ ଥିଲେ; କେହି ବି ମା'ଙ୍କ ଦର୍ଶନ ପାଇପାରୁ ନଥିଲେ । କେବଳ ଦିନରାତି ଦତ୍ତା ମା'ଙ୍କ ସେବା-ଶୁଶ୍ରୂଷା କରୁଥିଲେ । ତା'ପରେ ସେ ଆରୋଗ୍ୟ ଲାଭ କଲେ, କିନ୍ତୁ ସେ ଆଉ ସୁପ୍ ବିତରଣ କରି ନଥିଲେ ।...''

('An Interview with Swarna Sarcar';
Mother India, Sept. 2019, P. 85)

ଅବଶ୍ୟ ମା'ଙ୍କ ଅସୁସ୍ଥତାର ଅନ୍ତର୍ନିହିତ କାରଣ ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ । ମା ସ୍ୱହସ୍ତରେ ସୁପ୍ ବିତରଣ ଅନୁଷ୍ଠାନଟି ବନ୍ଦ କରି ଦେଲେ ସତ, କିନ୍ତୁ ସ୍ୱାସ୍ଥ୍ୟରକ୍ଷା ଦୃଷ୍ଟିରୁ ଏହି ଅନୁଷ୍ଠାନଟିର ଭାର ତଦାନୀନ୍ତନ 'ଡିସ୍‌ପେନ୍‌ସାରି' (ଏବେ ଯେଉଁଠି ଅଛି)ରୁ ଆଗ୍ରହୀ ଅନ୍ତେବାସୀଙ୍କୁ ଦିଆଗଲା । ଏବେ ମଧ୍ୟ ଆଶ୍ରମ ଭୋଜନାଳୟରୁ ଏହା ପରବର୍ତ୍ତୀ ପିଢ଼ିର ସାଧକ-ସାଧିକାଙ୍କ ଦ୍ୱାରା ବିତରଣ କରାଯାଉଛି ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

* ସ୍ୱର୍ଣ୍ଣପ୍ରଭା ସରକାର (୧୯୦୮ରେ ବେଙ୍ଗଲର ଚଟ୍ଟଗ୍ରାମରେ ଜନ୍ମ) ୧୧ ଅଗଷ୍ଟ ୧୯୩୩ରେ ଆଶ୍ରମକୁ ଆସି ଚିରଦିନ ରହିଯାଇଥିଲେ । 'ଦତ୍ତା'ଙ୍କର ଅତ୍ୟନ୍ତ ଘନିଷ୍ଠ ବନ୍ଧୁ ଥିଲେ; ତାଙ୍କର ପ୍ରାରମ୍ଭିକ କାର୍ଯ୍ୟ ଦତ୍ତାଙ୍କ ସହିତ ହିଁ ଥିଲା ।

ଯଥାର୍ଥ ଭାବଟି ସହିତ କାର୍ଯ୍ୟ କରିବା,– ତାହାହିଁ ଧ୍ୟାନ ।

– ଶ୍ରୀମା

# ସୁନା ପାହାଡ଼ର ଠିକଣା

## ମନୋଜ ଦାସ

ଦିଗନ୍ତବିସ୍ତାରୀ ପର୍ବତମାଳାର ପାଦଦେଶରେ ଅବସ୍ଥିତ ଜନପଦରେ ପହଞ୍ଚି ସାଆନ୍ତେ ଓ ଅବୋଲକରା ଗୋଟିଏ ଚଟିଘରେ ବିଶ୍ରାମ ନେଲେ । ଅପରାହ୍ଣ ବେଳକୁ କୌଣସି ଶୃଙ୍ଖଳିତ କୋଳାହଳ ଦ୍ୱାରା ଆକୃଷ୍ଟ ହୋଇ ଦୁହେଁ ବାହାରକୁ ଦୃଷ୍ଟିପାତ କରି ଦେଖିଲେ, ପର୍ବତମାଳା ଭିତରୁ ବାହାରି ଆସୁଛି ଏକ ଶୋଭାଯାତ୍ରା । ବୃହଦାକାର ଚକ ଲାଗିଥିବା ଦଶ ବାରଗୋଟି ବିଶାଳ ଡ଼ବାକୁ ଟାଣୁଥିଲେ ହାତୀମାନେ । ସେ ଡବା ଶ୍ରେଣୀର ଆଗରେ ଓ ପଛରେ ଥାଇ ଘୋଡ଼ସବାର ସୈନିକମାନେ ଗୋଟିଏ ଗୋଟିଏ ହାତରେ ଲଗାମ ଧରିବା ସଙ୍ଗେ ସଙ୍ଗେ ଅନ୍ୟ ହାତଟିମାନଙ୍କରେ ଉନ୍ମୁକ୍ତ ଅସି ଧରି ଥିଲେ । ସବା ଆଗରେ ଥିଲା ସ୍ୱୟଂ ରାଜାଙ୍କ ରଥ । ତାଙ୍କ ପାଖରେ ଆସୀନ ଥିଲେ ଭଡ଼ାରେ ଆସିଥିବା ଜଣେ ବୈଜ୍ଞାନିକ ।

ଜନପଦ ରାସ୍ତାର ଦୁଇ ପାଖରେ ଧାଡ଼ି ଧରି ଠିଆ ହୋଇଥା'ନ୍ତି ସ୍ଥାନୀୟ ଆବାଳ-ବୃଦ୍ଧବନିତା । ''ସୁନା ସୁନା !'' – ଚାପା ଅଥଚ ଉତ୍ତେଜିତ କଣ୍ଠରେ ସେ ଚଳମାନ ଡ଼ବାସବୁ ଆଡ଼େ ଅନାଇ ସେମାନେ କହୁଥା'ନ୍ତି । ଶକ୍ତ, ପ୍ରକାଣ୍ଡ ତାଲାବଦ୍ଧ ସେସବୁ ଡ଼ବା ଭିତରୁ ସୁନାର ସାମାନ୍ୟତମ ସୂଚନା ଦୃଶ୍ୟମାନ ନହେବା ସତ୍ତ୍ୱେ ସେମାନେ ସେସବୁର ସାନ୍ନିଧ୍ୟରେହିଁ ଶିହରି ଉଠୁଥା'ନ୍ତି ।

''ସୁନାର ନୂତନ ସିଂହାସନ ନିର୍ମାଣ ହେବ; ରାଜାରାଣୀଙ୍କ ପାଇଁ ଦଶଦଶଟି ମୁକୁଟ ତିଆରି ହେବ, ରାଜାଙ୍କର ପ୍ରତ୍ୟେକ ଦେହରକ୍ଷୀଙ୍କ ଅସି ନିମନ୍ତେ ସୁନାର ଖୋଳ ପ୍ରସ୍ତୁତ ହେବ ।'' – ମଧ୍ୟେ ମଧ୍ୟେ ବେପାର ନିମନ୍ତେ ରାଜଧାନୀକୁ ଯାଉଥିବା ଜଣେ ଗ୍ରାମବାସୀ କହିଲେ । ''ବିଦେଶରୁ ସୁନା ବଦଳରେ ପ୍ରଚୁର ଆଧୁନିକ ଯୁଦ୍ଧ ସରଞ୍ଜାମ ବି ଆମଦାନୀ ହେବ ।'' – କହିଲେ ଗ୍ରାମମୁଖ୍ୟ । ''ଆଉ ହେବ ରାଜନର୍ତ୍ତକୀଙ୍କ ପାଇଁ ସୁନା ଜରିରେ ପୋଷାକ ।''

''ହେବ, ହେବ – ଯେତିକି ସୁନା ମିଳିଛି ସେଥିରେ ସବୁ ପ୍ରଜାଙ୍କ ପାଇଁ ଗୋଟିଏ ଗୋଟିଏ ମୁଦି ବି ତିଆରି ହୋଇପାରିବ ।'' – ତୃତୀୟ ବିଜ୍ଞ ଜନପଦବାସୀ କହିଲେ ।

''ହଟିଯାଅ ! ହଟିଯାଅ !'' – ଧମକ ଦେଲେ ଘୋଡ଼ସବାରମାନେ ।

ଅବୋଲକରା ଯାଇ ରାସ୍ତା କଡ଼ରେ ଜନତା ସହିତ ସାମିଲ ହୋଇ ଯାଇଥିଲା । ଶୋଭାଯାତ୍ରା ଗ୍ରାମ ଅତିକ୍ରମ କରି, ବିସ୍ତୃତ ପ୍ରାନ୍ତର ମଝି ଦେଇ ରାଜଧାନୀ ଅଭିମୁଖେ ବହୁଦୂର ଚାଲିଯିବା ଉତ୍ତାରୁ ମନ୍ତ୍ରମୁଗ୍ଧ ପ୍ରାୟ ଲୋକେ ନିଜ ନିଜ ଅବସ୍ଥାର ବାସ୍ତବତା ସମ୍ପର୍କରେ ଚେତି ଉଠି ରାସ୍ତାରୁ ଅପସରି ଗଲେ । ଅବୋଲକରା ମଧ୍ୟ ଚଟିଘରକୁ ବାହୁଡ଼ି ଆସିଲା । ତେବେ ଆସିବା ପୂର୍ବରୁ ସେ ସ୍ଥାନୀୟ ଲୋକଙ୍କଠୁଁ ଶୋଭାଯାତ୍ରାର ପଟଭୂମି ବିଷୟରେ ସଂକ୍ଷିପ୍ତ ଜ୍ଞାନ ଆହରଣ କଲା । ପର୍ବତଶ୍ରେଣୀ ଭିତରେ ଲୁଚି ରହିଥିଲା ଏକ ସୁନାର ଶିଖର । କିଂବଦନ୍ତୀଭାବରେ ତାହା ବହୁ କାଳରୁ ଜ୍ଞାତ ଥିଲା; କିନ୍ତୁ ତା'ର ସ୍ଥୂଳ ତଥ୍ୟତା ଉପରେ କେହି କେବେ ଚିନ୍ତା କରୁ ନଥିଲେ ।

ସମ୍ପ୍ରତି ଏକ ପଡ଼ୋଶୀ ରାଜ୍ୟର ଜଣେ ବୈଜ୍ଞାନିକ ଏପରି ଏକ ଯନ୍ତ୍ର ଆବିଷ୍କାର କରିଥା'ନ୍ତି, ଯାହା ଭୂଗର୍ଭରେ ଅଥବା ପର୍ବତଶ୍ରେଣୀରେ ଲୁକ୍କାୟିତ ସୁନାର ସନ୍ଧାନ ଦେଇ ପାରୁଥିଲା । ଉକ୍ତ ପଡ଼ୋଶୀ ରାଜା ଓ ତାଙ୍କ ରାଜ୍ୟର ବୈଜ୍ଞାନିକ ଆବିଷ୍କୃତ ସୁନାର ଏକ ଦଶମାଂସ ପାଇବେ, ଏହି ସର୍ତ୍ତରେ ସେ ବୈଜ୍ଞାନିକଙ୍କୁ କାମରେ ଲଗା ହୋଇଥିଲା । ଚଟିଘରେ ସାଆନ୍ତେ ନଥିଲେ । ଦେଖିବାବେଳକୁ ପଛପଟ ନିର୍ଜନ ହତାରେ ଖଣ୍ଡିଏ ପଥର ଉପରେ ବସି ରହି ସେ ଦିଗନ୍ତକୁ ଅନାଇ ରହିଛନ୍ତି । ତାଙ୍କ ଆଖି ସଜଳ ।

ସାଧାରଣତଃ ସାଆନ୍ତଙ୍କ ଆଖି ଯୋଡ଼ିକ ଗଭୀର ସମ୍ବେଦନରେ ସ୍ନିଗ୍ଧ ଶୀତଳ ଦିଶୁଥାଏ । ମଣିଷର ନିର୍ବୋଧତା ବା ଅନ୍ୟାୟ ଅନାଚାରରେ କଦାଚିତ୍ ସେଥିରେ ରୁଦ୍ରଭାବର ପ୍ରକାଶ ଘଟିଥାଇପାରେ... କିନ୍ତୁ ଅଶ୍ରୁ ? ନା, ଅବୋଲକରାର ଦୀର୍ଘ ସ୍ମୃତିରେ ସେ ଦୃଶ୍ୟର ଦୃଷ୍ଟାନ୍ତ ନାହିଁ ।

''ଗୁରୁଦେବ !''

ସାଆନ୍ତେ ଚେଲା ଆଡ଼େ ଦୃଷ୍ଟିପାତ ନକରି ''କ'ଣ'' ବୋଲି ପଚାରିଲେ ।

''ଆପଣଙ୍କ ସାନ୍ଧ୍ୟ ଧ୍ୟାନ ନିମନ୍ତେ ଆସନ ଖଣ୍ଡିକ ଏଠାକୁ ଆଣିବି ?'' – ଅବୋଲକରା ପ୍ରଶ୍ନକଲା ।

''ଏ ଶିଳାସନହିଁ ଯଥେଷ୍ଟ ।''

ସାଆନ୍ତଙ୍କ କଣ୍ଠରେ ଏହି ନିର୍ଦ୍ଦିଷ୍ଟ ସ୍ୱର ଅନ୍ୟମାନଙ୍କୁ କଥା କହିବାରୁ ବିରତ କରିବାର ସଙ୍କେତ । ଅବୋଲକରା ଚୁପ୍ ରହିଗଲା ।

ସେଦିନ ରାତିରେ ସାଆନ୍ତେ ଆହାର କରିବାକୁ ରାଜି ହେଉ ନଥିଲେ । କିନ୍ତୁ ନଖାଇଲେ ଅବୋଲକରା ବି ଅନାହାରରେ ରାତି ବିତାଇବ, ତେଣୁ ସେ ସାମାନ୍ୟ ଖାଇଲେ । ଅଗତ୍ୟା ଅବୋଲକରାକୁ ନିଜ ଖାଦ୍ୟ ସହ ଗୁରୁଙ୍କ ଆହାରର ଅବଶିଷ୍ଟ ବହୁଳାଂଶ ଭକ୍ଷଣ କରିବାକୁ ହେଲା ।

ପ୍ରଭାତରେ ସାଆନ୍ତେ କହିଲେ, ‘‘ଅଦୂରର ପର୍ବତଶ୍ରେଣୀ ଭିତରକୁ ଯିବାର ଆଉ ପ୍ରୟୋଜନ ନାହିଁ । ବର୍ତ୍ତମାନ ଆମର ପରବର୍ତ୍ତୀ ଗନ୍ତବ୍ୟ...’’

‘‘ମୁଁ କୁଆଡ଼େ ଯାଉ ନାହିଁ ।’’ ଅବୋଲକରା ତା’ର ଚିରାଚରିତ ଜିଗରଦାର କଣ୍ଠରେ ଘୋଷଣା କଲା ।

‘‘ବୋଇଲେ ? ତୋତେ ତ ଏମିତି କିଛି ଅଜବ ଚିଜ ବା ଦୃଶ୍ୟ ଦେଖିବାକୁ ପଡ଼ି ନାହିଁ; ଯାହାର ବ୍ୟାଖ୍ୟା ତୁ ମୋଠୁ ଦାବି କରିବୁ !’’ ସାଆନ୍ତେ ବିସ୍ମୟ ପ୍ରକାଶ କଲେ ।

‘‘ଅଜବଠୁଁ ବଳି ଅଜବ ମୁଁ ଦେଖିଲି ଗୁରୁଦେବ !’’

‘‘ସୁନାବାହୀ ଶୋଭାଯାତ୍ରା ?’’

‘‘ନା, ନା, ଗୁରୁଦେବ ! ପର୍ବତପ୍ରମାଣ ସୁନାଠୁ ସହସ୍ର ଗୁଣ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ ଯାହା ଦେଖିଲି, ତାହା ହେଲା ଆପଣଙ୍କ ଅଶ୍ରୁ । ସେ ଅଶ୍ରୁର ବ୍ୟାଖ୍ୟା ଦିଅନ୍ତୁ – ନହେଲେ ମୁଁ କମ୍ବଳ ଗୋଟାଉ ନାହିଁ ।’’

‘‘ଅଶ୍ରୁର ବ୍ୟାଖ୍ୟା ?’’ ସାଆନ୍ତେ ଟିକିଏ ନୀରବ ରହି କହିଲେ, ‘‘ସମ୍ଭବ ନୁହେଁ । ତେବେ ଶେଷ ଅପରାହ୍ଣରେ ଆମେ ପର୍ବତ ଶ୍ରେଣୀ ଭିତରକୁ ଯିବା । ଯାହା ତୋତେ ଦେଖାଇବାକୁ ଚାହିଁଥିଲି ଓ ନିଜେ ପୁନର୍ବାର ଦେଖିବାକୁ ଚାହିଁଥିଲି, ଅଥଚ ଯାହା ଆଉ ଦେଖାଇ ପାରିବି ନାହିଁ କି ଦେଖିପାରିବି ନାହିଁ, ତାହାର ଶୂନ୍ୟସ୍ଥାନ ପ୍ରତି ତୋ ଦୃଷ୍ଟି ଆକର୍ଷଣ କରି କହିବି ତା’ କଥା ।’’

ସୂର୍ଯ୍ୟାସ୍ତର ଅବ୍ୟବହିତ ପୂର୍ବରୁ ସାଆନ୍ତେ ଏବଂ ଅବୋଲକରା ପର୍ବତଶ୍ରେଣୀ ଭିତରେ ପ୍ରବେଶ କଲେ ଓ ଗୋଟିଏ ଅନୁଚ୍ଚ ଶିଖର ଉପରେ ଆସନ ଗ୍ରହଣ କଲେ । ପଶ୍ଚିମ ଦିଗନ୍ତବ୍ୟାପୀ ମେଘମାଳା ଉପରେ ସୂର୍ଯ୍ୟାସ୍ତ ତା’ର ବହୁ ଇନ୍ଦ୍ରଜାଲର ମୃଦୁ ମୃଦୁ ଚିତ୍ରଣ କରୁଥାଏ । ସେହି ଦିଗକୁ ଦୃଷ୍ଟିପାତ କରି ସାଆନ୍ତେ ଦୀର୍ଘ ନିଶ୍ୱାସ ତ୍ୟାଗ କରି କହିଲେ, ‘‘ଏଠାକାର ଦିଗନ୍ତର ଏକ ବିଶେଷ ମହିମା ଥିଲା । ଏଠି ଫୁଟୁଥିଲା ଏକ ଅପରୂପ ଦିବ୍ୟ ଦୃଶ୍ୟ – ତାହା ଆଉ ପ୍ରତିଭାତ ହେବ ନାହିଁ । ଶୁଣ ସେକଥା ।’’

ସାଆନ୍ତେ ସବିସ୍ତାର ଯାହା କହିଲେ, ତା’ର ସଂକ୍ଷିପ୍ତ ସାର :

କେଇ ଶହ ବର୍ଷ ତଳର କଥା । ମହେନ୍ଦ୍ର ନାମକ ଜଣେ ସମ୍ଭ୍ରାନ୍ତ ଯୁବକ ତାଙ୍କର ଦୁଇ ବନ୍ଧୁଙ୍କୁ ଧରି ବାହାରିଥା’ନ୍ତି କୌଣସି ଦ୍ୱୀପ ଅଭିମୁଖେ । ସେ ସୁଦୂର ଦ୍ୱୀପରେ ସୁନାର ପ୍ରାଚୁର୍ଯ୍ୟ । ସେଠାରୁ ସୁନା ସଂଗ୍ରହ କରି ଅନ୍ୟତ୍ର ବିକ୍ରୟ କରି ଲାଭବାନ୍ ହେବା ଥିଲା ସେମାନଙ୍କ ଉଦ୍ଦେଶ୍ୟ ।

ଦୈବକୁ ସମୁଦ୍ରରେ ହେଲା ଏକ ଦୁର୍ଘଟଣା । ତିନି ବନ୍ଧୁ ବର୍ତ୍ତିଗଲେ ଏବଂ ସଙ୍ଗେ ସଙ୍ଗେ ସେମାନଙ୍କ ସାହାଯ୍ୟ ଯୋଗୁଁ ରକ୍ଷା ପାଇଲେ ଜଣେ ବୃଦ୍ଧ ସାଧବ । ତାଙ୍କୁ ସ୍ୱଦେଶରେ ଛାଡ଼ି ତିନିବନ୍ଧୁ ବିଦାୟ ନେବା ବେଳକୁ ବୃଦ୍ଧ ଜଣକ ମହେନ୍ଦ୍ରଙ୍କୁ କହିଲେ – ‘‘ଏକଦା ମୋତେ ମିଳିଥିଲା ଗୋଟିଏ ସୁନା ପାହାଡ଼ର ସନ୍ଧାନ । ସେ ଦୂର ଦୁର୍ଗମ ମୁଲକକୁ ଯିବି ଯିବି ବୋଲି ଯାଇ ପାରି ନାହିଁ କି ଆଉ ଯିବାର ସ୍ୱପ୍ନ ବି ଦେଖୁ ନାହିଁ । ତେବେ ତୁମକୁ ତା’ର ଠିକଣା ଦେଇଦିଏଁ ।’’

ମହେନ୍ଦ୍ର ଓ ଦୁଇବନ୍ଧୁ ସେ ଠିକଣା ଅନୁସରଣ କରି ପହଞ୍ଚିଲେ ଏହି ପର୍ବତଶ୍ରେଣୀ ଭିତରେ । ଦୈବକୁ ସେମାନେ ଜଣେ ଅବଧୂତଙ୍କୁ ଭେଟିଲେ । ‘‘ସୁନା ଶିଖର ଅବଲୋକନ କରିବ ?’’ – ଏହା କହି ଅବଧୂତ ସୂର୍ଯ୍ୟାସ୍ତର ଦିଗନ୍ତ ପ୍ରତି ସେମାନଙ୍କ ଦୃଷ୍ଟି ଆକର୍ଷଣ କଲେ । ଚମକି ପଡ଼ିଲେ ତିନିବନ୍ଧୁ । ନିର୍ନିମେଷ ନୟନରେ ସେମାନେ ଦେଖିଲେ ଏକ ଅକଳ୍ପନୀୟ ଦୃଶ୍ୟ । ନମ୍ର ମେଘମାଳା ଉପରେ ଗୋଟିଏ ଅପୂର୍ବ, ଅନନ୍ୟ ସୁନା ପାହାଡ଼ର ପ୍ରତିଫଳନ । ମୁହୂର୍ତ୍ତକ ଉତ୍ତାରୁ ତାହା ସ୍ତିମିତ ହୋଇ ଅଦୃଶ୍ୟ ହୋଇଗଲା ।

‘‘ଦିଗନ୍ତରେ ଏହା ପ୍ରତିଫଳିତ ହେବା ସତ୍ତ୍ୱେ ଏଠାକାର ସହସ୍ର ଶୃଙ୍ଗ ଭିତରୁ ତୁମେ ତାକୁ ଆବିଷ୍କାର କରି ପାରିବ ନାହିଁ – ତାହାହିଁ ତା’ର ବିଶେଷତ୍ୱ ।’’ – ଅବଧୂତ କହିଲେ ।

‘‘କିନ୍ତୁ ଆମକୁ ଆବିଷ୍କାର କରିବାକୁ ହିଁ ହେବ । ସାହାଯ୍ୟ କରନ୍ତୁ ।’’ – ମହେନ୍ଦ୍ର କାକୁତି କରି କହିଲେ ବାରଂବାର ।

‘‘ବେଶ୍...’’ ଅବଧୂତ ସ୍ୱୀକୃତ ହେଲେ । ‘‘କିନ୍ତୁ ତୁମ ସ୍ଥୂଳ ଅନୁସନ୍ଧିତ୍ସା ଦ୍ୱାରା ତୁମେ ସନ୍ଧାନ ପାଇବ ନାହିଁ – ସେଥି ପାଇଁ ସାଧନା କରିବାକୁ ହେବ ।’’

ସାଧନା କରିବାକୁ ମହେନ୍ଦ୍ର ସ୍ୱୀକୃତ ହେଲେ । ସେ ସେହିଠାରେ ଅବଧୂତଙ୍କ ସହ ଗୋଟିଏ ଗୁମ୍ଫାରେ ରହିଲେ । ଦୁଇବନ୍ଧୁ ରହିଲେ ନିକଟବର୍ତ୍ତୀ ଜନପଦରେ । ପ୍ରତ୍ୟହ ସୂର୍ଯ୍ୟାସ୍ତ ପୂର୍ବରୁ ଦୁଇ ବନ୍ଧୁ ଯାଇ ପର୍ବତଶ୍ରେଣୀ ଭିତରେ ବସନ୍ତି । ଦିଗ୍‌ବଳୟ ଭିତରକୁ ଅନାଇ ରହିବା ଭିତରେ ହଠାତ୍ ମୁହୂର୍ତ୍ତକ ସକାଶେ ସେମାନେ ଦେଖନ୍ତି ସୁନା ପାହାଡ଼ର ପ୍ରତିଫଳନ । ସେ ମୁଗ୍ଧ ମାଦକତାର ପ୍ରଭାବ ସେମାନଙ୍କ ଚେତନାକୁ ଆଚ୍ଛନ୍ନ କରି ରଖେ ସାରା ରାତି, ସାରା ଦିନ । ସେମାନେ ଅଭିଭୂତ ହୋଇ ରହନ୍ତି । ଦିନ ବିତିଯାଏ ।

ପାଞ୍ଚବର୍ଷ ପରେ ମହେନ୍ଦ୍ର ଦିନେ ହସି ହସି ଆସି ସେମାନଙ୍କ ଆଗରେ ପହଞ୍ଚିଗଲେ ଓ କହିଲେ, ''ମୋର ସିଦ୍ଧି ହେଲା । ସୁନା ପାହାଡ଼ର ସନ୍ଧାନ ପାଇଛି । ବନ୍ଧୁଦ୍ୱୟ ! ତୁମେମାନେ ଏ ପାଞ୍ଚବର୍ଷ ଭିତରେ କ'ଣ କରିଛ ? କାରଣ ତୁମମାନଙ୍କ ଆଖିରେ ମୁଁ ଦେଖୁଛି ବିସ୍ମୟକର ପରିବର୍ତ୍ତନ ।''

ଦୁଇବନ୍ଧୁ ସଚେତନ ହେଲେ – ବାସ୍ତବିକ ଜୀବନର କେତେ ସୀମିତ, ସ୍ୱାର୍ଥପର ଆଗ୍ରହ ଓ ସଂଘର୍ଷର ଆବେଦନ ସେମାନଙ୍କ ପାଇଁ ଇତିମଧ୍ୟରେ ତୁଚ୍ଛ ହୋଇଯାଇଛି !

ଜଣେ ବନ୍ଧୁ ଦିଗନ୍ତର ସେ ଅନିର୍ବଚନୀୟ ଦୃଶ୍ୟରେ ଅନୁପ୍ରାଣିତ ହୋଇ ଲେଖିଥିଲେ ଏକ କାବ୍ୟ । ଦ୍ୱିତୀୟ ବନ୍ଧୁ ଆଙ୍କିଥିଲେ ଅପୂର୍ବ କେତୋଟି ଚିତ୍ର ।

ତିନିବନ୍ଧୁ ଦୀର୍ଘ ସମୟ ନୀରବରେ ବସି ରହିଲେ । ଅବଶେଷରେ ମହେନ୍ଦ୍ର ପ୍ରଶ୍ନ କଲେ, ''ଆମେ ତେବେ ଏଥର ସେ ସୁନା ପାହାଡ଼ ଖୋଳିବା ? କିନ୍ତୁ ତା' ଦେହରେ ଥରେ ଧକ୍କା ଲାଗିଲେ ଦିଗନ୍ତରେ ଆଉ ତା'ର ପ୍ରତିଫଳନ ହେବ ନାହିଁ ।''

ପୁଣି ନୀରବତା ଭିତରେ କଟିଗଲା ଦୀର୍ଘ ସମୟ । ତା'ପରେ ହଠାତ୍ ତିନିହେଁ ପରସ୍ପରକୁ ଅନାଇଁ ହସି ଉଠିଲେ । ଦିଗନ୍ତରେ ଫୁଟି ଉଠିଥିଲା ସେ ଅବର୍ଣ୍ଣନୀୟ ପ୍ରତିଫଳନ । ତାକୁ ନମସ୍କାର କରି ତିନିବନ୍ଧୁ ସ୍ୱଦେଶକୁ ବାହୁଡ଼ି ଗଲେ ।

ସାଆନ୍ତେ କାହାଣୀ ଶେଷ କରି କହିଲେ, ''ସେହି ପ୍ରତିଫଳନ ଦେଖିବା ଆଶାରେ ତୋତେ ନେଇ ଏଠାକୁ ଆସିଥିଲି । ହାୟ !''

''ଯେଉଁ ସୁନାପାହାଡ଼ର ସ୍ଥିତି ରାଜାଙ୍କୁ ତାଙ୍କ ବୈଜ୍ଞାନିକମାନେ ସାମାନ୍ୟ ଯନ୍ତ୍ର ସାହାଯ୍ୟରେ କହିଦେଲେ, ସେ ପାଇଁ ମହେନ୍ଦ୍ରଙ୍କୁ ପାଞ୍ଚବର୍ଷ କାଳ ସାଧନା କରିବାକୁ ପଡ଼ିଥିଲା – କେଡ଼େ ବିଡ଼ମ୍ବନା !'' ଅବୋଲକରା ମନ୍ତବ୍ୟ ଦେଲା ।

''ମୂଢ଼ !''

''ଆଜ୍ଞା ?''

''ତୁ ଦ୍ୱିବାର ମୂଢ଼ !''

''ଗୁରୁଦେବ ! କହୁଥିଲି କି ଦିନେ ଯାହା ସୂକ୍ଷ୍ମ ଜ୍ଞାନ ଦ୍ୱାରା ସାଧିତ ହେଉଥିଲା, ଆଜି ତାହା ସ୍ଥୂଳ ବିଜ୍ଞାନ...''

''ତୁ ତ୍ରିବାର ମୂଢ଼ !''

ଅବୋଲକରା ଚୁପ୍ ହେଲା । କିଛି ସମୟ ପରେ ସେ ଧୀର ଭାବରେ କହିଲା, ''ଗୁରୁଦେବ, ମୋ ମୂଢ଼ତାରେ ସାମାନ୍ୟ ଲାଘବ ଘଟିଛି । ସୂକ୍ଷ୍ମ ଜ୍ଞାନ ଓ ସୁନା ପାହାଡ଼ର ସୂକ୍ଷ୍ମ ପ୍ରଭାବ ଅନୁଭବ କରିବା ଅବସରରେ ସେମାନେ ନିଜ ନିଜ ଚେତନାକୁ ସେ ଉଦ୍ଭାସିତ ସୁବର୍ଣ୍ଣ ଭଳି ଦ୍ୟୁତିମାନ୍ କରି ପାରିଥିଲେ । କିନ୍ତୁ ଆଜି... ସେ ସୁନାରେ ପ୍ରସ୍ତୁତ ହେବ ଦେହରକ୍ଷୀମାନଙ୍କର ଅସିର ଖୋଳ, ରାଜନର୍ତ୍ତକୀର ଜରିଦାର ପୋଷାକ ଓ ବ୍ୟଗ୍ର ବିମୂଢ଼ ପ୍ରଜାକୁଳଙ୍କ ପାଇଁ ଏକ ଏକ ମୁଦି...''

ସାଆନ୍ତେ ଅଳ୍ପ ହସି ଉଠିପଡ଼ିଲେ – ବିଷଣ୍ଣ ହସ । ❑

ବିଶ୍ୱରେ ବିସ୍ମୟସବୁର କୌଣସି ଅନ୍ତ ନାହିଁ ।

ଆମେ ଯେତେ ଅଧିକ ଆମ କ୍ଷୁଦ୍ର ଅହଂର ସୀମାରୁ ମୁକ୍ତି ଲାଭ କରିବୁ, ଏହି ବିପୁଳ ବିସ୍ମୟସବୁ ସେତେ ଅଧିକ ଭାବରେ ଆମ ଆଗରେ ନିଜକୁ ଉଦ୍‌ଘାଟିତ କରି ଦେବେ ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୩୬)

## ମହେନ୍ଦ୍ରନାଥ ସ୍ୱାଇଁ

**ପ୍ରାର୍ଥନାର ଦିବ୍ୟସ୍ୱର :**

ଆମ ଅନ୍ତର୍ସତ୍ତା ବା ଅନ୍ତଃପୁରୁଷ ଜାଣନ୍ତି ଯେ ଏକମାତ୍ର ପରମ ପ୍ରଭୁହିଁ ଆମର ଶରଣଦାତା । ଯେତେବେଳେ ଆମର ଜୀବନର ଗତି ଏବଂ ସାଧନା ସ୍ତିମିତ ହୋଇଗଲା ପରି ମନେହୁଏ, ଆମେ କାମନାବାସନାର ଘଞ୍ଚ ଅରଣ୍ୟାନୀ ଭିତରେ ପଶି ଗଲା ପରି ମନେହୁଏ ସେତେବେଳେ ଆମେ ପରମ ପ୍ରଭୁଙ୍କ ପାଖକୁ ଗଭୀର ବିଶ୍ୱାସ ଓ ଆସ୍ଥାର ସହିତ ବାରଂବାର ଯାଇ ତାଙ୍କ ପାଦପଦ୍ମରେ ପ୍ରାର୍ଥନାର ଦିବ୍ୟସ୍ୱରର ଧାରା ଢାଳି ଦେଇଥାଉ । ଏହି ପରିପ୍ରେକ୍ଷୀରେ ଦିବ୍ୟଜନନୀ ଶ୍ରୀମା ମାର୍ଚ୍ଚ ୧୩, ୧୯୧୩ ପ୍ରାର୍ଥନାଟିରେ ପ୍ରଭୁଙ୍କୁ କିପରି ଡାକିବାକୁ ହେବ, କେଉଁ ଶବ୍ଦ ଓ ସ୍ୱରରେ ପ୍ରାର୍ଥନାଟିକୁ ସଜାଇବାକୁ ହେବ ତାହା ତାଙ୍କର ମଧୁଝରା ଭାଷା ମାଧ୍ୟମରେ ଆମ୍ଭମାନଙ୍କ ସମ୍ମୁଖରେ ପରିବେଷଣ କରିଛନ୍ତି – ତାହା ଏହିପରି : ''...Let the pure perfume of sanctification burn always, rising higher and higher, and straighter and straighter, like the ceaseless prayer of the integral being, desiring to unite with Thee so as to manifest Thee.''

ଅର୍ଥାତ୍, ''...ପବିତ୍ରତାର ବିଶୁଦ୍ଧ ସୁଗନ୍ଧ ସର୍ବଦା ପ୍ରଜ୍ୱଳିତ ହୋଇ ରହିଥାଉ, ଊର୍ଦ୍ଧ୍ୱରୁ ଆହୁରି ଊର୍ଦ୍ଧ୍ୱକୁ ଉଠୁଥାଉ, ଏବଂ ଯେପରି ଏକ ପୂର୍ଣ୍ଣାଙ୍ଗ ସତ୍ତାର ନିରବଚ୍ଛିନ୍ନ ପ୍ରାର୍ଥନା ଆପଣଙ୍କ ସହିତ ଏକାକାର ହେବା ପାଇଁ, ଫଳତଃ ଆପଣଙ୍କୁ ପ୍ରକାଶିତ କରିବା ପାଇଁ ସିଧାସଳଖ ଊର୍ଦ୍ଧ୍ୱରୁ ଆହୁରି ଊର୍ଦ୍ଧ୍ୱକୁ ଉଠୁଥାଏ, ସେହିପରି ।''

କେବଳ ପରମ ପ୍ରଭୁହିଁ ଆମ୍ଭମାନଙ୍କୁ ବିଶୁଦ୍ଧ କରି ପାରିବେ ଏବଂ ଊର୍ଦ୍ଧ୍ୱକୁ ଟୋଳି ନେବେ, ସେ ହିଁ ଆମର ପଥ, ସେ ହିଁ ଆମର ଲକ୍ଷ୍ୟସ୍ଥଳ ଏବଂ ଆମର ଶରଣଦାତା । ମାତୃସନ୍ତାନମାନେ ସେହି ଅଭୟ ପଦଦ୍ୱୟ ଆଡ଼କୁ ହାତ ବଢ଼ାଇବା ଏବଂ ଦୃଢ଼ ଭାବରେ ଧରିବା । ଛୋଟ ଶିଶୁଟିଏ ପରି ତାଙ୍କୁ କୁଣ୍ଢାଇ ଧରିବା, ଆଦୌ ଛାଡ଼ିବା ନାହିଁ, ଯଦି ଏହିପରି ତାଙ୍କୁ ଜାବୁଡ଼ି ଧରିବା ଏବଂ ଝୁଲି ରହିବା, ଉପଯୁକ୍ତ ସମୟରେ ସେ ଆମ କଥା ଶୁଣିବେ ଏବଂ ତାଙ୍କ ପାଖକୁ ହାତ ଧରି ନେଇ ଯିବେ । ସେତେବେଳେ ଯାଇ ଆମ ଜୀବନର ସକଳ ସ୍ୱପ୍ନ ସତ୍ୟରେ ପରିଣତ ହେବ; ଅନ୍ଧକାର ରାତ୍ରି ଅତୀତର ଏକ ଘଟଣା ହୋଇ ରହିଯିବ । ଏକ ଜାଜ୍ୱଲ୍ୟମାନ ସୂର୍ଯ୍ୟ ପରି ପରମ ପ୍ରଭୁ ଆମ୍ଭମାନଙ୍କୁ ଆଲୋକିତ କରି ଦେବେ ଏବଂ ଆମେ ଗୋଟିଏ ଗୋଟିଏ ରୂପେଲି ଜହ୍ନ ପରି ତାଙ୍କର ମାଧ୍ୟାକର୍ଷଣ-କକ୍ଷ ପଥରେ ସବୁଦିନ ପାଇଁ ସୁରକ୍ଷିତ ହୋଇ ଘୂରି ବୁଲୁଥିବା ।

ଆମ ମନ ଯେତେବେଳେ ଇଚ୍ଛା କରେ ଚେତନାର ସର୍ବୋଚ୍ଚ ଶିଖରକୁ ଉଡ଼ିଯିବା ପାଇଁ, ଯେତେବେଳେ ଆମର ଭାବପ୍ରବଣ ସତ୍ତା ଅଭୀପ୍ସା କରେ ଦିବ୍ୟଜନନୀଙ୍କର ପୁଷ୍ପ-କୋମଳ ପଦଦ୍ୱୟକୁ ଦୁଇ ହାତରେ ଜାବୁଡ଼ି ଧରିବାକୁ ଏବଂ ସେହି ପାଦ ଦୁଇଟି ଉପରେ ମଥା ଥାପି ସମ୍ପୂର୍ଣ୍ଣ ରୂପେ ସମର୍ପିତ ହୋଇଯିବାକୁ ସେତେବେଳେ ଆମେ କାହିଁକି ପୁଣି ପଛକୁ ଫେରି ଚାହୁଁ, ନିମ୍ନ ଜଗତର କାମନାବାସନା ଦ୍ୱାରା ପରିଚାଳିତ ଚିରାଚରିତ ସଂସାର ଭିତରକୁ ? ବିବର୍ତ୍ତନ ପଥରେ ଊର୍ଦ୍ଧ୍ୱାରୋହଣ କଲା ବେଳେ ଆମ ପାଦକୁ କିଏ ଛନ୍ଦି ଦିଏ ? ଠିକ୍ ସେତିକି ବେଳେ ଦୂର ଦିଗ୍‌ବଳୟ ଭିତରେ ଜ୍ୟୋତିର୍ମୟ ଦେବୀମୂର୍ତ୍ତିଟିଏ ଦୁଇ ବାହୁ ପ୍ରସାରଣପୂର୍ବକ ଆହ୍ୱାନ ଦିଅନ୍ତି, ''ଆସ ମୋର ଏହି ଅଭୟପ୍ରଦାନକାରୀ ବାହୁ ଯୁଗଳ ମଧ୍ୟକୁ । ମୁଁ ସକଳ ବାଧାବିଘ୍ନକୁ ସୁଯୋଗରେ ପରିଣତ କରି ଦେବି, ଆନନ୍ଦରେ ଉଡ଼ି ବୁଲିବ ନୂତନ ଆଲୋକ ଓ ନୂତନ ଜଗତ୍ ଭିତରେ ଯେଉଁଠାରେ ପ୍ରଶାନ୍ତି, ପ୍ରେମ ଓ ପରିପୂର୍ଣ୍ଣତାର ଅପୂର୍ବ ଆଭାରେ ସ୍ନାନ କରି ନିଜକୁ ଅପାର୍ଥିବ ବର୍ଣ୍ଣ-ବିଭାରେ ରଞ୍ଜିତ କରି ଦେବ ।''

ଆଲୋଚ୍ୟ ମାର୍ଚ୍ଚ ୧୩, ୧୯୧୩ ପ୍ରାର୍ଥନାଟି କ୍ଷୁଦ୍ର, ପାଞ୍ଚ ଧାଡ଼ି ବିଶିଷ୍ଟ । ଏହି ପାଞ୍ଚୋଟି ଧାଡ଼ି ଭିତରେ ରହିଛି ଚଉତିରିଶଟି ଶବ୍ଦ । ପ୍ରତ୍ୟେକ ଶବ୍ଦ ଭିତରେ ରହିଛି ପବିତ୍ରତାର ବିଶୁଦ୍ଧ ସୁବାସ । ମନୁଷ୍ୟ, ପଶୁ, ପକ୍ଷୀ ଓ ବୃକ୍ଷଲତା ପ୍ରତ୍ୟେକେ

ଏହି ସୁବାସକୁ ଗ୍ରହଣ କରନ୍ତି, ସ୍ୱୟଂ ବଢ଼ନ୍ତି ଏବଂ ପ୍ରତ୍ୟହ କୃତଜ୍ଞତାର ଅଞ୍ଜଳି ରୂପେ ନିଜେ ନିଜେ ପ୍ରସ୍ତୁତ କରୁଥିବା ଅପୂର୍ବ ସମ୍ଭାରମାନଙ୍କୁ ଦିବ୍ୟଜନନୀ ଓ ପରମ ପ୍ରଭୁଙ୍କ ପାଦ ତଳେ ଅଜାଡ଼ି ଦେଇ ସମର୍ପିତ ହୋଇ ଯାଆନ୍ତି । ଏହି ପରିପ୍ରେକ୍ଷୀରେ ଗୋଟିଏ ସ୍ୱର୍ଣ୍ଣଚମ୍ପା ଗଛ କିପରି ଦିବ୍ୟଜନନୀଙ୍କ ସେବାରେ ଲାଗି ପାରିଥିଲା ତାହା ଉପସ୍ଥାପନ କଲେ ଅତ୍ୟୁକ୍ତି ହେବ ନାହିଁ –

ଲାଲଜୀ ଭାଇ ହେଉଛନ୍ତି 'ହୁତା'ଙ୍କ ବଡ଼ ଭାଇ, ଗୁଜୁରାଟୀ । ମା'ଙ୍କ ଆଶୀର୍ବାଦ, ଅନୁମତି ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସେ ପଣ୍ଡିଚେରୀରେ ଏକ ଚିନି କାରଖାନା ବସାଇଥିଲେ । ମା ସେହି କାରଖାନାର ନାମ ଦେଇଥିଲେ – ''The New Horizon Sugar Mill'' । ଚିନି କାରଖାନାର ପରିସର ଭିତରେ ସେ ମା'ଙ୍କ ନିମନ୍ତେ ଗୋଟିଏ ସୁନ୍ଦର ପ୍ରକୋଷ୍ଠ ନିର୍ମାଣ କରି ଥିଲେ । ମା ସେଠାକୁ ଗଲେ ସେହି ପ୍ରକୋଷ୍ଠରେ ବସନ୍ତି, ସମସ୍ତଙ୍କୁ ଆଶୀର୍ବାଦ ଦିଅନ୍ତି ଓ କଥା ଶୁଣନ୍ତି ।

ସେହି ପ୍ରକୋଷ୍ଠ ବାହାରେ ଲାଲଜୀ ଭାଇ ଗୋଟିଏ ସ୍ୱର୍ଣ୍ଣଚମ୍ପା ଗଛ ଲଗାଇ ଥିଲେ । ମା ତାଙ୍କ ପରିଦର୍ଶନ ସମୟରେ ସେହି ଗଛଟିକୁ ସ୍ପର୍ଶ କରିଥିଲେ ଏବଂ ସେହି ଦିବ୍ୟ-ସ୍ପର୍ଶ ବୃକ୍ଷଟି ଭିତରେ ଅଫୁରନ୍ତ ଏବଂ ଅସାଧାରଣ ପ୍ରାଣଶକ୍ତି ଭରି ଦେଇଥିଲା । ଗଛଟି ଖୁବ୍ ଶୀଘ୍ର ବୃଦ୍ଧି ଲାଭ କଲା ଏବଂ ସୁବର୍ଣ୍ଣ ବର୍ଣ୍ଣର ବହୁ ସୁନ୍ଦର ଫୁଲର ସମ୍ଭାରରେ ଭରି ଉଠିଲା । ସ୍ୱର୍ଣ୍ଣଚମ୍ପାର ସୁବାସରେ ଦିଗ୍‌ବିଦିଗ ମହକି ଉଠିଲେ ।

ଲାଲଜୀ ଭାଇ ପ୍ରତିଦିନ ସେହି ସୁଗନ୍ଧଯୁକ୍ତ ସୁବର୍ଣ୍ଣବର୍ଣ୍ଣା ଚମ୍ପାଫୁଲଗୁଡ଼ିକୁ ଯତ୍ନ ସହକାରେ ଚୟନ କରୁଥିଲେ ଏବଂ ଗୋଟିଏ ସୁନ୍ଦର ଟ୍ରେରେ ଭର୍ତ୍ତି କରି ମା'ଙ୍କ ପ୍ରକୋଷ୍ଠକୁ ଯାଇ ତାଙ୍କର ପାଦପଦ୍ମରେ ନିବେଦନ କରି ପ୍ରଣାମ କରୁଥିଲେ । ମା ସେହି ଫୁଲମାନଙ୍କ ବିଷୟରେ ଏକଦା କହିଥିଲେ, "I like these flowers because when I put all these golden Champa flowers on the window ledge the breeze flowing over them brings me lots of energy." ''ମୁଁ ଏହି ଫୁଲଗୁଡ଼ିକୁ ଭଲପାଏ କାରଣ ଯେତେବେଳେ ମୁଁ ଏମାନଙ୍କୁ ମୋର ଝରକା ଦାଢ଼ରେ ରଖିଦିଏ, ସେମାନଙ୍କ ଉପର ଦେଇ ମନ୍ଦମଳୟ ପବନ ପ୍ରବାହିତ ହୁଏ ଏବଂ ମୋ ପାଖକୁ ପ୍ରଚୁର ଶକ୍ତି ବହନ କରି ଆଣେ ।''

ତା'ପରେ ୧୯୭୩ ମସିହାର କଥା । ମା'ଙ୍କର ଶରୀର ଅସୁସ୍ଥ ହୋଇ ପଡ଼ିଲା, ସେହି କାରଣରୁ ବ୍ୟକ୍ତିଗତ ଦର୍ଶନ ବନ୍ଦ ହୋଇଗଲା । ତେଣୁ କିଛିଦିନ ପର୍ଯ୍ୟନ୍ତ ଲାଲଜୀ ଭାଇ ମା'ଙ୍କ ଦର୍ଶନରୁ ବଞ୍ଚିତ ହେଲେ, କିନ୍ତୁ ମା'ଙ୍କ ପାଖକୁ ଫୁଲ ପଠାଇବେ କି ନାହିଁ ତାହା ଚମ୍ପକଲାଲଙ୍କୁ ପଚାରିଲେ । ଚମ୍ପକଲାଲ ମା'ଙ୍କ ଅନୁମତି ଆଣି ବାହାରକୁ ଆସି କହିଲେ, ''ହଁ, ଆଣ'' । ଲାଲଜୀ ଭାଇ ସବୁଦିନ ସକାଳେ ଟ୍ରେ ଭର୍ତ୍ତି ଅପୂର୍ବ ସୁଗନ୍ଧଯୁକ୍ତ ସ୍ୱର୍ଣ୍ଣଚମ୍ପା ଫୁଲ ଆଣି ମା'ଙ୍କ ପ୍ରକୋଷ୍ଠର ଦ୍ୱାର ନିକଟରେ ଠିଆ ହୁଅନ୍ତି, ଚମ୍ପକଲାଲ ଆସି ତାଙ୍କ ଶ୍ମଶ୍ରୁଯୁକ୍ତ ମୁଖମଣ୍ଡଳରେ ସ୍ମିତହାସ୍ୟର ଝଲକ ପ୍ରକଟିତ କରାଇ ଟ୍ରେଟିକୁ ନେଇ ଭିତରକୁ ଚାଲିଯାଆନ୍ତି । ଏହି ଫୁଲମାନଙ୍କ ସମ୍ପର୍କରେ ମା ଥରେ ପ୍ରକାଶ କରିଥିଲେ ''They gave lot of energy during my illness.'' ''ମୋ ଦେହ ଖରାପ ସମୟରେ ସେହି ଫୁଲମାନେ ମୋତେ ପ୍ରଚୁର ଶକ୍ତି ଯୋଗାଉ ଥିଲେ, ଏହାହିଁ ହେଉଛି, ''Pure perfume of sanctification.'' ''ପବିତ୍ରତାର ବିଶୁଦ୍ଧ ସୁଗନ୍ଧ'' ଯାହାକୁ ଦିବ୍ୟଜନନୀ ମାର୍ଚ୍ଚ ୧୩, ୧୯୧୩ ପ୍ରାର୍ଥନାରେ ଉଲ୍ଲେଖ କରିଛନ୍ତି ।

ସେହି ବର୍ଷ ନଭେମ୍ବର ମାସ ୧୭ ତାରିଖ (୧୯୭୩) ଆସି ଉପସ୍ଥିତ ହେଲା । ଦିବ୍ୟଜନନୀ ଶ୍ରୀମା ନିଜର ସ୍ଥୂଳ ଶରୀରକୁ ତ୍ୟାଗ କରି ସୂକ୍ଷ୍ମ-ଶରୀର ଭିତରକୁ ପ୍ରବେଶ କଲେ । ଲାଲଜୀ ଭାଇ ଫୁଲ ତୋଳିବାକୁ ସ୍ୱର୍ଣ୍ଣଚମ୍ପା ବୃକ୍ଷ ନିକଟକୁ ଯାଇ ଦେଖନ୍ତି ଗଛରେ ଫୁଲ ନାହିଁ । ତାଙ୍କ ପାଟିରୁ ହଠାତ୍ ବାହାରି ଗଲା, ''How can it be ?'' ''ଏହା କିପରି ହେଲା ?'' ପଚାରି ବୁଝିଲେ ଯେ ଗତ ଦୁଇଦିନ ହେଲା ଗଛଟିରେ କଢ଼ ଧରୁ ନାହିଁ କି ଫୁଲ ବି ଫୁଟୁ ନାହିଁ । ''ଆଶ୍ଚର୍ଯ୍ୟ କଥା, ଦୁଇଦିନ ତଳେ ଗଛଟିରେ ସୁବର୍ଣ୍ଣ ରଙ୍ଗର ଫୁଲ ଲଦି ହୋଇ ପଡୁଥିଲା, ବର୍ତ୍ତମାନ ହଠାତ୍ ଫୁଟିବା ବନ୍ଦ ହୋଇଗଲା !'' ପନ୍ଦର ଦିନ ପରେ ଲାଲଜୀ ଭାଇ ପୁଣି ସେହି ଗଛ ପାଖକୁ ଗଲେ, ତା' ଦେହକୁ ଲାଗି ଠିଆ ହେଲେ, ହାତଯୋଡ଼ି ଚମ୍ପା ଗଛଟିକୁ ପ୍ରାର୍ଥନା କଲେ, କହିଲେ, ''Everyday you offered your prayers through flowers to The Mother when she was present in her physical form. The Mother now no longer be with us in her physical body, but she is in her subtle body. Why don't you offer your prayers through

flowers as before and I will put the flowers on the Samadhi ?''

''ପ୍ରତିଦିନ ତୁମେ ତୁମର ଚମତ୍କାର, ସୁଗନ୍ଧଯୁକ୍ତ ସୁବର୍ଣ୍ଣବର୍ଣ୍ଣା ପୁଷ୍ପ ମାଧ୍ୟମରେ ଦିବ୍ୟଜନନୀଙ୍କୁ ତୁମ ଅନ୍ତରର ପ୍ରାର୍ଥନା ନିବେଦନ କରୁଥିଲ ଯେତେବେଳେ ସିଏ ସଶରୀରରେ ଉପସ୍ଥିତ ଥିଲେ । ମା ଆମ୍ଭମାନଙ୍କ ସହିତ ତାଙ୍କ ସ୍ଥୂଳ ଶରୀରରେ ଉପସ୍ଥିତ ନାହାନ୍ତି ସତ, କିନ୍ତୁ ଆଜି ମଧ୍ୟ ସିଏ ତାଙ୍କ ସୂକ୍ଷ୍ମ ଶରୀରରେ ଆମ୍ଭମାନଙ୍କ ଗହଣରେ ଉପସ୍ଥିତ । ତୁମେ କାହିଁକି ପୂର୍ବପରି ତୁମର ପୁଷ୍ପ ମାଧ୍ୟମରେ ଦିବ୍ୟଜନନୀଙ୍କୁ ପ୍ରାର୍ଥନା ନିବେଦନ କରୁ ନାହଁ ଏବଂ ମୁଁ ସେହି ପୁଷ୍ପମାନଙ୍କୁ ମା'ଙ୍କ ମହାସମାଧି ଉପରେ ସଜେଇ ଦିଅନ୍ତି ।''

ଏହା ଭିତରେ ଦଶ ପନ୍ଦର ଦିନ ଅତିବାହିତ ହୋଇଗଲା, ପୁନର୍ବାର ଚମ୍ପା ଗଛଟି ସୁବର୍ଣ୍ଣ ବର୍ଣ୍ଣର ସୁନ୍ଦର ଚମ୍ପା ଫୁଲରେ ଭରି ଉଠିଲା । ଏହା ଦେଖି ଲାଲଜୀ ଭାଇଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ । ସ୍ୱତଃସ୍ଫୂର୍ତ୍ତ ଭାବରେ ତାଙ୍କ ଅନ୍ତର ଭିତରୁ ବାହାରି ଆସିଲା, ''ମୁଁ ଏକାଗ୍ର ଭାବରେ ମୋ ଅନ୍ତରର ପ୍ରାର୍ଥନା ଗଛଟିକୁ ନିବେଦନ କରିଥିଲି ଏବଂ ସେ ତାହା ଗ୍ରହଣ କରିଥିଲା, ମୁଁ ଆଶ୍ଚର୍ଯ୍ୟ ହେଲି; ଯେତେବେଳେ ବୁଝିପାରିଲି ଯେ ବୃକ୍ଷଲତାମାନଙ୍କର ମଧ୍ୟ ଚେତନା ଅଛି । ସେମାନେ ମଧ୍ୟ ଦିବ୍ୟଜନନୀଙ୍କୁ ପ୍ରାର୍ଥନା କରନ୍ତି ଏବଂ ଆମ୍ଭମାନଙ୍କ କଥା ବା ସନ୍ଦେଶକୁ ମଧ୍ୟ ଗ୍ରହଣ କରି ପାରନ୍ତି । ମୋ ପାଇଁ ଏହା ଥିଲା ଏକ ଚମତ୍କାର ଅନୁଭବ ।''

(*How they came to Sri Aurobindo and The Mother* ପୁସ୍ତକରୁ ସଂଗୃହୀତ)

ହୃଦୟ ଭିତରେ ଯଦି ପବିତ୍ରତା ଥାଏ ଏବଂ ସେହି ପବିତ୍ରତାର ସୁଗନ୍ଧ ସିଧାସଳଖ ଊର୍ଦ୍ଧ୍ୱରୁ ଆହୁରି ଊର୍ଦ୍ଧ୍ୱକୁ ଉଠି ଚାଲୁଥାଏ ତେବେ ତାହା ଏକ ଲେଲିହାନ ଅଗ୍ନିଶିଖାରେ ପରିଣତ ହୋଇ ପ୍ରାର୍ଥନାର ରୂପ ଗ୍ରହଣ କରେ – ଏହା ହିଁ ପ୍ରାର୍ଥନା ଭିତରେ ପ୍ରବାହିତ ହେଉଥିବା ଦିବ୍ୟ-ସ୍ୱରର ମୂର୍ଚ୍ଛନା ।

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers & Meditations - The Mother.
(୨) Musing on the Mother's Prayers and Meditations, Volume - I, Shyam Kumari.
(୩) How they came to Sri Aurobindo and The Mother - Shyam Kumari.

ତୁମର ଯେତେବେଳେ କିଛି କରିବାକୁ ନଥାଏ ତୁମେ ସେତେବେଳେ ଅସ୍ଥିର ହୋଇ ପଡ଼ିଥାଅ, ଧାଁ ଦଉଡ଼ କରିଥାଅ, ବନ୍ଧୁମାନଙ୍କ ସହ ସାକ୍ଷାତ୍ କରିଥାଅ, ଭ୍ରମଣ ଆରମ୍ଭ କରିଥାଅ; ଏଠାରେ ତୁମେ ଯେଉଁ ସର୍ବୋତ୍ତମ କଥା କରିଥାଅ କେବଳ ସେହି କଥା କହୁଛି, ଯେଉଁସବୁ କଥା ନିଶ୍ଚିତ ରୂପେ କରିବା କଥା ନୁହେଁ ତୁମେ କରିଥାଅ ମୁଁ ଏଠାରେ ସେପରି କଥା କହୁ ନାହିଁ । ଏସବୁ କରିବା ପରିବର୍ତ୍ତେ ନୀରବରେ ଆକାଶ ସମ୍ମୁଖରେ, ସାଗର ସମ୍ମୁଖରେ କିଂବା ବୃକ୍ଷରାଜି ତଳେ, ଯାହା ସମ୍ଭବ (ଏଠାରେ ତୁମ ପାଇଁ ସେସବୁ ରହିଛି) ସେଠି ବସିଯାଅ ଏବଂ ଏସବୁ କଥାରୁ ଯେକୌଣସି ଗୋଟିକୁ ଉପଲବ୍ଧି କରିବା ନିମନ୍ତେ ଚେଷ୍ଟା କର – ତୁମେ କାହିଁକି ଜୀବନ ଧାରଣ କରିଛ ତାହା ବୁଝିବା ଲାଗି, ତୁମକୁ କିପରି ଜୀବନ ଧାରଣ କରିବାକୁ ହେବ ତାହା ଶିକ୍ଷା କରିବା ଲାଗି, ତୁମେ କ'ଣ କରିବାକୁ ଚାହୁଁଛ ଏବଂ ତୁମର କ'ଣ କରିବା ଉଚିତ ସେ ବିଷୟରେ ଓ ତୁମେ ବାସ କରୁଥିବା ଅଜ୍ଞାନତା, ମିଥ୍ୟାଚାର ତଥା ଦୁଃଖଯନ୍ତ୍ରଣାରୁ ମୁକ୍ତ ହେବାର ସର୍ବୋତ୍ତମ ଉପାୟ ଉପରେ ଗଭୀର ଧ୍ୟାନସ୍ଥ ହେବା ଲାଗି ।

– ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୬୪)

## ସାହାନା ଦେବୀ

ଶ୍ରୀଅରବିନ୍ଦଙ୍କ ସହ ଯୋଗାଯୋଗର ପ୍ରଶ୍ନୋତ୍ତର ପର୍ଯ୍ୟାୟ ଏଠାରେ ଶେଷ ହେଲା । ବର୍ତ୍ତମାନ ଶ୍ରୀଅରବିନ୍ଦଙ୍କର ଅନେକ ମୂଲ୍ୟବାନ୍ ପତ୍ର ଏଠାରେ ଉପସ୍ଥାପନ କରୁଛି, ଯେଉଁସବୁ ପତ୍ରରେ ମୋର ପ୍ରଶ୍ନର ଅଂଶଗୁଡ଼ିକ ନାହିଁ, କାରଣ ଶ୍ରୀଅରବିନ୍ଦ ମୋର ସେସବୁ ପତ୍ରକୁ ଫେରାଇ ଦେଇ ନଥିଲେ, ତାଙ୍କ ନିକଟରେ ରଖି ଦେଇଥିଲେ ।

ଶ୍ରୀଅରବିନ୍ଦଙ୍କ ପତ୍ର :

### (୧)

''ସମସ୍ତ ଭୟକୁ ତ୍ୟାଗ କରିବାକୁ ହେବ । ଭୟର ଏହି ଗତିବୃତ୍ତି ବର୍ତ୍ତମାନ ସୁଦ୍ଧା ତୁମ ମଧ୍ୟରେ ପ୍ରାଣର ଏକ ଅପରିବର୍ତ୍ତିତ ଅଂଶ ସହ ସଂଶ୍ଳିଷ୍ଟ ହୋଇ ରହିଛି । ଯାହାକି ଜାଗ୍ରତ୍ ହୋଇଥାଏ ଯେତେସବୁ ପୁରୁଣା ଧାରଣାରାଜି, ଅନୁଭବ ଏବଂ ପ୍ରତିକ୍ରିୟାରେ । ତା'ର ଅର୍ଥ ହେଲା ସେ ଚାହେଁ ତୁମ ଦ୍ୱାରା ମା'ଙ୍କ କଥା ମଧ୍ୟରେ ଯେଉଁସବୁ ମୂଳଭାବ ଓ ଅଭିପ୍ରାୟ ଏବଂ ତାଙ୍କର ଚାହାଣୀ, କଥାବାର୍ତ୍ତାର ଶୈଳୀର ଭୁଲ୍ ବ୍ୟାଖ୍ୟା କରାଇବାକୁ । ମା ଯଦି ଗମ୍ଭୀର ହୁଅନ୍ତି, ଅବା ବ୍ୟଙ୍ଗପୂର୍ଣ୍ଣ ହସ ବି ହସନ୍ତି ତେବେ ବି ତା'ର ଅର୍ଥ କେବେ ହେଲେ ଏହା ନୁହେଁ ଯେ ସେ ତୁମ ଉପରେ ରାଗିଛନ୍ତି ବା ତୁମେ ତାଙ୍କର ସ୍ନେହରୁ ବଞ୍ଚିତ; ବରଂ ଠିକ୍ ତା'ର ଓଲଟା । ଯେଉଁମାନଙ୍କ ସହ ମା ଅନ୍ତରରେ ଏତେ ଅନ୍ତରଙ୍ଗ ଅନୁଭବ କରନ୍ତି, ସେମାନଙ୍କ ପାଖରେ ସେ ପୂରାପୂରି ମନଖୋଲା ହୋଇ ଯାଆନ୍ତି । ଏପରିକି ସେମାନଙ୍କୁ ବାରଂବାର ତିରସ୍କାର କରିବାକୁ ବି ତାଙ୍କୁ ବାଧେ ନାହିଁ । ସେମାନଙ୍କ ଦୃଷ୍ଟିଭଙ୍ଗୀରୁ ସେମାନେ ମା'ଙ୍କୁ ବୁଝନ୍ତି, ଭୟ ମଧ୍ୟ କରନ୍ତି ନାହିଁ, ବିଚଳିତ ବି ହୁଅନ୍ତି ନାହିଁ – ସେମାନେ କେବଳ ନିଜ ଅନ୍ତଃକରଣକୁ ନିରୀକ୍ଷଣ କରି ଦେଖିବାକୁ ଚାହାନ୍ତି ଯେ ପ୍ରକୃତରେ ଜିନିଷଟି କ'ଣ ଯାହା ଉପରେ ମା ଚାପ ଦେଉଛନ୍ତି । ସେଇ ଚାପକୁ ସେମାନେ ଗୋଟିଏ ପରମ ସୁଯୋଗ ଏବଂ ଭଗବାନଙ୍କର ଅସୀମ କରୁଣାର ଚିହ୍ନ ସ୍ୱରୂପ ଗଣ୍ୟ କରନ୍ତି । ଭୟ ସେଇ ପୂର୍ଣ୍ଣ ଅନ୍ତରଙ୍ଗତା ଏବଂ ଦୃଢ଼ ବିଶ୍ୱାସ ମଝିରେ ବାଧା ହୋଇ ଛିଡ଼ା ହୁଏ ଏବଂ ତାହା କେବଳ ଭୁଲ୍ ବୁଝାମଣା ସୃଷ୍ଟି କରେ । ତୁମକୁ ଏଇ ଭୟ ଜିନିଷଟିକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବାକୁ ହିଁ ହେବ ।''
(୨୨.୦୫.୩୨)

### (୨)

''ତୁମେ ଯଦି ତୁମର ଦୁର୍ବଳତାକୁ ମାନି ନିଅ, ତା'ର ଅର୍ଥ ହେଉଛି ତାକୁ ଗ୍ରହଣ କରିବା । ତୁମ ପ୍ରକୃତିର କୌଣସି ଅଂଶ ଯଦି ତାକୁ ଗ୍ରହଣ କରେ ଏବଂ ତୁମେ ସର୍ବତୋଭାବେ ତାକୁ ସ୍ୱୀକାର କର, ତା'ହେଲେ ପୁନର୍ବାର କ'ଣ ଆମର ତୁମକୁ କହିବାର ଆବଶ୍ୟକତା ଅଛି ଯେ ତୁମର କ'ଣ କରଣୀୟ ? ତୁମ ପ୍ରାଣ ପ୍ରକୃତିର ଏଇ ଅଂଶଟି ସବୁବେଳେ କହି ଚାଲିବ – 'ମୁଁ ନିହାତି ଦୁର୍ବଳ, ତୁମମାନଙ୍କର ନିର୍ଦ୍ଦେଶ ପାଳନ କରିବାକୁ' । ଏଇ ଅବସ୍ଥାରୁ ଉଦ୍ଧାର ପାଇବାର ଏକମାତ୍ର ଉପାୟ ହେଉଛି ଦୁର୍ବଳତାରୁ ତୁମକୁ ବିରତ ହେବା, ଭାବପ୍ରବଣ ଇନ୍ଦ୍ରିୟଗତ ତୁମର ଏଇ ଅଂଶଟିକୁ ବରଖାସ୍ତ କରିବା, ଊର୍ଦ୍ଧ୍ୱଶକ୍ତିକୁ ଆହ୍ୱାନ କରିବା ଏବଂ ତାକୁ ଉତାରି ଆଣି ଦୁର୍ବଳତା ପରିବର୍ତ୍ତେ ସେଠାରେ ଅବସ୍ଥାପିତ କରିବା, ଯେଉଁଥିରେ ତା'ର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ସେ ସ୍ଥାୟୀଭାବେ ସାଧନ କରିପାରେ । ତୁମେ ଯେ କି ସାଧନାର କିଛି ଭିତ୍ତି ଲାଭ କରିଛ ଏବଂ ଏଇ ସବୁ ଦିଗଗୁଡ଼ିକୁ ଛିନ୍ନ କରି ଉପରକୁ ଉଠି ପାରିଛ, ଏସବୁ କରିବାକୁ ଯଦି ଆମେ ତୁମକୁ ସେଭଳି ଅବସ୍ଥାରେ ନପାଉ ତେବେ ତୁମେ କିପରି ଆଶା କରୁଛ ଯେ ଆମ୍ଭେମାନେ ଭାବି ନେବୁ ଏହାକୁ 'ଅମୁକ' କରିବ । ଯେ ନିଜେ ସ୍ୱୀକାର କରୁଛି ତା'ର ଏପର୍ଯ୍ୟନ୍ତ ଭିତ୍ତିସ୍ଥାପନ ହୋଇନି ବରଂ ସେ କେବଳ ଉପରେ ଉପରେ ଭାସୁଛି ।''
(୦୮. ୦୬. ୩୨)

### (୩)

''ଆଜିର ପତ୍ରରେ ତୁମେ ଯେଉଁ ଅଭିଜ୍ଞତାର କଥା ଲେଖିଛ, ସେଥିରୁ ପରିଷ୍କାର ଭାବେ ବୁଝାଯାଉଛି ଏଇସବୁ ଆକ୍ରମଣରୁ ଏକମାତ୍ର ନିରାପଦର ପଥ ହେଉଛି – ତୁମକୁ ଫେରି

ଯିବାକୁ ହେବ ମା'ଙ୍କ ସଙ୍ଗେ ସେଇ ଅନ୍ତରଙ୍ଗ ଏବଂ ଆନନ୍ଦମୟ ସମ୍ପର୍କ ମଧ୍ୟକୁ, ମା'ଙ୍କ ଦିଗକୁ ଚୈତ୍ୟସତ୍ତାର ସେଇ ଉନ୍ମୀଳନ ଯାହା ଏତେ କାଳ ଧରି ତୁମ ସାଧନାର ଭିତ୍ତି ଥିଲା ଏବଂ ଯାହା ପାଇଁ ତୁମେ ଏପର୍ଯ୍ୟନ୍ତ ଉନ୍ନତି କରିଥିଲ ।

ଯେଉଁ ବିରୋଧୀ ପ୍ରାଣଶକ୍ତି ତୁମକୁ ଆକ୍ରମଣ କରିଥିଲା, ତା'ର କୌଣସି ଯୁକ୍ତି ଅବା ଆବେଗପ୍ରବଣ ଧାରଣା ପ୍ରତି କର୍ଣ୍ଣପାତ କର ନାହିଁ । ସେ ଚାହେଁ ନାହିଁ ତୁମେ ସୁଖୀ ହୁଅ, ଚାହେଁ କଷ୍ଟ ପାଅ ଏବଂ ନିମ୍ନଚେତନା ଦିଗକୁ ଗତି କର ଯେଉଁଥି ପାଇଁ ତୁମେ ଉନ୍ନତି କରିବାର ଅବସ୍ଥାକୁ ହରାଇବ ।

ଫେରିଯାଅ ସେଇ ଭଲପାଇବା, ଅନ୍ତରଙ୍ଗତା, ଆତ୍ମସମର୍ପଣ, ଦୃଢ଼ ବିଶ୍ୱାସ ଏବଂ ପରମାନନ୍ଦର ମୂଳ ସତ୍ୟକୁ ଏବଂ ସେହିଠାରେ ହିଁ ରୁହ, ତା'ହେଲେ ବର୍ତ୍ତମାନ ସୁଦ୍ଧା ପ୍ରକୃତିର ଯେଉଁସବୁ ଦୁର୍ବଳ ଅନ୍ଧକାରାଚ୍ଛନ୍ନ ଅଂଶ ରହିଛି, ତା' ମଧ୍ୟକୁ ସତ୍ୟର ଆଲୋକ ଏବଂ ଶକ୍ତି ଯେତେ ପରିମାଣରେ ଉତରି ଆସିବ, ସେତେ ହିଁ ସମସ୍ତ ସମସ୍ୟାର ସମାଧାନ ଆପଣାଛାଏଁ ହୋଇଯିବ ।''

(୧୩.୦୬.୩୨)

(*କ୍ରମଶଃ...*)

ଅନୁବାଦ : ଶୁଭ୍ରା ଦାସ ❑


*I am always with you in your work and your rest,*
*your sleep and your waking.*

*(MCW, Vol. 16, p. 89)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**Savitri (Pocket - HB - 1972 Edition) : Rs. 200 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**Ideal Child, Ideal Parent, Ideal Teacher – (3 in 1) – Rs. 40.00**

**VAK** - ***The Spiritual Book Shop***, Pondicherry - 605 001

E-mail : vakbooks@gmail.com, Contact Person : S. Patnaik (+91 9489063512)

ଭାରତର ଅମର ଗାଥା :

# ଶ୍ରୀକୃଷ୍ଣ କାହାଣୀ

## (୭୬)

## ଏକ ଅପ୍ରତ୍ୟାଶିତ ଆବିର୍ଭାବ

## ମନୋଜ ଦାସ

[**କାହାଣୀ ଏଯାବତ୍ :** ମଥୁରାର ଦାନବ ରାଜା ଶୁଣିଥାଏ ଏକ ଦୈବବାଣୀ : ଭଉଣୀ ଦେବକୀଙ୍କ ଅଷ୍ଟମ ସନ୍ତାନ ହାତରେ ହେବ ତା'ର ନିଧନ । ତେଣୁ ଦେବକୀ ସନ୍ତାନଟିଏ ଜନ୍ମ ଦେବା ମାତ୍ରେ ସେ ତାକୁ ମାରି ପକାଉଥାଏ । ତେବେ ତା' ଅଗୋଚରରେ ଅଷ୍ଟମ ସନ୍ତାନଟି ଯାଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ବଢ଼ୁଥାଏ । ସେ ଜନପଦର ଅଭିଭାବକମାନେ ଅଦୂରବର୍ତ୍ତୀ ଏକ ମନୋରମ ଉପତ୍ୟକାକୁ ବସତି ଉଠାଇ ନେଲେ । ସେଇଠାରେ, ଯମୁନା ତୀରବର୍ତ୍ତୀ କଦମ୍ବମୂଳରେ ବାଳକ କୃଷ୍ଣଙ୍କର ବହୁ ନୂତନ ପ୍ରତିଭାର ସ୍ଫୁରଣ ହେଲା । କଂସ-ପ୍ରେରିତ ଏକ ପରେ ଏକ ଛଦ୍ମବେଶୀ ଦାନବ ତାଙ୍କ ହାତରେ ପ୍ରାଣ ଦେଲେ । ଅବଶେଷରେ କଂସ ଶ୍ରୀକୃଷ୍ଣ ଓ ବଳରାମଙ୍କୁ ମଥୁରାକୁ ନିମନ୍ତ୍ରଣ କରି ଆଣି ପ୍ରୟୋଜନ ହେଲେ ସ୍ୱହସ୍ତରେ ନିଧନ କରିବାକୁ ସ୍ଥିର କଲା । କିନ୍ତୁ ସେ ସ୍ୱୟଂ ମଞ୍ଚରୁ ଭୂପତିତ ହୋଇ ପ୍ରାଣତ୍ୟାଗ କଲା । ଅତଃପର କୃଷ୍ଣ, ବଳରାମ ଅବନ୍ତୀକୁ ପ୍ରେରିତ ହେଲେ ଏବଂ ଋଷି ସନ୍ଦୀପନଙ୍କ ଗୁରୁକୁଳରେ ଶିକ୍ଷା ସମାପନ କଲେ । ତେଣେ ପାଣ୍ଡବମାନଙ୍କ ନିଧନ ନିମନ୍ତେ ଷଡ଼ଯନ୍ତ୍ର କରି ସେମାନଙ୍କୁ ଏକ ଜତୁଗୃହରେ ରଖାଇ ତାକୁ ଭସ୍ମ କରିବାର ବ୍ୟବସ୍ଥା କଲା ଦୁର୍ଯ୍ୟୋଧନ । କିନ୍ତୁ ପାଣ୍ଡବମାନେ ଖାଲି ଖସିଗଲେ ସେତିକି ନୁହେଁ, ଦ୍ରୌପଦୀଙ୍କୁ ବିଭା ହେଲେ ଏବଂ କୃଷ୍ଣଙ୍କ ସହ ସେମାନଙ୍କର ହେଲା ନିବିଡ଼ ବନ୍ଧୁତା । ଇତି ମଧ୍ୟରେ ବିଦର୍ଭର ରାଜକନ୍ୟା ରୁକ୍ମିଣୀଙ୍କ ଆବେଦନ କ୍ରମେ ଶ୍ରୀକୃଷ୍ଣ ତାଙ୍କୁ ବିଭା ହେଲେ । ଅଗତ୍ୟା ଧୃତରାଷ୍ଟ୍ର ପାଣ୍ଡବମାନଙ୍କୁ ରାଜ୍ୟାଂଶ ଦେଲେ ଏବଂ ଇନ୍ଦ୍ରପ୍ରସ୍ଥ ହେଲା ସେମାନଙ୍କ ରାଜଧାନୀ । ରାଜସୂୟ ଯଜ୍ଞର ପ୍ରସ୍ତାବ ହୁଅନ୍ତେ ପ୍ରଥମେ ବହୁ ରାଜାଙ୍କୁ ନିର୍ମମ ଭାବେ ବନ୍ଦୀ କରିଥିବା ଜରାସନ୍ଧକୁ ନିଧନ କରି ବନ୍ଦୀମାନଙ୍କୁ ମୁକ୍ତ କରାଗଲା ଏବଂ ଯଜ୍ଞ ପୂର୍ବରୁ ଉଦ୍ଧତ ଶିଶୁପାଳର ମଧ୍ୟ ଅନ୍ତ ଘଟିଲା । ଶକୁନିର ଛଳନାରେ ପଶାଖେଳରେ ପରାସ୍ତ ଯୁଧିଷ୍ଠିର ପଣ ରଖିଥିବା ଦ୍ରୌପଦୀଙ୍କୁ ରାଜସଭାରେ ହିନସ୍ତା କରି ବିଫଳ ହେଲା ଦୁଃଶାସନ । କିନ୍ତୁ ପୁନର୍ବାର ପଶାଖେଳରେ ଯୁଧିଷ୍ଠିର ପରାଜିତ ହୁଅନ୍ତେ ସର୍ତ୍ତାନୁସାରେ ପାଣ୍ଡବମାନେ ବନବାସ ଗଲେ । ତହିଁ ଉତ୍ତାରୁ ଯୁଦ୍ଧ ବିନା ଗତ୍ୟନ୍ତର ନଥିଲା । ଯୁଦ୍ଧାରମ୍ଭର ଅବ୍ୟବହିତ ପୂର୍ବରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଦେଲେ 'ଗୀତା'ରୂପକ ପ୍ରଜ୍ଞା । ତା'ପରେ...]

ମହାସମରର ଚତୁର୍ଦ୍ଦଶ ଦିବସରେ କୌରବ ପକ୍ଷକୁ ସ୍ତମ୍ଭୀଭୂତ କରିଦେଲା ଏକ ଅପ୍ରତ୍ୟାଶିତ ଆପଦ ।

ଏକଦା ଭୀମ ହିଡ଼ମ୍ବା ନାମ୍ନୀ ଜଣେ ତରୁଣୀ ରାକ୍ଷସୀଙ୍କୁ ବିଭା ହୋଇଥିଲେ । ସେମାନଙ୍କ ପୁତ୍ର ଘଟୋତ୍କଚ ଜନନୀ ପାଖରେହିଁ କାଳ କାଟୁଥିଲା । କିନ୍ତୁ ତା'ର ରହିଥିଲା ଏକ ଅତିଭୌତିକ ଶକ୍ତି : ଯଦି କେବେ ପିତୃଦେବ ତାକୁ ବିଶେଷ ଭାବରେ ସ୍ମରଣ କରିବେ, ତେବେ ସେ ତାହା ବୁଝିପାରିବ ।

ଘମାଘୋଟ ଯୁଦ୍ଧବେଳେ ଭୀମ ସେ ବୀର ପୁତ୍ରର ସହାୟତା କାମନା କରିବା ସ୍ୱାଭାବିକ । ସୂଚନା ପାଇବା ମାତ୍ରେ ଘଟୋତ୍କଚ ଆସି ଉପନୀତ ହେଲା କୁରୁକ୍ଷେତ୍ରରେ ।

ସେ ଥିଲା ପାହାଡ଼ ପ୍ରମାଣ ବୃହତ୍ । ତା' ଶିରର ଆୟତନ ଅନୁରୂପ । ନୟନବେନି ଆଗ୍ନେୟ ଲାଲ । ଏକ ଶତ ସୁଠାମ ଅଶ୍ୱ-ଚାଳିତ ଭଲ୍ଲୁକ ଚର୍ମ-ଆବରିତ ରଥ ତାକୁ ବହନ କରି ଆଣିଥିଲା । ରଥ ଶୀର୍ଷରେ ବସିଥାଏ ଗୋଟାଏ ବୃହଦାକାର ଶକୁନି ।

କୌରବ ସେନାନୀଙ୍କ ଭିତରୁ ଅନେକେ ସେ ଅପୂର୍ବ ଅଭିନବ ଶତ୍ରୁକୁ ଦେଖି ଥରହର ହେଲେ । ନିଜ ମାତୃବଂଶର ରାକ୍ଷସମାନଙ୍କଠାରୁ ସେ ଶିଖିଥିଲା ନାନାଦି କସରତ ଓ କୌଶଳ ତଥା ବିପୁଳ ଇନ୍ଦ୍ରଜାଲ ବିଦ୍ୟା ।

ଶତେକ ବଜ୍ରଧ୍ୱନି ଭଳି ହୁଙ୍କାର ଛାଡ଼ି ସେ କୌରବ

ପକ୍ଷ ଉପରକୁ ଝପଟି ଗଲା । ଇନ୍ଦ୍ରଜାଲ ଯୋଗେ ସେ ସୃଜିଲା ବାଘ, ସିଂହ, ସର୍ପ ତଥା ଶକୁନି ଜାତୀୟ ଶହ ଶହ ପ୍ରାଣୀର ମାୟାରୂପ । ସେମାନେ ମାଡ଼ିଗଲେ କୌରବ ସେନାନୀ ଉପରକୁ ।

ଉପୁଜିଲା ଅଭାବନୀୟ ପରିସ୍ଥିତି । ସୈନିକମାନେ ସିନା ମଣିଷ ସହ ଯୁଦ୍ଧ କରିବାରେ ଅଭ୍ୟସ୍ତ ଥିଲେ, ବାଘ-ସିଂହର ବିରାଟ ବାହିନୀ ଜୁଆର ଭଳି ମାଡ଼ି ଆସିବାର ଦେଖି ସେମାନେ କରନ୍ତେ କ'ଣ ? ଦେଲେ ଛତ୍ରଭଙ୍ଗ । ଘଟୋତ୍କଚର ବିରାଟ ବାହୁଯୁଗଳ ଶତେକ ସଂଖ୍ୟାରେ ସେମାନଙ୍କୁ କୁଣ୍ଢାଇ ଧରି ଶୂନ୍ୟକୁ ତୋଳି କଚାଡ଼ି ଦେବାକୁ ଲାଗିଲା ।

କର୍ଣ୍ଣ ପାଖକୁ ଦୌଡ଼ିଯାଇ କୌରବ ସେନାପତିମାନେ କହିଲେ, ''ଯେକୌଣସି ମତେ ଏ ବିପଦ ଦୂର ନକଲେ ଆମେ ଆଗାମୀ କାଲିଯାଏ ତିଷ୍ଠି ରହିବାର ଆଶା ନାହିଁ । ଭବିଷ୍ୟତ୍ କହିବ, ବିରାଟ କୌରବ ବାହିନୀ ଅବଶେଷରେ ଜଣେ ତରୁଣ ରାକ୍ଷସ ଦ୍ୱାରା ନିଃଶେଷ ହୋଇ ଯାଇଥିଲା ।''

ସେମାନେ ଯେଉଁ ଇଙ୍ଗିତ ଦେଉଥିଲେ, ତାହା କର୍ଣ୍ଣ ଅବଶ୍ୟ ବୁଝୁଥିଲେ । ତାଙ୍କ ପାଖରେ ଥିଲା ଏକ ଅମୋଘ ଅସ୍ତ୍ର – ବୈଜୟନ୍ତୀ । ସ୍ୱୟଂ ଦେବରାଜ ଇନ୍ଦ୍ର ସେ ଗୋଟିକ ତାଙ୍କୁ ଦେଇଥିଲେ । ଅଦ୍ୟାବଧି କର୍ଣ୍ଣ ତାକୁ ପ୍ରୟୋଗ କରି ନଥିଲେ, କାରଣ ସେ ଅସ୍ତ୍ର ମାତ୍ର ଗୋଟାଏ ଥର କାମ ଦେଇପାରେ ।

କର୍ଣ୍ଣ ନୀରବ ରହିଲେ । ସେ କିନ୍ତୁ ଶୁଣିପାରୁଥିଲେ କୌରବ ପକ୍ଷର ହାହାକାର ନାଦ, ଅଦୂରରୁ ଦେଖି ପାରୁଥିଲେ ସେ ପ୍ରଚଣ୍ଡ ପ୍ରାଣୀର ପରାକ୍ରମ ।

''ବିଳମ୍ବ କର ନାହିଁ, କର୍ଣ୍ଣ !'' ପ୍ରାୟ ମିନତି କରିବା ଭଳି ତାଙ୍କୁ ପରାମର୍ଶ ଦେଲେ ତାଙ୍କ ମିତ୍ରମାନେ ।

ନୟନ ବନ୍ଦ କରି କର୍ଣ୍ଣ ଆବଶ୍ୟକୀୟ ମନ୍ତ୍ର କଲେ ଉଚ୍ଚାରଣ । ନିଷ୍କାସନ କଲେ ସେ ଦୁର୍ନିବାର ତୀର । ଘଟୋତ୍କଚ ଆଡ଼େ ଲକ୍ଷ୍ୟ କରି ସେ ତାହା ପ୍ରୟୋଗ କଲେ । ଏକ ଭୀଷଣ ଆଗ୍ନେୟ ରେଖା ଭଳି ତାହା ଛୁଟିଯାଇ ଘଟୋତ୍କଚର ବକ୍ଷ କଲା ବିଦ୍ଧ । ସେ ସୃଜିଥିବା ମାୟା ପ୍ରାଣୀମାନେ ଅବଶ୍ୟ ଅନ୍ତର୍ହିତ ହୋଇଗଲେ, କିନ୍ତୁ ସେ ସ୍ୱୟଂ ଉଠିଗଲା ଊର୍ଦ୍ଧ୍ୱକୁ; କ୍ରମେ ତା'ର ଆୟତନ ହେଲା ଏକ ପର୍ବତମାଳା ଭଳି । ତା'ପରେ ସେ ଖସି ଆସିବାକୁ ଲାଗିଲା । ଯିଏ ପାରିଲା ସିଏ ପଳାୟନ କଲା; କିନ୍ତୁ ତା'ର ବିଶାଳ କଳେବର ତଳେ ଚାପି ହୋଇ ପଞ୍ଚତ୍ୱପ୍ରାପ୍ତ ହେଲେ ଅଗଣିତ କୌରବ ସୈନ୍ୟ; ଚୂର୍ଣ୍ଣୀଭୂତ ହେଲେ ବହୁ ବହୁ ରଥ, ଅଶ୍ୱ ଓ ହସ୍ତୀ ।

ଘଟୋତ୍କଚର ମୃତ୍ୟୁରେ ଯୁଧିଷ୍ଠିର, ଭୀମ ଏବଂ ଅର୍ଜୁନଙ୍କ ନୟନମାନ ସଜଳ ହେଲା । କିନ୍ତୁ ଶ୍ରୀକୃଷ୍ଣ ଦେଖାଗଲେ ବେଶ୍ ପ୍ରଫୁଲ୍ଲ ।

''ଏହା କିପରି ସମ୍ଭବ, କୃଷ୍ଣ ? ଆମେ ଶୋକମଗ୍ନ ହେବା ବେଳେ ତୁମେ ରହିଛ ଏଡ଼େ ସ୍ୱାଭାବିକ ?'' ପ୍ରଶ୍ନ କଲେ ଅର୍ଜୁନ ।

''ମିତ୍ର ! ତୁମେ କ'ଣ ଭୁଲିଯାଉଛ ଏ ମହାସମରର ଆଭିମୁଖ୍ୟ ? ଦୁଷ୍ଟର ନିଧନ ଓ ଶିଷ୍ଟର ସୁରକ୍ଷା । କର୍ଣ୍ଣ ସେ ପ୍ରଚଣ୍ଡ ଅସ୍ତ୍ର ସାଇତି ରଖିଥିଲା ତୁମ ଉପରେ ପ୍ରୟୋଗ କରିବା ନିମନ୍ତେ । ସେଥିରେ ତୁମର ନିଧନ ହୋଇଥା'ନ୍ତା ଅନିବାର୍ଯ୍ୟ । ତେଣିକି ଯୁଦ୍ଧର ପରିଣତି କ'ଣ ହୋଇଥା'ନ୍ତା ସେକଥା ଭାବିବା ଅର୍ଥ ବିମର୍ଷବୋଧ କରିବା । ବର୍ତ୍ତମାନ ତୁମେ ନିରାପଦ । ଘଟୋତ୍କଚ ଯେତେ ହେଲେ ରାକ୍ଷସ । ଆଜି ସେ ପିତୃପକ୍ଷକୁ ସହାୟତା ଦେଲା । ପିତାଙ୍କ ଅନ୍ତେ ସେ ମାନବଜାତି ସକାଶେ ବିପଜ୍ଜନକ ହୋଇ ନଥା'ନ୍ତା ବୋଲି କହି ହେବ କି ? ଦୁଇ ଦୃଷ୍ଟିକୋଣରୁହିଁ ମୁଁ ବଜାୟ ରଖିଛି ମୋର ସନ୍ତୋଷ ଭାବ ।'' ବୁଝାଇ ଦେଲେ ଶ୍ରୀକୃଷ୍ଣ ।

(କ୍ରମଶଃ) ❑

ଆମେମାନେ ଠିକ୍ ଏପରି ଏକ ଯୁଗରେ ନାହୁଁ ଯେତେବେଳେ ଲୋକମାନଙ୍କୁ ସେମାନଙ୍କ ନିଜସ୍ୱ ସାମର୍ଥ୍ୟ ଉପରେ ଛାଡ଼ି ଦିଆଯାଇଛି । ସେମାନଙ୍କୁ ଜ୍ଞାନଦୀପ୍ତ କରିବା ଲାଗି ଭଗବାନ୍ ତାଙ୍କ ଦିବ୍ୟଚେତନାକୁ ନିମ୍ନକୁ ପ୍ରେରଣ କରିଛନ୍ତି ।

ଯେଉଁମାନେ ସମର୍ଥ ସେମାନେ ଏହି ସୁଯୋଗର ସୁବିଧା ଗ୍ରହଣ କରିବା ଉଚିତ ।

– ଶ୍ରୀମା

# ଆମ ଶରୀର

## (୨୩)

## ଭୋଳେଶ୍ୱର ଭୂୟାଁ

### ମା'ଙ୍କ ସହିତ ଘନିଷ୍ଠତା

ଶରୀର ରୂପାନ୍ତର ପାଇଁ ମା'ଙ୍କ ସହିତ ଘନିଷ୍ଠ ହେବା ଏକାନ୍ତ ଆବଶ୍ୟକ । କାରଣ ଆମ ଶରୀରର ରୂପାନ୍ତର କାର୍ଯ୍ୟ କେବଳ ମା'ହିଁ କରିବେ, ଆମ ଶକ୍ତି ଦ୍ୱାରା ଏହା ହୋଇପାରିବ ନାହିଁ । ଆମ ଶରୀରର ସମସ୍ତ ସ୍ଥୂଳ ଓ ସୂକ୍ଷ୍ମ ସତ୍ତାରେ ମା ପ୍ରତିଷ୍ଠିତ ହୋଇ ପାରିଲେ ଆମ ଶରୀରର ରୂପାନ୍ତର କ୍ଷିପ୍ରତର ହୋଇପାରିବ । ଆମ ଶରୀରର ପ୍ରତ୍ୟେକ ସତ୍ତାରେ, ପ୍ରତ୍ୟେକ କୋଷରେ, ପ୍ରତ୍ୟେକ ଅଣୁ ପରମାଣୁରେ ମାତୃଶକ୍ତି ପ୍ରତିଷ୍ଠିତ ହେବା ପାଇଁ ମା ଯୁଗ ଯୁଗ ଅପେକ୍ଷା କରି ରହିଛନ୍ତି । କିନ୍ତୁ ଆମେ ସାଂସାରିକ ଅସ୍ଥାୟୀ ବସ୍ତୁ ଆଦିରେ ଏପରି ଆସକ୍ତ ହୋଇ ରହିଥାଉ ଯେ – ଏସବୁ ଜିନିଷ ଆମକୁ ସୁଖ ପ୍ରଦାନ କରୁଥିବାର ଭୁଲ୍ ଧାରଣ କରିଥାଉ । ଏହି ନଶ୍ୱର ବସ୍ତୁ ଆମକୁ କେବେ ହେଲେ ଯଥାର୍ଥ ଓ ଚିରସ୍ଥାୟୀ ସୁଖ ପ୍ରଦାନ କରି ପାରି ନଥାଏ । ଏସବୁ ବସ୍ତୁକୁ ଭୋଗ କରିବାକୁ ଗଲେ ଆମର ହିଁ ଶକ୍ତି ନାଶ ହୋଇଥାଏ । ଆମେ ରୁଗ୍ଣ ଓ ଅଳ୍ପାୟୁ ହୋଇଥାଉ । ମା କହୁଛନ୍ତି : "If you wish to escape from death, you must not bind yourself to anything perishable."

(CWM - 15, p. 120)

ଅର୍ଥାତ୍, ''ଯଦି ତୁମେ ମୃତ୍ୟୁରୁ ନିସ୍ତାର ପାଇବାକୁ ଚାହଁ, ତେବେ ତୁମର କୌଣସି କ୍ଷୟଶୀଳ ବସ୍ତୁ ସହିତ ବନ୍ଧା ହୋଇ ରହିବା ଉଚିତ ନୁହେଁ ।''

ଯେଉଁ ଜଗଜ୍ଜନନୀ ମା ଆମ ନିକଟକୁ ଆମରି ଭଳି ହୋଇ ଆସିଛନ୍ତି, ଆମର ସମସ୍ତ ଦୁଃଖ, କଷ୍ଟ, ଯନ୍ତ୍ରଣାର ଭାଗୀଦାର ହୋଇଛନ୍ତି ସେହି ମା କିଏ ? ଏ ବିଷୟରେ ନଳିନୀଦା' କହୁଛନ୍ତି : ''ମା ହେଲେ ତୁମର ପ୍ରକୃତ ମା ଏବଂ ତୁମର ପ୍ରକୃତ ବନ୍ଧୁ ଓ ସାଥୀ । ସେ ତୁମକୁ ଏପରି ଭଲ ପାଆନ୍ତି ଆଉ କେହି ବି ଏତେ ଭଲପାଇ ପାରିବେ ନାହିଁ । ସେ ତୁମ ପ୍ରେମର ପ୍ରତ୍ୟୁତ୍ତର ଦେଇ ଥାଆନ୍ତି, ଆଉ କେହି ବି ଏହା କରି ନ ଥାଆନ୍ତି । ସେ ତୁମକୁ ଶିଖାନ୍ତି କିପରି ଭଲ ପାଇବାକୁ ହୁଏ । ଯଦିଓ ତୁମେ ଅନେକ ଭୁଲ୍, ଭ୍ରାନ୍ତି ଓ ଦୋଷ କରିଥାଅ ସେଥିରେ କିଛି ଯାଏ ଆସେ ନାହିଁ, ତୁମେ ଯେପରି ଅଛ ସେହି ପରି ଭାବରେ ସେ ତୁମକୁ ଗ୍ରହଣ କରି ଥାଆନ୍ତି । ତୁମେ ତାଙ୍କ ପାଖରେ ପୂରାପୂରି ସହଜ, ସରଳ ଭାବରେ ଖୋଲିଧର, ତୁମକୁ ବୁଝିବା ପାଇଁ, ତୁମକୁ ସାହାଯ୍ୟ କରିବା ପାଇଁ ସେ ଅଛନ୍ତି । ସେ ତୁମକୁ ଗାଳି ଦିଅନ୍ତି ନାହିଁ, ଦଣ୍ଡ ଦିଅନ୍ତି ନାହିଁ ବା ତୁମର ଦୋଷ ଦୁର୍ବଳତା ଦେଖି ତୁମର ସମାଲୋଚନା କରନ୍ତି ନାହିଁ । ଯଦି ତୁମେ ନିଜକୁ ବଦଳାଇ ପାରୁ ନାହଁ ତେବେ ତୁମେ ସର୍ବଦା ତାଙ୍କୁ ଅନାଅ, ତେବେ ସେ ତୁମ ପାଇଁ ଯାହା ଭଲ ତାହା କରିବେ ।''

(Collected works 5, P. 68 - 69) – ନଳିନୀକାନ୍ତ ଗୁପ୍ତ

ମା'ଙ୍କ କ୍ଲାସରେ ଜଣେ ଶିଶୁ ମା'ଙ୍କୁ ପ୍ରଶ୍ନ କରିଥିଲା, ମା ଆପଣ ତ ଜଗଜ୍ଜନନୀ, ସ୍ୱୟଂ ଭଗବାନ୍ ! ତେବେ ଆପଣ ଏପରି ଜଣେ ମଣିଷ ହୋଇ ଆସିଲେ କାହିଁକି ? ମା ଏ ପ୍ରଶ୍ନର ଉତ୍ତରରେ କହିଲେ ଯେ ମୁଁ ଯଦି ତୁମ ଭଳି ହୋଇ ଆସି ନଥା'ନ୍ତି ତେବେ ମୁଁ ତୁମର ଏତେ ନିକଟତର ହୁଅନ୍ତି କିପରି ?

କରୁଣାମୟୀ ମା ମଣିଷର ସମସ୍ତ ଦୁଃଖ-କଷ୍ଟ ବରଣ କରି ମଣିଷ ଭଳି ହୋଇ ଆମର ନିକଟତର ହୋଇଛନ୍ତି, ଆମକୁ ସାହାଯ୍ୟ କରିବା ପାଇଁ, ଆମକୁ ଭଗବାନଙ୍କ ଆଡ଼କୁ ନେଇ ଯିବା ପାଇଁ । ମା ନିଜେ କହୁଛନ୍ତି : ''ଏପରି କୌଣସି ରୋଗ ନାହିଁ ଯାହା ମୁଁ ଭୋଗ କରି ନାହିଁ । ମୁଁ ନିଜେ ମୋ ଶରୀରରେ ଏହି ସବୁ ରୋଗକୁ ନେଇଛି, ଏସବୁର ସମୟର ଅବଧି ଓ ଏହାକୁ ଭଲ କରିବାର ଜ୍ଞାନ ଅନୁଭବ କରିବା ପାଇଁ । ଯଦ୍ଦ୍ୱାରା ମୁଁ ଏସବୁ ଉପରେ କାମ କରିପାରେ । କହିବାକୁ ଗଲେ ମୋ ଶରୀରରେ ଭୟ ନାହିଁ ଏବଂ ଏହା ଉପରର ଚାପକୁ ଉତ୍ତର ଦେଇ ପାରେ, ମୋ ପାଇଁ ଏସବୁରୁ ମୁକ୍ତ ହେବା ସହଜ କଥା ।''

(CWM - 13, p. 60)

ମା ନିଜେ ଶରୀରରେ ସମସ୍ତ ରୋଗକୁ ନେଇ ତାକୁ ଠିକ୍ କରି ନଥିଲେ ତାଙ୍କ ସନ୍ତାନମାନଙ୍କର ରୋଗ କିପରି ଭଲ କରନ୍ତେ ?

ମା ଦିବ୍ୟଜନନୀ ବୋଲି ଆମେ ସମସ୍ତେ ଜାଣୁ । ତେଣୁ ତାଙ୍କ ଫଟୋ ପାଖରେ ଫୁଲ, ଧୂପ ଆଦି ଦେଇ ତାଙ୍କୁ ପୂଜା କରି ଥାଉ । କିନ୍ତୁ ସେ ଯେ ଆମର ଆପଣାର ମା ଏକଥା କେତେ ଜଣ ଜାଣନ୍ତି ବା ଅନୁଭବ କରନ୍ତି ? ମା ହେଲେ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟକାରିଣୀ ଶକ୍ତି । କେବଳ ମାତୃଶକ୍ତି ହିଁ, ମାତୃଚେତନା ହିଁ ଆମ ଅସ୍ତିତ୍ୱର ସକଳ ସ୍ତରରେ ବିଦ୍ୟମାନ ରହିଛନ୍ତି । ଏ ପୃଥିବୀକୁ ଆଗକୁ ନେବା ପାଇଁ ଏହି ଶକ୍ତି ସୃଷ୍ଟିର ଆରମ୍ଭରୁ ରହିଛି – ମା ନିଜେ ଏକଥା ପ୍ରକାଶ କରିଛନ୍ତି । ଏ ବିଷୟରେ ଶ୍ରୀଅରବିନ୍ଦଙ୍କୁ ପ୍ରଶ୍ନ ପଚରା ଯାଇଥିଲା :

*ପ୍ରଶ୍ନ : ଏହା କୁହାଯାଇଛି ଯେ ଆପଣ ଏବଂ ମା ଉଭୟେ ଏହି ପୃଥିବୀପୃଷ୍ଠରେ ଉପସ୍ଥିତ ରହିଥିଲେ ପୃଥିବୀ ସୃଷ୍ଟିର ଆରମ୍ଭରୁ । ଦୟାକରି ଆମକୁ ବୁଝାଇ କହନ୍ତୁ ଆପଣ ଉଭୟେ ହଜାର ହଜାର ବର୍ଷ ଧରି ନିଜକୁ ଗୁପ୍ତରେ ରଖି କ'ଣ କରୁଥିଲେ । ମୁଁ ଗୁପ୍ତ ରଖିବା କଥା କହୁଛି କାରଣ ଏହି ଜନ୍ମରେ ଆପଣମାନେ ଏହି ପୃଥିବୀରେ ଆପଣଙ୍କ ଯଥାର୍ଥ ପ୍ରକୃତି ପ୍ରଦର୍ଶନ କଲେ ।*

ଉତ୍ତର : ବିବର୍ତ୍ତନକୁ ଚଳାଇ ଆଣିଥିଲୁ ।

(Sri Aurobindo on Himself, P. 356)

["It is said that you and the Mother have been on the earth since its creation. But what have you been doing for so many millions of years in disguise? I say "disguise" because it is only now that you are showing yourselves to the world in your real nature.

Carrying on the evolution."]

ଏବେ ଆମେ ଆଲୋଚନା କରିବୁ ମା କିପରି ଭାବରେ ଆମ ସହିତ ରହିଛନ୍ତି । ଏ ବିଷୟରେ ମା ନିଜେ କହୁଛନ୍ତି :

''ମୁଁ ତୁମ ସହିତ ରହିଛି କାରଣ ମୁଁ ହେଉଛି ତୁମେ ବା ତୁମେ ହେଉଛ ମୁଁ ।

''ମୁଁ ତୁମ ସହିତ ରହିଛି, – ଏହା ପୃଥିବୀର ବହୁ କଥାକୁ ବୁଝାଏ, କାରଣ ମୁଁ ତୁମ ସହିତ ରହିଛି ସମସ୍ତ କ୍ଷେତ୍ରରେ, ସମସ୍ତ ସ୍ତରରେ; ସର୍ବୋଚ୍ଚ ପରମ ଚେତନାଠାରୁ ଆରମ୍ଭ କରି ମୋର ସର୍ବନିମ୍ନ ଜଡ଼-ଶରୀରର ଚେତନା ପର୍ଯ୍ୟନ୍ତ । ଏହି ପଣ୍ଡିଚେରୀରେ ତୁମେ ମୋ ଚେତନା ବିନା ଶ୍ୱାସ ନେଇ ପାରିବ ନାହିଁ । ମୋ ସୂକ୍ଷ୍ମ-ଭୌତିକ ଚେତନା ବାତାବରଣରେ ଯାହା ପ୍ରାୟ ସ୍ଥୂଳ ଭାବରେ ଭରପୂର ହୋଇ ରହିଛି ଯାହାକି ଦଶ କିଲୋମିଟର ଦୂରରେ ଅବସ୍ଥିତ ଥିବା ହ୍ରଦ (Lake) ପର୍ଯ୍ୟନ୍ତ ବିସ୍ତାରିତ ହୋଇଥାଏ । ଏହା ପରେ ମୋର ସ୍ଥୂଳ ପ୍ରାଣସତ୍ତା ମାନସିକ ସ୍ତରରେ ଏବଂ ଅନ୍ୟ ଉଚ୍ଚତର ସ୍ତରରେ ମଧ୍ୟ ଏହାକୁ ସର୍ବତ୍ର ଅନୁଭବ କରାଯାଇ ପାରିବ ।...

''ସାଧାରଣ ଭାବରେ ମୋ ଶକ୍ତି ସର୍ବଦା ତା'ର କାମ କରି ଚାଲିଛି । ତୁମ ଚେତନାର ମାନସିକ ଅବସ୍ଥାକୁ ସର୍ବଦା ବଦଳାଇ ଦେଉଛି ଯଦ୍ୱାରା ତୁମେ ଏକ ନୂତନ ସମ୍ପର୍କ ତିଆରି କର ଏବଂ ତୁମକୁ ବୁଝାଇ ଦିଏ ତୁମ ଚରିତ୍ରର ବିଭିନ୍ନ ବିଷୟକୁ ଯଦ୍ୱାରା ତୁମେ ଦେଖି ପାରିଥାଅ କ'ଣ ବଦଳା ଯିବ, କ'ଣ ବୃଦ୍ଧି କରିବାକୁ ହେବ ଏବଂ କ'ଣ ପ୍ରତ୍ୟାଖ୍ୟାନ କରିବାକୁ ହେବ ।

''ଅନ୍ୟ ଏକ ଅଂଶରେ ଏକ ବ୍ୟକ୍ତିଗତ ସମ୍ପର୍କ ତୁମ ସହିତ ସ୍ଥାପିତ ହୋଇଥାଏ । ଯେଉଁମାନେ ଶ୍ରୀଅରବିନ୍ଦ ଓ ମୋର ଶିକ୍ଷା ପ୍ରତି ଉନ୍ମୁକ୍ତ ହୋଇଛନ୍ତି – ଏବଂ ଏହା ଭଲ ଭାବରେ ଜଣା ଯାଇଥାଏ; ଦୂରତା ଏଥିପାଇଁ ପ୍ରତିବନ୍ଧକ ହୋଇ ନଥାଏ, ତୁମେ ଫ୍ରାନ୍ସରେ ରହିଥାଅ ବା ତୁମେ ପୃଥିବୀର ଯେକୌଣସି କୋଣରେ ଥାଅ ନା କାହିଁକି ବା ପଣ୍ଡିଚେରୀରେ ରହି ଥାଅ ନା କାହିଁକି ଏହି ସମ୍ପର୍କ ସର୍ବଦା ଜୀବନ୍ତଭାବେ ରହିଥାଏ । ପ୍ରତିଥର ଯେତେବେଳେ ଏକ ଡ଼ାକରା ଆସେ, ପ୍ରତିଥର ଯେତେବେଳେ ତୁମ ଆବଶ୍ୟକତା ବିଷୟରେ ମୋତେ ଜାଣିବାକୁ ହୁଏ ଯଦ୍ୱାରା ମୁଁ ଏକ ଶକ୍ତିକୁ, ଏକ ପ୍ରେରଣାକୁ, ଏକ ରକ୍ଷାକବଚ ବା ଅନ୍ୟ କିଛି ତୁମର ଦରକାର ହୁଏ; ମୋ ପାଖକୁ ତତ୍‌କ୍ଷଣାତ୍ ଏକ ସନ୍ଦେଶ ଆସେ ଏବଂ ମୁଁ ଯାହା କରିବା କଥା ତାହା କରିଥାଏ । ଏହି ସନ୍ଦେଶର ଯୋଗାଯୋଗ ମୋ ପାଖରେ ଯେକୌଣସି ସମୟରେ ପହଞ୍ଚି ଥାଏ, ତୁମେ ନିଶ୍ଚୟ ଦେଖିଥିବ ମୁଁ କଥା କହୁଥିବା ସମୟରେ ଏକ ବାକ୍ୟ ମଝିରେ ବା କୌଣସି କାମ କରୁଥିବା ସମୟରେ ହଠାତ୍ ସ୍ତବ୍ଧ ହୋଇଯାଏ; ଏହାର କାରଣ ହେଲା ମୋ ପାଖକୁ କିଛି ସନ୍ଦେଶ ଆସିଲା ଏବଂ ମୁଁ ଏହା ଉପରେ ଏକାଗ୍ର ହୁଏ ।

''ଯେଉଁମାନଙ୍କୁ ମୁଁ ସାଧକ ଭାବେ ଗ୍ରହଣ କରିଛି,

ଯେଉଁମାନଙ୍କୁ ମୁଁ କହିଛି 'ହଁ', ସେମାନଙ୍କ ସହିତ ମୋର କେବଳ ସମ୍ପର୍କଠାରୁ ଅଧିକ କିଛି ଘଟିଥାଏ; ସେମାନଙ୍କ ଭିତରେ ମୋର ଏକ ବିଭୂତି ପ୍ରତିଷ୍ଠା ହୁଏ । ଏହି ବିଭୂତି ମୋତେ ସାବଧାନ କରାଇ କହିଥାଏ କ'ଣ ହେଉଛି (ସାଧକ ଭିତରେ) । କହିବାକୁ ଗଲେ ମୁଁ ସର୍ବଦା ସନ୍ଦେଶ ପାଇଥାଏ, କିନ୍ତୁ ଏହା ମୋର କାର୍ଯ୍ୟ କରୁଥିବା ସ୍ମରଣ କ୍ଷେତ୍ରରେ ଲିପିବଦ୍ଧ କରି ନଥାଏ, ଏପରି ହେଲେ ମୁଁ ଭାସି ଯାଆନ୍ତି; ମୋର ସ୍ଥୂଳ ଚେତନା ଏକ ଛାଣିବା ଯନ୍ତ୍ର ଭଳି କାମ କରିଥାଏ । ଏସବୁ ଖବର ମୋ ସୂକ୍ଷ୍ମ ଭୌତିକ ଚେତନାରେ ଲିପିବଦ୍ଧ ହୋଇଥାଏ, ଏସବୁ ଏଇଠି ରହେ ସୁପ୍ତ ଅବସ୍ଥାରେ । ଉଦାହରଣସ୍ୱରୂପ କୌଣସି ଏକ ସଙ୍ଗୀତ ଲିପିବଦ୍ଧ (recorded) ହୋଇଥାଏ ବିନା ବାଜଣାରେ, ଏବଂ ମୁଁ ଯେତେବେଳେ ମୋ ସ୍ଥୂଳ-ଚେତନାରେ ଜାଣିବାକୁ ଚାହେଁ, ମୁଁ ଏହି ସୂକ୍ଷ୍ମ ଭୌତିକ ସ୍ତରରେ ସମ୍ପର୍କ କରେ ଏବଂ ଏହା କ୍ରିୟାଶୀଳ ହେବାକୁ ଆରମ୍ଭ କରେ । ତେବେ ଯାଇ ମୁଁ ଜାଣିପାରେ କ'ଣ ଘଟୁଛି ଏବଂ କେତେବେଳେ ଘଟିଥିଲା ଏବଂ ଏହାର ପରିଣାମ କ'ଣ ହେବ ...

''ଏବଂ ଏ ସମ୍ପର୍କ ତୁମ ଓ ମୋ ଭିତରେ କେବେ ହେଲେ କଟିଯାଏ ନାହିଁ । କେତେକ ବ୍ୟକ୍ତି ବହୁଦିନ ପୂର୍ବରୁ ବିରକ୍ତ ହୋଇ ଆଶ୍ରମ ଛାଡ଼ି ଚାଲି ଯାଇଛନ୍ତି, ତଥାପି ମୁଁ ସେମାନଙ୍କର ଖବର ରଖେ, ମୁଁ ସେମାନଙ୍କ ଦେଖାଶୁଣା କରିଥାଏ, ଅର୍ଥାତ୍ ତୁମକୁ ମୁଁ କେବେ ହେଲେ ଅବହେଳା କରି ନଥାଏ ।

''ବାସ୍ତବରେ କହିବାକୁ ଗଲେ ମୁଁ ସମସ୍ତଙ୍କର ଦାୟିତ୍ୱ ବହନ କରିଥାଏ ଏପରିକି ଯେଉଁମାନଙ୍କୁ ମୋ ଜୀବନ କାଳରେ ଏକ ମୁହୂର୍ତ୍ତ ପାଇଁ ଦେଖିଛି ।''

(CWM - 7, p. 75 - 77)

ସମଗ୍ର ପୃଥିବୀର ଲୋକଙ୍କୁ ସାହାଯ୍ୟ କରିବା ପାଇଁ, ସେମାନଙ୍କୁ ରୂପାନ୍ତର କରି, ଦୁଃଖ, ଯନ୍ତ୍ରଣା, ରୋଗ, ଜରା, ମୃତ୍ୟୁ ଆଦିରୁ ମୁକ୍ତ କରି ତାଙ୍କୁ ଦିବ୍ୟଜୀବନ ପ୍ରଦାନ କରିବା ପାଇଁ ମାଆଶ୍ରୀଅରବିନ୍ଦ ଅବତାର ଭାବେ ଆମର ଏତେ ନିକଟତର ହୋଇଛନ୍ତି ।

ମା ଆମ ଭିତରେ ରହି ଏତେ ସବୁ କରୁଛନ୍ତି ତଥାପି ଆମେ ଜାଣି ପାରୁ ନାହୁଁ । ଆମେ ବିଶ୍ୱାସ କରି ପାରୁ ନାହୁଁ ମା ଆମ ପାଇଁ ଏତେ କାମ କରୁଛନ୍ତି ବୋଲି । ଏହାର ଏକମାତ୍ର କାରଣ ହେଲା ଆମର ଅଜ୍ଞାନତା ଓ ଅହଂକାର । କିନ୍ତୁ ଯେଉଁମାନେ ସଚେତ ଅଛନ୍ତି ଓ ଗ୍ରହଣଶୀଳ ଅଛନ୍ତି ସେମାନେ ମା'ଙ୍କ ସହିତ ଘନିଷ୍ଠ ଭାବେ ରହି ଥାଆନ୍ତି । ସେମାନେ ତାଙ୍କ ସହିତ ବାର୍ତ୍ତାଳାପ କରି ପାରନ୍ତି, ତାଙ୍କୁ ଦର୍ଶନ କରି ପାରନ୍ତି, ଏପରିକି ତାଙ୍କୁ ସ୍ପର୍ଶ ମଧ୍ୟ କରି ପାରନ୍ତି ।

ବର୍ତ୍ତମାନ ଆମେ ଆଲୋଚନା କରିବା ଏହା ଆମେ କିପରି କରି ପାରିବୁ ? ମା'ଙ୍କ ସହିତ ଘନିଷ୍ଠ ହେବାର ପ୍ରଥମ ଓ ପ୍ରଧାନ ମୂଳଦୁଆ ହେଲା ଆମ ସକଳ ସତ୍ତାରେ ଶାନ୍ତି ଓ ନିରବତା ପ୍ରତିଷ୍ଠା କରିବା । ଏହି ଦୁଇଟି କଥା ହେଲା ଯୋଗର ପ୍ରଥମ ଆବଶ୍ୟକତା । ତୁମେ ଶାନ୍ତି ଓ ନିରବତା ନିଜ ଭିତରେ ପ୍ରତିଷ୍ଠା କରିପାରିବ ନାହିଁ ଯେପର୍ଯ୍ୟନ୍ତ ତୁମର ଇନ୍ଦ୍ରିୟମାନେ ଭୋଗ ଲାଳସାରେ ଲିପ୍ତ ରହିଛନ୍ତି । କେବଳ ମନରେ ଏହା ପ୍ରତିଷ୍ଠିତ ହେଲେ ତୁମେ ନିଜକୁ ନିରୀକ୍ଷଣ କରିବାର କ୍ଷମତା ଲାଭ କରିପାରିବ । ଏହିପରି ନିରୀକ୍ଷଣ କରିବା ଦ୍ୱାରା ତୁମେ ତୁମ ଦୋଷ ଦୁର୍ବଳତାକୁ ଚିହ୍ନି ପାରିଥାଅ ଏବଂ ଅନ୍ତରରେ ଥିବା ମା'ଙ୍କ ସହିତ ସମ୍ବନ୍ଧ ସ୍ଥାପନ କରି ପାରିଥାଅ । ତୁମ ଅନ୍ତର ଭିତରେ ମା'ଙ୍କୁ ଦେଖି ପାରିଥାଅ ।

ତା' ପର କଥା ହେଲା ଲକ୍ଷ୍ୟ ସ୍ଥିର କରିବା । ଆମେ ସାଧାରଣତଃ ଜାଣି ନଥାଉ ଆମେ କ'ଣ ଚାହୁଁ । ଆମେ ସାଧାରଣତଃ ଭଗବାନଙ୍କୁ ପାଇବା ପାଇଁ ଏ ପୃଥିବୀରେ ବାରଂବାର ଜନ୍ମ ନେଇଥାଉ । କିନ୍ତୁ ସଂସାରର ବିଭିନ୍ନ ଲୋଭନୀୟ ବସ୍ତୁ ଆମକୁ ଆମ ଲକ୍ଷ୍ୟପଥରୁ ଭ୍ରଷ୍ଟ କରିଥାଏ । ଯେତେବେଳେ ଆମେ ଜାଣିବୁ ଆମ ଜୀବନର ପରମ ଲକ୍ଷ୍ୟ ହେଲା ଭଗବାନଙ୍କୁ ପାଇବା ସେତେବେଳେ ଆମେ ମା'ଙ୍କର ପ୍ରିୟ ପାତ୍ର ହୋଇଥାଉ, ମା'ଙ୍କ ସହିତ ଆମର ଘନିଷ୍ଠତା ବଢ଼ିଯାଏ । କାରଣ ମା ହେଲେ ସ୍ୱୟଂ ଭଗବାନ୍ । ମା'ଙ୍କୁ ଥରେ ପ୍ରଶ୍ନ ପଚରା ଗଲା ଯେ ତୁମେ କ'ଣ ଭଗବାନ୍ ? ଏହାର ଉତ୍ତରରେ ମା କହିଥିଲେ, "This question can be asked of any human being. And the answer is: Yes, potentially."

(CWM, Vol. 13, p. 52)

ଅର୍ଥାତ୍, ''ଏ ପ୍ରଶ୍ନ ଯେକୌଣସି ମଣିଷ ସମ୍ପର୍କରେ ପଚରା ଯାଇପାରେ ଏବଂ ଉତ୍ତର ହେବ : ହଁ, ଅନ୍ତର୍ନିହିତ ଭାବରେ ।'' ଏ ବିଷୟରେ ଆମକୁ ସଚେତନ ହେବାକୁ ପଡ଼ିବ ।

ମା କହୁଛନ୍ତି, "When you are conscious of the whole world at the same time, then you can become conscious of the Divine."

(CWM-15, p - 176)

ଅର୍ଥାତ୍, ତୁମେ ଯେତେବେଳେ ସମଗ୍ର ପୃଥିବୀ ବିଷୟରେ ସଚେତନ ହେବ ସେତେବେଳେ ତୁମେ ଭଗବାନଙ୍କ ବିଷୟରେ ସଚେତନ ହୋଇପାରିବ । ଏହି ପରି ସଚେତନ ହେବା ଦ୍ୱାରା ଆମେ ମା'ଙ୍କର ଘନିଷ୍ଠ ହୋଇଥାଉ । ଏବଂ ମା ଆମକୁ କିପରି ପରିଚାଳନା କରୁଛନ୍ତି ତାହା ପ୍ରତ୍ୟକ୍ଷ ଭାବେ ଅନୁଭବ କରି ପାରିଥାଉ ।

ଗୋଟିଏ ପ୍ରଶ୍ନ ମୋତେ କେହି କେହି ପଚାରନ୍ତି : ମା'ଙ୍କ ସହିତ ଆମେ କଥାବାର୍ତ୍ତା କରିବୁ କିପରି ? ପ୍ରଥମେ ନୀରବ ହୋଇ ଅନ୍ତରରେ ପ୍ରତିଷ୍ଠିତ ମା'ଙ୍କୁ ଏକ ପ୍ରଶ୍ନ ପଚାର । ଏହାର ଉତ୍ତର କ'ଣ ହେବ ସେ ବିଷୟରେ କୌଣସି କଳ୍ପନା ଜଳ୍ପନା କର ନାହିଁ । ନିଜ ହୃଦୟରେ ବାସ କରି ଉତ୍ତର ପାଇଁ ଅପେକ୍ଷା କର । ଏହି ଅପେକ୍ଷା କରିବା ସମୟରେ ନିଜକୁ ଏକ ସାଦା କାଗଜ ଭଳି କରିଦିଅ । ଏହି ସାଦା କାଗଜରେ ମା ତୁମର ଉତ୍ତର ଲେଖି ଦେଇ ପାରିବେ ବା ଭାଷା ମାଧ୍ୟମରେ ଅନ୍ତରରୁ ବାଣୀ ଫୁଟି ଉଠିବ । ତା' ଯେ କୌଣସି ଭାଷା ହୋଇପାରେ । ପ୍ରକୃତ ପକ୍ଷେ ମା'ଙ୍କ ସହିତ କଥାବାର୍ତ୍ତା କଲାବେଳେ କୌଣସି ଭାଷାର ଆବଶ୍ୟକତା ହୋଇ ନଥାଏ । କେବଳ ଭାବର ବିନିମୟ ଦ୍ୱାରା ଆମେ ତାଙ୍କ ସହିତ କଥାବାର୍ତ୍ତା କରିଥାଉ । ଆମେ ପଶୁପକ୍ଷୀଙ୍କ ସହିତ ଏହିପରି ଭାବର ଆଦାନପ୍ରଦାନ ଦ୍ୱାରା କଥାବାର୍ତ୍ତା କରିଥାଉ । କୁକୁର, ଘୋଡ଼ା ଆଦିଙ୍କ ସହିତ ଏହିପରି କଥାବାର୍ତ୍ତା କରି ଆମ ଉଦ୍ଦେଶ୍ୟ ତାକୁ ବୁଝାଇ ଥାଉ, ସେମାନେ ମଧ୍ୟ ବୁଝିଥାଆନ୍ତି । ଏହିପରି ଭାବର ଆଦାନପ୍ରଦାନ ଦ୍ୱାରା ବିଭିନ୍ନ ଦେବଦେବୀଙ୍କ ସହିତ କଥାବାର୍ତ୍ତା କରିପାରିବ । ମା'ଙ୍କ ସହିତ ମଧ୍ୟ ସମ୍ପର୍କ କରିବା ତୁମେ ଶିଖି ପାରିବ । ମନେ ରଖ ଉତ୍ତର ନ ଆସିବା ପର୍ଯ୍ୟନ୍ତ ଉତ୍ତର ବିଷୟରେ କିଛି ବି କଳ୍ପନା ଜଳ୍ପନା କରିବ ନାହିଁ । ଆଉ ଏକ କଥା ହେଲା କେବଳ ପ୍ରଥମ କଥାଟି ହିଁ ମା'ଙ୍କ ଉତ୍ତର । ଯଦି ଏହାକୁ ଧରି ନପାରିଲ ତେବେ ନିର୍ଭୁଲ ଉତ୍ତର ପାଇବା ସହଜ ନୁହେଁ ।

ତୁମର ଶରୀର ଚେତନା ଯଦି ଜାଗରିତ ହୋଇଥାଏ ଏବଂ ଏହା ଭିତରେ ଗ୍ରହଣଶୀଳତା ଥାଏ ତେବେ ତୁମେ ମା'ଙ୍କୁ ସ୍ପର୍ଶ ମଧ୍ୟ କରି ପାରିବ । ତୁମେ ଅନୁଭବ କରିବ ମା'ଙ୍କ କୋଳରେ ତୁମେ ଏକ ଛୋଟ ଶିଶୁ ହୋଇ ବସିଛ । ଏହା କୌଣସି କଳ୍ପନା ବା ସୂକ୍ଷ୍ମ ଦର୍ଶନ ହେବା ଉଚିତ ନୁହେଁ । ଏପରି ହୋଇ ପାରିଲେ ତୁମର ସମସ୍ତ ଅହଂକାର ଲୋପ ପାଇବ ଏବଂ ମା'ଙ୍କର ଅତୀବ ଘନିଷ୍ଠ ହୋଇପାରିବ । ଏହିପରି ଭାବରେ ନିଜେ ଦେଖି ପାରିବ ମା ତୁମ ସହିତ କିପରି ରହିଛନ୍ତି ଏବଂ କ'ଣ କରୁଛନ୍ତି ।

ଯେତେବେଳେ ମା'ଙ୍କର ମହାନତା ବିଷୟରେ ଏବଂ ସେ ଯେ ନିଜେ ଭଗବାନ୍ ଏ ବିଷୟରେ ତୁମର ତିଳେ ମାତ୍ର ସନ୍ଦେହ ରହିବ ନାହିଁ ସେତେବେଳେ ତୁମେ ମା'ଙ୍କର ଅତ୍ୟନ୍ତ ଅନ୍ତରଙ୍ଗ ହୋଇ ଉଠିବ । ମା ତାଙ୍କ ମହାନତା ବିଷୟରେ ନିଜେ କହୁଛନ୍ତି : ''ମୋର ପ୍ରିୟ ସନ୍ତାନ ! ମୁଁ ନିଜକୁ ପ୍ରକାଶ କରିବାକୁ ଚାହେଁ ନାହିଁ, ମୁଁ ମୋ ବିଷୟରେ ଘୋଷଣା କରିବାକୁ ବା ଦେଖାଇବାକୁ ଚାହେଁ ନାହିଁ ମୁଁ କ'ଣ ବୋଲି । କିନ୍ତୁ ବାସ୍ତବରେ ମୁଁ ହେଉଛି ପରମ ଶକ୍ତିଶାଳୀ ଯେ କି ଏଠାରେ ଅବତରଣ କରିଛି ଏକ ରକ୍ତ ମାଂସଧାରୀ ମଣିଷ ଭିତରେ, ଏହି ଅଜ୍ଞାନତା ଭିତରେ, ନିଶ୍ଚେତନା ଭିତରେ, ଏକ ଜନଗହଳି ଭିତରେ ଯେଉଁଠି କେହି ବି ମୋତେ ଜାଣି ପାରିବେ ନାହିଁ, କାରଣ କେହି ବି (ମୋ ଛଡ଼ା) ଏ ପୃଥିବୀକୁ, ଏଠାରେ ଥିବା ଜୀବଜନ୍ତୁକୁ ଏବଂ ମଣିଷକୁ ଏକ ନୂତନ ସ୍ତର ପର୍ଯ୍ୟନ୍ତ ଉଠାଇ ନେଇ ପାରିବେ ନାହିଁ ।''

(The Supreme, p - 94)

(କ୍ରମଶଃ)

❑❑❑

ପ୍ରଥମ କଥା ଯାହା ଆବଶ୍ୟକ ତାହା ହେଉଛି ନିଜ ଉପରେ ସଂଯମ, ବିଶେଷ କରି ନିଜ ବାକ୍‌ଶକ୍ତି ଉପରେ । ଯଦି ଲୋକମାନେ ନୀରବ ରହିବାକୁ ଶିକ୍ଷା କରି ପାରନ୍ତେ ତେବେ କେତେ ଅସୁବିଧାକୁ ଏଡ଼େଇ ଦେଇ ହୁଅନ୍ତା !

— ଶ୍ରୀମା

# ଯୋଗାନନ୍ଦ

## (୧୦)

ଆଗାମୀ କାଲି ଅଗଷ୍ଟ ୧୫ । ସନ୍ଧ୍ୟା ସମୟରେ ଯୋଗାନନ୍ଦ ଆଶ୍ରମରୁ ବାହାରି ଶଙ୍କରରାମଙ୍କ ସହିତ ଅମ୍ନିବାସମ୍‌କୁ ଫେରୁଥା'ନ୍ତି । ବହୁ ଦିନର ବାଞ୍ଛିତ ଶ୍ରୀଅରବିନ୍ଦଙ୍କୁ କାଲି ଦର୍ଶନ କରିପାରିବେ – ମନରେ ତାଙ୍କର ଅପୂର୍ବ ଆନନ୍ଦ !... ପ୍ରାଣରେ ତାଙ୍କର ଅଫୁରନ୍ତ ଶକ୍ତି, ସାମର୍ଥ୍ୟ,... କିନ୍ତୁ ଶଙ୍କରରାମଙ୍କ ସହିତ ବଜାର ରାସ୍ତାରେ ଯାଉ ଯାଉ ଅକସ୍ମାତ୍ ତାଙ୍କୁ ଖୁବ୍ ଜ୍ୱର ଆସିଲା ଭଳି ଲାଗିଲା; କମ୍ପ ଜ୍ୱର । ଅନନ୍ୟୋପାୟ ହୋଇ ଶଙ୍କରରାମ ଗୋଟିଏ ରିକ୍ସା ଡାକି ତାଙ୍କୁ ହୋଟେଲକୁ ନେଇ ଗଲେ ଏବଂ ନିଜ ଘରେ ଶୁଆଇ ଦେଲେ । କମ୍ବଳ ଘୋଡ଼ାଇ ଶୋଇଥିବା ବେଳେ ଭାବିବାକୁ ଲାଗିଲେ, 'ପ୍ରଭୁ, ଏବେ ବି କ'ଣ ମୋର ବାଧା ଓ ପରୀକ୍ଷାର ଅବସାନ ଘଟିନି ! କି ଅଭାଗା ମୁଁ ! ନଚେତ୍ ଏତେ କଷ୍ଟ କରି ଏତେ ଦୂର ଆସି, ଏପରି ଭାବରେ ଶ୍ରୀଅରବିନ୍ଦଙ୍କୁ ଦର୍ଶନ କରି ପାରିବାର ଅନୁମତି ପାଇ ମଧ୍ୟ ଏପରି ବାଧା ଆସି ଉପୁଜିଛି ! – ଇଏ କି ପ୍ରଭୁଙ୍କର ଛାୟା ଆଲୋକର ଖେଳ, ଯାହାକି ମୋ ଜୀବନର ବାଲ୍ୟକାଳରୁ ସାଥୀ ହୋଇ ରହିଛି !' – ମୁହୂର୍ତ୍ତକ ସକାଶେ ବେଶ୍ ମର୍ମାହତ ହୋଇ ପଡ଼ିଲେ । କିନ୍ତୁ ପରମୁହୂର୍ତ୍ତରେ ମନ-ପ୍ରାଣରେ ଜୋର୍ ଖଟାଇ, ଖୁବ୍ ସାହସର ସହିତ ସେହି ଜ୍ୱର ଅବସ୍ଥାରେହିଁ ଆସନ, ନାଡ଼ିଶୁଦ୍ଧି ଓ ପ୍ରାଣାୟାମ ଆଦି କ୍ରିୟା ଦ୍ୱିଗୁଣ ମାତ୍ରାରେ କରିବାକୁ ଲାଗିଲେ ଏବଂ ହୃଦୟରେ ଦୃଢ଼ ଆସ୍ଥା ରଖିଲେ ଯେ ନିଶ୍ଚୟ ଏହି ଜ୍ୱରର ପ୍ରକୋପରୁ ମୁକ୍ତି ପାଇଯିବେ । ଶଙ୍କରରାମ ତାଙ୍କ ପାଇଁ କିଛି ଦୁଗ୍ଧ ସଂଗ୍ରହ କରି ଆଣିଲେ ଏବଂ ତାଙ୍କ ପାଖରେ କିଛି ଗୋଟାଏ ହାଲୁକା ପଥ୍ୟ ଥିଲା, ସେଇଟିକୁ ଦୁଧ ସହିତ ମିଶାଇ ତାଙ୍କୁ ଖାଇବାକୁ ଦେଲେ । ଯୋଗାନନ୍ଦ ଶୋଇ ପଡ଼ିଲେ ।

ରାତ୍ରି ତିନିଟା ବେଳକୁ ଜ୍ୱର ସମ୍ପୂର୍ଣ୍ଣ ଛାଡ଼ିଗଲା । ଯୋଗାନନ୍ଦ ଶଯ୍ୟା ତ୍ୟାଗ କରି ମଥାରେ ପାଣି ଦେଇ ମୁହଁ ହାତ ଧୋଇ ନେଲେ । ତା'ପରେ ଲୁଗା ବଦଳାଇ ଛ'ଟା ବେଳକୁ ଯାଇ ଆଶ୍ରମରେ ଉପସ୍ଥିତ ହେଲେ । ଶଙ୍କରରାମ ପ୍ରାତଃକୃତ୍ୟ ସମାପନ କରି କଫି ପାନ ପରେ ଆସିଲେ ।

ଏବେ ଯୋଗାନନ୍ଦଙ୍କ ବର୍ଣ୍ଣନାରୁ : ''୧୫ ଅଗଷ୍ଟ (୧୯୩୨), ଶ୍ରୀଅରବିନ୍ଦଙ୍କ ଦର୍ଶନ ଦିବସ । ଦର୍ଶନାର୍ଥୀ ଓ ଅଭ୍ୟାଗତଙ୍କ ସକାଶେ ଆଜି ଅବାରିତ ଦ୍ୱାର । ସକାଳ ସାଢ଼େ ୭ଟାରେ ଦର୍ଶନ ଆରମ୍ଭ ହେବ । ଏବେ ଆହୁରି ଘଣ୍ଟାଏ ବାକି । ଆଶ୍ରମରେ ଉପସ୍ଥିତ ହେବାରୁ ଜନୈକ ଭଦ୍ରଲୋକ ମୋତେ ଆଶ୍ରମ ଭିତରେ ଥିବା ଧ୍ୟାନ ପ୍ରକୋଷ୍ଠ (ମେଡ଼ିଟେସନ୍ ହଲ୍) ଆଡ଼କୁ ନେଇ ଗଲେ ଏବଂ ସେଠାରେ ଗୋଟିଏ ପାଖକୁ ବସିବାକୁ କହିଲେ । ଆଶ୍ରମ ଭିତରଟି ନାନା ରକମର ଫୁଲକୁଣ୍ଡ ଦ୍ୱାରା ସୁସଜ୍ଜିତ । ଏହାର ବାତାବରଣଟି ଏପରି ମନୋହର, ନିସ୍ତବ୍ଧ ଓ ଶାନ୍ତ ମନେ ହେଲା ଯେ ହିମାଳୟର ସ୍ଥାନେ ସ୍ଥାନେ ଯେଉଁ ନୀରବତାର ସ୍ୱର୍ଶ ପାଇଥିଲି, ଠିକ୍ ସେମିତି । ଏହି ଦିବ୍ୟ ବାତାବରଣରେ କିଛି ସମୟ ବସିବା ପରେ ହିଁ ମୁଁ ଧ୍ୟାନସ୍ଥ ହୋଇଗଲି । ଅନେକ ସମୟ ଧରି ସେହି ଏକହିଁ ଭାବରେ ବସି ରହିଲି । ଗତ ରାତିରେ ଭୀଷଣ ଜ୍ୱରଜନିତ ଯେଉଁ କ୍ଳାନ୍ତିବୋଧ ଶରୀରରେ ଅନୁଭୂତ ହେଉଥିଲା, ସେସବୁ କୁଆଡ଼େ ଉଭେଇଗଲା ।

''ଯଥା ସମୟରେ ଦର୍ଶନ ଆରମ୍ଭ ହେଲା । ଧୀରେ ଧୀରେ ଶାନ୍ତ ଭାବରେ ଜଣଙ୍କ ପରେ ଜଣେ ଅନ୍ତେବାସୀ ସାଧକ ଶିଡ଼ି ଦେଇ ଉପରକୁ ଯାଉଥା'ନ୍ତି ଏବଂ ଦର୍ଶନ ସାରି ସେହି ଭାବରେହିଁ ଓହ୍ଲାଇ ଆସୁଥା'ନ୍ତି । ସମୟ ପ୍ରାୟ ନ'ଟା ପରେ ଦର୍ଶନାର୍ଥୀଗଣ ଶ୍ରେଣୀବଦ୍ଧ ଭାବରେ ହଲ୍ ଭିତର ଦେଇ ଉପରକୁ ଯିବାକୁ ପ୍ରସ୍ତୁତ ହେଲେ ।

''ସେମାନଙ୍କ ହାତରେ ଫୁଲମାଳା, ଫୁଲତୋଡ଼ା ଇତ୍ୟାଦି ନାନା ଅର୍ଘ୍ୟ, କେହି କେହି ହାତରେ ଲଫାପା ମଧ୍ୟ ଧରିଥା'ନ୍ତି । ଭାବିଲି ବୋଧହୁଏ କିଛି ଚିଠିପତ୍ର ଶ୍ରୀଅରବିନ୍ଦଙ୍କୁ ଦେଉଛନ୍ତି । ମୁଁ ଭାବିଲି ଏବେ ତ ବାହାରକୁ ଯାଇ ଫୁଲ ଯୋଗାଡ଼ କରିପାରିବି ନାହିଁ, କିନ୍ତୁ ଚିଠିଟିଏ ଲେଖିଦେଇ ପାରିବି । ଆଉ ଗୋଟିଏ କଥା – ମୁଁ ଏଇ ଚାରି, ପାଞ୍ଚ ଦିନ ଏଠାକୁ ଯାତାୟାତ କରିବା ଫଳରେ ଶୁଣିଛି ଯେ ପ୍ରାୟ ସମସ୍ତେ କ୍ଷୀଣସ୍ୱରରେ 'ମା, ମା' ନାମଜପ କରୁଥା'ନ୍ତି, ଯେମିତି ମା'ହିଁ ସବୁକିଛି । ମୁଁ ତ ଇତିପୂର୍ବରୁ ଶ୍ରୀଅରବିନ୍ଦଙ୍କୁ ବିସ୍ତାରିତ ଚିଠି

ଲେଖିଛି, ଏବେ ଶ୍ରୀମା'ଙ୍କୁ ଦୁଇ, ଚାରି ପଦ ଲେଖି ଚିଠିଟିଏ ଦିଏ । ତା'ପରେ ବସିଥିବା ଜାଗାରୁ ଧୀରେ ଉଠି ଆଶ୍ରମର ଜନୈକ ସାଧକଙ୍କ ନିକଟରୁ କାଗଜ-କଲମ ନେଇ ଅଭ୍ୟର୍ଥନା କକ୍ଷର ଗୋଟିଏ କୋଣରେ ବସି ଶ୍ରୀମା'ଙ୍କୁ ଛୋଟ ଚିଠିଟିଏ ଲେଖିଲି । ଚିଠିଟିର ସାରମର୍ମ ଏହିପରି ଥିଲା ଯେ ମା ଯେପରି ମୋତେ ଶିଷ୍ୟ ରୂପେ ଗ୍ରହଣ କରନ୍ତି । ବିଫଳ ମନୋରଥ ହେଲେ, ଗୁରୁଙ୍କ ଅଭାବରେ ମୋର ଅଧ୍ୟାତ୍ମ-ଜୀବନର ଅବସାନ ଘଟିବ ।... ଏହିପରି ଚିଠିଟିଏ ଲେଖି ହାତରେ ଧରି ପୁଣି ଆସି ମୋର ପୂର୍ବସ୍ଥାନରେ ବସି ରହିଲି ଏବଂ ଦର୍ଶନର ଦିବ୍ୟ ଦୃଶ୍ୟ ଓ ଦିବ୍ୟ ବାତାବରଣରେ ହୃଦୟ ଭରି ଅବଗାହନ କରିବାକୁ ଲାଗିଲି ।

''ଶ୍ରୀଯୁକ୍ତ ଅନିଲବରଣଙ୍କ ଦର୍ଶନ ସର୍ବପ୍ରଥମ ପାଞ୍ଚ, ସାତ ଜଣ ଅନ୍ତେବାସୀଙ୍କ ଭିତରେ ହୋଇ ସାରିଥିଲା । ସେ ଦର୍ଶନ କରି ନିଜ କକ୍ଷକୁ ଯିବା ସମୟରେ ମୋତେ କହିଗଲେ, 'ଆପଣଙ୍କର ଦର୍ଶନ ସମୟର ନିର୍ଦ୍ଦିଷ୍ଟ ପୂର୍ବରୁହିଁ ମୁଁ ଆସି ଆପଣଙ୍କୁ ଉପରକୁ ନେଇଯିବି ।' ମୋର ନିର୍ଦ୍ଦିଷ୍ଟ ସମୟ ଥିଲା ସାଢ଼େ ଦଶଟା । ସେ ଠିକ୍ ସମୟରେ ଆସିଲେ ଏବଂ ଆସିବା ସମୟରେ ମୋ ସକାଶେ କିଛି ଫୁଲ ବି ଆଣିଥିଲେ । ମୋ ହାତକୁ ଫୁଲ ବଢ଼ାଇ ଦେବା ବେଳେ ଚିଠିଟିଏ ମୋ ହାତରେ ଦେଖି କହିଲେ, 'ଏବେ ଚିଠି ଦେବାର ସମୟ ନୁହେଁ । ଚିଠିଟି ମୋତେ ଦିଅନ୍ତୁ, ମୁଁ ପରେ ଶ୍ରୀମା'ଙ୍କ ପାଖକୁ ଏଇଟି ପଠାଇଦେବି ।' ପରିବେଶରେ ଏପରି ଘନୀଭୂତ, ଅଖଣ୍ଡ ନୀରବତା ବିରାଜମାନ କରିଥାଏ ଯେ ବେଶୀ କଥା କହିବାର ଉପାୟ ନଥିଲା । ତଥାପି ଚିଠିଟି ତାଙ୍କ ହାତକୁ ବଢ଼ାଇ ତାଙ୍କଠୁ ଫୁଲ ଗ୍ରହଣ କରୁଥିବା ସମୟରେ ତାଙ୍କୁ ଧୀରେ ପଚାରିଲି, 'ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ନିକଟ ସାନ୍ନିଧ୍ୟରେ କିପରି ଭାବରେ ମୁଁ କ'ଣ କରିବି ?' ସେ ଅତି ଧୀରେ କହିଲେ, 'ଏସବୁ କଥା କହିଦେଇ ହୁଏ ନାହିଁ । ଦୁହିଁଙ୍କ ସାନ୍ନିଧ୍ୟରେ ଉପସ୍ଥିତ ହେଲେ ଯାହା ଅନ୍ତରରୁ ଆସିବ, ସେମିତି କରିବ ।' ସେ ମୋତେ ସାଥିରେ ଉପରକୁ ନେଇଯାଇ ଶ୍ରୀମାଶ୍ରୀଅରବିନ୍ଦ ଉପବେଶନ କରିଥିବା ଦର୍ଶନ ସାମନା କକ୍ଷରେ ପହଞ୍ଚାଇ ଦେଇ ତଳକୁ ଓହ୍ଲାଇ ଆସିଲେ ।

''ପାହାଚ ଚଢ଼ି କକ୍ଷକୁ ପ୍ରବେଶ କରିବା ମାତ୍ରେହିଁ ଦୂରରୁ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଦେଖି ପାରିଲି; ସେ ଦୁହେଁ ମଧ୍ୟ ମୋତେ ଅନାଇ ଦେଲେ । ଶ୍ରୀମାଶ୍ରୀଅରବିନ୍ଦ ସୋଫା ଉପରେ ଉପବେଶନ କରିଥିଲେ । କ୍ଷଣକ ସକାଶେ ମୁଁ ଏକେବାରେ ଶୂନ୍ୟ ହୋଇଉଠିଲି; ବିଶାଳ, ମହିମମୟ, ଭୂମାପୁରୁଷ ଓ ଆଦ୍ୟାଶକ୍ତିଙ୍କୁ କିପରି ସାମନା କରିବି ! ସବୁକିଛି ନୀରବ, ପରିପୂର୍ଣ୍ଣ ଅଖଣ୍ଡ ନୀରବତା । ମନେ ହେଲା ସେଠାରେ ଆଉ କେହି ନାହାନ୍ତି । ଅନୁଭବ କଲି ଯେ ମୋର ମନ-ପ୍ରାଣ-ଶରୀର ଏକ ଅନିର୍ବଚନୀୟ ତୀବ୍ର ଅନୁଭୂତି ଓ ପରମ ଶ୍ରଦ୍ଧା-ଭକ୍ତିରେ ପ୍ରଣତ ହୋଇ ରହିଛି ।...

''ଦର୍ଶନ କକ୍ଷ ସାମନା ବାରଣ୍ଡାରେ ମୋ ଆଗରେ ଥିଲେ ନର୍ମଦାତୀରବାସୀ ଜଣେ ବୈଷ୍ଣବ ସାଧୁ; ସେ ଦର୍ଶନ କରିବାକୁ ଆଗେଇ ଗଲେ । ପ୍ରକୃତିସ୍ଥ ହୋଇ ଚାହିଁ ଦେଖିଲି ସେ କିପରି ଭାବରେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ପୂଜା-ଅର୍ଚ୍ଚନା କରୁଛନ୍ତି । ସେତେବେଳେ ପ୍ରତ୍ୟେକ ଦର୍ଶନାର୍ଥୀଙ୍କ ସକାଶେ ବେଶ୍ ସମୟ ମିଳୁଥିଲା । ଜଣଙ୍କ ପାଇଁ ଶ୍ରୀମା ଶ୍ରୀଅରବିନ୍ଦ ପ୍ରାୟ ଦେଢ଼ ମିନିଟ ସମୟ ଦେଉଥିଲେ । ନର୍ମଦାର ସାଧୁ ଜଣଙ୍କ ପ୍ରଥମେ ଶ୍ରୀମାଙ୍କୁ ପୂଜା-ଅର୍ଚ୍ଚନା କଲେ । ତାଙ୍କର ଅର୍ଘ୍ୟକୁ ପ୍ରଥମେ ଶ୍ରୀମାଙ୍କ ଚରଣ-ସ୍ପର୍ଶ କରାଇ ଏକ ପାର୍ଶ୍ୱକୁ ରଖି ତାଙ୍କ ଶ୍ରୀଚରଣରେ ପ୍ରଣାମ କଲେ । ଶ୍ରୀମା ତାଙ୍କର ମସ୍ତକ ସ୍ପର୍ଶ କରି ଆଶୀର୍ବାଦ କଲେ । ତା'ପରେ ଶ୍ରୀଅରବିନ୍ଦଙ୍କ ଚରଣ ସ୍ପର୍ଶ କରି ଅର୍ଘ୍ୟଟିକୁ ଗୋଟିଏ ପାର୍ଶ୍ୱରେ ରଖି ଶ୍ରୀଚରଣରେ ପ୍ରଣାମ କଲେ । ଶ୍ରୀଅରବିନ୍ଦ ତାଙ୍କର ମସ୍ତକ ସ୍ପର୍ଶ କରି ଆଶୀର୍ବାଦ କଲେ । ସର୍ବଶେଷରେ ଭକ୍ତଟି ବାମ ହାତରେ ଶ୍ରୀମା'ଙ୍କର ଚରଣ ଓ ଦକ୍ଷିଣ ହସ୍ତରେ ଶ୍ରୀଅରବିନ୍ଦଙ୍କ ଚରଣ ଧରି ସୋଫାର ମଝି ଅଂଶରେ ମସ୍ତକ ରଖି ଉଭୟଙ୍କୁ ପ୍ରଣାମ କଲେ । ଶ୍ରୀମା ଶ୍ରୀଅରବିନ୍ଦ ଏକସାଥିରେ ତାଙ୍କ ମସ୍ତକ ଉପରେ ହାତ ରଖି ଆଶୀର୍ବାଦ କଲେ । – ଏହି ଦୃଶ୍ୟଟି ମୋତେ ଅତ୍ୟନ୍ତ ମଧୁର ଲାଗିଲା । ସାଧୁଟି ଏହି ଭାବରେ ନିଜକୁ ସମର୍ପଣ କରି ଚାଲିଯିବା ପରେ ମୁଁ ଶ୍ରୀମା ଶ୍ରୀଅରବିନ୍ଦଙ୍କ ଚରଣଯୁଗଳ ତଳେ ଉପନୀତ ହେଲି । ପ୍ରଥମେ ଚକ୍ଷୁ ଚକ୍ଷୁର ମିଳନ; ତା'ପରେ ସାଧୁଟି ଯେପରି ଉପଚାର କରିଥିଲେ ମୁଁ ମଧ୍ୟ ସେହିପରି, ବରଂ ଟିକିଏ ଅଧିକ ଭାବରେ କଲି ଏବଂ ସାମନା କକ୍ଷକୁ ଆସି ଶ୍ରୀମାଶ୍ରୀଅରବିନ୍ଦଙ୍କ ସମ୍ମୁଖରେ ପୁଣି ଥରେ ସାଷ୍ଟାଙ୍ଗ ପ୍ରଣିପାତ କଲି – 'ଦୀର୍ଘଦଣ୍ଡଂ ନମସ୍କୃତ୍ୟ ନିର୍ଲଜ୍ଜୋ ଗୁରୁସନ୍ନିଧୌ ।' (ଗୁରୁଗୀତା) ଏବଂ ସର୍ବାନ୍ତଃକରଣରେ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଗୁରୁ ପଦରେ ବରଣ କରି ନିଜକୁ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ଚରଣରେ ସମର୍ପଣ କଲି ।

''ଶ୍ରୀଅରବିନ୍ଦଙ୍କର ଦକ୍ଷିଣ ପାର୍ଶ୍ୱରେ ଶ୍ରୀମା; ଉଭୟ ଏକହିଁ ସୋଫାରେ (ଏବେ ବି ସେହି ସୋଫା ସେଇ ସମାନ କକ୍ଷରେ ରହିଛି) ବସି ଦର୍ଶନ ଦେଉଥା'ନ୍ତି ଏବଂ ଆଶୀର୍ବାଦ କରୁଥା'ନ୍ତି । ମୋର ମନେ ହେଲା ଶ୍ରୀମା ସାକ୍ଷାତ୍ ପାର୍ବତୀ, ଉମା ଏବଂ ଶ୍ରୀଅରବିନ୍ଦ ସାକ୍ଷାତ୍ ଶିବ । ହିମାଦ୍ରି ପରି ସମୁଚ୍ଚ, ସାଗର ସଦୃଶ ବିସ୍ତୃତ ଓ ଗଭୀର ଯେଉଁ ଶ୍ରୀଅରବିନ୍ଦ, ତାଙ୍କର ମହିମା ଅପାର, କ୍ଷୁଦ୍ରାଦପି କ୍ଷୁଦ୍ର ମୁଁ ବା କ'ଣ ବୁଝିବି ? କିନ୍ତୁ ଦେବତାଙ୍କର ଦୃଷ୍ଟି କରୁଣାପୂର୍ଣ୍ଣ । ଶ୍ରୀମା'ଙ୍କର ସ୍ମିତହାସ୍ୟ ଅତ୍ୟନ୍ତ ମଧୁର, ହୃଦୟସ୍ପର୍ଶୀ, କି ଅପରୂପ; ଯେପରି ଅହେତୁକୀ କୃପା, ପ୍ରେମ ଓ ସ୍ନେହ ସେହି ମନ୍ଦ-ମଧୁର ହସରୁ ଅବିରତ ଓ ଅବାରିତ ଝରି ପଡୁଛି ।... ଏହି ଦର୍ଶନ ଦିବସରେ ଆଶ୍ରମରେ ଯେଉଁ ଦିବ୍ୟ, ଶାନ୍ତ, ମହିମମୟ ବାତାବରଣରେ ଅବଗାହନ କରିଥିଲି, ତୀବ୍ର ଭାବରେ ଅନୁଭବ କରିଥିଲି, ସେସବୁକୁ ଭାଷାରେ ବ୍ୟକ୍ତ କରିପାରିବି ନାହିଁ । ମୋର ସର୍ବାନ୍ତଃକରଣରେ ସର୍ବଦା ଏକ ଅନିର୍ବଚନୀୟ ତୃପ୍ତି ଓ ଆନନ୍ଦ ଅନୁଭବ କରୁଥିଲି ।''

ଦର୍ଶନ କରି ତଳକୁ ଓହ୍ଲାଇ ଆସି ଯୋଗାନନ୍ଦ ଆଶ୍ରମ ପ୍ରାଙ୍ଗଣରେ ଆହୁରି କିଛି ସମୟ ଶାନ୍ତ ହୋଇ ବସି ଦର୍ଶନ ସମୟର ସେହି ନୀରବ ଅପରୂପ ଦୃଶ୍ୟ ଉପଭୋଗ କରିବାକୁ ଲାଗିଲେ । ସେହି ମୁହୂର୍ତ୍ତଟି ତାଙ୍କ ମାନସପଟରେ ଏକ ନୂତନ ଚେତନା ଓ ଏକ ନୂତନ ଜୀବନର ସୂଚନା ଦେଉଥିଲା; ଯେପରି ଏକ ନୂତନ ଜଗତର ଦ୍ୱାର ଉଦ୍‌ଘାଟିତ ହୋଇଛି ।... କିନ୍ତୁ ପରକ୍ଷଣରେ ପ୍ରକୃତିସ୍ଥ ହୋଇ ଭାବିବାକୁ ଲାଗିଲେ ଯେ ଏବେ ତ ତାଙ୍କର ସବୁକିଛି ଶେଷ ହୋଇଯିବ, କାରଣ ସେ ତ କେବଳ ଦର୍ଶନ ସକାଶେ ଶ୍ରୀଅରବିନ୍ଦଙ୍କର ଅନୁମତି ପାଇଥିଲେ, ଏହାପରେ...

ଏବେ ବି ଶ୍ରୀଯୁକ୍ତ ଶଙ୍କରରାମ ଦର୍ଶନାର୍ଥୀଙ୍କ ଧାଡ଼ିରେ ଛିଡ଼ା ହୋଇ ଧୀରେ ଧୀରେ ଆଗକୁ ଅଗ୍ରସର ହେଉଥା'ନ୍ତି । ତାଙ୍କର ଦର୍ଶନ ଶେଷ ହେବାକୁ ଆହୁରି ପ୍ରାୟ ଅଧଘଣ୍ଟାଏ ଲାଗିଯିବ । ଯୋଗାନନ୍ଦ ତାଙ୍କ ସକାଶେ ସେଇଠି ବସି ଅପେକ୍ଷା କଲେ । ଦର୍ଶନ ଶେଷ କରି ସେ ତଳକୁ ଓହ୍ଲାଇ ଆସିବାରୁ ଦୁହେଁ ପୁଣି ସାଙ୍ଗ ହୋଇ ହୋଟେଲକୁ ଫେରିବା ସକାଶେ ଆଗଭର ହେଲେ । ଦର୍ଶନ ଶେଷ ହେବାକୁ ଆହୁରି ଘଣ୍ଟାଏ ବାକି । ଏଥର ଦର୍ଶନାର୍ଥୀ ଥିଲେ ପ୍ରାୟ ଅଢ଼େଇ ଶହ; ତନ୍ମଧ୍ୟରୁ ଆଶ୍ରମବାସୀ ପ୍ରାୟ ଶହେ ଥିଲେ । ହୋଟେଲକୁ ଫେରିଯିବା ପୂର୍ବରୁ ଯୋଗାନନ୍ଦ ଆଉ ଥରେ ଅନିଲବରଣଙ୍କୁ ଦେଖା କଲେ । ଅନିଲବରଣ ତାଙ୍କୁ କହିଲେ, 'କାଲି ସକାଳେ ଆସନ୍ତୁ, ଶ୍ରୀମାଙ୍କୁ ଲିଖିତ ଆପଣଙ୍କ ପତ୍ରର ଉତ୍ତର ପାଇବେ ।'

ସେତେବେଳେ ଦର୍ଶନ ଦିନ ଉପରବେଳା ଶ୍ରୀମା ଦର୍ଶନାର୍ଥୀମାନଙ୍କୁ ଆଶୀର୍ବାଦୀ ପୁଷ୍ପମାଳା ବଣ୍ଟନ କରୁଥିଲେ । ଦୁର୍ଭାଗ୍ୟବଶତଃ ଯୋଗାନନ୍ଦ ଓ ଶଙ୍କରରାମଙ୍କୁ କେହି ହେଲେ ଏ ବିଷୟରେ ଖବର ଦେଇ ନଥିଲେ । ତେଣୁ ଏ ଦୁହେଁ ଉପରଓଳି ଆଶ୍ରମକୁ ଯାଇ ନଥିଲେ; ହୋଟେଲରେ ମଧ୍ୟାହ୍ନ ଭୋଜନ ପରେ ବିଶ୍ରାମ ନେଲେ । ଯୋଗାନନ୍ଦ ସନ୍ଧ୍ୟାରେ କଲିକତାସ୍ଥ ବନ୍ଧୁମାନଙ୍କୁ ଲେଖି ଜଣାଇ ଦେଲେ ଯେ ତାଙ୍କର ଦର୍ଶନ ହୋଇଛି, ତେବେ ଆଶ୍ରମରେ ରହିବାର ଅନୁମତି ଏବେ ବି ମିଳିନି, ସମ୍ଭାବନା ବହୁତ କମ୍ । ତେଣୁ ଆଗାମୀ କାଲି ଯେଉଁଆଡ଼େ ଆଖିଯିବ, ସେ ସିଆଡ଼େ ଯିବେ ।

ପରଦିନ ଅଗଷ୍ଟ ୧୬ ତାରିଖ । ଭୋରରୁ ଉଠି ନିତ୍ୟକର୍ମ ସମାପନାନ୍ତେ ଯୋଗାନନ୍ଦ ପ୍ରିୟ ଶଙ୍କରରାମଙ୍କଠାରୁ ବିଦାୟ ନେଇ ଅମ୍‌ନିବାସମ୍ ହୋଟେଲରୁ ଆସନ ଉଠାଇ ଅନିଲ ବରଣଙ୍କୁ ସାକ୍ଷାତ୍ କରିବାକୁ ବାହାରି ଆସିଲେ, ଚିଠିର ଉତ୍ତର ଜାଣିବାକୁ । ତାଙ୍କ ମନରେ ଏକ ଅସ୍ପଷ୍ଟ ଧାରଣା ଉଙ୍କି ମାରୁଥାଏ ଯେ ଏଠାରେ ରହି ନପାରିଲେ ପଶ୍ଚିମ ଭାରତର ନର୍ମଦା, ଦ୍ୱାରିକା ଆଦି ତୀର୍ଥସ୍ଥାନ ଭ୍ରମଣରେ ଯିବେ ।

ସକାଳୁ ସକାଳୁ ଆଶ୍ରମରେ ପହଞ୍ଚିବା ମାତ୍ରେ ଦ୍ୱାର ରକ୍ଷକ ତାଙ୍କ ହାତକୁ ଦୁଇ ଖଣ୍ଡ ଚିଠି ବଢ଼ାଇ ଦେଇ କହିଲେ, 'ଅନିଲବରଣ ଆପଣଙ୍କୁ ଖୋଜୁଥିଲେ ।' ଚିଠି ଦୁଇଟି ଥିଲା କଲିକତାର ଶାନ୍ତ ମହାରାଜାଙ୍କର ତାଙ୍କର ଅଧ୍ୟାପକ ଅନିଲ ବରଣଙ୍କ ନିକଟକୁ ପଠାଇଥିବା ପତ୍ର ଏବଂ ତତ୍‌ସହିତ ତାଙ୍କ ଲିଖିତ ଯୋଗାନନ୍ଦଙ୍କ ସକାଶେ ପରିଚୟ ପତ୍ର । ଏବେ ଆଉ ପରିଚୟ-ପତ୍ରର କୌଣସି ପ୍ରୟୋଜନ ନଥିଲା ।...

ଯୋଗାନନ୍ଦ ଅନିଲବରଣଙ୍କ ସହିତ ସାକ୍ଷାତ୍ ହେବା ମାତ୍ରେ ସେ ହସି ହସି କହିଲେ, 'ଶୁଭ ସମ୍ବାଦ, ଶ୍ରୀମା ଆପଣଙ୍କୁ ଆଶ୍ରମରେ ରହିବା ପାଇଁ ଅନୁମତି ଦେଇଛନ୍ତି । ତେବେ ଆପଣ ସନ୍ନ୍ୟାସୀ, ତେଣୁ କିଛି ସର୍ତ୍ତ ଅଛି । ଆସନ୍ତୁ, କାଲି ଆପଣ ମା'ଙ୍କୁ ଯେଉଁ ଚିଠିଟି ଲେଖିଥିଲେ ତା'ର ଉତ୍ତରଟି ପଢ଼ି ବୁଝାଇ ଦିଏ ।' (ସେତେବେଳେ ଭକ୍ତମାନଙ୍କର ମା'ଙ୍କୁ ଲିଖିତ ପ୍ରତ୍ୟେକଟି ଚିଠିର ଉତ୍ତର ଶ୍ରୀଅରବିନ୍ଦହିଁ ଦେଉଥିଲେ ।) ତେଣୁ ନିମ୍ନପ୍ରଦତ୍ତ ଶ୍ରୀଅରବିନ୍ଦଙ୍କର ଇଂରାଜୀରେ ଅନିଲବରଣଙ୍କୁ ଲିଖିତ ଚିଠିଟି ସେ ଯୋଗାନନ୍ଦଙ୍କୁ ପଢ଼ି ଶୁଣାଇଲେ ଏବଂ ବଙ୍ଗଳାରେ

ତା'ର ଭାବାର୍ଥ ବୁଝାଇ ଦେଲେ – (ଚିଠିଟିର ଓଡ଼ିଆ ଅନୁବାଦ) :

ଅନିଲବରଣ,

ତୁମେ ଯୋଗାନନ୍ଦଙ୍କ ସହିତ ସାକ୍ଷାତ୍ କରି କହିପାର ଯେ ଏହି ଆଶ୍ରମ ଅନ୍ୟାନ୍ୟ ଆଶ୍ରମ ପରି ନୁହେଁ । ଏଠାକାର ଅନ୍ତେବାସୀଗଣ ସନ୍ନ୍ୟାସୀ ନୁହନ୍ତି ବା ସନ୍ନ୍ୟାସୀଙ୍କ ସଦୃଶ ଜୀବନଯାପନ କରନ୍ତି ନାହିଁ । ଏମାନଙ୍କର ଲକ୍ଷ୍ୟ ମଧ୍ୟ ସ୍ୱତନ୍ତ୍ର । ଏଠାକାର ଯୋଗର ଲକ୍ଷ୍ୟ 'ମୋକ୍ଷ' ନୁହେଁ । ଏଠାରେ ଯାହା ସାଧନ କରାଯାଉଛି ତାହା ଏକ ଉଚ୍ଚତର କର୍ମ ସକାଶେ ପ୍ରସ୍ତୁତି – ଏହା ଏପରି ଏକ କର୍ମ ଯାହାର ଭିତ୍ତି ହେବ ଯୌଗିକ ଚେତନା ଓ ଯୋଗ ଶକ୍ତି ଏବଂ ଯାହା ଆରମ୍ଭ କରାଯାଇପାରେ ଏହି ଦୁଇଟି ତତ୍ତ୍ୱ ସାଧକ-ଚେତନାରେ ପୂର୍ଣ୍ଣ ପ୍ରତିଷ୍ଠିତ ହେଲେ । ଅତଏବ ଇତିମଧ୍ୟରେ ଏଠାକାର ପ୍ରତ୍ୟେକ ଅନ୍ତେବାସୀ-ସାଧକଙ୍କୁ ପ୍ରସ୍ତୁତ ହୋଇଉଠିବା ସକାଶେ କିଛି ନା କିଛି କାର୍ଯ୍ୟ କରିବାକୁ ଦିଆଯାଇଥାଏ – ଏହାହିଁ ନିୟମ – ଏହି କାର୍ଯ୍ୟ, ଅନେକ ସମୟରେ ଅତି ସାଧାରଣ ଏବଂ ନିସ୍ପୃହ ଓ ଅରୁଚିକର ଧରଣର । ଏଠାକାର ସାଧକ-ଗୋଷ୍ଠୀ କେବଳ ଧ୍ୟାନ-ଧାରଣାରେ ସମୟ ବିତାନ୍ତି ନାହିଁ ଅଥବା ଧର୍ମ ଓ ଆଧ୍ୟାତ୍ମିକ ବିଷୟରେ ଚର୍ଚ୍ଚା କରନ୍ତି ନାହିଁ । ସୁତରାଂ ଏହି ଆଶ୍ରମର ଜୀବନଧାରା ଅଦ୍ୟାବଧି ତାଙ୍କର ପରମ୍ପରାଗତ ଅଭ୍ୟସ୍ତ ଜୀବନଧାରାର ଏକେବାରେ ବିପରୀତ ଏବଂ ହୁଏତ ତାଙ୍କର ସ୍ୱାଭାବିକ ପ୍ରବୃତ୍ତିର ତୀବ୍ର ବିରୋଧୀ ହୋଇଉଠିବ । ତେଣୁ ଏହିସବୁ ବିଷୟ ସମ୍ବନ୍ଧେ ଏକେବାରେ ଅଜ୍ଞ ଥାଇ ତାଙ୍କୁ ଏଠାରେ ରହିବାକୁ କହିବା ଉଚିତ ହେବ ନାହିଁ କିଂବା ଏହି ଧାରଣା ନେଇ ଯେ ସେ ଏଠାରେ ରହି ତାଙ୍କର ପୁରାତନ ଜୀବନ ଓ ଯୋଗାଭ୍ୟାସରେ ଯଥେଷ୍ଟ ପୂର୍ଣ୍ଣତର ଭାବରେ ଜୀବନ ବିତାଇବାକୁ କହିବାଟା ବି ସମୀଚୀନ ହେବ ନାହିଁ । ଏହା ସତ୍ତ୍ୱେ ସେ ଯଦି ଏଠାକାର ସମ୍ପୂର୍ଣ୍ଣ ଭିନ୍ନ ଧରଣର ପରିବେଶ ଓ ଅଭିଳଷିତ ସର୍ତ୍ତସବୁକୁ ସ୍ୱେଚ୍ଛାରେ ଗ୍ରହଣ କରିବାକୁ ଇଚ୍ଛୁକ ହୁଅନ୍ତି ତେବେ ସେ ଏଠାରେ ରହିପାରନ୍ତି ।

୧୬-୮-୧୯୩୨ – ଶ୍ରୀଅରବିନ୍ଦ

ଅନିଲବରଣ ଚିଠିଟିକୁ ବୁଝାଇ କହିବା ପରେ ଶ୍ରୀଅରବିନ୍ଦଙ୍କ ଯୋଗ ଓ ଏହାର ମହାନ୍ ଲକ୍ଷ୍ୟ ସମ୍ବନ୍ଧେ ଅତି ସଂକ୍ଷେପରେ ବୁଝାଇ ଦେଲେ ।...

ସେଇଠୁ ଯୋଗାନନ୍ଦ ହୃଦୟଭରା କୃତଜ୍ଞତା ସହିତ କହିଲେ, '...ଶ୍ରୀମା ଓ ଶ୍ରୀଅରବିନ୍ଦ ଯେତେବେଳେ ମୋତେ ଅସୀମ କୃପାପୂର୍ବକ ଗ୍ରହଣ କରିଛନ୍ତି ଏବଂ ଏଠାରେ ରହିବା ପାଇଁ ଅନୁମତି ଦେଇଛନ୍ତି ସେତେବେଳେ ତାଙ୍କର ସମସ୍ତ ସର୍ତ୍ତକୁ ବିନା ଦ୍ୱିଧାରେ, ସର୍ବାନ୍ତଃକରଣରେ ଗ୍ରହଣ କରିନେବାକୁ ମୁଁ ଇଚ୍ଛୁକ । ପ୍ରାଣପଣେ ଚେଷ୍ଟା କରିବି ଏଠାକାର ଜୀବନଧାରା ସହିତ ନିଜକୁ ଓତପ୍ରୋତ ଭାବରେ ମିଳାଇ ନେବାକୁ । ଆପଣ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କୁ ଜଣାଇ ଦିଅନ୍ତୁ : 'I throw myself at their feet.' ('ମୁଁ ନିଜକୁ ସମ୍ପୂର୍ଣ୍ଣ ଭାବରେ ସେମାନଙ୍କ ପାଦପଦ୍ମରେ ସମର୍ପଣ କରୁଛି ।')

ଅନିଲବରଣ ସନ୍ତୋଷ ମନରେ ତାଙ୍କୁ କହିଲେ, 'ଆଚ୍ଛା, ଏବେ ଆପଣ ଯାଆନ୍ତୁ, ଶ୍ରୀମାଶ୍ରୀଅରବିନ୍ଦଙ୍କୁ ମୁଁ ଆପଣଙ୍କର ସବୁକଥା ନିବେଦନ କରିବି । ପରେ ସେମାନେ କ'ଣ କହିବେ ତା' ଆପଣଙ୍କୁ ଯଥାଶୀଘ୍ର ଜଣାଇବି ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

... ... ତୁମର ଯାହା କରିବା ଉଚିତ, ତା' ହେଉଛି ତୁମ ସତ୍ତାର ସମସ୍ତ ଦ୍ୱାରକୁ ଭଗବାନଙ୍କ ଉଦ୍ଦେଶ୍ୟରେ ପୂରାପୂରି ଖୋଲି ଦେବା । ଯେଉଁ ମୁହୂର୍ତ୍ତରେ ତୁମେ ନିଜ ଭିତରେ କିଛି ଜିନିଷକୁ ଲୁଚାଇ ରଖ, ସେହି ମୁହୂର୍ତ୍ତରେ ହିଁ ତୁମେ ସିଧାସଳଖ ମିଥ୍ୟାଚାର ଭିତରକୁ ପାଦ ପକାଅ । ...ତୁମେ ଯଦି ସମ୍ପୂର୍ଣ୍ଣ ଭାବରେ ସଚେତ ହେବାକୁ ଚାହଁ, ତେବେ ସବୁବେଳେ ଦିବ୍ୟସତ୍ୟର ସମ୍ମୁଖରେ ଛିଡ଼ାହୁଅ, ନିଜକୁ ପୂର୍ଣ୍ଣ ଭାବରେ ଖୋଲିଦିଅ ଏବଂ ତୁମର ସମସ୍ତ ଶକ୍ତି ଦେଇ ଚେଷ୍ଟାକର ଯେପରି ତାହା ତୁମ ଅନ୍ତରର ଗଭୀର ପ୍ରଦେଶକୁ ତଥା ତୁମ ସତ୍ତାର ସମସ୍ତ କୋଣ-ଅନୁକୋଣକୁ ସ୍ପଷ୍ଟ ଭାବରେ ଦେଖି ପାରିବ ।

– ଶ୍ରୀମା

# ପ୍ରେମ ସମ୍ପର୍କରେ

## (୩)

## କୁମାର ଚନ୍ଦ୍ର ମିଶ୍ର

ପୃଥିବୀର ଯାବତୀୟ ଧର୍ମ, ଦର୍ଶନ, ଚିନ୍ତନ, କଳା, ଭାସ୍କର୍ଯ୍ୟ, କାବ୍ୟ, କବିତା ଓ ସାହିତ୍ୟରେ ପ୍ରେମର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଛି । କାରଣ ସମସ୍ତ ସୃଷ୍ଟି ବା ସର୍ଜନାର ତାହା ହିଁ ମୂଳଉସ ହୋଇ ରହିଥାଏ । ଊନବିଂଶ ଶତାବ୍ଦୀର ଖ୍ରୀଷ୍ଟିଆନ ଧର୍ମଯାଜକ ହେରବର୍ଟ ସିପ୍‌ମେନ୍ (Herbert Shipmen, Aug. 3, 1869, - March 23, 1930)ଙ୍କ ପ୍ରଣିତ ଲୋକପ୍ରିୟ ପଙ୍କ୍ତିଟିଏ ହେଲା :

"Across the gateway of my heart
I wrote : 'No Thoroughfare'
But Love came laughing by and cried :
I enter everywhere."

''ମୋ ହୃଦୟର ଦ୍ୱାରଦେଶରେ ମୁଁ ଲେଖିଲି : 'ପ୍ରବେଶ ନିଷେଧ', କିନ୍ତୁ ପ୍ରେମ ହସି ହସି ଆସି କହିଲା : ମୋ ପ୍ରବେଶ ସର୍ବତ୍ର ଅବାଧ ।''

ସାହିତ୍ୟିକ, ଦାର୍ଶନିକ ଓ ଚିନ୍ତାନାୟକଗଣ ପ୍ରେମ ସମ୍ପର୍କରେ କ'ଣ ସବୁ କହିଛନ୍ତି ସେଦିଗରେ ସମ୍ୟକ୍ ଦୃଷ୍ଟିପାତ କରିବା ।

ଦିବ୍ୟପ୍ରେମର ପ୍ରଭାବ ଓ ପରିଣତି ସମ୍ବନ୍ଧରେ ନାରଦ ଭକ୍ତିସୂତ୍ରରେ କଥିତ ଅଛି :

''ଯତ୍ ପ୍ରାପ୍ୟ ନ କିଞ୍ଚିତ୍ ବାଞ୍ଛତି, ନଶୋଚତି,
ନ ଦ୍ୱେଷ୍ଟି, ନ ରମତେ, ନୋସାହି ଭବତି ।'' ।।୫।।

''ଯାହା ପ୍ରାପ୍ତ କଲେ ସେ ବ୍ୟକ୍ତି ଆଉ କିଛି ଆକାଂକ୍ଷା କରେ ନାହିଁ, ଅନ୍ୟ କିଛି ଶୋଚନା କରେ ନାହିଁ, କାହାରିକୁ ଘୃଣା କରେ ନାହିଁ, ଅନ୍ୟ କୌଣସି ବିଷୟ ପ୍ରତି ଭୋଗାସକ୍ତ ହୁଏ ନାହିଁ, ଅନ୍ୟ କୌଣସି ବିଷୟରେ ଆଗ୍ରହୀ କିଂବା ଉତ୍ସାହୀ ହୁଏ ନାହିଁ – ତାହା ହେଲା ଦିବ୍ୟପ୍ରେମ ।''

ଦିବ୍ୟପ୍ରେମର ଆସ୍ୱାଦନ ପାଇଗଲେ ଆତ୍ମା ପାଇଁ ଏହାର ସମକକ୍ଷ ଅନ୍ୟ କୌଣସି ବିଷୟ କାମ୍ୟ ହୋଇ ରହି ନଥାଏ । ସେହି ଅସୀମ ଆନନ୍ଦକୁ ଅନ୍ୟ କିଛି ଅଧିକ ପରିପୁଷ୍ଟ କରିପାରେ ନାହିଁ । ବ୍ୟକ୍ତି ଆତ୍ମ-ତୃପ୍ତ, ଆତ୍ମ-ସମାହିତ ହୋଇଯାଏ । ତଦନୁରୂପେ ଶ୍ରୀମଦ୍ ଭଗବଦ୍‌ଗୀତାର ଷଷ୍ଠ ଅଧ୍ୟାୟର ଦ୍ୱାବିଂଶତିତମ ଶ୍ଳୋକରେ କୁହାଯାଇଛି :

''ଯଂ ଲବ୍‌ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।
ଯସ୍ମିନ୍‌ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ।।''

''ଯେଉଁ ଅନୁଭବ ପ୍ରାପ୍ତ କଲେ ମଣିଷ ଅନ୍ୟ କୌଣସି ପ୍ରାପ୍ତିକୁ ତାହାଠାରୁ ଅଧିକ ଆନନ୍ଦଦାୟକ ବୋଲି ମନେ କରେ ନାହିଁ ଏବଂ ଯେଉଁ ଅବସ୍ଥାରେ ପ୍ରତିଷ୍ଠିତ ହେଲେ ମହାଦୁଃଖ ମଧ୍ୟ ତାକୁ ବିଚଳିତ କରି ପାରେ ନାହିଁ ।'' – ତାହା ହେଲା ଦିବ୍ୟପ୍ରେମ ।

ବିଶ୍ୱକବି ରବିନ୍ଦ୍ରନାଥ ଠାକୁର କହନ୍ତି : "Love is the only reality and it is not a mere sentiment. It is the ultimate truth that lies at the root of creaton."

''ପ୍ରେମ ହିଁ କେବଳ ଏକମାତ୍ର ବାସ୍ତବତା, ଏହା କେବଳ ଏକ ଭାବ ପ୍ରବଣତା ନୁହେଁ । ତାହା ହେଉଛି ଚୂଡ଼ାନ୍ତ ସତ୍ୟ ଯାହା ସୃଷ୍ଟିର ମୂଳଉସ ହୋଇ ରହିଛି ।''

*

"Love is when the soul starts to sing and the flowers of your life bloom on their own."

''ଯେତେବେଳେ ପ୍ରେମାନୁଭୂତି ହୁଏ ସେତେବେଳେ ଆତ୍ମା ଗୀତ ଗାଇବା ଆରମ୍ଭ କରିଦିଏ ଓ ତୁମ ଜୀବନର ପୁଷ୍ପରାଜି ସ୍ୱତଃ ପ୍ରସ୍ଫୁଟିତ ହୁଅନ୍ତି ।''

*

ଚୀନ ଦେଶର ପ୍ରାଚୀନ ଓ ବିଖ୍ୟାତ ଦାର୍ଶନିକ ତଥା 'ତାଓ' (Tao) ଧର୍ମର ପ୍ରତିଷ୍ଠାତା ଲାଓ-ସି (Lao-Tse, 601 B. C.) ପ୍ରେମର ଗୁରୁତ୍ୱ ସମ୍ବନ୍ଧରେ ଧାରଣା ଦେବା ଲାଗି କହିଥିଲେ : ''ସୌଭାଗ୍ୟ କ୍ରମେ ଜଣେ ମଣିଷ ଜଗତକୁ

ଜୟ କରିପାରେ, କିନ୍ତୁ ପ୍ରେମର ପ୍ରଭାବ ଦ୍ୱାରା ସେ ସମଗ୍ର ଜଗତକୁ ସବୁଦିନ ଲାଗି ଶାସନ କରିପାରେ ।

*

ନାଟ୍ୟକାର, ଔପନ୍ୟାସିକ ଓ କ୍ଷୁଦ୍ରଗଳ୍ପ ଲେଖକ ୱିଲିୟମ୍ ସୋମେରସେଟ୍ ମମ୍ (William Somerset Maugham, 25th Jan. 1874 – 16 Dec. 1965) କହନ୍ତି : "The great tragedy of life is not that men perish, but they cease to love."

ଏହାର ଭାବାନୁବାଦ ହେଲା : ''ମୃତ୍ୟୁ ମଣିଷ ଜୀବନର ସବୁଠୁ ଦୁଃଖଦ ଘଟଣା ନୁହେଁ, କିନ୍ତୁ ବଡ଼ ବିପର୍ଯ୍ୟୟ ହେଲା ସେମାନେ ପ୍ରେମାନୁଭୂତିରୁ ବିରତ ହୁଅନ୍ତି ।''

*

ବ୍ରିଟିଶ ଐତିହାସିକ ଆର୍ମୋଲଡ଼ ଜୋଶେଫ୍ ଟୟନବି (Armold Joseph Toynbee, 14th April, 1889 – 22nd Oct. 1975)ଙ୍କ ନିମ୍ନୋକ୍ତ ବକ୍ତବ୍ୟଟି ମନରେ ଆଲୋଡ଼ନ ସୃଷ୍ଟି କରେ ।

"Love is the child of illusion and parent of disillusion."

''ପ୍ରେମ ଭ୍ରାନ୍ତିର ସନ୍ତାନ ଓ ଭ୍ରାନ୍ତି ଅପନୋଦନର ଜନକ ଅଟେ ।''

*

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ନିମ୍ନୋକ୍ତ ବାଣୀଟି ସଫଳ ଜୀବନ ଯାପନ କରିବା ନିମିତ୍ତ ଦିଗ୍‌ଦର୍ଶନ ଦିଏ । – "Courage and love are the only indispensable virtues, even if all the others are eclipsed or fall asleep, these two will save the soul alive."

(CWSA - 14, p. 455)

''ସାହସ ଓ ପ୍ରେମ କେବଳ ଏକମାତ୍ର ଗୁଣ ଦ୍ୱୟ ଯାହା ଅପରିହାର୍ଯ୍ୟ, ଯଦି ଅନ୍ୟସବୁ ଗୁଣ ଲୁପ୍ତ କିଂବା ସୁପ୍ତ ହୋଇଯା'ନ୍ତି, ତେବେ ବି ଏ ଦୁଇଟି ଗୁଣ ଅବଶ୍ୟ ଆତ୍ମାକୁ ଜୀବନ୍ତ ଭାବେ ରକ୍ଷା କରି ପାରିବେ ।''

*

ସ୍କଟ୍‌ଲ୍ୟାଣ୍ଡର ଖ୍ରୀଷ୍ଟଧର୍ମ ପ୍ରଚାରକ ତଥା ଲେଖକ, ବିଧାୟକ, ଦାର୍ଶନିକ ହେନ୍‌ରୀ ଡ୍ରୁମଣ୍ଡ୍ (Henry Drumond, Dec. 5, 1786 – Feb. 20, 1860)ଙ୍କର ପ୍ରେରଣା ଦାୟକ ଉକ୍ତିଟିଏ ହେଲା : "To love abundantly is to live abundantly, and to love for ever is to live forever."

''ପ୍ରଚୁର ଭଲପାଇବା ହେଲା ପ୍ରାଚୁର୍ଯ୍ୟଭରା ଜୀବନ ବଞ୍ଚିବା ଓ ଚିରକାଳ ପାଇଁ ଭଲପାଇବା ହେଲା ଚିରକାଳ ପାଇଁ ବଞ୍ଚି ରହିବା ।''

*

କ୍ଲୁପ୍ତ ଓ ସଂକ୍ଷିପ୍ତ ଉକ୍ତି ଲେଖା ପାଇଁ ବିଖ୍ୟାତ ଆମେରିକୀୟ ବହୁମୁଖୀ ପ୍ରତିଭାଧର ବେଞ୍ଜାମିନ୍ ଫ୍ରାଙ୍କଲିନ୍ (Benyamin Franklin, Jan. 17, 1706 – Apr. 17, 1790)ଙ୍କ ଅସଂଖ୍ୟ ଉକ୍ତି ମଧ୍ୟରୁ କେତୋଟି ଉକ୍ତି ନିମ୍ନରେ ପରିବେଷଣ କରାଗଲା ।

"Love your Enemies, for they tell you your Faults."

''ତୁମ ଶତ୍ରୁମାନଙ୍କୁ ଭଲପାଅ, କାରଣ ସେମାନେ ତୁମର ଦୋଷତ୍ରୁଟିଗୁଡ଼ିକୁ ଦେଖାଇ ଦିଅନ୍ତି ।

"If you would be loved, love and be lovable."

''ତୁମେ ଯଦି ପ୍ରେମାସ୍ପଦ ହେବାକୁ ଚାହଁ ତେବେ ଅନ୍ୟ ସମସ୍ତଙ୍କୁ ପ୍ରେମ କର ଓ ନିଜେ ପ୍ରେମ ନିମିତ୍ତ ଉପଯୁକ୍ତ ହୁଅ ।''

''ଯିଏ ସମଗ୍ର ମାନବସମାଜକୁ ପ୍ରେମ କରେ ସମଗ୍ର ମାନବସମାଜ ମଧ୍ୟ ତାକୁ ପ୍ରେମ କରେ ।''

''ପ୍ରେମ ଏପରି ଏକ ବୃକ୍ଷ ଯାହାର ମୂଳଟି ଅବଶ୍ୟ ମାଟି ଭିତରକୁ ଭେଦିଥାଏ, କିନ୍ତୁ ତା'ର ଶାଖାପ୍ରଶାଖା ସ୍ୱର୍ଗ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇ ରହିଥାଏ ।''

*

ବିଂଶ ଶତାବ୍ଦୀର ବିଶିଷ୍ଟ ବ୍ରିଟିଶ ଦାର୍ଶନିକ ତଥା ନୋବେଲ ପୁରସ୍କାର ବିଜେତା ବେଟ୍ରାଣ୍ଡ ରସେଲ (Bertrand Arthur William Russell, May. 18, 1872 – Feb. 2, 1970)ଙ୍କ ଉକ୍ତି ହେଲା :

"A good life is one inspired by Love and guided by Knowledge."

''ପ୍ରେମ ଦ୍ୱାରା ଅନୁପ୍ରେରିତ ଓ ଜ୍ଞାନ ଦ୍ୱାରା ପରିଚାଳିତ ଜୀବନ ହେଲା ଏକ ଅର୍ଥପୂର୍ଣ୍ଣ ସାର୍ଥକ ଜୀବନ ।''

*

ମହାଯୋଗୀ ଶ୍ରୀଅରବିନ୍ଦଙ୍କ ନିମ୍ନୋକ୍ତ ବାଣୀଗୁଡ଼ିକ ଜୀବନର ଅନେକ ରହସ୍ୟ ଓ ଅନ୍ତର୍ଦୃଷ୍ଟି (Insight) ଉନ୍ମୋଚିତ କରେ ।

ଶ୍ରୀଅରବିନ୍ଦ କହନ୍ତି : "To love God, excluding the world, is to give Him an intense but imperfect adoration."

(CWM - 10, pp. 338)

''ସଂସାରକୁ ବାଦ୍ ଦେଇ ଭଗବାନଙ୍କୁ ପ୍ରେମ କରିବା ଅର୍ଥ ତାଙ୍କୁ ଏକ ପ୍ରଗାଢ଼ ଅଥଚ ଅପୂର୍ଣ୍ଣ ନୈବେଦ୍ୟ ଅର୍ପଣ କରିବା ।''

ପୁନଶ୍ଚ ପ୍ରେମ ସମ୍ବନ୍ଧରେ ମହାଯୋଗୀ ଶ୍ରୀଅରବିନ୍ଦ ଏକ ଭାବନା କାରିକାରେ ଉଲ୍ଲେଖ କରିଛନ୍ତି :

"Love of man, love of woman, love of things, love of thy neighbour, love of thy country, love of animals, love of humanity are all the love of God reflected in these living images. So love and grow mighty to enjoy all, to help all and to love for ever."

(CWM - 10, pp. 346 - 347)

''ପୁରୁଷକୁ ଭଲପାଇବା, ନାରୀକୁ ଭଲପାଇବା, ବସ୍ତୁଗୁଡ଼ିକୁ ଭଲପାଇବା, ନିଜର ପ୍ରତିବେଶୀକୁ ଭଲପାଇବା, ଆପଣାର ଦେଶକୁ ଭଲପାଇବା, ଇତର ପ୍ରାଣୀମାନଙ୍କୁ ଭଲପାଇବା ଏବଂ ସମଗ୍ର ମାନବଜାତିକୁ ଭଲପାଇବା – ଏସବୁ ହେଉଛନ୍ତି ଜୀବନ୍ତ ପ୍ରତିରୂପଗୁଡ଼ିକ ଉପରେ ସେହି ଭଗବତ୍ ପ୍ରେମର ପ୍ରତିଫଳନ । ତେଣୁ ସବୁଗୁଡ଼ିକୁ ଉପଭୋଗ କରିବା ଲାଗି, ସମସ୍ତଙ୍କୁ ସାହାଯ୍ୟ କରିପାରିବା ଲାଗି ଓ ଚିରଦିନ ପାଇଁ ଭଲ ପାଇପାରିବା ଲାଗି ତୁମେ ମଧ୍ୟ ଭଲପାଅ ଓ ନିଜ ଶକ୍ତିର ଅଭିବୃଦ୍ଧି ସାଧନ କର ।''

ମହାଯୋଗୀଙ୍କର ଅନ୍ୟ ଏକ ଚିନ୍ତା ଉଦ୍ରେକକାରୀ କାରିକା ହେଲା :

"This is a miracle that men can love God, yet fail to love humanity. With whom are they in love then ?"

(CWM - 10, p. 82)

''ଏହା ପ୍ରକୃତରେ ଏକ ଆଶ୍ଚର୍ଯ୍ୟର କଥା ଯେ ଲୋକମାନେ ଈଶ୍ୱରଙ୍କୁ ଭଲ ପାଇ ପାରୁଛନ୍ତି, ମାତ୍ର ମନୁଷ୍ୟମାନଙ୍କୁ ଭଲପାଇ ପାରୁ ନାହାନ୍ତି । ତେବେ ସେମାନେ ପ୍ରକୃତରେ କାହାକୁ ଭଲ ପାଉଛନ୍ତି ?''

ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ମଣିଷମାନେ ହେଉଛନ୍ତି ଦିବ୍ୟ ପରମ ସତ୍ତାଙ୍କର ଏକ ବିଭାବ ବା ଅଂଶ । ତେଣୁ ଭଗବାନଙ୍କୁ ଭଲ ପାଇବାକୁ ହେଲେ ସଂସାର ଓ ମଣିଷମାନଙ୍କ ସହ ସମ୍ପର୍କ ଛିନ୍ନ କରିବା ଅନାବଶ୍ୟକ । ସାଧନା ନିମିତ୍ତ ଗିରିବନର ନିର୍ଜନତା ମଧ୍ୟରେ ଏକ ଶୁଷ୍କ ନିଃସଙ୍ଗ ଜୀବନ ଅପରିହାର୍ଯ୍ୟ ନୁହେଁ ।

ପୂଜା, ଆରାଧନା, ଉପାସନା, ଭଜନ-କୀର୍ତ୍ତନ, ଯାଗ-ଯଜ୍ଞ, ବ୍ରତ, ଉପବାସ ପ୍ରବଚନାଦି ବିଭିନ୍ନ ଅନୁଷ୍ଠାନ ମାଧ୍ୟମରେ ଦିବ୍ୟପ୍ରେମ ଅଭିବ୍ୟକ୍ତ ହୁଏ ନାହିଁ । ଦିବ୍ୟପ୍ରେମ ଅଭିବ୍ୟକ୍ତ ହୁଏ ଦିବ୍ୟ ସଂକଳ୍ପକୁ ସାକାର କରିବା ଦ୍ୱାରା, କେବଳ ଈଶ୍ୱରଙ୍କ ଲାଗି ଜୀବନଧାରଣ କରିବା ଦ୍ୱାରା । ବିଭୁ-ପଦାରବିନ୍ଦରେ ସମର୍ପିତ ହୋଇ ସମଗ୍ର ମାନବସମାଜର ସେବା କରିବା ଦ୍ୱାରା । ଏହାହିଁ ପ୍ରେମର ଧର୍ମ ।

ଅମୂଲ୍ୟ ପ୍ରେମକୁ କିଣାଯାଇ ନ ପାରେ କି ଜୋର୍ ଜବରଦସ୍ତି ଆରୋପ କରାଯାଇ ନ ପାରେ । ଯିଶୁଙ୍କର ଜନୈକ ପଟ୍ଟଶିଷ୍ୟ ଖ୍ରୀଷ୍ଟଧର୍ମ ପ୍ରଚାରକ ସାଧୁ ମାଥ୍ୟୁ (Saint Mathew – 22-39) କହିଛନ୍ତି : ''You must love your neighbour as yourself.'' ''ତୁମ ପଡ଼ୋଶୀଙ୍କୁ ତୁମେ ନିଜକୁ ଭଲପାଇବା ପରି ଭଲପାଇବ ।'' କିନ୍ତୁ କାହିଁକି ଓ କିପରି ? ଏହାର ଉତ୍ତର ପାଇବା ପାଇଁ ଶ୍ରୀଅରବିନ୍ଦଙ୍କ ନିମ୍ନୋକ୍ତ କାରିକାଟି ଅନୁଧ୍ୟାନ କରିବାକୁ ହେବ ।

"I should love my neighbour not because he is neighbourhood, – for what is there in neighbourhood and distance? nor because the religions tell me he is my brother, – for where is the root of that brotherhood ? **but because he is myself**. Neighbourhood and distance affect the body, the heart goes beyond them. Brotherhood is

of blood or country or religion or humanity, but when self-interest clamours what becomes of this brotherhood ? It is only by living in God and turning mind and heart and body into the image of his universal unity that that deep, disinterested and unassailable love becomes possible." (CWM-10, p. 347)

''ପ୍ରତିବେଶରେ ରହିଛି ବୋଲି ମୁଁ ଯେ ମୋର ପ୍ରତିବେଶୀକୁ ଭଲ ପାଇବି, ସେ କଥା ଆଦୌ ନୁହେଁ । କାରଣ ପ୍ରତିବେଶ ଓ ଦୂରଦେଶରେ ପୁଣି କି ତାତ୍ପର୍ଯ୍ୟ ରହିଛି ? ଧର୍ମଗୁଡ଼ିକରେ ସେ ମୋର ଭାଇ ବୋଲି କୁହାଯାଇଛି ବୋଲି ମଧ୍ୟ ନୁହେଁ – କାରଣ ସେ ଭ୍ରାତୃପଣର ଚେର ବା କେଉଁଠି ଅଛି ? ମାତ୍ର ଯେତେବେଳେ ସେ ମଧ୍ୟ 'ମୁଁ' ବୋଲି ଭାବି ପାରିବି ମୁଁ ମୋ ପ୍ରତିବେଶୀକୁ ସେତେବେଳେ ଭଲ ପାଇବି । ପ୍ରତିବେଶୀତା ଓ ଦୂରତା ଶରୀରକୁ ପ୍ରଭାବିତ କରେ, ମାତ୍ର ହୃଦୟ ସେଗୁଡ଼ିକୁ ପାର ହୋଇ ଆହୁରି ସେ ପାଖକୁ ଚାଲିଯାଏ । ଭ୍ରାତୃପଣ କହିଲେ ରକ୍ତଗତ, ଦେଶଗତ, ଧର୍ମଗତ, ଅଥବା ମାନବତାଗତ ଭ୍ରାତୃପଣକୁ ବୁଝାଏ; କିନ୍ତୁ ଯେତେବେଳେ ଆତ୍ମସ୍ୱାର୍ଥ ଏତେ ବଡ଼ ଚିତ୍କାର କରି ଆପଣାର ଦାବିଟିକୁ ଘୋଷଣା କରୁଥାଏ, ସେତେବେଳେ ଏହି ଭ୍ରାତୃପଣ ମଧ୍ୟ କୁଆଡ଼େ ଯାଏ ? ତେଣୁ କେବଳ ଈଶ୍ୱରଙ୍କ ମଧ୍ୟରେ ବାସ କରି ଏବଂ ତାଙ୍କର ବିଶ୍ୱ ଐକ୍ୟର ପ୍ରତିରୂପଟି ମଧ୍ୟକୁ ଆପଣାର ମନ, ହୃଦୟ ତଥା ଶରୀରକୁ ଆନତ କରି ରଖିହିଁ ଯଥାର୍ଥରେ ଗଭୀର, ସ୍ୱାର୍ଥମୁକ୍ତ ଓ ଅଜେୟ ପ୍ରେମ ସମ୍ଭବ ହୋଇପାରିବ ।''

ସଂଘବଦ୍ଧତା ଏବଂ ପାରସ୍ପରିକ ପ୍ରେମ ଲାଗି ଆମ ପାଇଁ ଯେଉଁ ମାନବୀୟ କାରଣମାନ ବାଢ଼ି ଦିଆଯାଇ ଥାଏ ସେଗୁଡ଼ିକର କୌଣସି ମୂଲ୍ୟ ନଥାଏ ଏବଂ ସେଗୁଡ଼ିକରୁ କୌଣସି ସୁଫଳ ମଧ୍ୟ ମିଳେ ନାହିଁ । କେବଳ ପରମ ଦିବ୍ୟସତ୍ତାଙ୍କ ସହିତ ସଂଯୁକ୍ତ ହୋଇ ରହିବା ଦ୍ୱାରା ହିଁ ଆମେ ଯଥାର୍ଥ ଐକ୍ୟ ଲାଭ କରି ପାରିବା ଓ ଦିବ୍ୟପ୍ରେମକୁ ବାସ୍ତବରେ ଅଭିବ୍ୟକ୍ତ କରି ପାରିବା ।

ମୃତ୍ୟୁଠାରୁ ମଧ୍ୟ ଅଧିକ ଶକ୍ତିଶାଳୀ ଅମୂଲ୍ୟ ଦିବ୍ୟପ୍ରେମକୁ କିଣାଯାଇ ନପାରେ କିଂବା ଆରୋପ କରାଯାଇ ନପାରେ । ସତ୍ୟ ଯଦି ବିଶ୍ୱର ପ୍ରଥମ ସୂର୍ଯ୍ୟ ହୁଏ ତେବେ ଦିବ୍ୟପ୍ରେମ ହେବ ବିଶ୍ୱର ଦ୍ୱିତୀୟ ସୂର୍ଯ୍ୟ; ଯାହା ଅମା-ଅନ୍ଧାର, ଅଜ୍ଞାନ ଦୂର କରି ବିଶ୍ୱରେ ଶାନ୍ତି, ସଙ୍ଗତି, ଐକ୍ୟ ଓ ଆନନ୍ଦ ପ୍ରତିଷ୍ଠା କରିପାରିବ ।

ଦିବ୍ୟଜନନୀ ଶ୍ରୀମା ସ୍ୱୟଂ କହିଛନ୍ତି : "Love me in all things, everywhere and in all beings."

(CWM - 1, p. 340)

''ସକଳ ବସ୍ତୁରେ, ସର୍ବ ସ୍ଥାନରେ ଓ ସକଳ ସତ୍ତାରେ ମୋତେ ଭଲପାଅ ।''

ମହାଯୋଗୀ ଶ୍ରୀଅରବିନ୍ଦ ସାଧନାର ମୂଳ ରହସ୍ୟ ଉଦ୍‌ଘାଟନ କରି କହନ୍ତି :

''Love the Mother.''

''ମା'ଙ୍କୁ ଭଲପାଅ ।''

ଭଲପାଇବା ହିଁ ଅସଲ କଥା, ସବୁର ଗୂଢ଼ରହସ୍ୟ, ସବୁର ସମାଧାନ । ଯିଏ ଭଲପାଏ ସେ ସବୁକିଛି ସମ୍ଭବ କରିପାରେ । ସବୁ ଗୁପ୍ତ ରହସ୍ୟଗୁଡ଼ିକର ସନ୍ଧାନ ପାଇପାରେ । ସେ ସବୁପ୍ରକାର ସ୍ୱପ୍ନ ଦେଖିପାରେ । ସବୁ ସମସ୍ୟାର ସମାଧାନ ଆବିଷ୍କାର କରିପାରେ ।

ମଣିଷ ଲାଗି ଜଳ, ବାୟୁ ଓ ଖାଦ୍ୟ ପରି ପ୍ରେମର ମଧ୍ୟ ଆବଶ୍ୟକତା ରହିଛି । ପୁଷ୍ପ ପାଇଁ ସୂର୍ଯ୍ୟଙ୍କର ଯେପରି ଆବଶ୍ୟକତା ରହିଛି, ମାନୁଷୀ ହୃଦୟର ପରିସ୍ଫୁଟନ ପାଇଁ ପ୍ରେମ ସେପରି ଅପରିହାର୍ଯ୍ୟ ହୋଇ ରହି ଆସିଛି । ଜୀବନ ଯଦି ଫୁଲଟିଏ ହୁଏ ତେବେ ପ୍ରେମ ହେଲା ତା'ର ମଧୁ । ପ୍ରେମ ବିନା ଜୀବନ ଫଳପୁଷ୍ପବିହୀନ ବୃକ୍ଷତୁଲ୍ୟ । ତେବେ ମାନୁଷୀ ପ୍ରେମକୁ ଆତ୍ମାର ଏକ ଆବଶ୍ୟକତା ବୋଲି କଦାପି କୁହାଯାଇ ନପାରେ । କେବଳ ଦିବ୍ୟପ୍ରେମ ଦ୍ୱାରା ହିଁ ଆତ୍ମା ପରିପୁଷ୍ଟ ହୁଏ । ଏ ସଂକ୍ରାନ୍ତରେ ଦିବ୍ୟଜନନୀ ଶ୍ରୀମା କହନ୍ତି : "... human love is not a need of the soul, but rather a concession it makes for a time to the ego."

(CWM - 14, p. 120)

''ମାନୁଷୀ ପ୍ରେମ ଆତ୍ମାର ଏକ ଆବଶ୍ୟକତା ନୁହେଁ, ବରଂ ଏହା ଅହଂ ନିମିତ୍ତ ଦିଆଯାଇଥିବା ଏକ ସାମୟିକ ରିହାତି ।''

ସ୍ନେହ, ପ୍ରେମ ଆକାଂକ୍ଷା କରିବା ମଣିଷର ଏକ ସ୍ୱାଭାବିକ ପିପାସା କିନ୍ତୁ ଏହା ତୃପ୍ତ ହୋଇପାରେ କେବଳ ଦିବ୍ୟପ୍ରେମ ବା ଭଗବତ୍ ପ୍ରେମ ଦ୍ୱାରା । ଯଦି ମାନୁଷୀ ପ୍ରେମକୁ ବରଣ କରାଯାଏ ତେବେ ତାହା ସର୍ବଦା ଦୁଃଖ, ଯନ୍ତ୍ରଣା, ନିରାଶା ଓ ବ୍ୟର୍ଥତାରେ ପର୍ଯ୍ୟବେଶିତ ହୋଇ ରହିଥାଏ କାରଣ ତାହା ଅନେକ ପ୍ରତ୍ୟାଶା, ଦାବି, ଛଳନା, ଆସକ୍ତି, ଅଶିଷ୍ଟତା,

ନିଷ୍ଠୁରତା, ପାଶବିକତା, ଅହଂ, ସଂକୀର୍ଣ୍ଣତା, ଅସୂୟା, କୁତ୍ସିତତା ଆଦି କଳୁଷ ଦ୍ୱାରା ପ୍ରଦୂଷିତ ହୋଇ ରହିଥାଏ । ତେବେ ମାନୁଷୀ ପ୍ରେମକୁ ଦିବ୍ୟପ୍ରେମ ଦିଗରେ ଉନ୍ନୀତ କରିବା ହେଲା ପୂର୍ଣ୍ଣଯୋଗ ସାଧନାର ଲକ୍ଷ୍ୟ ଓ ସଂକଳ୍ପ ।

ସାବିତ୍ରୀ ମହାକାବ୍ୟରେ ନାରୀ ଶିରୋମଣି ସତ୍ୟର ପ୍ରତିମୂର୍ତ୍ତି ସାବିତ୍ରୀ ନାସ୍ତି ଓ ମୃତ୍ୟୁର ଦେବତା ଯମଙ୍କୁ କହୁଛନ୍ତି :

"My love eternal sits throned on God's calm;
For Love must soar beyond the very heavens
And find its secret sense ineffable;
It must change its human ways to ways divine,
Yet keep its sovereignty of earthly bliss."

(Savitri, p. 633)

ଭାଗବତୀ ପ୍ରଶାନ୍ତିର ସିଂହାସନରେ ମୋର ଚିରନ୍ତନ ପ୍ରୀତି ଉପବେଶନ କରି ଅଛି । ତେବେ ମୋର ଏହି ପ୍ରେମ ସ୍ୱର୍ଗକୁ ଅତିକ୍ରମ କରି ମଧ ଆହୁରି ଉର୍ଦ୍ଧ୍ୱକୁ ଗତି କରିବ । ସେତିକିବେଳେ ସେ ତା'ର ଅବର୍ଣ୍ଣନୀୟ, ଅନିର୍ବଚନୀୟ ଗୂଢ଼ ଗୁପ୍ତ ରହସ୍ୟ ଆବିଷ୍କାର କରିବ; ଏହି ପ୍ରେମ ହିଁ ତା' ମାନୁଷୀ ଧାରାକୁ ପରିବର୍ତ୍ତିତ କରିବ ଭାଗବତୀ ଧାରାରେ ଅଥଚ ସେହି ପ୍ରେମ ପାର୍ଥିବ ଆନନ୍ଦର ପୂର୍ଣ୍ଣ ଅଧିକାର ଧରି ରଖିଥିବ ।

(ସମାପ୍ତ)

❑❑❑


## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ - ୨୦୨୦

ଆସନ୍ତା ଏକଚାଳିଶତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ୨୦୨୦, ଜାନୁଆରୀ ୨୪, ୨୫ ଏବଂ ୨୬ ତାରିଖ ତିନିଦିନ ବ୍ୟାପୀ **କଟକ, ମାତୃଭବନ** ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଯାଉଅଛି ।

ଏହି ସମ୍ମିଳନୀରେ ବାବାଜି ଶ୍ରୀ ରାମକୃଷ୍ଣ ଦାସଙ୍କ ରଚିତ ''**ଅତିମାନସ ଓ ଦିବ୍ୟକର୍ମ**'' ପୁସ୍ତକଟି ଉପରେ ଦଳଗତ ଆଲୋଚନା ହେବା ପାଇଁ ସ୍ଥିର କରାଯାଇଛି । ସମ୍ମିଳନୀକୁ ଆସିବା ପୂର୍ବରୁ ପୁସ୍ତକଟିକୁ ଉତ୍ତମରୂପେ ଅଧ୍ୟୟନ କରି ଆଲୋଚନାରେ ଅଂଶ ଗ୍ରହଣ କରିବା ସକାଶେ ପ୍ରସ୍ତୁତ ହୋଇ ଆସିବାକୁ ଅନୁରୋଧ । ଏହି ସମ୍ମିଳନୀରେ ଓଡ଼ିଶାର ସମସ୍ତ ମାତୃପ୍ରେମୀ, ବିଶେଷ କରି ମହିଳା ପାଠଚକ୍ର ଏବଂ ଅନ୍ୟାନ୍ୟ ପାଠଚକ୍ରର ଭଉଣୀ ଓ ଭାଇଙ୍କୁ ବହୁସଂଖ୍ୟାରେ ଯୋଗଦେବା ନିମନ୍ତେ ବିନମ୍ର ନିବେଦନ ।

ଶିବିରାର୍ଥୀମାନେ ଆବଶ୍ୟକ ଶୀତବସ୍ତ୍ର ସାଥିରେ ନେଇ ଆସିବା ପାଇଁ ଅନୁରୋଧ । ଦୟାକରି ସାନପିଲାଙ୍କୁ ସାଙ୍ଗରେ ଆଣିବେ ନାହିଁ । ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରନ୍ତି ।

ଆପଣମାନଙ୍କର

ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସଭ୍ୟାବୃନ୍ଦ,
ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୧୩, ଓଡ଼ିଶା

**ଯୋଗାଯୋଗ :**

ଅଞ୍ଜଳି ସିହ୍ନା : ୦୯୪୩୭୭୪୧୪୦୮; ଡା: ଶ୍ୟାମା କାନୁନ୍‌ଗୋ : ୦୯୪୩୭୦୨୧୫୫୪;
ମନୋରମା ରାଉତ : ୦୯୪୩୭୫୫୭୪୭୯; ଡା: ବିଜୟିନୀ ମହାପାତ୍ର : ୦୯୪୩୭୦୨୩୪୨୬

# କ୍ଲାସରେ ଶ୍ରୀମା’ଙ୍କ କାହାଣୀ

**[ଛୋଟ ପିଲାଙ୍କ କ୍ଲାସରେ ମା’ଙ୍କ ଦ୍ୱାରା କଥିତ କାହାଣୀ]**

## ଏକ ସର୍କସର କାହାଣୀ

ଏକଦା କୌଣସି ଏକ ସ୍ଥାନରେ ଜଣେ ଭଦ୍ରଲୋକ ବାସ କରୁଥିଲେ, ଯିଏକି ସର୍କସ ଦେଖିବାକୁ ଖୁବ୍ ଭଲ ପାଉଥିଲେ । ନାଁ ତାଙ୍କର ରୋଲିପୋଲି । ସର୍କସର ଖେଳସବୁ ତାଙ୍କର ଏତେ ପସନ୍ଦ ଥିଲା ଯେ ଶେଷକୁ ସେ ଭାବିଲେ ଗୋଟିଏ ସର୍କସ ଦଳ ଗଢ଼ିଲେ ତ ହୁଅନ୍ତା ! ତା’ହେଲେ ପ୍ରତିଦିନ ସର୍କସ ଦେଖା ହୋଇ ପାରନ୍ତା । ପୁଣି ଇଚ୍ଛା କଲେ ଯେ ତାଙ୍କର ସର୍କସ ଦଳଟି ସାରା ପୃଥିବୀ ମଧ୍ୟରେ ଶ୍ରେଷ୍ଠଦଳ ହୁଅନ୍ତା ଓ ତାଙ୍କ ସର୍କସ ଦଳରେ ଖାଲି ଯେ ଚମତ୍କାର ଖେଳ ରହିବ ନାହିଁ, ମଜାଦାର ହାସ୍ୟ-ରସ ଭରା ଖେଳ ବି ରହନ୍ତା – ଏସବୁ କୌଶଳ ଦେଖାଇ ପାରିବା ଭଳି ଦକ୍ଷ ଖେଳାଳି ବି ରହିବା ଦରକାର ଯେଉଁମାନେ ଶିଶୁଦର୍ଶକଙ୍କ ମନରେ ଉତ୍ତେଜନା ଓ କୌତୂହଳ ସୃଷ୍ଟି କରି ପାରିବେ ଯାହା ସର୍ବଭାବରେ ସମସ୍ତଙ୍କ ପାଇଁ ରୋଚକ ହେବ । ବାଘ, ସିଂହ ଆଦି ହିଂସ୍ର ପ୍ରାଣୀ କେତୋଟିଙ୍କୁ ଖେଳକୁଦ ବ୍ୟାୟାମ ଶିଖାଇ ପାରିବେ ସେଭଳି ଓସ୍ତାତ ଶିକ୍ଷାବିତ୍ ଦରକାର ଯିଏ ସେଗୁଡ଼ିକୁ ବଶୀଭୂତ କରିବେ ଓ ଆଜ୍ଞାଧୀନ କରାଇବେ । କିଛି ଖୋଜାଖୋଜି ପରେ ସେଭଳି ଜଣେ ଲୋକ ମିଳିଲେ । ରୋଲିପୋଲି ମହାଶୟ ଗଲେ ଏ ଧରାର ସବୁଠାରୁ ଯେଉଁଠି ଜନ୍ତୁ-ଜାନୁଆରଙ୍କ ଆଡ୍‌ଡ଼ା ଜାଗା ସେଠାକୁ । ବିରାଟ ଏକ ସିଂହ ଆଣିଲେ ସବା ଆଗେ । ଯେମିତି ତା’ର କେଶର, ସେମିତି ଗର୍ଜନ ବି କରେ ସିଏ, ହିଂସ୍ରତାରେ ତା’ର ଯୋଡ଼ି କେହି ହୋଇ ପାରିବେ ନାହିଁ । ତା’ପରେ ଆସିଲେ ଦୁଇଟି ସିନ୍ଧୁଘୋଟକ । ଓସ୍ତାତ ଏମାନଙ୍କୁ ପ୍ରଶିକ୍ଷଣ ଦେଲେ – ନାକ ଅଗରେ ବଡ଼ ବଲ୍‌ଟିଏ ରଖି ଭାରସାମ୍ୟ ରଖୁଥା’ନ୍ତି । ମଝିରେ ମଝିରେ ଓଲଟି ଡେଇଁପଡ଼ି ପୁଣି ବଲ୍‌ଟିକୁ ଧରି ପକାନ୍ତି ନାକ ଅଗରେ, ସେମାନଙ୍କ ଖେଳ ବେଶ୍ ଆମୋଦଦାୟକ ହେଲା । ଖାଲି ମାଛର ଲୋଭ ଦେଖାଇ ଓସ୍ତାତ ତାଙ୍କ ଦ୍ୱାରା ଏତେ ପ୍ରକାର ଖେଳ ପ୍ରଦର୍ଶନ କରାଉଥା’ନ୍ତି । ସିଂହକୁ ତା’ ସ୍ୱଭାବ ଅନୁଯାୟୀ ଖେଳ-କସରତ ଶିଖାଇଲେ । ଆସିଲା ଗୋଟିଏ ପ୍ରକାଣ୍ଡ ଧଳା ଭାଲୁ, ଦେହର ରଙ୍ଗ ଧୋବ ତୁଷାର ଭଳି, ବରଫ ଉପରେ ତାକୁ ନାନାରକମର ଖେଳ ଶିଖାଇଲେ – ଓସ୍ତାତ ଭାଲୁ ପିନ୍ଧିଥାଏ ଗୋଟାଏ କମିଜ, ମୁଣ୍ଡରେ ଟୋପି । ବରଫ ଉପର ଦେଇ ନାନା କୌଶଳ ଦେଖାଉ ଥାଏ ସିଏ, କେବେ ବି ପଡ଼ିଯାଏ ନାହିଁ ।

ଏଣେ ପ୍ରଶିକ୍ଷଣ, ତେଣେ ସହରଯାକ ଏଠି ସେଠି ବିଜ୍ଞାପନ ଦିଆଗଲା ଆସନ୍ନ ସର୍କସର ପ୍ରଶଂସା ସହ ଚିତ୍ର ଦେଇ – ଚିତ୍ରଟି ଥିଲା ଜଣେ ସର୍କସ ଖେଳାଳିର ନୃତ୍ୟ ଭଙ୍ଗୀର । ଏହା ପରେ କିଏ ଆସିଲା – କହିଲ ଦେଖି ? ଜଣେ ସ୍ତ୍ରୀ ଲୋକ, ଅଦ୍ଭୁତ ଧରଣର ମୋଟା ଓ ଭାରୀ, ଦେହର ଆୟତନ ବି ସେଇ ଭଳି, ଅନୁମାନ କରିନିଅ । ସେମିତି ଲୋକଟିଏ ତୁମ ଆଖିରେ କେବେ ବି ପଡ଼ି ନ ଥିବ, ଦର୍ଶନୀୟ ବସ୍ତୁ ରୂପେ ମଞ୍ଚକୁ ଅଣାଗଲା ତାକୁ, ତା’ ସାଙ୍ଗରେ ଯୋଡ଼ି ଦେଲା ଭଳି ପୁରୁଷ ଲୋକଟିଏ, ନକ୍‌ନକିଆ ପତଳା, କ୍ଷୀଣକାୟ – ତା’ ଭଳି ସରୁ ଲମ୍ବା ଲୋକଟିଏ ବି ତୁମେ କେବେ ଦେଖି ନ ଥିବ, ଏଭଳି ଯୋଡ଼ି କେଉଁଠି ନ ଥିବେ । ସେମାନଙ୍କ ଖେଳ-କସରତ ଖୁବ୍ ହାସ୍ୟ-ରସାତ୍ମକ ହେଲା । ଏଇପରି ଭାବରେ ସର୍କସ ଦଳଟି ବେଶ୍ ଗଢ଼ି ଉଠୁଥାଏ । ଏଇଠି ଶେଷ ନୁହେଁ... ଆହୁରି ଆହୁରି ଅଛି, ଗୋଟି ଗୋଟି କରି କହୁଛି, ଶୁଣ... ।

ଏଥର ମିଳିଗଲା ଗୋଟିଏ ହାତୀ – ଯାହାକୁ ସତରେ ଐରାବତ କୁହାଯାଇପାରେ । ପ୍ରକାଣ୍ଡ ଚେହେରା କିନ୍ତୁ ନରମ ତାର ବପୁଟି, ଯେମିତି ଛୋଟକାଟର ଏକ ପାହାଡ଼ । କ’ଣ ତା’ର ଖାଦ୍ୟ – ଜାଣ କି ତୁମେମାନେ ? ତୁମେସବୁ ଉପରବେଳା ଖେଳପଡ଼ିଆରେ ଯେଉଁ ଚୀନାବାଦାମ ଭଜା ଖାଅ, ସେଇ ଜିନିଷ ତାକୁ ଗୋଟିଏ ବଡ଼ କୁଣ୍ଡ ଭର୍ତ୍ତିକରି ଦିଆଯାଏ, ଯାହା ସିଏ ଗପାଗପ୍ କରି ଶୁଣ୍ଢରେ ଉଠାଇ ମୁହଁରେ ଭର୍ତ୍ତିକରି ଖାଇଚାଲେ । ତା’ପରେ ମିଳିଲା ଗୋଟିଏ ପ୍ରାଣୀ, ଯିଏ ଉଞ୍ଚାକୁ ଉଠିଯାଇ ନିଜେ ଦୋଳଣା ବାନ୍ଧି ଝୁଲୁଥାଏ, ସେଇ ଝୁଲିବା ଅବସ୍ଥାରେ କେତେ ପ୍ରକାର ଖେଳ କସରତ ଦେଖାଏ, ଦେଖିଲେ କାବା ହୋଇଯା’ନ୍ତି ଦର୍ଶକମଣ୍ଡଳୀ । ସିଏ ନକ୍ଷତ୍ର ବେଗରେ ଏଦିଗରୁ ସେଦିଗକୁ ଚାଲିଯାଏ ଆଉ ମଝିରେ ମଝିରେ ଦୋଳଣାରେ ଏପଟେ ସେପଟେ ଝୁଲି ଖେଳ ବି ଦେଖାଏ, ଆଉ ଦର୍ଶକଗଣ ତାହା ଦେଖି ଭୟରେ, ବିସ୍ମୟ-ଉତ୍କଣ୍ଠାରେ ଚାହିଁ

ରହନ୍ତି ଓ ଖୁସି ବି ହୁଅନ୍ତି । ସେଇ ପ୍ରାଣୀଟି ନିଜ ଗୋଡ଼ ଦୁଇଟିକୁ ଦୋଳଣାରେ ଛନ୍ଦିଦେଇ ତଳକୁ ମୁଣ୍ଡ କରି ଓହଳି ପଡ଼େ ଆଉ ଦୁଇ ହାତରେ ସର୍କସ ମାଲିକଙ୍କୁ ଟେକି ନେଇ ଝୁଲାଉଥାଏ ବି ମଝିରେ ମଝିରେ । ଏସବୁ ଯେ କି ଲୋମହର୍ଷକ ଜିନିଷ, ଆଖିରେ ନ ଦେଖିଲେ ବି ବର୍ଣ୍ଣନାରୁ ବେଶ୍ ବୁଝି ପାରୁଥିବ । ସର୍କସର ପ୍ରସ୍ତୁତି ଏତିକିରେ ଶେଷ ନୁହେଁ ଆହୁରି ବି ରହିଛି ।...

ଏଥର ମିଳିଗଲା ଗୋଟିଏ ଜିରାଫ, କି ବିରାଟ ଲମ୍ବା ତା'ର ବେକ, ଯେମିତି ଲମ୍ବି ଯାଉଛି ଆକାଶ ଆଡ଼କୁ । ରବରର ବେଲୁନସବୁକୁ ସୂତାରେ ବାନ୍ଧି ଛାଡ଼ି ଦିଆହେବ ଆଉ ଜିରାଫ ତା'ର ବେକକୁ ବଢ଼ାଇ ସେଇଗୁଡ଼ିକୁ ଠିକ୍ ଧରିନେବ ଅକ୍ଳେଶରେ ଓ ଆଣିଦେବ ମୁହଁରେ ଧରି । ଏସବୁ ଦେଖିଲେ ମନେ ହେବ ବେଶ୍ ଜମିବ ସର୍କସ ଦଳଟି ।

ଏଣିକି କ୍ଲାଉନ୍ ବା ଜୋକରଙ୍କ କଥା । କାହାକୁ ଜୋକର୍ ବା କ୍ଲାଉନ୍ କହନ୍ତି ଜାଣ ତ ? ଯିଏ ନାନା ବିଚିତ୍ର ସାଜସଜ୍ଜାରେ ସଜ୍ଜିତ ହୋଇ ନାନା ପ୍ରକାର ବେଶଭୂଷାରେ ରଙ୍ଗବେରଙ୍ଗ ପୋଷାକରେ ହାସ୍ୟକର ଭାବଭଙ୍ଗୀ ଦେଖାଇ ଲୋକଙ୍କର ମନୋରଞ୍ଜନ କରନ୍ତି; ହସି ହସି ଦର୍ଶକର ପେଟ ବ୍ୟଥା ହୋଇଯାଏ । ସେଇ ଦଳରେ ଅନେକଗୁଡ଼ିଏ କ୍ଲାଉନ୍ ଆସି ଯୋଗ ଦେଲେ । ସେମାନେ ରାସ୍ତା ଉପର ଦେଇ ମାର୍ଚ୍ଚିଙ୍ଗ୍ କରି ଦଳବାନ୍ଧି ଯେତେବେଳେ ଚାଲିଯା'ନ୍ତି, ସେତେବେଳେ ଦେଖିଲା ବେଳକୁ ଜଣକର ମୁଣ୍ଡରେ ଟୋପି ଅଛି ତ, ତା' ପଛରେ ଚାଲୁଥିବା ଜୋକର୍‌ର ମୁଣ୍ଡ ଉପରେ ଘର ଛାତ ଚିମିଣିର ଅଂଶ ଖଣ୍ଡେ, ସେଥିରୁ ପୁଣି ଧୂଆଁ ବାହାରି ଚାଲିଛି । ତା' ପଛରେ ଯିଏ ଚାଲୁଛି, ତା' ହାତରେ ପାଇପ୍‌ର ରବର-ନଳୀ, ସେ ସର୍କସରେ ଦମକଳର କାମ କରୁଛି : ଜଳ ସିଞ୍ଚନ କରି ନିଆଁ ଲିଭାଇବାରେ ବ୍ୟସ୍ତ । ତା' ପଛପଟେ ଯିଏ ଚାଲୁଛି ସେ ଗରମରେ ବ୍ୟତିବ୍ୟସ୍ତ ହେବା ଭଳି ଢଙ୍ଗ କରି ଦେହରୁ କମିଜ ଉତାରି ଉତାରି ଚାଲୁଛି – ପ୍ରଥମେ ଗୋଟିଏ ଖୋଲିଲା, ସେଥିରେ ଗରମ ଗଲା ନାହିଁ, ତେଣୁ ତା' ତଳ ପୋଷାକ ବାହାର କଲା, ପୁଣି ସେଥିରେ ସନ୍ତୁଷ୍ଟ ନ ହୋଇ ଆଉ ଏକ ପରସ୍ତ ପୋଷାକ ଦେହରୁ କାଢ଼ିବାକୁ ଲାଗିଲା । ଏହିପରି ସର୍ବମୋଟ ଦଶଟା କି ବାରଟା ପୋଷାକ ସେ ଦେହରୁ ବାହାର କରୁଥାଏ ତପ୍ତ ନିଆଁ ଧାସ ଦେହରେ ବାଜିବାର ଅଭିନୟ କରି । ଲୋକେ ତା'ର ଢଙ୍ଗଢ଼ାଙ୍ଗ ଦେଖି ଜୋର୍‌ରେ ହାତତାଳି ଦେଇ ହସିବାକୁ ଲାଗିଥା'ନ୍ତି ।

ଏବେ ଯାଏଁ ଦଳରେ ଅଶ୍ୱ ଆସି ପହଞ୍ଚି ନାହିଁ । ଖୁବ୍ ଭଲ, ବଢ଼ିଆରୁ ବଢ଼ିଆ ଘୋଟକ ଖୋଜାଗଲା; ଶେଷରେ ଏକା ଭଳି ତିନିଗୋଟି ଚମତ୍କାର ଘୋଟକ ମିଳିଲେ, ଯାହାକୁ କହି ହେବ ପକ୍ଷୀରାଜ ଘୋଟକ, ତାହାର ନିଜର ଯେପରି ତିନୋଟି ସାନଭାଇ – ଯେମିତି ଚେହେରା, ସେମିତି କ୍ଷିପ୍ର ଗତି ସେମାନଙ୍କର । ତା' ସହିତ ମିଳିଲେ ତିନୋଟି ଝିଅ, ଦେଖିବାକୁ ସ୍ୱର୍ଗରୁ ଆସିଥିବା ପରୀ ତ – ଛୁଟନ୍ତ ଘୋଡ଼ା ଉପରକୁ ଡେଇଁ ପଡ଼ି, ନାଚିକୁଦି ନାନା ଭଙ୍ଗୀର କସରତ ଦେଖାଇ ଦର୍ଶକମାନଙ୍କୁ ଚକିତ କରି ଦେଲେ । ବାସ୍, ଏଇକ୍ଷଣି ଯେ ସର୍କସ ଖୋଲିବା ଭଳି ଅବସ୍ଥାକୁ ଆସିଗଲା । କହିବାକୁ ଭୁଲି ଗଲି ଯେ ବଡ଼ ଧରଣର ଏକ କଙ୍ଗାରୁ ଆଉ ଚିତାବାଘ ପ୍ରଭୃତି ବି ଆସି ଯାଇଛନ୍ତି ଏହା ଭିତରେ । ସବୁ ଠିକ୍‌ଠାକ୍, ଏଥର ଆରମ୍ଭରୁ ଶେଷ ଯାଏଁ ରିହର୍ସାଲ ଚାଲିବ । କିନ୍ତୁ ଦେଖାଗଲା କେଉଁଠି ଯେପରି କିଛି ଏକ କାଣ୍ଡ ଘଟି ଯାଇଛି, ଯାହା ଯୋଗୁଁ ସବୁ ଖେଳାଳିଙ୍କ ମୁଖରେ ବିଷାଦ, ଉତ୍ସାହହୀନତା ଦେଖା ଦେଇଛି ସ୍ପଷ୍ଟଭାବେ ।

ଶ୍ରୀଯୁକ୍ତ ରୋଲିପୋଲି ମହାଶୟ ଦେଖିଲେ ସର୍କସର ସମସ୍ତ ଅଂଶୀଦାରଙ୍କର ମୁଖ ଭାରୀ, ସେମାନଙ୍କ ମୁହଁରେ ନିରାଶା, ହତାଶା, ଭଗ୍ନୋଦ୍ୟମ, ବିମର୍ଷ ଓ କାନ୍ଦ କାନ୍ଦ ଭଳି ଅବସ୍ଥା – ଭଦ୍ରଲୋକ ଜଣକ ତ ଘାବରେଇ ଗଲେ । କ'ଣ ଘଟିଛି, ଯାହାକୁ ବି ପଚାରିଲେ କେହି କହି ପାରିଲେ ନାହିଁ କାରଣଟା କେଉଁଠି ? ସମସ୍ତେ କିଛି ଏକ ଜିନିଷର ଅଭାବ ବୋଧ କରୁଛନ୍ତି; କିଛି ଏକ ଜିନିଷ ବାଦ୍ ପଡ଼ିଯାଇଛି ସେଇ ଗୋଷ୍ଠୀରେ – ଯେମିତି ସେଇ କଥାଟା କାହାରି ନଜରରେ ପଡୁ ନାହିଁ । ସେଇ ଜିନିଷଟି ନ ଥିବା ଯୋଗୁଁ ସବୁ ଅଟକି ଯାଉଛି, କେହି ଭାବି ନାହିଁ ସେଇ ଜିନିଷଟା କିପରି – ସେ ଜିନିଷଟା ଯେ କ'ଣ, ସେ କଥାଟା ତ କେହି ଜାଣନ୍ତି ନାହିଁ, ଯାହା ଯୋଗୁଁ ସବୁ କରାମତି ଥାଇ ବି ଏପରି ନିରୁତ୍ସାହ ବୋଧ ହେଉଛି । ବିଚରା ଭଦ୍ରଲୋକ ମହାଶୟ ମହା ଅଡୁଆରେ ପଡ଼ିଲେ, ପହଞ୍ଚିଲେ ସିନ୍ଧୁଘୋଟକ ପାଖରେ, କହିଲେ 'ବାପଧନ', ପିଠିରେ ହାତବୁଲାଇ ପଚାରିଲେ ଅଭାବର ବିଷୟଟି । ସେ ବା କେମିତି ଜାଣିବ କେଉଁ ଜାଗାରେ କଣ୍ଟକ-ବିଦ୍ଧ ହେଉଛି । ସେଠାରୁ ରୋଲିପୋଲି ଯାଇଁ ପହଞ୍ଚିଲେ ବାଘ, ସିଂହ, ଜିରାଫ ଓ ଘୋଡ଼ାର ଦଳ ପାଖରେ । ସେମାନଙ୍କୁ ଜିଜ୍ଞାସା କଲେ, କ'ଣ ପାଇଁ ତୁମେସବୁ ଏପରି ବିମର୍ଷ ହୋଇ ପଡ଼ିଛ ? ମୁଁ ଥରେ ଜାଣିଲେ ସିନା କିଛି କରାଯାଇ ପାରିବ । ମାତ୍ର କେଉଁଠି ଯେ ଅଭାବ, ତାହା ସେମାନଙ୍କୁ ଜଣାଥିଲେ ସିନା !...

ହଠାତ୍ ହାତୀ ପାଖରୁ ହିଁ ସେ ଇଙ୍ଗିତଟି ମିଳିଲା । ସେ ତା'ର ଶୁଣ୍ଢଟି ରୋଲିପୋଲିଙ୍କ କାନ୍ଧରେ ରଖି ଆପଣା ଲୋକ ପରି ସଂଗୋପନରେ କହିଲା ଟିକିଏ ସଙ୍କୁଚିତ ହୋଇ : ''ଆପଣ ସେଇ ଅମୁକ ଜିନିଷଟିର କିଛି ବ୍ୟବସ୍ଥା କରି ନାହାନ୍ତି ଯେ ଆଉ ସେଥିପାଇଁ ସମସ୍ତଙ୍କର ମନ ଊଣା । ସେହି ଜିନିଷଟିର ଯୋଗାଡ଼ କରନ୍ତୁ ଆଗେ, ନ ହେଲେ ଆପଣଙ୍କର ଏତେ ପରିଶ୍ରମ ସବୁ ପଣ୍ଡ ହୋଇଯିବ ।'' ରୋଲିପୋଲି ଖୁବ୍ ଖୁସି ହୋଇ ଚାଲିଗଲେ – ଆରେ, ଏଇ ଜିନିଷଟା ! ଏତେବେଳ ଯାଏଁ ମୋର ଖିଆଲରେ ଆସି ନ ଥିଲା । ସେ ହାତୀଟିର ପିଠିରେ ହାତ ବୁଲାଇ ଆଶ୍ୱସ୍ତ କରି କହିଲେ – ''ଏଇକ୍ଷଣି ମୁଁ ଲୋକ ପଠାଇ ଯୋଗାଡ଼ କରିବି । ସବୁଠାରୁ ଯାହା ଉତ୍ତମ, ସେଇ ଜିନିଷଟି ଆଣି ତୁମ୍ଭମାନଙ୍କ ଆଗରେ ରଖି ଦେବି ।'' ସିନ୍ଧୁଘୋଟକ ଦୁଇଭାଇ ପାଖରେ କେଉଁଠି ରହି କାନଡ଼େରି ସେମାନଙ୍କ କଥା ଶୁଣୁଥିଲେ – ଐରାବତ କ'ଣ ଫିକର-ଫନ୍ଦି କରୁଛି ସ୍ୱୟଂ ଅଧକ୍ଷ ମହାଶୟଙ୍କ ସାଙ୍ଗରେ । ଯାହା ଶୁଣିଲେ ସେଇଥିରେ ସେମାନେ ବି ଆମୋଦିତ ହେଲେ – ଆରେ ହଁ, ଏଇ ଜିନିଷଟି ଯେ ଏକାନ୍ତ ଦରକାର ଥିଲା, ଏ କଥାଟା ଆମ ମୁଣ୍ଡକୁ ଢୁକି ନ ଥିଲା । ସେମାନେ ଭାବିବାକୁ ଲାଗିଲେ, କ୍ରମଶଃ କଥାଟା ଏ କାନରୁ ସେ କାନକୁ ଗଲା । ସିଂହ, ଭାଲୁ, ଚିତା ଓ ଜିରାଫ ପାଖରୁ ଆରମ୍ଭ କରି ସର୍କସ ଦଳର ଯିଏ ଯେଉଁଠି ଥିଲେ ସମସ୍ତଙ୍କ ପାଖରେ ସମ୍ବାଦ ପହଞ୍ଚିଗଲା । ସଭିଏଁ ଫୁସ୍‌ଫୁସ୍ କରି କଥା ହେଲେ ଏଇ ବିଷୟରେ, ଆଉ ସଭିଙ୍କ ମୁହଁରେ ହସ ଫୁଟି ଉଠିଲା । ''ହୁଏତ ଏଇଟାର ଅଭାବରୁହିଁ ଆମର ପ୍ରାଣ ଥାଇ ବି ପ୍ରାଣହୀନ ଲାଗୁଥିଲା, ଆଗ୍ରହ ଉତ୍ସାହ ମଉଳି ପଡ଼ିଥିଲା । ଯାହାହେଉ, ଉଦ୍‌ଯୋଗ ଯେତେବେଳେ ଆରମ୍ଭ ହୋଇଛି, ଆସି ପହଞ୍ଚିବ ନିଶ୍ଚୟ ।'' ସିନ୍ଧୁଘୋଟକ ଦୁହେଁ ନିଜର ନାକ ଅଗରେ ବଲ୍ ରଖି ଘୋଁ ଘୋଁ ବୁଲାଇବାକୁ ଆରମ୍ଭ କଲେ । ସିଂହ ମେଦିନୀ କମ୍ପିତ କଲା ଭଳି ଗର୍ଜନ କରିବାକୁ ଲାଗିଲା । ଦୋଳିର ଖେଳାଳି ଚରକି ପରି ଘୂରି ଘୂରି କେତେ ନୂଆ ଖେଳ ଦେଖାଇବାକୁ ଲାଗିଲା । ଘୋଡ଼ାସବୁଙ୍କର ନାଚ ଚାଲିବା ସହ ତାଳ ରକ୍ଷା କରି ପରୀ ଭଳି ଝିଅ ତିନୋଟି ଅଶ୍ୱପୃଷ୍ଠରେ ନୃତ୍ୟଭଙ୍ଗୀ ଦେଖାଇ ଡିଆଁଡ଼େଇଁ ପ୍ରଦର୍ଶନ କଲେ । ସବୁଯାକ ଜୋକର୍ ମିଳି ଏମିତି ହାସ୍ୟରସକର ଅଙ୍ଗଭଙ୍ଗୀର ଅଭିନୟ କଲେ ଯେ ଯାହା ଦେଖି ଦର୍ଶକମାନେ ହସି ହସି ଗଡ଼ିଗଲେ, ଆଖିରୁ ଲୁହ ଗଡ଼ିଗଲା ଦୁଃଖରେ ନୁହେଁ, ଆନନ୍ଦରେ । ସମସ୍ତେ ଉତ୍‌ଫୁଲ୍ଲ, ସମସ୍ତେ ପ୍ରସନ୍ନ – ଯେମିତି ମୃତପ୍ରାୟ ଦେହରେ ଜୀବନର ସୁଅ ବହି ଆସିଲା । ସେମାନଙ୍କର ଇଚ୍ଛା ଯେ ଏପରି ଖେଳ ସେମାନେ ଦେଖାଇବେ, ଯାହାଫଳରେ ଜଗତର ଶ୍ରେଷ୍ଠ ସର୍କସର ପାହିଆକୁ ଉଠିଯିବେ ।

ସେଇ ବସ୍ତୁଟିର ସନ୍ଧାନରେ ଅଧକ୍ଷ ମହାଶୟ ଚାରି ଦିଗକୁ ଲୋକ ପଠାଇ ଦେଇଥିଲେ । ସେଇ ବସ୍ତୁଟି ଯେ ଆସୁଛି ତାହାରି ସୁସମ୍ବାଦ ଆକାଶର ବକ୍ଷରେ ବହି ବହି ବତାସର ପାଲ ଉପରେ ନିର୍ଭର କରି ଭାସି ଭାସି ଆସି ପହଞ୍ଚି ଯାଇଛି ସର୍କସ ଦଳରେ ଖେଳାଳିମାନଙ୍କ କର୍ଣ୍ଣକୁହରରେ । ପ୍ରଥମଟା ଅସ୍ୱଷ୍ଟ କ୍ଷୀଣ, ତା'ପରେ ଆଉ ଟିକିଏ ସ୍ୱଷ୍ଟ, ଆହୁରି ଅଧିକ ସ୍ୱଷ୍ଟ, ଶେଷରେ ପ୍ରତ୍ୟକ୍ଷ ଦର୍ଶନର ଉପକ୍ରମ ହେଲା । ସବାଶେଷରେ ଜିନିଷଟି ଆସି ସର୍କସର ସୀମା ଭିତରେ ପହଞ୍ଚିଗଲା । ଆନନ୍ଦ ଯେପରି ଆଉ ଧରାଛୁଆଁର ବାହାରେ । ଅଦ୍ୱିତୀୟ ସର୍କସର ଅଧକ୍ଷ ଐରାବତକୁ ସର୍ବ-ସମକ୍ଷରେ ସମ୍ମାନିତ କରି କହି ପକାଇଲେ : ତୁମର ହିଁ ବୁଦ୍ଧିମତ୍ତାରେ ସବୁ ଜିନିଷ ସମ୍ଭବ ହେଲା, ସେଇଟି ଆମକୁ ମିଳିଗଲା ଯାହା ବ୍ୟତୀତ ଆମ ଜୀବନରୁ ପ୍ରାଣ ଯିବା ଭଳି ଅବସ୍ଥାକୁ ଆମେ ଚାଲି ଯାଉଥିଲୁ । ଆମେ ଯେପରି ପୁର୍ନଜନ୍ମ ପାଇଲୁ । ମୋ ପକ୍ଷରୁ ତଥା ଉପସ୍ଥିତ ସମସ୍ତଙ୍କ ପକ୍ଷରୁ ତୁମକୁ, ଐରାବତକୁ ଅଭିନନ୍ଦନ ଜଣାଉଛି । ସମସ୍ତେ ତୁମ ପାଖରେ ଋଣୀ ରହିଗଲୁ ଶେଷ ଦିନ ଯାଏଁ ।

ଏହି ପ୍ରଶଂସାର ମାତ୍ରାଧିକ୍ୟ ଫଳରେ ଐରାବତର ବପୁଟି ଦେଢ଼ଗୁଣ ଫୁଲିଗଲା । ସିଏ ଦୀନତାରେ ବୈଷ୍ଣବ ସୁଲଭ ମୁଣ୍ଡଟିକୁ ନୁଆଇଁ ସାନୁନୟର ଭଙ୍ଗୀରେ କହିଲା, ''ଆଜ୍ଞା, ଏମିତି କ'ଣ କରି ପକାଇଲି ଯେ ଏତେ ପ୍ରଶଂସା ମୋ ଉପରେ ଅଜାଡ଼ି ପକାଇଲେ । ସବୁକିଛି ତ ଆପଣଙ୍କ ଦୟାରେ ହିଁ ସମ୍ଭବ ହୋଇଛି ।''

ଏଥର ସେମାନେ ପ୍ରସ୍ତାବ ଦେଲେ ଆଗାମୀ କାଲି ସର୍କସର ପ୍ରଥମ ଅଭିନୟ କରାଯିବ, ସର୍ବସାଧାରଣଙ୍କ ପାଇଁ ଦ୍ୱାର ଉନ୍ମୋଚନ କରାଯିବ । ଏଥର ଆଉ ଆଗ ଭଳି ବିଜ୍ଞାପନ ବା ହାଣ୍ଡବିଲ୍ ବିତରଣ ଚଳିବ ନାହିଁ, ଏଥର ଶୋଭାଯାତ୍ରା କରି ସହରଯାକ ବୁଲିବୁଲି ଘୋଷଣା କରି ଦେବାକୁ ପଡ଼ିବ । ଐରାବତର ପ୍ରସ୍ତାବ ମୁତାବକ ରୋଲିପୋଲି ମହାଶୟ ତାହାର କାନ୍ଧରେ ଆସୀନ ହେବେ; ଏବଂ ସେ ରୋଲିପୋଲି ମହାଶୟଙ୍କୁ କହିଲା, ''ଆଉ ପାଞ୍ଚଜଣ ସହରର ଗଣ୍ୟମାନ୍ୟ ସଭ୍ୟ ବି ରହିବେ ଆମ ସଙ୍ଗରେ, ଆମ ଭିତରୁ ବିଶେଷ ପ୍ରାଣୀ ବି

ରହିବେ । ଚାଲନ୍ତୁ ପ୍ରଥମ ଦିନର ଅଭିନୟ ଦେଖିବାକୁ ଏ ଅଞ୍ଚଳର ସଭିଙ୍କୁ ଡାକି ଆସିବା । ଆଉ ଆମ ସଙ୍ଗରେ ପ୍ରଥମ ଧାଡ଼ିରେ ସେଇମାନେ ରହିବେ ଯେଉଁମାନେ ବିଳମ୍ବରେ ଆବିଷ୍କୃତ ହେଲେ ବି ସଦ୍ୟ ଆଗତ – ସେଇମାନେ । ଆମେ କହିବା – ପୃଥିବୀ ବିଖ୍ୟାତ ସର୍କସର ଆଗାମୀ କାଲି ଉନ୍ମୋଚନ ଦିବସ ।''

ଶ୍ରୀମା ପଚାରିଲେ, ''ଆଚ୍ଛା ପିଲାଏ କହିଲ ଦେଖି ସେଇ ବିଳମ୍ବରେ ଆବିଷ୍କୃତ ଓ ସଦ୍ୟ ଆଗତ କ'ଣ ବା କିଏ, ଯାହା ବିଷୟରେ ଏତେ କଥା କୁହାଗଲା ?''

କାହାଣୀ ଶୁଣୁଥିବା ପିଲାଏ ସମସ୍ତେ ପରସ୍ପରର ମୁହଁ ଚାହାଁ-ଚୁହିଁ ହେଲେ, ଅଥଚ କେହି ବି ଅନୁମାନ କରି ପାରିଲେ ନାହିଁ ଜିନିଷଟି କ'ଣ ? ସେମାନଙ୍କ ମଧ୍ୟରେ ଯିଏ ସବୁଠୁ ବଡ଼ ଥିଲା, ବୟସ ହେବ ଦଶ ବାର, ଖୁବ୍ ବେଶୀ ହେଲେ ତେର କି ଚଉଦ, ସିଏ ବଡ଼ ପାଟିରେ କହିଲା – 'ବ୍ୟାଣ୍ଡପାର୍ଟି !'

ଶ୍ରୀମା ପିଲାଟିର ବୁଦ୍ଧିର ତାରିଫ କଲେ ଓ କାହାଣୀଟିର ପ୍ରାନ୍ତ ପର୍ବକୁ ଆସିଲେ –

ପୃଥିବୀର ଶ୍ରେଷ୍ଠ ବ୍ୟାଣ୍ଡପାର୍ଟି ତାଙ୍କୁ ମିଳିଲା ! ବାଜଣା, ଐକତାନ-ବାଦନ, ତା' ନ ହେଲେ କ'ଣ କେଉଁଠି ସର୍କସ ଖେଳ ସଫଳ ହେଲାଣି ? ସର୍କସର ମୁଖ୍ୟ ଅଂଶରେ ସେଇ ବାଦ୍ୟ-ବାଦନ ରହିଛି ଯାହାର ସହଯୋଗିତାରେ ଶାରୀରିକ କଳାକୌଶଳରେ ସ୍ଫୂର୍ତ୍ତି ଆସେ । ଇତି ମଧ୍ୟରେ ସେଇ ବ୍ୟାଣ୍ଡପାର୍ଟି ବଜାଇବାରେ ଲାଗି ଗଲେଣି । ତା'ର ସଭ୍ୟମାନେ ଶୋଭାଯାତ୍ରାରେ ବାହାରିଲେ, ହାତୀ ଶୁଣ୍ଢରେ ଏକ ବିଜୟ ପତାକା ବନ୍ଧା ଗଲା, ତା' ଉପରେ ବସିଲେ ସ୍ୱୟଂ ଅଧ୍ୟକ୍ଷ ରୋଲିପୋଲି । ଦଳର ସମସ୍ତ ସଭ୍ୟ ବେଶ୍ ଖୁସି । ଆସନ୍ତା କାଲି ପୃଥିବୀର ସର୍ବଶ୍ରେଷ୍ଠ ସର୍କସର ପ୍ରଥମ ଅଭିନୟ ପ୍ରଦର୍ଶନ ।

ଅନୁଲେଖନ : ମୃତ୍ୟୁଞ୍ଜୟ ମୁଖାର୍ଜି

❑❑❑

# ନିବେଦନ

## ଝରଣା ଘୋଷାଲ

କରିଦିଅ ମୋତେ ଆନନ୍ଦ ସାଗର
ତୁଷାର-ଶୁଭ୍ର ଫେନ ପୁଞ୍ଜରେ ଭରା
ନାଚି ନାଚି ଯିବି ପୁଲକେ ଉଲସି
ଧୋଇ ଦେବି ତୁମ ଚରଣ ଯୁଗଳ ପରା ।

ମୃଣ୍ମୟ ତନୁ ଶିରାରେ ଶିରାରେ
ଅବଗାହି ପରା-ଚେତନାର ନୀରେ
ସଞ୍ଚରି ଯିବି ଅନାହତ ଗାନେ
ଚିର ନଭୋନୀଳ ବିଶ୍ୱ ଭୁବନେ ।

ଅର୍ଗଳ ଖୋଲି ଜଡ଼ର ଜଠରେ
ବହ୍ନିମାନ ସେ ପ୍ରାଣ-ପରିଧିରେ
ଅସହ୍ୟ କେତେ ବେଦନା କାତର
ଦହନ ଜ୍ୱାଳାରେ ସଦା ଥର ଥର ।

ଜୀବନକୁ ଯିବି ଛୁଇଁ
ଧ୍ୟାନ ଗମ୍ଭୀର ଚେତନାରେ
ତୁମରି ପରଶ ଅମୃତ ସରସ
ବାଣ୍ଟିବି ତୁମ ମଧୁ ନାମ ଗାଇ ଗାଇ ।

ଅଙ୍ଗେ ଅଙ୍ଗେ ସେବା ଚନ୍ଦନ
ପ୍ରଲେପ ଯେ ଦେବି ବୋଲି
ତପତ ପରାଣ ହୋଇବ ଶୀତଳ
ମାତୃନାମର ଉଜ୍ଜ୍ୱଳ ପ୍ରଦୀପ ଜାଳି । ❑

# ତୋତ୍ତୋ-ଚାନ୍
## (୧୭)
## ତେତ୍‌ସୁକୋ କୁରୋୟାନାଗି

[ବିଗତ ସଂଖ୍ୟାମାନଙ୍କରେ ପ୍ରକାଶିତ କାହାଣୀ ଅନୁଯାୟୀ 'ତୋମୋଏ' ସ୍କୁଲର ପ୍ରତ୍ୟେକଟି କାର୍ଯ୍ୟକ୍ରମ, ତାହା ତୋତ୍ତୋ-ଚାନ୍‌ର ସ୍ୱୟଂ ନିର୍ବାଚିତ କାର୍ଯ୍ୟକ୍ରମ ହେଉ ଅଥବା ଶିକ୍ଷକଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପ୍ରସ୍ତୁତ କାର୍ଯ୍ୟକ୍ରମ ହେଉ : ସେସବୁ ତା'ର ଅନୁଭୂତିରେ ନୂତନ ନୂତନ ଅଧ୍ୟାୟଟିମାନ ସଂଯୋଜିତ କରି ଦେଉଥିଲା । ବାସ୍ତବିକ, ଶିକ୍ଷାର ନୂତନ ସଂଜ୍ଞା ଓ ସମ୍ଭାବନାର ସନ୍ଧାନରେ 'ତୋମୋଏ' ସ୍କୁଲ । ତୋତ୍ତୋ-ଚାନ୍ ତଥା ତା' ଭଳି ସେ ଶିକ୍ଷାକେନ୍ଦ୍ରର କୁନି କୁନି ଶିକ୍ଷାର୍ଥୀମାନେ ହେଲେ ସେମାନଙ୍କର ଶିକ୍ଷା ଖସଡ଼ାର ରୂପକାର – ଶିକ୍ଷାପ୍ରେମୀ, ସ୍ନେହପ୍ରବଣ, ମରମୀ ପ୍ରଧାନ ଶିକ୍ଷକ ଓ ତାଙ୍କର ସହକର୍ମୀମାନେ ତାଙ୍କର ପଥପ୍ରଦର୍ଶକ, ସହଯୋଗୀ ବନ୍ଧୁ ପରି । ସ୍କୁଲରେ ନୂତନ ରେଳଡବା ଆସିବା କି ସ୍କୁଲ ପୋଖରୀରେ ସବୁ ପିଲା ମିଳିମିଶି ଗାଧୋଇବା, ପ୍ରାର୍ଥନା ଗୃହରେ ତମ୍ବୁ ବିଛାଇ କ୍ୟାମ୍ପ କରିବା, ଉଷ୍ଣପ୍ରସ୍ରବଣ ବୁଲିଯିବା, ତାଳ ଜ୍ଞାନ ଶିକ୍ଷା କରିବା ଅଥବା ସ୍କୁଲର 'କ୍ରୀଡ଼ା ଦିବସ'ର ସ୍ୱତନ୍ତ୍ର ଉପସ୍ଥାପନ, ବହିଭର୍ତ୍ତି ଲାଇବ୍ରେରି ବଗିକୁ ଶିକ୍ଷାର୍ଥୀମାନଙ୍କର ହୃଦୟଭରା ସ୍ୱାଗତ – ଏସବୁ କାର୍ଯ୍ୟକ୍ରମ ପଛରେ ପ୍ରଧାନ ଶିକ୍ଷକଙ୍କର ନୂତନ ଦୃଷ୍ଟିଭଙ୍ଗୀ ପିଲାଙ୍କର ଶିକ୍ଷା ଗ୍ରହଣରେ ନୂତନ ମାର୍ମିକତା ଓ ଭିନ୍ନ ସ୍ୱାଦ ଭରି ଦେଉଥିଲା । ଏସବୁ ଭିତରେ ତୋମୋଏ ସ୍କୁଲରେ ଆରମ୍ଭ ହୋଇଯାଏ ତୋତ୍ତୋ-ଚାନ୍‌ର ଦ୍ୱିତୀୟ ଶିକ୍ଷାବର୍ଷ । 'କୃଷି ଶିକ୍ଷକ'ଙ୍କ ସହ କୃଷିକାର୍ଯ୍ୟ, ସହପାଠୀମାନଙ୍କ ସହ ବଣଭୋଜିର ଅଭୁଲା ମୁହୂର୍ତ୍ତସବୁ ତା'ର ଯୋଡ଼ି ହୋଇଯାଏ ପଛକୁ ପଛ । ସର୍ବୋପରି ଏକାଧିକ ବାର ପ୍ରଧାନଶିକ୍ଷକ କୋବାୟାଶିଙ୍କର ତୋତ୍ତୋ-ଚାନ୍‌କୁ ସେଇ ଓଜନିଆ କଥା ପଦକ ''ତୁ ସତରେ ଜଣେ ସୁନା ଝିଅ'' ବୋଧେ ସାରା ଜୀବନ ପାଇଁ ନୂତନ ମାର୍ଗ ସଂଧାନରେ ତା'ର ପାଥେୟ ହୋଇ ରହିଥିଲା । ତୋତ୍ତୋ-ଚାନ୍‌ର ଥିଲା ନିରୋଳା ଆନ୍ତରିକ ଭଲପାଇବା; ସେ ତା'ର ସହପାଠୀଟିଏ ପାଇଁ ହେଉ ଅଥବା ତା'ର ପ୍ରିୟ ପ୍ରଧାନ ଶିକ୍ଷକ କିଂବା ଶିକ୍ଷାନୁଷ୍ଠାନ ପାଇଁ ହେଉ । ସେଥିପାଇଁ ସେ ତାଇ-ଚାନ୍‌ର ପେନ୍‌ସିଲ କାଟିବା ବନ୍ଦ କରିନି କି 'ତୋମୋଏ' ସ୍କୁଲକୁ ବାହାର ପିଲା ମଇଳା କୋତରା ସ୍କୁଲ କହିଲେ ସହି ପାରିନି । ସାମାନ୍ୟ 'ସ୍ୱାସ୍ଥ୍ୟଛେଲି'ନାମକ ପଦାର୍ଥଟିଏ ସଂଗ୍ରହ କରି ତୋତ୍ତୋ-ଚାନ୍‌ର ଅଭିନବ ପଦ୍ଧତିରେ ସମସ୍ତଙ୍କ ସୁସ୍ଥତା ପରଖିବାର ଶୁଭେଚ୍ଛୁ ମନୋଭାବ ତା'ର ଉଦାର, ମଧୁର ବ୍ୟକ୍ତିତ୍ୱର ପରିଚାୟକ । ଏବେ ଦେଖିବା ତୋତ୍ତୋ-ଚାନ୍ ପୁଣି କେଉଁସବୁ ନୂଆ କାମରେ ନିଜକୁ ସାମିଲ କରିଛି ।...]

### ଇଂରାଜୀ କହୁଥିବା ପିଲାଟି

ଦିନେ ତୋମୋଏକୁ ଜଣେ ନୂଆ ପିଲା ଆସିଲା । ପ୍ରାଥମିକ ସ୍କୁଲ ପାଇଁ ସେ ବେଶ୍ ଡେଙ୍ଗା ଓ ମୋଟା ଜଣା ପଡୁଥିଲା । ତୋତ୍ତୋ-ଚାନ୍ ଭାବିଲା ଯେ ସେ ସପ୍ତମ ଶ୍ରେଣୀ ପିଲା ଭଳି ଜଣା ପଡୁଛି । ତା'ର ଜାମାପଟା ବି ଅଲଗା ଥିଲା । ବୟସ୍କମାନଙ୍କ ପୋଷାକ ଭଳି ଦେଖା ଯାଉଥିଲା ।

ସ୍କୁଲ ପଡ଼ିଆରେ ପ୍ରଧାନ ଶିକ୍ଷକ ନୂଆ ପିଲାଟିକୁ ଚିହ୍ନାଇ ଦେଲେ, ''ଆମ ନୂଆ ସାଥିଙ୍କ ନାଁ ମିୟାଜାକି । ସେ ଆମେରିକାରେ ଜନ୍ମ ହୋଇ ଥିଲେ ଓ ସେଠାରେ ଆଜି ଯାଏଁ ବଢ଼ିଥିଲେ । ତାଙ୍କୁ ଜାପାନୀ ଭାଷା ଭଲ ଭାବରେ ଜଣା ନାହିଁ । ସେଥିପାଇଁ ସେ ତୋମୋଏକୁ ଆସିଛନ୍ତି । ଏଠି ସେ ସହଜରେ ସାଙ୍ଗ ହୋଇଯିବେ ଓ ଧୀରେ ଧୀରେ ପାଠ ସବୁ ଧରି ନେବେ । ଏବେ ସେ ତୁମ ଭିତରୁ ଜଣେ । ତାଙ୍କୁ କେଉଁ ଶ୍ରେଣୀରେ ରଖିବା ? ତା-ଚାନ୍ ଆଦିଙ୍କ ସାଙ୍ଗରେ ପଞ୍ଚମରେ ରଖିଲେ କେମିତି ହେବ ?''

ତା-ଚାନ୍ ଭଲ ଚିତ୍ର କରେ । ସେ ତା'ର ବଡ଼ ଭାଇ ପଣିଆ ଦେଖାଇ କହିଲା, ''ହଁ, ଚଳିବ ।''

ପ୍ରଧାନ ଶିକ୍ଷକ ଟିକିଏ ହସି ଦେଇ ପୁଣି କହିଲେ, ''ସେ ଜାପାନୀ ଭାଷା ଜାଣି ନାହାନ୍ତି । କିନ୍ତୁ ଭଲ ଭାବରେ ଇଂରାଜୀ ଜାଣନ୍ତି । ତାଙ୍କଠୁ କିଛି ଶିଖି ନେବ । ଜାପାନ ଦେଶର ଚଳଣୀରେ ସେ ଅଭ୍ୟସ୍ତ ନୁହନ୍ତି, ତେଣୁ ତୁମେମାନେ ତାଙ୍କୁ

ସାହାଯ୍ୟ କରିବ ତ ? ଆମେରିକା ବିଷୟରେ ବହୁତ ମଜା କଥା ସେ କହି ପାରିବେ । ପଚାରି ବୁଝିବ । ମୁଁ ଏବେ ତାଙ୍କୁ ତୁମମାନଙ୍କ ସାଥିରେ ଛାଡ଼ି ଦେଉଛି ।''

ମିୟାଜାକି ତା' ଶ୍ରେଣୀର ପିଲାମାନଙ୍କୁ ମୁଣ୍ଡ ନୁଆଁଇଲା । ସେମାନେ ତା'ଠାରୁ ଅନେକ ସାନ, କିନ୍ତୁ ସାରା ସ୍କୁଲର ପିଲା ତା' ପାଇଁ ମୁଣ୍ଡ ନୁଆଁଇଲେ ।

ଖାଇବା ଛୁଟିରେ ମିୟାଜାକି ପ୍ରଧାନ ଶିକ୍ଷକଙ୍କ ଘରକୁ ଗଲା । ବାକି ସମସ୍ତେ ବି ତା' ପଛରେ ଚାଲିଲେ । ଦେଖୁ ଦେଖୁ ସେ ଜୋତା ପିନ୍ଧି ଘର ଭିତରେ ହାଜର । ସବୁତକ ପିଲା ଏକାଥରକେ ପାଟି କରି ଉଠିଲେ, ''ଜୋତା ଖୋଲି କରି ଯାଅ ।''

ମିୟାଜାକି ଚମକି ପଡ଼ିଲା, ''ଓଃ, ଭୁଲ୍ ହୋଇଗଲା'' କହି ସେ ଜୋତା ଖୋଲିଲା ।

ଏକା ସାଙ୍ଗରେ ସମସ୍ତେ ତାକୁ ବତାଇବାରେ ଲାଗି ପଡ଼ିଲେ । ''ମସିଣା ପଡ଼ିଥିବା ଘର ଆଉ ଆସେମ୍ବ୍ଲି ଘରକୁ ଗଲା ବେଳେ ଜୋତା କାଢ଼ିବାକୁ ହେବ । କିନ୍ତୁ ଶ୍ରେଣୀରେ ବା ଲାଇବ୍ରେରିରେ ଜୋତା ପିନ୍ଧି ହେବ ।''

''କୁହୋନ୍‌ବୁତ୍‌ସୁ ମନ୍ଦିରର ବେଢ଼ାରେ ଜୋତା ପିନ୍ଧି ଚାଲି ପାରିବ, ହେଲେ ମନ୍ଦିର ଭିତରେ ନୁହେଁ ।''

ଜାପାନର ଓ ବିଦେଶର ଚଳଣୀ ଭିତରେ ତଫାତକୁ ଜାଣିବାକୁ ମିୟାଜାକିକୁ ମଜା ଲାଗୁଥାଏ ।

ତା'ପର ଦିନ ମିୟାଜାକି ଗୋଟିଏ ବଡ଼ ଇଂରାଜୀ ଚିତ୍ର ବହି ସ୍କୁଲକୁ ଆଣିଲା । ଖାଇବା ଛୁଟିରେ ସମସ୍ତେ ତାକୁ ଘେରିଯାଇ ବହି ଦେଖିବାରେ ଲାଗିଲେ । ଏତେ ସୁନ୍ଦର ଚିତ୍ର ବହି ସେମାନେ ଆଗରୁ କେବେ ଦେଖି ନଥିଲେ । ତେଣୁ ତାଙ୍କୁ କାବା ଲାଗୁଥାଏ । ତାଙ୍କର ପୁରୁଣା ବହିଗୁଡ଼ିକରେ କେବଳ ଗାଢ଼ ଲାଲ, ସବୁଜ ଓ ହଳଦିଆ ରଙ୍ଗର ଚିତ୍ର ଥିଲା । କିନ୍ତୁ ଏଥିରେ ସବୁ ରଙ୍ଗ ଫିକାରୁ ଗାଢ଼ ହୋଇ ମିଶି ରହିଥିଲା । ହାଲୁକା ଗୋଲାପୀ, ନୀଳ ଆଉ ଧଳା, ପାଉଁଶିଆର ଛିଟାସବୁ ସେଥିରେ ଥିଲା । ତାଙ୍କ ରଙ୍ଗଡବାରେ ବି ଏତେ ରଙ୍ଗ ନଥିଲା । ତା-ଚାନ୍‌ର ଅଠଚାଳିଶ ଟିକିଆ ବଡ଼ ରଙ୍ଗ ଡବାଠାରୁ ବି ଏ ବହିରେ ବେଶୀ ରଙ୍ଗ ଜଣା ପଡୁଥିଲା । ପ୍ରଥମ ଚିତ୍ରଟିରେ ଗୋଟିଏ କୁକୁର ଛୋଟ ପିଲାଟିଏର ଚଡ଼ି ଧରି ଭିଡୁଥିଲା । ପିଲାଟି ରଙ୍ଗଦିଆ ଚିତ୍ର ଭଳି ଦିଶୁ ନଥିଲା । ତା'ର ଦେହର ରଙ୍ଗ ସତ ଚମର ରଙ୍ଗ ଭଳି ଥିଲା । ଏତେ ବଢ଼ିଆ ମୋଟା ଓ ପାଲିସ କାଗଜରେ ଛପା ଆଉ ଏତେ ବଡ଼ ଚିତ୍ର ବହି ସେମାନେ ଆଗରୁ କେବେ ଦେଖି ନଥିଲେ । ତା'ର ସ୍ୱାଭାବିକ ଗେହ୍ଲେଇ ଢଙ୍ଗରେ ତୋତ୍ତୋ-ଚାନ୍ ମିୟାଜାକି ଓ ଚିତ୍ର ବହି ପାଖରେ ଖୁନ୍ଦି ହୋଇ ବସିଥାଏ ।

ବହିର ଇଂରାଜୀ ଲେଖା ମିୟାଜାକି ତାଙ୍କୁ ପଢ଼ି ଶୁଣାଉ ଥାଏ । ଇଂରାଜୀ ଭାଷା ତାଙ୍କୁ ଏତେ ମଧୁର ଲାଗୁଥିଲା ଯେ ସେମାନେ ମୁଗ୍ଧ ହୋଇ ବସିଥା'ନ୍ତି । ମିୟାଜାକି ନିଶ୍ଚିତ ଭାବରେ ତୋମୋଏକୁ କିଛି ନୂଆ କଥା ଆଣିଦେଲା ।

ଏଥର ମିୟାଜାକି ଇଂରାଜୀ ଶବ୍ଦର ଜାପାନୀ ଅର୍ଥ ମିଶାଇ କହିଲା । ସେ ଆରମ୍ଭ କଲା, ''ଆକାଚାନର ଇଂରାଜୀ 'ବେବି' (କୁନି ପିଲା) ।'' ସମସ୍ତେ ତା' ପଛରେ ପାଳି ଧରିଲେ ।

''ଉତ୍‌କୁଶୀ-ବିଉଟିଫୁଲ (ସୁନ୍ଦର)'', ମିୟାଜାକି କହିଲା ବେଳେ 'କୁ' ଉପରେ ଜୋର୍ ଦେଲା ।

ମିୟାଜାକି ବୁଝିଲା ଯେ ତା'ର ଜାପାନୀ ଉଚ୍ଚାରଣ ଠିକ୍ ହେଉ ନାହିଁ ଓ ସେ ପୁଣି ଥରେ ଠିକ୍ କରି କହିଲା ।

ଖୁବ୍ ଶୀଘ୍ର ସେମାନେ ମିୟାଜାକିର ସାଙ୍ଗ ହୋଇ ଗଲେ । ସେ ସବୁଦିନ କିଛି ବହି ଆଣୁଥାଏ ଓ ତୋମୋଏର ପିଲାମାନଙ୍କୁ ପଢ଼ି ବୁଝାଉ ଥାଏ ।

ମିୟାଜାକି ତାଙ୍କର ଇଂରାଜୀ ଶିକ୍ଷକ ଭଳି ମନେ ହେଉଥାଏ । ଜାପାନୀ ଭାଷାରେ ସେ ନିଜେ ବି ବେଶ୍ ଆଗେଇ ଚାଲିଥାଏ । ଜାପାନୀ ଚାଲିଚଳନ ମଧ୍ୟ ସେ ବେଶ୍ ଭଲ ଭାବରେ ଧରି ନେଉଥାଏ । ଏବେ ସେ ଆଗ ଭଳି ବଡ଼ ଭୁଲ୍ (ଥରେ ସେ ଠାକୁର ଜାଗାରେ ବସି ପଡ଼ିଥିଲା) ଆଉ କରୁ ନଥାଏ ।

ତୋତ୍ତୋ-ଚାନ୍ ଓ ତା'ର ସାଙ୍ଗମାନେ ଆମେରିକା ବିଷୟରେ ଅନେକ କଥା ଜାଣୁଥା'ନ୍ତି । କହିବାକୁ ଗଲେ ତୋମୋଏ ଭିତରେ ଆମେରିକା ଓ ଜାପାନ ବନ୍ଧୁ ହେଉଥା'ନ୍ତି । କିନ୍ତୁ ବାହାରେ ଆମେରିକା ଥିଲା ଜାପାନର ଶତ୍ରୁ । ଆଉ ଶତ୍ରୁର ଭାଷା ଇଂରାଜୀ ହୋଇ ଥିବାରୁ ଅନ୍ୟ ସବୁ ସ୍କୁଲରେ ଇଂରାଜୀ ପଢ଼ା ବନ୍ଦ ହୋଇ ଯାଇଥାଏ ।

ସରକାର ଘୋଷଣା କରୁଥାଏ, ''ଆମେରିକା ସଇତାନ !'' କିନ୍ତୁ ତୋମୋଏର ପିଲାମାନେ ଗାଇ ଚାଲିଥିଲେ, ''ଉତ୍‌କୁଶୀ ମାନେ ବିଉଟିଫୁଲ ।'' ତୋମୋଏର ସୁଲୁସୁଲିଆ ପବନ ମନ ମତାଉ ଥିଲା ଆଉ ତା'ର ପିଲାମାନେ ନିଜେ ହିଁ ସୁନ୍ଦର ଥିଲେ ।

## ନାଟକ

''ଆମେ ଗୋଟିଏ ନାଟକ କରିବୁ ।''

ତୋମୋଏର ଇତିହାସରେ ଏହା ଥିଲା ପ୍ରଥମ ନାଟକ । ଖାଇବା ସମୟରେ କିଛି କହିବା ପ୍ରଥା ସେଠାରେ ଚାଲିଥିଲା । କିନ୍ତୁ ମଞ୍ଚ ଉପରେ ସତ ନାଟକ ? ସେଥିରେ ପୁଣି ପ୍ରଧାନ ଶିକ୍ଷକ ପିଆନୋ ବଜାଇବେ ଆଉ ଦର୍ଶକ ବି ଥିବେ । କୌଣସି ପିଲା ଆଗରୁ କେବେ ନାଟକ ଦେଖି ନଥିଲେ । ତୋତ୍ତୋ-ଚାନ୍ ବି ନୁହେଁ । 'ସ୍ୱାନ୍ ଲେକ୍' ଗୀତିନାଟ୍ୟ ଛଡ଼ା ଆଉ କିଛି ସେ ଦେଖି ନଥିଲା । ତଥାପି ତାଙ୍କର ବର୍ଷ ଶେଷର କାର୍ଯ୍ୟକ୍ରମ ଉପରେ ସମସ୍ତେ ଆଲୋଚନାରେ ଲାଗିଗଲେ ।

ତୋତ୍ତୋ-ଚାନ୍‌ର ଶ୍ରେଣୀ ଠିକ୍ କଲା ଯେ ସେମାନେ ''କାଞ୍ଜିଞ୍ଚୋ'' (ପାଣ୍ଠି ସଂଗ୍ରହ) ନାଟକଟି କରିବେ । ଏହା ଏକ ଜଣାଶୁଣା କାବୁକି ନାଟକ (ଜାପାନୀ ଲୋକନାଟ୍ୟ) ଥିଲା । ତୋମୋଏରେ ଏଭଳି ନାଟକ ଯେ କରାଯିବ ତାହା କେହି ଭାବିବେ ନାହିଁ । କିନ୍ତୁ ନାଟକଟି ପିଲାମାନଙ୍କ ପାଠ ବହିରେ ଥିଲା । ତେଣୁ ସେମାନେ ବାଛିଲେ ଶିକ୍ଷକ ମାରୁୟାମା ତାଙ୍କୁ ଏହା ଶିଖାଇ ପାରିବେ ।

ସେମାନେ ଠିକ୍ କଲେ ଯେ ମୋଟା-ସୋଟା ଆଇକୋ ସାଇଶୋ ଭଲ ବେଙ୍କେଇ ବା ମାରଧର କଲାବାଲା ହେବ । ଆମାଦେରାର ଚେହେରା ଖୁବ୍ କଡ଼ା, ଆଉ ସେ ବଡ଼ ପାଟି କରିପାରେ; ତେଣୁ ସେ ହେବ ତୋଗାଶି ବା ପୋଲିସବାଲା । ସମସ୍ତେ କଥା ହୋଇ ଠିକ୍ କଲେ ଯେ ତୋତ୍ତୋ-ଚାନ୍ ଜଣେ ସମ୍ଭ୍ରାନ୍ତ ୟୋଶିତ୍‌ସୁନେ ହେବ । ନାଟକରେ ସେ ସାମନ୍ତ ଜଣେ କୁଲିର ଛଦ୍ମବେଶ ଧରିଥିଲେ । ବାକି ସମସ୍ତେ ସାଧୁ ବେଶରେ ରହିବେ ।

ନାଟକଟି ଅଭ୍ୟାସ କରିବା ଆଗରୁ ସମସ୍ତଙ୍କୁ ନିଜ ନିଜର କଥା ମନେ ରଖିବାକୁ ହେବ । ତୋତ୍ତୋ-ଚାନ୍ ଓ ସାଧୁମାନଙ୍କର ବଡ଼ ସୁବିଧା ଥିଲା । ତାଙ୍କୁ କିଛି କହିବାକୁ ପଡ଼ିବ ନାହିଁ । ସାଧୁମାନେ ମୂଳରୁ ଶେଷ ଯାଏଁ କେବଳ ଛିଡ଼ା ହେବେ । ତୋତ୍ତୋ-ଚାନ୍ ଗୋଟିଏ ଝାମ୍ପରେ ତା'ର ମୁହଁ ଲୁଚାଇ ଆଣ୍ଠୁମାଡ଼ି ବସି ରହିବ । ବେଙ୍କେଇ ପ୍ରକୃତରେ ସାମନ୍ତଙ୍କ ପାଖରେ କାମ କରୁଥିଲା । କିନ୍ତୁ ସେ ତାକୁ ଗାଳି ମାଡ଼ ଦେବାର ଅଭିନୟ କରିବ । ମନ୍ଦିର ମରାମତି ପାଇଁ ପାଣି ସଂଗ୍ରହ କରୁଥିବା ସାଧୁ ବେଶରେ ସେ ଲୋକ ଦଳକ ପୋଲିସ ହାତରୁ ଖସି ଯିବାକୁ ଚେଷ୍ଟା କରୁଥିବେ । ଆଇକୋ ସାଇଶୋର ବେଙ୍କେଇ ଭୂମିକା ଖୁବ୍ ଜୋର୍‌ଦାରିଆ ଥିଲା । ତୋଗାଶି (ପୋଲିସ) ସାଙ୍ଗରେ ସେ ଯୁକ୍ତିତର୍କ କରିବ । ପୋଲିସ ତାକୁ ପାଣ୍ଠି-ସଂଗ୍ରହ ପାଇଁ ଲେଖା ହୋଇଥିବା ନିବେଦନ ପତ୍ର ପଢ଼ିବାକୁ କହିବ । ଟିକିଏ ବି ନ ହଡ଼ବଡ଼େଇ ବେଙ୍କେଇ ଖଣ୍ଡିଏ ସାଦା କାଗଜ ଧରି ପଢ଼ି ଚାଲିବ । ଧର୍ମଯାଜକମାନଙ୍କୁ ନକଲ କରି ଅତି ଚମତ୍କାର ଭାବରେ ସେ କଡ଼ା ଶବ୍ଦ ଲଗାଇ କହିବାକୁ ଲାଗିବ, ''ପ୍ରଥମତଃ ତୋଦାଇଜି ମନ୍ଦିରର ସଂସ୍କାର କାର୍ଯ୍ୟରେ...''

ଆଇକୋ ସାଇଶୋ ତା'ର ଏହି ''ପ୍ରଥମତଃ...'' ନିବେଦନକୁ ସବୁଦିନ ଅଭ୍ୟାସ କରିବାରେ ଲାଗି ପଡ଼ିଲା ।

ତୋଗାଶି ଭୂମିକାରେ ମଧ୍ୟ ଅନେକ କଥା କହିବାକୁ ଥିଲା, ବେଙ୍କେଇର ଯୁକ୍ତିକୁ କାଟିବାକୁ ପଡୁଥିଲା । ସେସବୁ ମନେ ରଖିବା ପାଇଁ ଆମାଦେରା ଲାଗି ପଡ଼ିଥାଏ ।

ଶେଷରେ ରିହର୍‌ସାଲ୍ ସମୟ ଆସିଲା । ତୋଗାଶି ଓ ବେଙ୍କେଇ ମୁହାଁମୁହିଁ ଛିଡ଼ା ହେଲେ । ସାଧୁମାନେ ଧାଡ଼ି କରି ପଛରେ ରହିଲେ ଆଉ ସବା ଆଗରେ ୟୋଶିତ୍‌ସୁନେ ବେଶରେ ତୋତ୍ତୋ-ଚାନ୍ ଆଣ୍ଠୁ ମାଡ଼ି ବସିଲା । ତୋତ୍ତୋ-ଚାନ୍ କିନ୍ତୁ କିଛି ବି ବୁଝି ପାରି ନଥାଏ । ତେଣୁ ବେଙ୍କେଇ ତାକୁ ବାଡ଼େଇବା ଭଳି ହେବା ମାତ୍ରେ ସେ ଚିହିଙ୍କି ଉଠିଲା । ଆଇକୋ ସାଇଶୋକୁ ଗୋଇଠା ମାରିଲା ଓ ରାମ୍ପୁଡ଼ି ପକାଇଲା । ଆଇକୋ କାନ୍ଦିଲା ବେଳକୁ ସାଧୁମାନେ କିରି କିରି ହୋଇ ହସିବାକୁ ଲାଗିଲେ ।

ବେଙ୍କେଇ ଯେତେ ପିଟିଲେ ବି ୟୋଶିତ୍‌ସୁନେ ଡରି ମରି ଚୁପ୍ ହୋଇ ବସି ରହିବା କଥା । କାରଣ ଏସବୁ ମିଛ ବୋଲି ତୋଗାଶି ସନ୍ଦେହ କରୁଥିଲା । ତଥାପି ତା'ର ମୁନିବଙ୍କୁ ମାଡ଼ ଦେଲା ବେଳେ ବେଙ୍କେଇ ମନରେ କେତେ କଷ୍ଟ ହେଉଥିବ ସେ କଥା ଭାବି ସେମାନଙ୍କୁ ଛାଡ଼ି ଦେବ ।

ୟୋଶିତ୍‌ସୁନେ ଚୁପ୍ ନ ରହିଲେ ସବୁ ମାଟି ହୋଇଯିବ । ତୋତ୍ତୋ-ଚାନ୍‌କୁ ଏ କଥା ବୁଝାଇବା ପାଇଁ ମାରୁୟାମା ବହୁତ ଚେଷ୍ଟା କଲେ । ତୋତ୍ତୋ-ଚାନ୍ କିନ୍ତୁ ମାନିବାକୁ ନାରାଜ । ସେ ରୋକଠୋକ କହି ଦେଲା ଯେ ଆଇକୋ ଯଦି ତାକୁ ମାରେ ତେବେ ସେ ବି ଓଲଟା ମାରିବ । ତେଣୁ ସେମାନେ ଆଗେଇ ପାରିଲେ ନାହିଁ ।

ଯେତେ ଥର ଏ ଦୃଶ୍ୟ ଚେଷ୍ଟା କରାଗଲା ସବୁଥର ତୋତ୍ତୋ-ଚାନ୍ ଲଢ଼େଇରେ ଲାଗିଲା ।

ମାରୁୟାମା ସାର୍ ତୋତ୍ତୋ-ଚାନ୍‌କୁ କହିଲେ, ''ମୁଁ

ଦୁଃଖିତ, କିନ୍ତୁ ଭାବୁଛି ତାଇଚାନ୍‌କୁ ୟୋଶିତ୍‌ସୁନେ କରିବାକୁ ହେବ ।’’

ତୋତ୍ତୋ-ଚାନ୍ ବି ଆଶ୍ୱସ୍ତ ହେଲା । ଏକୁଟିଆ ସେ ମାଡ଼ ଖାଇବାଟା ତା’ର ପସନ୍ଦ ନ ଥିଲା ।

‘‘ତୁ ଜଣେ ସାଧୁ ହେବୁ ତ, ତୋତ୍ତୋ-ଚାନ୍ ?’’ ମାରୁୟାମା ସାର୍ ପଚାରିଲେ । ତୋତ୍ତୋ-ଚାନ୍ ଶେଷରେ ସାଧୁଙ୍କ ସହିତ ଛିଡ଼ା ହେଲା, କିନ୍ତୁ ସବାପଛରେ ।

ସାର୍ ଓ ପିଲାମାନେ ସମସ୍ତେ ଭାବୁଥିଲେ ଯେ ଏଥର ସବୁ ଠିକ୍ ଚାଲିବ । କିନ୍ତୁ ତା’ ହେଲାନି । ତୋତ୍ତୋ-ଚାନ୍ ହାତରେ ସାଧୁଙ୍କର ଲମ୍ୱା ବାଡ଼ିଖଣ୍ଡେ ଦେବାର ନ ଥିଲା । ଚୁପ୍‌ଚାପ୍ ଛିଡ଼ା ହେବାଟା ତୋତ୍ତୋ-ଚାନ୍‌କୁ ବିରକ୍ତ ଲାଗିଲା । ତେଣୁ ସେ ପାଖ ସାଧୁଙ୍କ ଗୋଡ଼କୁ ବାଡ଼ିରେ କେଞ୍ଚିଲା, ଆଉ ଆଗ ସାଧୁଙ୍କୁ କୁତୁକୁତୁ କଲା । ଏମିତିକି ଗୀତରେ ତାଳ ଦେଲା ଭଳି ସେ ବାଡ଼ିକୁ ହଲାଇଲା । ପାଖ ପିଲାଙ୍କ ଦେହରେ ଏହା ବାଜିଲା । ଏସବୁ ଯୋଗୁଁ ବେଙ୍କେଇ ଓ ତୋଗାଶିଙ୍କ ଦୃଶ୍ୟ ପାଣି ଫାଟିଗଲା ।

ଶେଷରେ ତୋତ୍ତୋ-ଚାନ୍‌କୁ ସାଧୁ ଭୂମିକାରୁ ମଧ ବାଦ୍ ଦିଆଗଲା ।

ୟୋଶିତ୍‌ସୁନେ ଭାବରେ ତାଇ-ଚାନ୍ ଦାନ୍ତ କାମୁଡ଼ି ମାଡ଼ ସହିଗଲା । ଦର୍ଶକମାନେ ନିଶ୍ଚୟ ତା’ ପାଇଁ ଦୁଃଖ କରି ଥିବେ । ତୋତ୍ତୋ-ଚାନ୍ ବିନା ନାଟକ ଅଭ୍ୟାସ ଠିକ୍ ଚାଲିଲା ।

ଏକୁଟିଆ ହୋଇ ଯିବାରୁ ତୋତ୍ତୋ-ଚାନ୍ ସ୍କୁଲ ପଡ଼ିଆକୁ ଚାଲିଗଲା । ଜୋତା ଖୋଲି ଦେଇ ସେ ତା’ ମନରୁ ନାଚଟିଏ ଆରମ୍ଭ କଲା, ‘‘ତୋତ୍ତୋ-ଚାନ୍ ନୃତ୍ୟ ନାଟିକା’’ । ନିଜ ଇଚ୍ଛା ଅନୁସାରେ ନାଚିବାକୁ ତାକୁ ଖୁବ୍ ଭଲ ଲାଗୁଥିଲା । କେତେବେଳେ ସେ ହଂସ ହେଉଥାଏ ତ ଆଉ କେବେ ପବନ, କେବେ ଜଣେ ବିକୃତ ମଣିଷ ତ ଆଉ କେବେ ଗଛ । ଫାଙ୍କା ଖେଳପଡ଼ିଆରେ ଏକା ଏକା ସେ ନାଚି ଚାଲିଥାଏ । ତେବେ ମନର କେତେ ଗଭୀରରେ ତା’ର ୟୋଶିତ୍‌ସୁନେ ହେବାକୁ ଟିକିଏ ଇଚ୍ଛା ରହିଥିଲା । କିନ୍ତୁ ସେ ନିଶ୍ଚୟ ଆଇକୋ ସାଇଶୋକୁ ପିଟିଥା’ନ୍ତା, ଆମ୍ପୁଡ଼ି ଥା’ନ୍ତା ।

ଏହି ଭାବରେ ତୋତ୍ତୋ-ଚାନ୍ ତୋମୋଏର ପ୍ରଥମ ଓ ଶେଷ ନାଟକରେ ଭାଗ ନେଇ ପାରିଲା ନାହିଁ ।

(କ୍ରମଶଃ)

(ଅନୁବାଦକ : ବିନୟକୃଷ୍ଣ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ସୃଜନୀକା ଅନୁଷ୍ଠାନ, ଭୁବନେଶ୍ୱର)

❑❑❑

ଦୁଷ୍ଟାମି କରିବାକୁ ଏକ ଲଜ୍ଜା ବୋଲି ଅନୁଭବ କରୁଥିବାରୁ ହିଁ ପିଲାର ଦୁଷ୍ଟ ନ ହେବାକୁ ମନ କରିବା ଉଚିତ । ଦୁଷ୍ଟାମି କରିବା ଦ୍ୱାରା ତାକୁ ଶାସ୍ତି ମିଳିବ, ଏହି ଭୟରେ ହିଁ ତା’ର ଦୁଷ୍ଟାମି ଛାଡ଼ି ଦେବା ଆଦୌ ଉଚିତ ନୁହେଁ ।

ପ୍ରଥମଟି ଦ୍ୱାରା ସିଏ ପ୍ରକୃତରେ ଅଗ୍ରଗତି କରିପାରିବ ।

ଦ୍ୱିତୀୟ ପଥଟି ଦ୍ୱାରା ମନୁଷ୍ୟ ଚେତନାର ସରଣୀରେ ସେ ଗୋଟିଏ ପାଦ ତଳକୁ ଖସି ଆସିବ କାରଣ ଭୟକୁ ଆମେ ସର୍ବଦା ଚେତନାର କ୍ଷେତ୍ରରେ ଏକ ସ୍ଖଳନ ବୋଲି ହିଁ କହିବା ।

(୨୧ ନଭେମ୍ବର ୧୯୬୯) — ଶ୍ରୀମା

# ଜିଜ୍ଞାସୁର ପୃଷ୍ଠା

**ପ୍ରଶ୍ନ** : *ଶ୍ରୀଅରବିନ୍ଦ ''ଯୋଗ-ପ୍ରଦୀପ''ରେ ଲେଖିଛନ୍ତି, ''ଏହି ଯୋଗ-ମାର୍ଗରେ କାହାରି ପ୍ରବେଶ କରିବା ଉଚିତ ନୁହେଁ, ଯେପର୍ଯ୍ୟନ୍ତ କେହି ଅନ୍ତରାତ୍ମାର ଆହ୍ୱାନ ନିଶ୍ଚିତରୂପେ ନ ଶୁଣିଛି ଏବଂ ଶେଷପର୍ଯ୍ୟନ୍ତ ଅଗ୍ରସର ହେବାକୁ ପ୍ରସ୍ତୁତ ନ ହୋଇଛି।'' ତେବେ ଅନ୍ତରାତ୍ମାର ଆହ୍ୱାନ କ'ଣ ? ତାହା କିପରି ବୁଝି ହେବ ?*

**ଉତ୍ତର** : ଅନ୍ତରାତ୍ମାର ଆହ୍ୱାନ ହେଲା ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା ନିମିତ୍ତ ରୁଚି ଉତ୍ପନ୍ନ ହେବା। ଅନ୍ତରାତ୍ମାର ଆହ୍ୱାନ ନ ହେଲେ ବ୍ୟକ୍ତି ଆଧ୍ୟାତ୍ମିକ ମାର୍ଗରେ ଆନ୍ତରିକତା ସହ ଅଗ୍ରସର ହେବାକୁ ଚେଷ୍ଟା କରେ ନାହିଁ। ଅନ୍ତରାତ୍ମାର ଆହ୍ୱାନ ପାଇବା ପୂର୍ବରୁ ପ୍ରତ୍ୟେକ ବ୍ୟକ୍ତିକୁ ସତ୍ୟ ଓ ସଦାଚାର ପାଳନ କରି ଅନ୍ତରାତ୍ମାର ଜାଗରଣ ନିମିତ୍ତ ଅଭୀପ୍‌ସା ଓ ପ୍ରାର୍ଥନା କରିବାକୁ ହେବ।

ପ୍ରାଣର ବାସନା, ମନର ଉଚ୍ଚାକାଙ୍‌କ୍ଷାରେ ମନୁଷ୍ୟ ମଧ୍ୟ ଯୋଗରେ ପ୍ରବୃତ୍ତ ହୋଇପାରେ, କିନ୍ତୁ ବହୁଦୂର ଅଗ୍ରସର ହୋଇପାରେ ନାହିଁ। କାମନା ବାସନା ପୂର୍ଣ୍ଣ ନ ହେଲେ କିଂବା ଯୋଗ-ମାର୍ଗରେ ବାଧାବିପତ୍ତି ଆସିଲେ ସେ ଯୋଗ-ମାର୍ଗକୁ ଛାଡ଼ି ଚାଲିଯାଏ। କେତେକ ଲୋକ ଏହି ବିଚାରରେ ଯୋଗ-ମାର୍ଗରେ ପ୍ରବେଶ କରନ୍ତି – ''ବହୁତ ଲୋକ ମା'ଙ୍କ ଫଟୋ ପୂଜା କରି, ଧ୍ୟାନ କରି ପରୀକ୍ଷାରେ ପାସ୍ କରି ଗଲେ, ବଡ଼ ଚାକିରି ପାଇ ପାରିଲେ, ମୁଁ ସେହିପରି କଲେ ମୋର ଉଦ୍ଦେଶ୍ୟ ପୂର୍ଣ୍ଣ ହୋଇ ପାରିବ।'' ଏହି ପ୍ରକାର କାମନା-ବାସନା ହେଲା ମନ, ପ୍ରାଣର। ଏହା ସଫଳ ନ ହେଲେ ସେ ସାଧନା ଛାଡ଼ିଦିଏ, କାରଣ ଏଥିରେ ଅନ୍ତରାତ୍ମାର ଆହ୍ୱାନ ନଥାଏ।

ଅନ୍ତରାତ୍ମାର ଡାକ ପାଇ ଯଦି ବ୍ୟକ୍ତି ସାଧନାରେ ସାମୟିକ ଭାବେ ବିଫଳ ହୁଏ ଏବଂ ବହୁ ପ୍ରକାର ବାଧା-ବିପତ୍ତିର ସମ୍ମୁଖୀନ ହୁଏ, ତଥାପି ସାଧନା ଛାଡ଼ି ସାଧାରଣ ଜୀବନକୁ ଫେରିଯାଏ ନାହିଁ। ସେ ଭଗବାନଙ୍କ ଉପରେ ବିଶ୍ୱାସ ରଖେ, ନିରାଶା ମଧ୍ୟରେ ଆଶାର ସଞ୍ଚାର ହୁଏ, ଶେଷରେ ସକଳ ବାଧାବିପତ୍ତିକୁ ଜୟ କରି ନିଜ ଲକ୍ଷ୍ୟରେ ପହଞ୍ଚି ଶାଶ୍ୱତ ଆନନ୍ଦକୁ ପ୍ରାପ୍ତ ହୁଏ।

ଯଦି କାହାର ଅନ୍ତରାତ୍ମାର ଆହ୍ୱାନ ସଙ୍ଗେ ପ୍ରାଣର ଦାବି, ମନର ଅଭିରୁଚି ମିଶ୍ରିତ ଥାଏ ତେବେ ସେ ଅନ୍ତରାତ୍ମାର ଡାକ ଠିକ୍ ବୁଝିପାରେ ନାହିଁ, କେବଳ କାମନା ତୃପ୍ତି ସକାଶେ ଯୋଗରେ ପ୍ରବୃତ୍ତ ହୁଏ। ଯେପରି ମୋକଦ୍ଦମାରେ ବ୍ୟକ୍ତି ଏପରି ଭାବେ ଅଭିଯୁକ୍ତ ହୋଇଥାଏ ଯେ ସେଥିରୁ ମୁକ୍ତ ହେବାର ଉପାୟ ନଥାଏ କିଂବା ଭୟଙ୍କର ରୋଗରେ ପୀଡ଼ିତ ହେଲେ ଡାକ୍ତର କିଂବା ବୈଦ୍ୟଙ୍କଠାରୁ ସାହାଯ୍ୟ ପାଏ ନାହିଁ, ସେତେବେଳେ ଏହି ବିପଦରୁ ରକ୍ଷା ପାଇବାର ଅନ୍ୟ ଉପାୟ ନ ଦେଖି ସେ ଯୋଗର ଆଶ୍ରୟ ନିଏ। ଯଦିଓ ସେ ପ୍ରଥମେ କାମନାବାସନାକୁ ପରିପୂର୍ଣ୍ଣ କରିବା ପାଇଁ ଯୋଗ ଆରମ୍ଭ କରିଥାଏ, ତଥାପି ଏହା ପୂର୍ଣ୍ଣ ନହେବା ସତ୍ତ୍ୱେ ସେ ଯୋଗ-ମାର୍ଗକୁ ତ୍ୟାଗ କରେ ନାହିଁ, ତେବେ ସେ ଅନ୍ତରାତ୍ମାର ଆହ୍ୱାନ ପାଇଛି ବୋଲି ବୁଝାଯାଏ।

ଆଉ କେତେକ ବ୍ୟକ୍ତି ଯଶଃ, ପ୍ରତିଷ୍ଠା ଲାଭ କରିବାକୁ ଯୋଗ କରନ୍ତି। ଏହିସବୁ ପ୍ରାପ୍ତ ହେବା ପରେ ଯୋଗ ସାଧନାକୁ ଛାଡ଼ି ଦିଅନ୍ତି। ଅନ୍ତରାତ୍ମାର ଡାକ ଯଦି ଥରେ ଏହି କାମନା-ବାସନା ସହିତ ମିଶ୍ରିତ ହୋଇଥାଏ, ତେବେ ଏହା ପୂର୍ଣ୍ଣ ହେବା ପରେ ସାଧକ ଏହିସବୁ କାମନାକୁ ଅତିକ୍ରମ କରି ନିଷ୍କାମ ଭାବରେ କେବଳ ଭଗବତ୍ ପ୍ରାପ୍ତି ସକାଶେ ସାଧନା କରନ୍ତି। ଅନ୍ୟ କେତେକ ଲୋକ କୁଟୁମ୍ବ ପୋଷଣ ଭାରରେ ବ୍ୟଥିତ, ବ୍ୟବସାୟରେ ବିଫଳ କିଂବା ପୁତ୍ରର ମୃତ୍ୟୁରେ ଅସହ୍ୟ ବେଦନାରେ ପୀଡ଼ିତ ହୋଇ ଯୋଗ ସାଧନା ଆରମ୍ଭ କରନ୍ତି। ସେଥିରେ ଯଦି ଅନ୍ତରାତ୍ମାର ଆହ୍ୱାନ ଥାଏ, ତେବେ ସେମାନେ ଏହି ସମସ୍ତ ବିପଦରୁ ମୁକ୍ତ ହେବା ପରେ ମଧ୍ୟ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଅନ୍ତି।

ଅନ୍ତରାତ୍ମାର ଆହ୍ୱାନ ବହୁ ପ୍ରକାର ପରିସ୍ଥିତି ମଧ୍ୟରେ ଆସେ। ବାହ୍ୟ ପରିସ୍ଥିତିର ରୂପ ଭିନ୍ନ ଭିନ୍ନ ହେବାରେ ସେଥିରେ କିଛି ଯାଏ ଆସେ ନାହିଁ, କିନ୍ତୁ ଅନ୍ତରାତ୍ମାର ଆହ୍ୱାନ ଥିଲେ ବ୍ୟକ୍ତି ଯୋଗ-ମାର୍ଗରେ ଶେଷ ପର୍ଯ୍ୟନ୍ତ ଚାଲେ। ଅନ୍ତରାତ୍ମାର ଆବାହନ ବ୍ୟତୀତ କୌଣସି ପ୍ରକାର ପରିସ୍ଥିତିରେ ପଡ଼ି ଯଦି

ବ୍ୟକ୍ତି ଯୋଗ ଆରମ୍ଭ କରେ, ତେବେ ସେ ଲକ୍ଷ୍ୟରେ ପହଞ୍ଚିବା ପର୍ଯ୍ୟନ୍ତ ସାଧନା କରେ ନାହିଁ, କିଛି ଦୂର ଅଗ୍ରସର ହୋଇ ସାଧନା ପରିତ୍ୟାଗ କରେ ।

କେହି କେହି କାମନା ପରେ କାମନା କରି ଚାଲନ୍ତି । ସେମାନଙ୍କର ବଡ଼ ବଡ଼ କାମନା ମଧ୍ୟ ପୂର୍ଣ୍ଣ ହୁଏ, ମାନ, ଯଶଃ ବିସ୍ତାର ହୁଏ, ପ୍ରତିଷ୍ଠା ବୃଦ୍ଧି ହେଉଥାଏ । ଏହିସବୁ ହେବା ସତ୍ତ୍ୱେ ସେଥିରେ ସନ୍ତୋଷ ବା ଆନନ୍ଦ ମିଳେ ନାହିଁ । ତାହାର ଗୋଟାଏ ଭାଗ ଚାହୁଁଥାଏ ଭଗବାନଙ୍କୁ, ଅନ୍ୟ ଭାଗ ଚାହୁଁଥାଏ କାମନା ବାସନାକୁ ପୂର୍ଣ୍ଣ କରିବାକୁ । ଏହିପରି ଦ୍ୱନ୍ଦ୍ୱ ଚାଲୁଥାଏ । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ସେ ଅନ୍ତରାତ୍ମାର ଡାକ ପାଇଛି, କିନ୍ତୁ କାମନା ବାସନା ପ୍ରବଳ ହେବାରୁ ସେ ଆଧ୍ୟାତ୍ମିକତାକୁ ସ୍ୱୀକାର କରିବାରେ ନିଜକୁ ଅସମର୍ଥ ବୋଧ କରୁଛି । ଯଦି ସେ ଯୋଗ-ସାଧନା ଆରମ୍ଭ କରେ, ତେବେ ସେ ଭଗବାନଙ୍କ ସାହାଯ୍ୟ ପାଏ ଏବଂ ସମସ୍ତ ବାଧାବିଘ୍ନର ସମ୍ମୁଖୀନ ହୋଇ ସେସବୁକୁ ଅତିକ୍ରମ କରି ପ୍ରବଳ ବେଗରେ ଭଗବାନଙ୍କ ଆଡ଼କୁ ଅଗ୍ରସର ହୁଏ । ଏହିପରି ବହୁ ଭକ୍ତ ଓ ମହାପୁରୁଷଙ୍କ ଜୀବନରେ ଦେଖା ଯାଇଥାଏ ।

ଅନ୍ତରାତ୍ମାର ଆହ୍ୱାନ ପାଇବାର ଚିହ୍ନ ହେଲା – ମନୁଷ୍ୟ ଭୋଗବିଳାସ, ମାନ-ପ୍ରତିଷ୍ଠା ଓ ମହାନ୍ ଐଶ୍ୱର୍ଯ୍ୟ ପ୍ରାପ୍ତ ହେବା ସତ୍ତ୍ୱେ ତହିଁରେ ସନ୍ତୁଷ୍ଟ ହୁଏ ନାହିଁ, ଜୀବନରେ କିଛି ଅଭାବ ଓ ଅପୂର୍ଣ୍ଣତା ଅନୁଭବ କରେ, ଭଗବାନଙ୍କୁ ଚାହେଁ ।

ଯେଉଁମାନେ ଅନ୍ତରାତ୍ମାର ଡାକ ପାଇ ନାହାନ୍ତି, କିନ୍ତୁ ବିବେକ ସହିତ ବିଚାର କରି ଅନୁଭବ କରନ୍ତି ଯେ ଭଗବାନଙ୍କୁ ଉପଲବ୍ଧ କରିବା ବିନା ଜୀବନ ଅପୂର୍ଣ୍ଣ ଏବଂ ଏହା ଜାଣି ସେମାନେ ଦୃଢ଼ତା ସହ ସତ୍ୟ ମାର୍ଗରେ ଅଗ୍ରସର ହେବାକୁ ବଦ୍ଧପରିକର ହୁଅନ୍ତି, ତେବେ ସେମାନେ ମଧ୍ୟ ଅନ୍ତରାତ୍ମାର ଆହ୍ୱାନ ପାଇ ପାରନ୍ତି ।

ମନୁଷ୍ୟ ମାତ୍ରେ ପ୍ରତ୍ୟେକଙ୍କର କର୍ତ୍ତବ୍ୟ ହେଲା ଭଗବାନଙ୍କ ଆଡ଼କୁ ଅଗ୍ରସର ହେବା । ଯେପରି ବୁଦ୍ଧିର ବିକାଶ ନ ହେବା, ବିଦ୍ୟା ପ୍ରାପ୍ତି ନ କରିବା ମନୁଷ୍ୟ ଜୀବନର ଅପୂର୍ଣ୍ଣତା; ସେହିପରି ଆଧ୍ୟାତ୍ମିକ ସାଧନା ଦ୍ୱାରା ନିଜର ପ୍ରକୃତି, ମନ, ପ୍ରାଣ ଏବଂ ଶରୀରର କାମନାବାସନା ଓ ଆବେଗ ଉପରେ କର୍ତ୍ତୃତ୍ୱ ସ୍ଥାପନ ନ କରିବା, ସେସବୁର ପ୍ରେରଣାରେ ପୁତ୍ତଳିକା ପରି ନୃତ୍ୟ କରିବା ଏବଂ ନାନା ପ୍ରକାର ଅବିହିତ କର୍ମ କରିବା ମଧ୍ୟ ଜୀବନର ମହାନ୍ ଅପୂର୍ଣ୍ଣତା । ଏହା ଛଡ଼ା ଭାଷା ଜ୍ଞାନ ଅଭାବରେ ଯେପରି ବ୍ୟକ୍ତି ଦେଶ ବିଦେଶର ଇତିହାସ, ଭୂଗୋଳ, ବିଜ୍ଞାନ ତଥା ସଂସ୍କୃତି ଇତ୍ୟାଦି ମହତ୍ତ୍ୱପୂର୍ଣ୍ଣ ବିଷୟରେ ଅଜ୍ଞ ଥାଏ, ସେହିପରି ସାଧନା ଦ୍ୱାରା ମନକୁ ଅତିକ୍ରମ କରି ଅନ୍ତର ଏବଂ ଉର୍ଦ୍ଧ୍ୱକୁ ନ ଗଲେ ସମସ୍ତ ସୂକ୍ଷ୍ମ ଜ୍ଞାନ ଓ ସୂକ୍ଷ୍ମ ଶକ୍ତି ସମ୍ବନ୍ଧେ ସେ ଅନଭିଜ୍ଞ ରହେ; ଶାନ୍ତି, ସମତା ଓ ଦିବ୍ୟାନନ୍ଦରୁ ବଞ୍ଚିତ ହୁଏ । ଏହି ତ୍ରୁଟିକୁ ଦୂର କରିବା, ଜୀବନକୁ ସର୍ବାଙ୍ଗ ସୁନ୍ଦର କରି ଗଢ଼ିବା ସକାଶେ ପ୍ରତ୍ୟେକ ବ୍ୟକ୍ତିଙ୍କ ପକ୍ଷେ ଯୋଗ-ସାଧନା କରିବା କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ । କାରଣ ସତ୍ୟ, ସଦାଚାର, ଜୀବନର ସମସ୍ତ କର୍ମ ଭଗବାନଙ୍କୁ ସମର୍ପଣ ଓ ଅଭୀପ୍ସା ଦ୍ୱାରା ଅନ୍ତରାତ୍ମା ଜାଗ୍ରତ୍ ହୁଏ, ବ୍ୟକ୍ତି ତାହାର ଆବାହନ ପ୍ରାପ୍ତ ହୋଇ ଯୋଗ-ମାର୍ଗରେ ପ୍ରବୃତ୍ତ ହୁଏ । ସଦାଚାର, ସତ୍ୟ-ଭାଷଣ, ସତ୍ୟ-ବ୍ୟବହାରଠାରୁ ଆରମ୍ଭ କରି ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର, ପୂର୍ଣ୍ଣ ରୂପାନ୍ତରିତ ମନ, ପ୍ରାଣ ଓ ଶରୀରରେ ଭଗବାନଙ୍କୁ ପୂର୍ଣ୍ଣ ରୂପେ ଉପଲବ୍ଧି କରିବା ପର୍ଯ୍ୟନ୍ତ ଅସଂଖ୍ୟ ସ୍ତର ଥାଏ । ଅନ୍ତରାତ୍ମାର ଜାଗରଣ ହେବା ଗୋଟିଏ ମଧ୍ୟବର୍ତ୍ତୀ ସ୍ତର, ଏକେବାରେ ଆରମ୍ଭ ନୁହେଁ । ଏହାର ଅର୍ଥ ଏପରି ନୁହେଁ ଯେ ଅନ୍ତରାତ୍ମାର ଆହ୍ୱାନ ନ ମିଳିଥିବା ପର୍ଯ୍ୟନ୍ତ ବ୍ୟକ୍ତି ମନ, ପ୍ରାଣ ଓ ଆବେଗର ପ୍ରେରଣାରେ ନାନା ଅବିହିତ କର୍ମ କରୁଥିବ । କେହି ତଳୁ ଡେଇଁ ଗଛ ଅଗରେ ପହଞ୍ଚେ ନାହିଁ । ମୂଳରୁ କ୍ରମଶଃ ଉଠିବାକୁ ହୁଏ । ପ୍ରତ୍ୟେକ ବ୍ୟକ୍ତିକୁ ନିଜ ସ୍ତରରୁ ସାଧନା ଆରମ୍ଭ କରିବାକୁ ହେବ ଏବଂ କ୍ରମଶଃ ଅନ୍ତରାତ୍ମାର ଜାଗରଣ ଆଦି ବହୁ ସ୍ତର ପାର ହୋଇ ଲକ୍ଷ୍ୟରେ ପହଞ୍ଚିବାକୁ ହେବ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃଷ୍ଠା ୪୩୯ - ୪୪୦)

– ରାମକୃଷ୍ଣ ଦାସ

❑❑❑

ଜଣେ କ'ଣ କରୁଛି ସେଇଟା ଗୁରୁତ୍ୱପୂର୍ଣ୍ଣ ନୁହେଁ, କିନ୍ତୁ ଜଣେ ନିଜେ କ'ଣ ସେଇଟା ବିଶେଷ ଗୁରୁତ୍ୱପୂର୍ଣ୍ଣ ।

– ଶ୍ରୀମା

ଚେତନାର ଦିଗ୍‌ବଳୟ :

# ରାମ ଜନ୍ମଭୂମି : ଆଶୀର୍ବାଦ ଓ ଚେତାବନୀ

ଅବଶେଷରେ ରାମ ଜନ୍ମଭୂମି ସମସ୍ୟାର ଯୁକ୍ତିଯୁକ୍ତ, ଉଭୟ ସ୍ଥୂଳ ତଥା ସୂକ୍ଷ୍ମ ଦୃଷ୍ଟିରୁ ଯଥାର୍ଥ ସମାଧାନ ସମ୍ଭବପର ହୋଇଛି ।

ରାମଙ୍କ ଜନ୍ମସ୍ଥଳ ଭାବରେ ବିଦିତ ତଥା ପୂଜିତ ସ୍ଥାନରେ ନିର୍ମିତ ହେବ ସୁରମ୍ୟ ମନ୍ଦିର । ଲକ୍ଷ ଲକ୍ଷ ନରନାରୀ ସେ ମନ୍ଦିରରେ ଯାଇ ବିଗ୍ରହ ରାମଙ୍କୁ ପୂଜାର୍ଘ୍ୟ ଦେବେ । ତାହା ସ୍ୱାଭାବିକ, କିନ୍ତୁ ଯାହା ଭକ୍ତି ଓ କୃତଜ୍ଞତାଭରେ ଆମେ ସ୍ମରଣ କରିବା ବାଞ୍ଛନୀୟ, ତାହା ହେଲା ମାନବ-ଚେତନାର କ୍ରମବିକାଶରେ 'ରାମ' ଭାବରେ ଚିହ୍ନିତ ଦିବ୍ୟାବତରଣର ଭୂମିକା ।

ଏକଦା ଦୁର୍ଦାନ୍ତ ଯୋଦ୍ଧୃଜାତି ଏ ଭୂଖଣ୍ଡକୁ ପଦାନତ କରି ରଖିଥିଲେ । ସେମାନଙ୍କୁ ଦମନ କରିବା ନିମନ୍ତେ ଅବତରି ଆସିଥିଲା ଏକ ପ୍ରଚଣ୍ଡତର ଶକ୍ତି – ପରଶୁରାମ ରୂପେ । ତାଙ୍କ ଅସ୍ତ୍ର 'ପରଶୁ' ଜଡ଼ ଅସ୍ତ୍ର ନହୋଇ ହୋଇଥାଇପାରେ ଅତିଭୌତିକ ଅସ୍ତ୍ର, ତଥାପି ତାହା ପ୍ରାଣଭିତ୍ତିକ ଶୌର୍ଯ୍ୟର ପ୍ରୟୋଗ । ମହତ୍ତର ଚେତନାର ଉନ୍ମୀଳନ ନିମନ୍ତେ ସମୟ ହୋଇଥିଲା ସମାଗତ । ପରାକ୍ରାନ୍ତ ପରଶୁରାମଙ୍କ ସହ ରାମଙ୍କ ପ୍ରଥମ ସାକ୍ଷାତ୍ ଅବସରରେ ହିଁ ପରଶୁରାମଙ୍କ ଅବତାର-ଶକ୍ତି ରାମଙ୍କ ଭିତରେ ଲୀନ ହେଲା । ତେଣିକି ସେ କେବଳ ମାତ୍ର ଜଣେ ପ୍ରବୀଣ ଋଷି ରୂପେ ହିଁ ଜୀବନଧାରଣ କଲେ । ଅର୍ଥାତ୍ ବିବର୍ତ୍ତନରେ ସେ ଯେଉଁ ଶକ୍ତିର ଆଧାର ଥିଲେ ତାହାଠୁଁ ଅଧିକ ପ୍ରଗତିଶୀଳ ନୈତିକ ଶକ୍ତି ବିକଶିତ ହେବାର ମୁହୂର୍ତ୍ତ ଉପସ୍ଥିତ ହୋଇଥିଲା ।

ଅନନ୍ୟ ଜ୍ଞାନୀ, ଅସାଧାରଣ ପ୍ରତିଭାବନ୍ତ, ନିର୍ଭୀକ ବୀର, କରୁଣାମୟ ତଥା ଅତୀବ ଜନପ୍ରିୟ ରାଜକୁମାର ରାମ ଗୋଟିଏ ଜୀବନକାଳ ଭିତରେ ଜଣେ ଆଦର୍ଶ ମାନବ ଭାବରେ ଆଚରଣର ଯେତେ ଦୃଷ୍ଟାନ୍ତ ରଖିଗଲେ, ଶତାବ୍ଦୀ ଶତାବ୍ଦୀ ଧରି ମାନବଜାତିର ବିବେକୀ ଅଂଶ ତାହା ଦ୍ୱାରା ଅନୁପ୍ରାଣିତ ହୋଇଛି, ତାହା ଅନୁସରଣ କରିବାର ପ୍ରୟାସ କରିଛି । ପିତାଙ୍କ ସତ୍ୟକୁ ନିଃସର୍ତ୍ତ ସମ୍ମାନ ଦେଇ ସେ ଯାବତୀୟ ସୁଖ-ସ୍ୱାଚ୍ଛନ୍ଦ୍ୟ ପରିତ୍ୟାଗପୂର୍ବକ ବନବାସ ଆଦରି ନେଲେ – ଚଉଦ ବର୍ଷ କାଳ । ଆଜିର ପରିବର୍ତ୍ତିତ ସମୟରେ ସେଭଳି ଆଚରଣ ଅବାସ୍ତବ ମନେ ହୋଇପାରେ, କିନ୍ତୁ ତାହା ପଛରେ ରହିଥିବା ଆଦର୍ଶ, ସତ୍ୟାନୁବଦ୍ଧତା, ବିଳାସ ପ୍ରତି ଅନାସକ୍ତି, ଅଜ୍ଞାତ ତଥା ଦୁରୂହ ଭବିଷ୍ୟତ୍ ଦିଗରେ ପଦକ୍ଷେପ ନେବାର ଦୁରନ୍ତ ସାହସ, ଏସବୁର ମୂଲ୍ୟ ଯେ ଶାଶ୍ୱତ ତାହା ପାଶୋରି ଦେଲେ ଚଳିବ ନାହିଁ ।

ଆଦର୍ଶର ଅନୁସରଣହିଁ ସଭ୍ୟତାର ଭିତ୍ତି । ଆଦର୍ଶ ସକାଶେ ଅଜ୍ଞାତରେ ସ୍ୱାର୍ଥତ୍ୟାଗ ମହତ୍ ଚରିତ୍ରର ଲକ୍ଷଣ । ଆଜି ସାମୂହିକ ସ୍ତରରେ ଲୋକେ ସ୍ୱାର୍ଥାନ୍ଧ । ଏହା ଦୁର୍ଭାଗ୍ୟଜନକ । କିନ୍ତୁ ସ୍ୱାର୍ଥାନ୍ଧ ହେବା ସଙ୍ଗେ ସଙ୍ଗେ ଆମେ ଯଦି ଆଦର୍ଶର ମହତ୍ତ୍ୱ ବିସ୍ମୃତ ହୋଇଯିବୁ, ତେବେ ସମଗ୍ର ସମାଜ ବଣ୍ୟ ପଶୁ ସ୍ତରକୁ ନୁହେଁ, ବିବେକବିହୀନ ରାକ୍ଷସ ସ୍ତରକୁ ଖସି ଚାଲିଯିବ ।

ରାମଙ୍କ ଜୀବନର ପଟଭୂମିରେ ଆମେ ଦେଖୁ ଭାଇ ଭାଇ ଭିତରେ ସମ୍ପର୍କ କେଡ଼େ ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇପାରେ ଏବଂ କ୍ଷମତା ଦ୍ୱାରା ପ୍ରଭାବିତ ନହୋଇ କିଭଳି ସୁଶାସନ ବଜାୟ ରଖାଯାଇପାରେ । ଜଣେ ଭାଇ ତାଙ୍କ ସହାୟତା ନିମନ୍ତେ ତାଙ୍କ ସାଥୀ ହେଲେ; ରାଜ୍ୟ ଶାସନ ଦାୟିତ୍ୱରେ ରହିବା ଭାଇ ସ୍ୱୟଂ ସିଂହାସନରେ ଉପବିଷ୍ଟ ହେବା ପରିବର୍ତ୍ତେ ତହିଁ ପରେ ରାମଙ୍କ ପାଦୁକା ଥାପି ତାଙ୍କ ପ୍ରତିନିଧି ଭାବରେ କର୍ତ୍ତବ୍ୟ ପାଳନ କଲେ ।

କ୍ଷମତା ପ୍ରତି ଆଜି ଆମର ମନୋଭାବ କ'ଣ ? କ୍ଷମତାଠାରୁ ଆମ ଅହଂ, ଆମ ସ୍ୱାର୍ଥକୁ ଆମେ କେତେଦୂର ବିଚ୍ଛିନ୍ନ କରି ରଖିପାରିଛୁ ? ଆଜି ରାମଙ୍କ ସ୍ମୃତି ନୂତନ ଭାବେ ଉଜ୍ଜୀବିତ ହେବା ମୁହୂର୍ତ୍ତରେ ଆମେ ନିଜ ନିଜକୁ ଏହି ପ୍ରଶ୍ନ ପଚାରିବାର ସତ୍‌ସାହସ ରଖିପାରିବୁ କି ନାହିଁ ତାହା ମଧ୍ୟ ସନ୍ଦେହର ବିଷୟ ।

ଭାରତ ଭୂଖଣ୍ଡ ବ୍ୟାପୀ ସମସ୍ତ ରାଜନ୍ୟକୁଳର ପ୍ରଧାନ ଭାବେ ସ୍ୱୀକୃତ ଇକ୍ଷାକୁ ବଂଶର ଦାୟାଦ ରୂପେ ରାମ ଶକ୍ତିଶାଳୀ ସୈନ୍ୟ ବାହିନୀମାନ ତଲବ କରି ସେମାନଙ୍କୁ ନେତୃତ୍ୱ ଦେଇ ଲଙ୍କାଭିଯାନ କରିପାରି ଥା'ନ୍ତେ । କିନ୍ତୁ ସେ ତାହା ନକରି ବାନର ସମ୍ପ୍ରଦାୟ ଉପରେ ନିର୍ଭର କଲେ । କ'ଣ ଏହି ବାନରର ପରିଚୟ ? ତାହା ଏକ ସ୍ୱତନ୍ତ୍ର ବିଷୟ । କିନ୍ତୁ ସେମାନେ ନିଶ୍ଚୟ

ତାଲିମ ପ୍ରାପ୍ତ ମାନବ ସେନାନୀ ତୁଳନାରେ ଅପରିଣତ । ରାମ ସେମାନଙ୍କ ଉପରେ ନିର୍ଭର କରିବାର ନିଷ୍ପତ୍ତି ଭିତରେ ପ୍ରଚ୍ଛନ୍ନ ରହିଛି ଯେଉଁ ରହସ୍ୟ ତାହା ଆଧ୍ୟାତ୍ମିକ ଜୀବନର ଏକ ସୁବର୍ଣ୍ଣ ସତ୍ୟ : ଦିବ୍ୟଶକ୍ତି ବା ଅବତାରଙ୍କୁ ଆପଣାର ଦିଗ୍‌ଦର୍ଶକ ମାନୁଥିବା ପ୍ରାଣୀ ସକାଶେ ତା' ନିଜର କ୍ଷମତା-ଅକ୍ଷମତାର ବିଶେଷ ମୂଲ୍ୟ ନାହିଁ । ତାକୁ ଅପରାଜେୟ ବନାଇ ଦେବ ତା' ଭିତରେ ଦିବ୍ୟଶକ୍ତିର ବିଭୂତି; ସାଧାରଣ ଲୁହାରେ ବିଦ୍ୟୁତ୍ ସଞ୍ଚାରିତ ହେଲେ ତାହା ଯେପରି ହୋଇଉଠେ ଭୟଙ୍କର । ମଣିଷଠାରୁ ବହୁ ଗୁଣରେ ଅଧମ ବାନରସେନା ମଣିଷଠାରୁ ବହୁ ଗୁଣରେ ବଳବାନ୍ ଓ ନିର୍ମମ ଅସୁର ସେନାକୁ ଭୂଲୁଣ୍ଠିତ କରିବାର ଏହାହିଁ ରହସ୍ୟ ।

ରାମାୟଣର ପ୍ରତି ମୁଖ୍ୟ ଚରିତ୍ର, ପ୍ରତି ଘଟଣା ଗଭୀର ଅର୍ଥପୂର୍ଣ୍ଣ । 'ଉତ୍ତର କାଣ୍ଡ' ମହାକବି ବାଲ୍ମୀକୀଙ୍କ ରଚନା ନୁହେଁ । ତେବେ ସେ କାଣ୍ଡର କବି ଯିଏ ହୁଅନ୍ତୁ ନା କାହିଁକି ସେ ମାନବ ପ୍ରକୃତି ପ୍ରତି କରି ଯାଇଛନ୍ତି ପ୍ରଚଣ୍ଡ ଉପହାସ । ଦିନେ ସୀତା ଆପଣା ଇଚ୍ଛାରେ ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇ ନିଜ ଅନନ୍ୟତାର ପ୍ରମାଣ ରଖିଥିଲେ; ପରେ ମୂଢ଼, ସନ୍ଦେହୀ ଜନସାଧାରଣଙ୍କର ଦାବି ସେମାନଙ୍କ ଇଚ୍ଛାକୁ ସମ୍ମାନ ଦେଇ ସେ ଆଉ ଥରେ ସର୍ବସମକ୍ଷରେ ଅଗ୍ନି ପରୀକ୍ଷା ଦେଇ ପକାନ୍ତୁ ! ଆମର ଲୋଡ଼ା ଚମତ୍କାର ! ହବୁବିଦ୍ୟା !

ବେଶ୍ । ଦେଖ ଚମତ୍କାର ! ଦିନେ ଦେବୀ ସୀତା ଭୂଗର୍ଭରୁ ଆବିର୍ଭୂତା ହୋଇଥିଲେ । ବର୍ତ୍ତମାନ ତାଙ୍କ ଆବାହନରେ ବିଦୀର୍ଣ୍ଣ ହେଲା ଧରା; ସେ ଫେରି ଗଲେ ଭୂଗର୍ଭକୁ ।

ବହୁ ଶ୍ରମରେ ଅସୁରପୁରୀରୁ ତାଙ୍କୁ ଉଦ୍ଧାର କରି ଥିଲେ ରାମ । କିନ୍ତୁ ରୁଗ୍ଣମାନସିକତାର କ୍ରୀତଦାସ ମଣିଷମାନେ ତାଙ୍କୁ ରଖିପାରିବା ଭଳି ସର୍ବନିମ୍ନ ଯୋଗ୍ୟତାର ପରିଚୟ ଦେଇ ପାରିଲେ ନାହିଁ ।

ଆଜି ନିଜ ଜନ୍ମଭୂମିରେ ରାମଙ୍କ ଅଧିକାର ସାବ୍ୟସ୍ତ ହେବା ବେଳେ ଆମେ ଯଦି ଏହିଭଳି କେତେକ ପରିସ୍ଥିତି ଏବଂ ପ୍ରଶ୍ନ ଉପରେ ଏକାଗ୍ର ହୋଇ ପାରିବା ଏବଂ ସତ୍‌ସାହସ ସହକାରେ ନିଜ ନିଜ ଚେତନାକୁ ପରୀକ୍ଷା କରିପାରିବା, ତେବେହିଁ ଏ ଶୁଭଙ୍କର ଐତିହାସିକ ଘଟଣା ହୋଇ ଉଠିବ ପ୍ରକୃତରେ ତାତ୍ପର୍ଯ୍ୟପୂର୍ଣ୍ଣ । ଏହା ଏକ ଆଶୀର୍ବାଦ ତଥା ଚେତାବନୀ ।

**— ମନୋଜ ଦାସ** ❑

## ୫ ଡିସେମ୍ବର, ୨୦୧୯ରେ ଆଶ୍ରମରେ ବିତରିତ ବାଣୀ

The one object to which the mind of spiritual knowledge must be turned is the Eternal by fixity in whom the soul clouded here and swathed in the mists of Nature recovers and enjoys its native and original consciousness of immortality and transcendence.

(Essays on the Gita, p. 415) Sri Aurobindo

ଆଧ୍ୟାତ୍ମିକ ଜ୍ଞାନ ସମ୍ପନ୍ନ ମନ ଏକମାତ୍ର ଯେଉଁ ଲକ୍ଷ୍ୟାଭିମୁଖୀ ହେବା ଚାହି ତାହା ହେଲା ଶାଶ୍ୱତ, ଯାହା ସହ ଦୃଢ଼ାବଦ୍ଧ ହେବା ଯୋଗେ ଏଠାରେ ମେଘାଚ୍ଛନ୍ନ ଏବଂ ପ୍ରକୃତିର କୁହେଳିରେ ଆବୃତ ଆତ୍ମା ଅମରତା ଓ ସର୍ବାତିକ୍ରାନ୍ତି ସମ୍ପନ୍ନ ତା'ର ନିଜସ୍ୱ ଓ ଆଦି ଚେତନା ପୁନରୁଦ୍ଧାର କରିଥାଏ ।

ଶ୍ରୀଅରବିନ୍ଦ

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning
and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

## ବିଶେଷ ସୂଚନା

ନବଜ୍ୟୋତି କାର୍ଯ୍ୟାଳୟ ଗ୍ରହଣ କରୁଥିବା EMO (Electronic Money Order) ଫର୍ମର ବାର୍ତ୍ତା ଉଲ୍ଲେଖ ଥିବା ସ୍ଥାନ (Space for Communication)ରେ ପ୍ରାୟତଃ ଟଙ୍କା ପଠାଇବାର କାରଣ ସମ୍ପର୍କରେ ବାର୍ତ୍ତାଟି ଆସୁ ନାହିଁ । ତେଣୁ ଆପଣ ଏଠାକୁ ପଠାଇଥିବା ଗ୍ରାହକ (To) ଠିକଣାରେ ପ୍ରଣାମୀ ପଠାଉଥିଲେ, 'The Offering Section' କିଂବା ନବପ୍ରକାଶ ଓ ନବଜ୍ୟୋତି ପତ୍ରିକା ପାଇଁ ଟଙ୍କା ପଠାଉଥିଲେ 'The Magazine Section' ବୋଲି ନିଶ୍ଚିତ ଭାବରେ ଲେଖନ୍ତୁ । ତା'ଛଡ଼ା ପ୍ରେରକ(From) ଠିକଣାରେ ନିଜର ସମ୍ପୂର୍ଣ୍ଣ ଠିକଣା ସହ **Mobile** ନମ୍ବରଟିକୁ ଲେଖିବାକୁ ଯେମିତି ନ ଭୁଲନ୍ତି ।

ଏସବୁ ବ୍ୟତିରେକେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ଆପଣ ନବଜ୍ୟୋତି କାର୍ଯ୍ୟାଳୟ ସହ ଯୋଗାଯୋଗ କରି ପାରନ୍ତି । ନବଜ୍ୟୋତି କାର୍ଯ୍ୟାଳୟର ଠିକଣା :

ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨ ।

ଫୋନ୍ ନମ୍ବର : **(୦୪୧୩ - ୨୨୩୩୬୩୩)** ।

**— ନବଜ୍ୟୋତି କାର୍ଯ୍ୟାଳୟ**

**Vol. L, No. 12** **R.N.I. No. 18163/70.**
Navaprakash (Monthly), December, 2019 Registered No. PY/51/2018-20
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2018-20

**ବିଶେଷ ସୂଚନା :**

ଶ୍ରୀଅରବିନ୍ଦଙ୍କ

# ସାବିତ୍ରୀ

**ଏକ ଆଖ୍ୟାନ ଏବଂ ପ୍ରତୀକ**

(ଓଡ଼ିଆ ପଦ୍ୟାନୁବାଦ)




**ଶ୍ରୀ ନିମାଇଁ ଚରଣ ମହାପାତ୍ର**ଙ୍କ ଦ୍ୱାରା ଅନୂଦିତ ଶ୍ରୀଅରବିନ୍ଦଙ୍କ ମହାକାବ୍ୟ ସାବିତ୍ରୀର ଓଡ଼ିଆ ପଦ୍ୟାନୁବାଦର ଦ୍ୱିତୀୟ ସଂକଳନ ପ୍ରକାଶ ପାଇଲା । ବହୁ ପ୍ରତୀକ୍ଷିତ ଏହି ପୁସ୍ତକଟି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁପ୍ରାଣିତ ଭକ୍ତମାନଙ୍କ ପାଖରେ ବିଶେଷ ଆଦୃତ ହେବ ବୋଲି ଆଶା ।

୫୮୧ ପୃଷ୍ଠା ସମ୍ବଳିତ ପୁସ୍ତକଟିର ମୂଲ୍ୟ : **ଟ. ୨୬୫/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**